# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୮/୨୦୨୫ (୧୮ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, September 28/2025 | Page 18 | ₹ 7.00 | BERHAMPUR

୫୧ଶ ଭାଗ ୩୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 304 | ମୂଲ୍ୟ ₹୭/-







# ଓଡ଼ିଶାରେ ଚିପ୍‌ରୁ ଶିପ୍ ସବୁ ତିଆରି ହେବ: ପ୍ରଧାନମନ୍ତ୍ରୀ

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ରମାଗତ ରାଜ୍ୟକୁ ଗସ୍ତ କରି ଲୋକଙ୍କ ଉନ୍ନତି କଳ୍ପେ ବିଭିନ୍ନ ପ୍ରକଳ୍ପ ଭେଟି ଦେଉଛନ୍ତି। ଏହି କ୍ରମରେ ସେ ଶନିବାର ଝାରସୁଗୁଡ଼ାଠାରେ ଦେଶ ପାଇଁ ୬୦,୦୦୦ କୋଟି ଟଙ୍କାର ଅନେକ ପ୍ରକଳ୍ପର ଶିଳାନ୍ୟାସ କରିବା ସହ ବିଏସ୍‌ଏନ୍‌ଏଲ୍ ସ୍ୱଦେଶୀ ୪ଜି ସେବାର ଉଦ୍‌ଘାଟନ କରିଛନ୍ତି। ଏଥିସହ ବ୍ରହ୍ମପୁର-ସୁରଟ୍ ମଧ୍ୟରେ ନୂତନ ରେଳ ଚଳାଚଳର ଶୁଭାରମ୍ଭ କରି ରାଜ୍ୟବାସୀଙ୍କ ଦୀର୍ଘଦିନର ଦାବିକୁ ପୂରଣ କରିଛନ୍ତି। ସେମିକଣ୍ଡକ୍ଟର ଚିପ୍‌ରୁ ଶିପ୍ ପର୍ଯ୍ୟନ୍ତ ସବୁ ଏବେ ଓଡ଼ିଶାରେ ତିଆରି ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।



ଝାରସୁଗୁଡ଼ା ଅମଲିପାଲିସ୍ଥିତ ରିଜର୍ଭ ପଡ଼ିଆରେ ଶନିବାର ଅନୁଷ୍ଠିତ ସର୍ବଭାରତୀୟ ଯୁବ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

- ୬୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ
- ବିଏସ୍‌ଏନ୍‌ଏଲ୍ ସ୍ୱଦେଶୀ ୪ଜି ସେବାର ଉଦ୍‌ଘାଟନ
- ବ୍ରହ୍ମପୁର-ସୁରଟ(ଉଧନା) ମଧ୍ୟରେ ନୂତନ ରେଳ ଚଳାଚଳ ଆରମ୍ଭ
- ମୋହନ ଜଣେ କର୍ମଠ ମୁଖ୍ୟମନ୍ତ୍ରୀ: ମୋଦି

ଝାରସୁଗୁଡ଼ା, ୨୭।୯ (ଆଶିଷ ରଞ୍ଜନ ଦାଶ)

ଚିପ୍‌ରୁ ଶିପ୍ ପର୍ଯ୍ୟନ୍ତ ସବୁ ଏବେ ଓଡ଼ିଶାରେ ତିଆରି ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ସେ କହିଛନ୍ତି, ପ୍ରକୃତି ଓଡ଼ିଶାକୁ ଅନେକ କିଛି ଦେଇଛି। ଏହି ଦଶକ ଓଡ଼ିଶା ପାଇଁ ବହୁ ମୂଲ୍ୟବାନ। ଓଡ଼ିଶା ବର୍ତ୍ତମାନ ଭାରତର ଶିଳ୍ପ ହବ୍ ହେବାକୁ ଯାଉଛି। ଆଜି ଆମେ କାହା ଉପରେ ନିର୍ଭର କରିବା ନାହିଁ। ଆମେ ଆତ୍ମନିର୍ଭର ହୋଇ ଆଗକୁ ବଢ଼ିବା। ଚିପ୍ ତିଆରି ପାଇଁ ୭୦ ହଜାର କୋଟିର ପ୍ରୋଜେକ୍ଟ ପ୍ରସ୍ତୁତ ହୋଇ ସାରିଛି, ଯାହା ଦ୍ୱାରା ୪.୫ ଲକ୍ଷ କୋଟିର ନିବେଶ ଓଡ଼ିଶାକୁ ଆସିବ। ଏହା ଦ୍ୱାରା ଅନେକ ଲକ୍ଷ ନିଯୁକ୍ତି ସୃଷ୍ଟି ହେବ ଏବଂ ଓଡ଼ିଶା ଏଥିରେ ଆଗରେ ରହିବ। ଗତ ବିଧାନସଭା ନିର୍ବାଚନ ସମୟରେ ଓଡ଼ିଶାର ଲୋକମାନେ ଏକ ସଂକଳ୍ପ ନେଇଥିଲେ, ଯାହାର ମୂଲ୍ୟରେ ବର୍ତ୍ତମାନ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଚାଲିଛି। ଏହି ୧୦ ବର୍ଷ ଭିତରେ ଓଡ଼ିଶା ସଫଳତାର ଶୀର୍ଷରେ ପହଞ୍ଚିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଝାରସୁଗୁଡ଼ା ଅମଲିପାଲି ସ୍ଥିତ ରିଜର୍ଭ ପଡ଼ିଆରେ ଶନିବାର ପୂର୍ବାହ୍ନ ୧୧ଟା ୩୦ରେ ସର୍ବଭାରତୀୟ ଯୁବ ସମ୍ମିଳନୀ କାର୍ଯ୍ୟକ୍ରମରେ ☞ପୃଷ୍ଠା-୮

# ଯୁବବର୍ଗଙ୍କ ପାଇଁ ପ୍ରଧାନମନ୍ତ୍ରୀ ପ୍ରେରଣାର ସ୍ରୋତ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭।୯(ସୁନିତ୍ ମିଶ୍ର)

ବିଶ୍ୱର ସର୍ବାଧିକ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମ ଗହଣରେ ଉପସ୍ଥିତ ଥିବାରୁ ସେବା ପକ୍ଷର ଏହି ଦିନଟି ସମସ୍ତଙ୍କ ପାଇଁ ଗୋଟିଏ ମହୋତ୍ସବର ଦିନ। ପ୍ରଧାନମନ୍ତ୍ରୀ ଯୁବବର୍ଗଙ୍କ ପାଇଁ ପ୍ରେରଣାର ସ୍ରୋତ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଝାରସୁଗୁଡ଼ାରେ ଆୟୋଜିତ ଯୁବ ସମାବେଶରେ ସ୍ୱାଗତ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି କାର୍ଯ୍ୟକ୍ରମ ବିଧିର ବିଧାନ। କାରଣ ଝାରସୁଗୁଡ଼ାର ବୀର ସୁରେନ୍ଦ୍ର ସାଏ ଏୟାରପୋର୍ଟ ଠିକ୍ ୮ ବର୍ଷ ପୂର୍ବେ ☞ପୃଷ୍ଠା-୮






# ବିଜୟଙ୍କ ରାଲିରେ ଦଳାଚକଟା: ୩୧ ମୃତ



ତାମିଲନାଡୁର କରୁରଠାରେ ଶନିବାର ଟିଭିକେ ମୁଖ୍ୟ ବିଜୟ ପ୍ରଚାରଗାଡ଼ିରୁ ସମର୍ଥକଙ୍କୁ ସମ୍ବୋଧନ କରୁଥିବାବେଳେ ଦଳାଚକଟାର ଦୃଶ୍ୟ।

## ୫୦ରୁ ଅଧିକ ଆହତ

ଚେନ୍ନାଇ,୨୭।୯

ତାମିଲନାଡୁର କରୁରଠାରେ ଶନିବାର ତାମିଲାଗା ଭେଟ୍ରି କାଝାଗାମ (ଟିଭିକେ) ମୁଖ୍ୟ ବିଜୟଙ୍କ ରାଲିରେ ଦଳାଚକଟା ହୋଇଛି। ଏଥିରେ ୬ ଶିଶୁଙ୍କ ସମେତ ଅନ୍ୟୂନ ୩୧ ଜଣଙ୍କ ମୃତ୍ୟୁ ଘଟିବା ସହ ୪୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କୁ ଆଶୁ ଆରୋଗ୍ୟ କାମନା କରିଛନ୍ତି।

ଅଭିନେତାରୁ ରାଜନେତା ପାଲଟିଥିବା ବିଜୟଙ୍କ ରାଲିରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ସେମାନେ ବିଜୟଙ୍କ ପାଇଁ ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅପେକ୍ଷା କରି ରହିଥିଲେ। ବିଜୟ ବହୁ ବିଳମ୍ବରେ ରାଲି ସ୍ଥଳରେ ପହଞ୍ଚିଥିଲେ। ନିଜ ପ୍ରିୟ ନେତାଙ୍କୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଲାଗିରହିଥିବାରୁ ଭିଡ଼ ନିୟନ୍ତ୍ରଣରେ ପୋଲିସ ବିଫଳ ହୋଇଥିଲା। ଦଳାଚକଟା ଯୋଗୁ ଅନେକ ସମର୍ଥକ ମୂର୍ଚ୍ଛା ହୋଇଯାଇଥିଲେ। ଏହା ଜାଣିବା ପରେ ବିଜୟ ଭାଷଣ ବନ୍ଦ କରି ପ୍ରଚାର ବସ୍‌ରୁ ଗହଳି ମଧ୍ୟକୁ ପାଣି ବୋତଲ ଫିଙ୍ଗିଥିଲେ। ଏଥିସହ ପୋଲିସକୁ ସହଯୋଗ ପାଇଁ ନିବେଦନ କରିଥିଲେ। ଆହତ ଓ ମୂର୍ଚ୍ଛାଯାଇଥିବା ଲୋକଙ୍କୁ ନେବା ପାଇଁ ଆସିଥିବା ଆମ୍ବୁଲାନ୍ସ ପ୍ରବଳ ଭିଡ଼ ଯୋଗୁ ବିଳମ୍ବରେ ହସ୍ପିଟାଲରେ ପହଞ୍ଚିଥିଲା। ଫଳରେ ବାଟରେ ଅନେକଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।

ଇତିମଧ୍ୟରେ ଷ୍ଟାଲିନ୍ ଆହତଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଚିକିତ୍ସା ଯୋଗାଇଦେବାକୁ କରୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ କରୁର ସ୍ଥିତି ସମୀକ୍ଷା କରିଥିବା ନେଇ ଏକ ସୋସିଆଲ ମିଡିଆ ପୋଷ୍ଟରେ ଜଣାଇଛନ୍ତି। ଷ୍ଟାଲିନ୍ ରବିବାର କରୁର ଗସ୍ତ କରିବେ ବୋଲି ଜଣାପଡ଼ିଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଏମ୍. ସୁବ୍ରମଣ୍ୟମ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ଏସିଆ କପ୍ | ଆଜି ଭାରତ-ପାକିସ୍ତାନ ଫାଇନାଲ

ଦୁବାଇ,୨୭।୯(ପି.ଟି.)

ଏସିଆ କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ୧୭ତମ ସଂସ୍କରଣର ଫାଇନାଲ ମ୍ୟାଚ୍ ରବିବାର ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ। ଏସିଆ କପ୍ ଟୁର୍ନାମେଣ୍ଟର ୪୧ ବର୍ଷର ଇତିହାସରେ ଭାରତ ଓ ପାକିସ୍ତାନ ଫାଇନାଲରେ ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଦୁଇ ଦଳ ପରସ୍ପର ବିପକ୍ଷରେ ଦୁଇ ଥର ଖେଳିଥିବା ବେଳେ ଭାରତୀୟ ଦଳ ଉଭୟ ମ୍ୟାଚ୍‌ରେ ସହଜରେ ବିଜୟ ଲାଭ କରିଛି। ଉଭୟ ମ୍ୟାଚ୍ ଖୁବ୍ ବିବାଦପୂର୍ଣ୍ଣ ରହିଥିଲା। ପ୍ରଥମ ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ ନୋ ହ୍ୟାଣ୍ଡସେକ୍ ପଲିସି ଆପଣେଇଥିବା ବେଳେ ପାକିସ୍ତାନ ପେସର ହାରିସ ରୌଫ ପ୍ରତିପକ୍ଷ ବ୍ୟାଟରଙ୍କୁ ଗାଳି କରିବା ସହ ଯୁଦ୍ଧବିମାନ ଖସାଇବା ସଙ୍କେତ ଦେଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଅର୍ଦ୍ଧଶତକ କରିବା ପରେ ପାକିସ୍ତାନୀ ଓପନର ସାହିବଜାଦା ଫର୍ହାନ ବ୍ୟାଟକୁ ବନ୍ଧୁକ ଭଳି ଦେଖାଇଥିଲେ। ଏଥିଯୋଗୁ ଉଭୟଙ୍କୁ ଆଇସିସି ପକ୍ଷରୁ ଦଣ୍ଡିତ ମଧ୍ୟ କରାଯାଇଛି। ଭାରତୀୟ ଦଳ ଫାଇନାଲ ଜିତିଲେ, ଚାମ୍ପିୟନ ଟ୍ରଫି ଏସିଆନ କ୍ରିକେଟ କାଉନସିଲ (ଏସିସି) ଓ ପିସିବି ମୁଖ୍ୟ ତଥା ପାକିସ୍ତାନର ଅନ୍ତରୀଣ ମନ୍ତ୍ରୀ ମହସିନ ନକଭିଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ପଡ଼ିପାରେ। କିନ୍ତୁ ଏଥିଲାଗି ବିସିସିଆଇ ଅନୁମତି ନ ଦେବାର ବିଶେଷ ସମ୍ଭାବନା ରହିଛି। ଏଥିଯୋଗୁ ଗତ ଦୁଇ ମ୍ୟାଚ୍ ଭଳି ଫାଇନାଲ ମଧ୍ୟ ବିବାଦୀୟ ରହିବ। ଉଲ୍ଲେଖଯୋଗ୍ୟ ଯେ, ଭାରତ ସର୍ବାଧିକ ୮ ଥର ଏସିଆ କପ୍ ଜିତିଥିବା ବେଳେ ପାକିସ୍ତାନ ମାତ୍ର ଦୁଇ ଥର ଟ୍ରଫି ହାତେଇଛି।


DSPL-285




## ବିଶ୍ୱ ଜଳାତଙ୍କ ଦିବସ

୨୮ ସେପ୍ଟେମ୍ବର ୨୦୨୫

- ଜଳାତଙ୍କ ଏକ ଭୂତାଣୁ ଜନିତ ରୋଗ। ସଂକ୍ରମିତ ପ୍ରାଣୀ କାମୁଡ଼ିଲେ କିମ୍ବା ତା'ର ଲାଳ ସଂସ୍ପର୍ଶରେ ଆସିଲେ ଜଳାତଙ୍କ ହୋଇଥାଏ।
- କୌଣସି ଗୃହପାଳିତ/ବନ୍ୟପ୍ରାଣୀ କାମୁଡ଼ିଲେ ତୁରନ୍ତ ସେ ସ୍ଥାନକୁ ସାବୁନ ଓ ଥଣ୍ଡା ପାଣିରେ ଧୋଇଦିଅନ୍ତୁ ଏବଂ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରି ଜଳାତଙ୍କ ପ୍ରତିଷେଧକ ଟିକାର ସମ୍ପୂର୍ଣ୍ଣ ମାତ୍ରା ନିଅନ୍ତୁ।
- **ଜଳାତଙ୍କ ପ୍ରତିଷେଧକ ଟିକା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ମାଗଣାରେ ଉପଲବ୍ଧ।**
- ଆପଣଙ୍କ ଗୃହପାଳିତ ପ୍ରାଣୀଙ୍କୁ ସୁରକ୍ଷିତ ରଖିବାକୁ ବୁଲା କୁକୁର ଏବଂ ଅନ୍ୟାନ୍ୟ ମାଂସଭୋଜୀ ବନ୍ୟପ୍ରାଣୀଙ୍କ ପ୍ରତି ସାବଧାନ ରୁହନ୍ତୁ।
- ସଂକ୍ରମିତ ପ୍ରାଣୀ ଗୃହପାଳିତ ପ୍ରାଣୀଙ୍କୁ କାମୁଡ଼ିଲେ ତୁରନ୍ତ କ୍ଷତସ୍ଥାନକୁ ସାବୁନ ଓ ଥଣ୍ଡା ପାଣିରେ ଭଲଭାବରେ ଧୋଇଦିଅନ୍ତୁ ଏବଂ ନିକଟସ୍ଥ ପ୍ରାଣିଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।
- **ନିଜର ପୋଷା କୁକୁରକୁ ବର୍ଷକୁ ଥରେ ଲେଖାଏଁ ପ୍ରତିଷେଧକ ଟିକାକରଣ କରାନ୍ତୁ।**


OIPR-06014/13/0062/2526

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର

Follow us farddepartment farddepartment farddepartment farddepartment


A quality product from
PAN BAHAR
शुभ
नवरात्री
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
This contains sodium saccharin (INS 954), sucralose (INS 955) and Neotame (INS 961).
Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in



ଲୋକସେବା ଭବନ କନଭେନଶନ ସେଣ୍ଟରଠାରେ ଶନିବାର ୨ୟ ଜାତୀୟ ମେଡିଏଶନ କନଫରେନ୍ସ ୨୦୨୫କୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭୂଷଣ ରାମକ୍ରିଷ୍ଣ ଗବଇ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଉପସ୍ଥିତ ଅଛନ୍ତି।

## ୩ ବର୍ଷରେ ଶିକ୍ଷା ବିଭାଗ କିରାଣିଙ୍କ ବଦଳି ବାଧ୍ୟତାମୂଳକ

ଭୁବନେଶ୍ୱର,୨୭।୯(ସୁଚିସ୍ମିତା ସାହୁ)

ଶିକ୍ଷା ବିଭାଗରେ କାର୍ଯ୍ୟରତ କିରାଣି(ମିନିଷ୍ଟେରିଆଲ ଷ୍ଟାଫ୍)ଙ୍କର ୩ ବର୍ଷରେ ବଦଳି ବାଧ୍ୟତାମୂଳକ କରାଯାଇଛି। ଯେଉଁ କିରାଣିମାନେ ଗୋଟିଏ ସ୍ଥାନରେ ୩ବର୍ଷ କିମ୍ବା ତା'ଠାରୁ ଅଧିକ ଦିନ ରହିଛନ୍ତି, ସେମାନଙ୍କୁ ତୁରନ୍ତ ବଦଳି କରାଯିବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସବୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗତ ଅଗଷ୍ଟ ୨୦ରେ ସାଧାରଣ ପ୍ରଶାସନ ବିଭାଗର ନିୟମ ଅନୁଯାୟୀ ଗୋଟିଏ ସ୍ଥାନରେ ୩ ବର୍ଷ ପୂରଣ କରିଥିବା କିରାଣିଙ୍କ ମଧ୍ୟରୁ ୫୦ପ୍ରତିଶତ ବଦଳି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅବଶିଷ୍ଟ ୫୦ ପ୍ରତିଶତ କିରାଣିଙ୍କୁ ଆସନ୍ତା ବର୍ଷ ବଦଳି କରାଯିବ। ଯେଉଁମାନେ ଅଧିକ ବର୍ଷ ଧରି ରହିଛନ୍ତି, ସେମାନଙ୍କୁ ପ୍ରଥମେ ବଦଳି ଦିଗରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ତେବେ ଏହି ନିୟମ ଶିକ୍ଷକଙ୍କ ପାଇଁ ଲାଗୁ କରାଯିବ ନାହିଁ। ପ୍ରତିବର୍ଷ ଏପ୍ରିଲ ୩୦ରୁ ୧୫ ଜୁନ ମଧ୍ୟରେ ସାଧାରଣ ବଦଳି କାର୍ଯ୍ୟକ୍ରମ ସମ୍ପନ୍ନ କରାଯିବ। ଏହି ସମୟ ସୀମା ପରେ ଯଦି କାହାକୁ ବଦଳି କରାଯାଏ, ତେବେ ଏଥିପାଇଁ ଅଧିକାରୀଙ୍କ ଅନୁମୋଦନର ଆବଶ୍ୟକତା ରହିଛି। ଏହି ସମସ୍ତ କାର୍ଯ୍ୟକୁ ଠିକ ଭାବେ ପାଳନ କରିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଶିଶୁ ସେବିକାମାନେ ଶିକ୍ଷାଦାନ, ଔଷଧ ଦେବେ ନାହିଁ

### ମାର୍ଗଦର୍ଶିକା ଜାରିକଲା ଓସେପା

ଭୁବନେଶ୍ୱର,୨୭।୯(ସୁଚିସ୍ମିତା ସାହୁ)

ଶିଶୁ ସେବିକାମାନେ ଶିଶୁଙ୍କୁ ପାଠପଢ଼ାଇ ପାରିବେ ନାହିଁ। ସେମାନେ ଶିଶୁମାନଙ୍କ ଉପରେ ରାଗିବେ ନାହିଁ କି ଦଣ୍ଡ ଦେଇପାରିବେ ନାହିଁ। ଏମିତି କି ଶିଶୁମାନଙ୍କ ଦେହ ଅସୁସ୍ଥ ଲାଗିଲେ ସେବିକାମାନେ ସେମାନଙ୍କୁ କୌଣସି ଔଷଧ ସେବନ କରିବାକୁ ଦେଇପାରିବେ ନାହିଁ ବୋଲି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାଶଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି ଯେ, ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ପ୍ରତି ବିଦ୍ୟାଳୟରେ ଗୋଟିଏ ଲେଖାଏ ଶିଶୁ ବାଟିକା ☞ପୃଷ୍ଠା-୮

## ମା' ମୋବାଇଲ ନ ଦେବାରୁ ନାବାଳକଙ୍କ ଆତ୍ମହତ୍ୟା

ଢେଙ୍କିକୋଟ,୨୭।୯ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ୍ ଅନ୍ତର୍ଗତ ପୋଇପାଣି ଗ୍ରାମରେ ମା' ମୋବାଇଲ ନ ଦେବାରୁ ନାବାଳକ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ପୋଇପାଣି ଗ୍ରାମର ଶିଶୁବିଦ୍ୟାମନ୍ଦିରର ଗୁରୁଜୀ ଅର୍ଜୁନ ଚରଣ ମହାନ୍ତଙ୍କ ଏକମାତ୍ର ପୁଅ ଗୁଗୁଲି ଗଣେଶ ପ୍ରସାଦ ମହାନ୍ତ (୧୧)। ସେ କେନ୍ଦୁଝର ଟାଉନ ନିର୍ମଳା କନ୍‌ଭେଣ୍ଟ ଇଂଲିଶ ମିଡିୟମରେ ପଢୁଥିଲେ। ସୂଚନା ଅନୁଯାୟୀ, ଶୁକ୍ରବାର ଗୁଗୁଲି ମାଆଙ୍କୁ ମୋବାଇଲ ଦେଖିବାକୁ ମାଗିଥିଲେ। ମା'ଜୟନ୍ତୀ ମୋବାଇଲ ଦେବାକୁ ମନାକରି ଜଙ୍ଗଲକୁ ଛତୁ ତୋଳିବାକୁ ପଳାଇଥିଲେ। ଅପରାହ୍ନରେ ଜେଜେ ମା' ବାସନ ମାଜୁଥିବା ବେଳେ ଗୁଗୁଲି ଗଣେଶ ଏକ ରଶି ସାହାଯ୍ୟରେ ଘର ଭିତର ସଂଘାରେ ଝୁଲି ପଡ଼ିଥିଲେ। ଜେଜେ ମାଆ କିଛି ସମୟ ପରେ କବାଟ ଖୋଲି ଗୁଗୁଲି ରଶି ଲଗାଇ ଝୁଲୁଥିବା ଦେଖିଥିଲେ। ପାଟି କରିବାରୁ ପଡ଼ୋଶୀ ଆସି ଉଦ୍ଧାର କରି କେନ୍ଦୁଝର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ବ୍ୟାସଦେବ ମିର୍ଦ୍ଧା ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଘଟଗାଁ ଥାନାରେ ଏକ ମାମଲା(ନଂ. ୪୯/୨୫)ରୁଜୁ ହୋଇଛି।

## ପାକିସ୍ତାନର ବିଜୟ ଦାବିକୁ ପରିହାସ କଲା ଭାରତ

ଜାତିସଂଘ,୨୭।୯

ମେ' ୭ରୁ ୧୦ ସଂଘର୍ଷରେ ପାକିସ୍ତାନ ବିଜୟୀ ହୋଇଥିବା ଏହାର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଦାବି କରିଥିବାବେଳେ ଶନିବାର ଭାରତ ଏହାର ପରିହାସ କରିଛି। ଅପରେଶନ ସିନ୍ଦୂର ବେଳେ ପାକିସ୍ତାନ ଏୟାରବେସ୍ ଏବଂ ସାମରିକ ଭିତ୍ତିଭୂମି ଧ୍ୱଂସ ହୋଇଥିବାର ଚିତ୍ର ବିଜୟ ଭଳି ଦେଖାଯାଉଛି କି ବୋଲି ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ରେ ଭାରତର ସ୍ଥାୟୀ ମିଶନର ପ୍ରଥମ ସଚିବ ପେଟାଲ ଗେହଲଟ୍ କହିଛନ୍ତି। ସଂଘର୍ଷରେ କିଏ ବିଜୟୀ ହୋଇଥିଲା ତାହାର ପ୍ରମାଣ ବିଶ୍ୱ ନିକଟରେ ରଖାଯାଇଥିବା ୟୁଏନ୍‌ଜିଏର ୮୦ତମ ଅଧିବେଶନରେ ଉଦ୍‌ବୋଧନ ଦେଇ ଗେହଲଟ୍ କହିଛନ୍ତି। ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନର ବହୁ ଏୟାରବେସ୍ ଧ୍ୱଂସ ହୋଇଥିଲା, ଯାହାର ଚିତ୍ର ସର୍ବସାଧାରଣରେ ଉପଲବ୍ଧ ଅଛି। ପାକ୍ ପ୍ରଧାନମନ୍ତ୍ରୀଙ୍କ ଦାବି ଅନୁଯାୟୀ ଧ୍ୱଂସପ୍ରାପ୍ତ ରନ୍‌ୱେ ଏବଂ ଜଳିଯାଇଥିବା ହ୍ୟାଙ୍ଗରଗୁଡ଼ିକ ଯଦି ବିଜୟ ଭଳି ଦେଖାଯାଉଥାଏ, ତେବେ ଇସ୍‌ଲାମାବାଦ ତାହାକୁ ଉପଭୋଗ କରୁ ବୋଲି ଗେହଲଟ୍ କହିଛନ୍ତି।

ସେ ଆହୁରି କହିଛନ୍ତି, ଅସ୍ତ୍ରବିରତି ପାଇଁ ପାକିସ୍ତାନୀ ସେନା ଅନୁରୋଧ କରିଥିଲା। ନୂଆଦିଲ୍ଲୀ ଏବଂ ଇସ୍‌ଲାମାବାଦ ମଧ୍ୟରେ ଥିବା ପ୍ରସଙ୍ଗଗୁଡ଼ିକରେ ତୃତୀୟ ପକ୍ଷ ହସ୍ତକ୍ଷେପ କରିବାର ସ୍ଥାନ ନ ଥିବା ଗେହଲଟ ଜାତିସଂଘରେ ସ୍ପଷ୍ଟ କରିଦେଇଛନ୍ତି। ପାକ୍ ପ୍ରଧାନମନ୍ତ୍ରୀ ପୁଣିଥରେ ଆତଙ୍କବାଦର ପ୍ରଶଂସା କରିଛନ୍ତି, ଯେପରି ଏହା ସେମାନଙ୍କ ବିଦେଶ ନୀତିର ମୁଖ୍ୟ ଭାଗ ବୋଲି ଗେହଲଟ୍ ଜାତିସଂଘ ସାଧାରଣ ସଭାରେ ଭାରତର

### ଅପରେଶନ ସିନ୍ଦୂର

### ଅସ୍ତ୍ରବିରତି ପାଇଁ ପାକ୍ ସେନା ନିବେଦନ କରିଥିଲା



ପେଟାଲ ଗେହଲଟ୍

ଉତ୍ତର ରଖିବା ଅଧିକାର ବଳରେ ଉଦ୍‌ବୋଧନ ଦେଇ କହିଛନ୍ତି। ଏପ୍ରିଲ ୨୨ରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ନାଗରିକଙ୍କ ମୃତ୍ୟୁ ଘଟିଥିଲା। ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବାର ଶାଖା ସଂଗଠନ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆର୍‌ଏଫ୍) ଏଥିପାଇଁ ନିଜକୁ ଦାୟୀ କରିଥିଲା। ପ୍ରତିଶୋଧ ସ୍ୱରୂପ ଭାରତୀୟ ସେନା ପକ୍ଷରୁ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରି ଅପରେଶନ ସିନ୍ଦୂର ଆରମ୍ଭ ହୋଇଥିଲା। ମେ' ୯ ପର୍ଯ୍ୟନ୍ତ ପାକିସ୍ତାନ ଅଧିକ ଆକ୍ରମଣ କରିବ ବୋଲି ଧମକ ଦେଉଥିବାବେଳେ ୧୦ ତାରିଖରେ ଏହାର ସେନା ଅସ୍ତ୍ରବିରତି ପାଇଁ ସିଧାସଳଖ ନିବେଦନ କରିଥିଲା। ଏହା ପୂର୍ବରୁ ଭାରତୀୟ ସେନା ଆକ୍ରମଣରେ ପାକିସ୍ତାନର ବହୁ ଏୟାରବେସ୍ ଧ୍ୱଂସ ହୋଇଥିଲା। ସେହି ଧ୍ୱଂସର ଚିତ୍ର ସର୍ବସାଧାରଣରେ ଉପଲବ୍ଧ ବୋଲି ଗେହଲଟ୍ କହିଛନ୍ତି।

## ଭିଜିବ ଦଶହରା

### ଅକ୍ଟୋବର ୧ରେ ଆଉ ଏକ ଲଘୁଚାପ

ଭୁବନେଶ୍ୱର, ୨୭।୯
(ବନ୍ଦନା ସେଠୀ)

ଦଶହରାକୁ ଭିଜାଇବ ବର୍ଷା। ଫିକା ପଡିପାରେ ପାର୍ବଣ। ୩୦ ତାରିଖ ବେଳକୁ ଉତ୍ତର ଆଣ୍ଡାମାନ ସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାର ପ୍ରଭାବରେ ରାଜ୍ୟରେ ଅକ୍ଟୋବର ୧ରୁ ବର୍ଷାର ପରିମାଣ ବଢିବା ନେଇ ଅନୁମାନ କରାଯାଉଥିବା



ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ତାଙ୍କ ସୂଚନାନୁସାରେ, ୧ ତାରିଖରେ ଉତ୍ତର ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଅପରପକ୍ଷେ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଆଭ୍ୟନ୍ତରୀଣ ଓ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ସକ୍ରିୟ ରହିଛି। ଏହା ଆସନ୍ତା ୨୪ ଘଣ୍ଟାରେ ଦୁର୍ବଳ ହୋଇ ସ୍ୱଷ୍ଟଚିହ୍ନିତ ଲଘୁଚାପରେ ପରିଣତ ହେବ। ତେବେ ଲଘୁଚାପ ପ୍ରଭାବରେ ଆହୁରି ୨୪ ଘଣ୍ଟା ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସାରା ଓଡ଼ିଶାରେ ବିଜୁଳି ଘଡ଼ଘଡ଼ି ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ରବିବାର ରାଜ୍ୟର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାକୁ ଥିବାବେଳେ ଉପକୂଳ ଓଡ଼ିଶାର ☞ପୃଷ୍ଠା-୮

**ଆଜିର ସମ୍ପାଦକୀୟ**

**ନୂଆ ଭାରତର ସ୍ଥିତି**



## ସଂକ୍ଷେପରେ

### ଓଡ଼ିଶା ନାଟ୍ୟ ସଂଘ ଦିବସ ପାଳିତ

ପାରଳାଖେମୁଣ୍ଡି, ୨୭।୯ (ଗିରିଧାରୀ ପରଚ୍ଛା)

ଗଜପତି ଜିଲା ସଦର ମହକୁମାର ପାରଳାଖେମୁଣ୍ଡି କରଣସାହିସ୍ଥିତ ବିଜୟ କ୍ଲବ ପରିସରରେ ଅଗ୍ରଣୀ ନାଟ୍ୟ ସଂଗଠନ କ୍ରିଏଟିଭ ଆର୍ଟସ ପକ୍ଷରୁ ୩୮ତମ ଓଡ଼ିଶା ନାଟ୍ୟ ସଂଘ ଦିବସ ପାଳିତ ହୋଇଯାଇଛି। ନାଟ୍ୟ ସଂଘର ଜିଲା ସଂଯୋଜକ ମନୋଜ ପାଢ଼ୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଗୁରୁ ରଘୁନାଥ ପାତ୍ର, ଯୁବ ନାଟ୍ୟଶିଳ୍ପୀ ଆଦର୍ଶ ଦାସ ମଞ୍ଚାସୀନ ଥିଲେ। ପାରଳା ମାଟିରେ ପ୍ରଥମ ଓଡ଼ିଆ ନାଟକ ଓ ଓଡ଼ିଆ ରଙ୍ଗମଞ୍ଚ ସୃଷ୍ଟି କରିଥିବା ନାଟ୍ୟ ପରମ୍ପରାକୁ ବଜାୟ ରଖିବାକୁ ଓଡ଼ିଶା ନାଟ୍ୟ ସଂଘ ସହଯୋଗର ହାତ ବଢ଼ାଇ ଆସୁଛି ବୋଲି କ୍ରିଏଟିଭ ଆର୍ଟସ ପକ୍ଷରୁ କୁହାଯାଇଥିଲା। ଗଜପତି ଜିଲାର ନାଟ୍ୟ କଳାକାରଙ୍କୁ ନାଟ୍ୟଧାରା କାର୍ଯ୍ୟକ୍ରମରେ ରବୀନ୍ଦ୍ର ମଣ୍ଡପରେ ଓ ଭଞ୍ଜ ମଣ୍ଡପରେ ବିଭିନ୍ନ ସମୟରେ ନାଟ୍ୟ ପରିବେଷଣ ପାଇଁ ସୁଯୋଗ ମିଳୁଛି। ଆଗାମୀ ଦିନରେ ପୁରୀ ଠାରେ ସଙ୍ଗୀତ ନାଟକ ଏକାଡେମୀର ଜଗନ୍ନାଥାୟନ କାର୍ଯ୍ୟକ୍ରମରେ ସୁଯୋଗ ଦେବାକୁ ଦାବି ଆଲୋଚନା ବେଳେ ମତ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ହରିହର ପଟ୍ଟନାୟକ, ଜ୍ଞାନ ରଂଜନ ଦାସ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ବାଳକୃଷ୍ଣ ପାଣିଗ୍ରାହୀ ନିଜ ମତ ଓ ଅନୁଭୂତି ରଖିଥିଲେ।

# ଗଞ୍ଜାମ ସହ ସୁରଟର ସଂଯୋଗ ଗୁରୁତ୍ୱପୂର୍ଣ୍ଣ

ବ୍ରହ୍ମପୁର, ୨୭।୯ (ସ୍ମୃତି ରଞ୍ଜନ ମହାଲିକ)



ସଭାରେ ଦୁଇ ମନ୍ତ୍ରୀଙ୍କ ସମେତ ଏମ୍‌ପି ଓ ବିଧାୟକମାନେ ଉପସ୍ଥିତ ଅଛନ୍ତି।

ଗଞ୍ଜାମ ସହିତ ସୁରଟର ସଂଯୋଗ ଗୁରୁତ୍ୱପୂର୍ଣ୍ଣ। ଜିଲାର ବିଭିନ୍ନ ଗାଁର ଲୋକେ ସୁରଟରେ ରହୁଛନ୍ତି। ପଶ୍ଚିମବଙ୍ଗ ପରେ ସର୍ବାଧିକ ସଂଖ୍ୟକ ଓଡିଆ ଗୁଜରାଟ ଓ ସୁରଟରେ ବସବାସ କରନ୍ତି। ସେମାନଙ୍କ ପାଇଁ ଏହି ସିଧାସଳଖ ଟ୍ରେନ ଆରମ୍ଭ ହୋଇଛି ବୋଲି ମୋଦି କହିଥିଲେ। ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାରସୁଗୁଡାଠାରେ ଅନୁଷ୍ଠିତ ଏକ ସଭାରେ ବ୍ରହ୍ମପୁର-ସୁରଟ (ଉଧନା) ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସ

## ବ୍ରହ୍ମପୁରରୁ ସୁରଟ ଅମୃତ ଭାରତ ଏକ୍ସପ୍ରେସର ଶୁଭାରମ୍ଭ



ଭିଡିଓ କନଫରେନ୍ସରେ ପ୍ରଧାନମନ୍ତ୍ରୀ ଅମୃତ ଭାରତ ଟ୍ରେନକୁ ଉଦ୍‌ଘାଟନ କରୁଛନ୍ତି।

ଟ୍ରେନକୁ ଉଦଘାଟନ ଅବସରରେ ଏହା କହିଛନ୍ତି। ଏ ନେଇ ଶନିବାର ବ୍ରହ୍ମପୁର ରେଲୱେ ଷ୍ଟେଶନ ପରିସରରେ ଏକ ଉଦଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ରୂପେ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ବ୍ରହ୍ମପୁର ଏମ୍‌ପି ଡ ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ଏମ୍‌ପି ଅନୀତା ଶୁଭଦର୍ଶିନୀ, ବିଧାୟକ ସରୋଜ ପାଢୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, ଗଞ୍ଜାମ ଜିଲାପାଳ ଭି.କିର୍ତ୍ତୀ ଭାସନ, ଡିଆର୍‌ଏମ୍ ଆଲୋକ ତ୍ରିପାଠୀଙ୍କ ସମେତ ରେଲୱେ ବିଭାଗର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବ୍ରହ୍ମପୁର ବାସିନ୍ଦା ଦୀର୍ଘ ଦିନରୁ ବ୍ରହ୍ମପୁରରୁ ସୁରଟ ଟ୍ରେନ ପାଇଁ ଦାବି କରିଆସୁଥିଲେ। ଆଜି ତାହା ସଫଳ ହୋଇଛି। ବ୍ରହ୍ମପୁରରୁ ସୁରଟ ସିଧାସଳଖ ଟ୍ରେନ ଆରମ୍ଭ ହୋଇଛି ବୋଲି ବ୍ରହ୍ମପୁର ଏମପି କହିଥିଲେ। ଗୋପାଳପୁର-ତାଳଚେର ରେଲୱେ ଲାଇନ ପାଇଁ ସର୍ଭେ ସରିଛି। ଖୁବ ଶୀର୍ଘ ରେଲୱେ ଲାଇନ କାର୍ଯ୍ୟ ଆରମ୍ଭ ହେବ ବୋଲି ଖଣି ଓ ଇସ୍ପାତ ମନ୍ତ୍ରୀ କହିଥିଲେ। ୫ଟି ରାଜ୍ୟକୁ ସଂଯୋଗ କରୁଥିବା ବ୍ରହ୍ମପୁର-ସୁରଟ ମଧ୍ୟରେ ସିଧାସଳଖ ରେଳ ସେବା ମିଳିବ। ଏହା ମଧ୍ୟବିତ୍ତଙ୍କ ପାଇଁ ଦ୍ରୁତ ଓ ସୁଲଭ ଯାତ୍ରା। ଏହି ଟ୍ରେନରେ ଦୂର ଯାତ୍ରା ପାଇଁ ଉନ୍ନତ ବ୍ୟବସ୍ଥା ସହିତ ଆଧୁନିକ କୋଚ ମଧ୍ୟ ରହିଥିବା ଅତିଥିମାନେ କହିଥିଲେ। ଟ୍ରେନଟି ସପ୍ତାହକୁ ଥରେ ଯାତାୟାତ କରିବ। ଟ୍ରେନଟି ରବିବାର ରାତ୍ରି ୧୧ଟା ୪୫ରେ ଉଧନାରୁ ଛାଡିବ। ସୋମବାର ଅପରାହ୍ନ୧ଟା ୫୫ରେ ବ୍ରହ୍ମପୁର ପହଂଚିବ। ବ୍ରହ୍ମପୁରରୁ ଏହା ସୋମବାର ରାତ୍ରି ୧୧ଟା ୪୫ରେ ସୁରଟ ଅଭିମୁଖେ ଯାତ୍ରା କରିବ ବୋଲି ସୂଚନା ମିଳିଛି। ଟ୍ରେନ ଉଦଘାଟନୀ କାର୍ଯ୍ୟକ୍ରମରେ ସହରର ବହୁ ସ୍କୁଲ ଛାତ୍ରୀଛାତ୍ର ପଲାସା ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ଏ ନେଇ ଛାତ୍ରୀ ଆୟଷା ରଣା କହିଛନ୍ତି ଯେ, ଟ୍ରେନରେ ସମସ୍ତ ସୁବିଧା ଉପଲବ୍ଧ ରହିଛି। କୋଚ ଗୁଡିକ ସଫା ସୁତରା ରହିଛି ବୋଲି ସେ କହିଛନ୍ତି। ଛାତ୍ରୀ ଶୁଭଶ୍ରୀ ବିଶୋୟୀ କହିଛନ୍ତି ଯେ, ବ୍ରହ୍ମପୁରରୁ ସୁରଟ ଏଭଳି ସିଧାସଳଖ ଟ୍ରେନ ସୁବିଧା ହୋଇଥିବା କାରଣରୁ ଜିଲା ସମେତ ସହରବାସୀ ମଧ୍ୟ ଉପକୃତ ହେବେ। ଏ ନେଇ ସେ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହିଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅମୃତ ଭାରତ ଟ୍ରେନରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗୋକୁଳାନନ୍ଦ ମଲିକ, ଛତ୍ରପୁର ଓ ଆସିକା ବିଧାୟକ ଯାତ୍ରା କରିଥିଲେ। ଯାତ୍ରା ସମୟରେ ସେ ଯାତ୍ରୀଙ୍କୁ ମିଳିଥିବା ସୁବିଧା ସଂପର୍କରେ ପଚାରି ବୁଝିଥିଲେ।

## ନିର୍ମାଣାଧୀନ ଘରୁ କବାଟ ଓ ପାଣିମୋଟର ଚୋରି, ୪ ଜଣିଆ ଗ୍ୟାଙ୍ଗ ଗିରଫ

ବ୍ରହ୍ମପୁର, ୨୭।୯ (ସୁବାସ ଚନ୍ଦ୍ର ପାଢ଼ୀ)

ସହରର ବିଭିନ୍ନ ଲୋକଙ୍କ ନିର୍ମାଣାଧୀନ ଘରର ତାଲା ଭାଙ୍ଗି ଦାମୀ କବାଟ ଓ ପାଣି ମୋଟର ଚୋରି କରୁଥିବା ଏକ ୪ ଜଣିଆ ଗ୍ୟାଙ୍ଗକୁ ନିମଖଣ୍ଡି ଥାନା ପୋଲିସ ବାନ୍ଧିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭାବିନୀପୁର ଗୌତମନଗର ୧୪ ଲାଇନର ଆକାଶ ସେଠୀ ଓରଫ କାଳିଆ(୨୧), ଓ ବଳଦେବ ସ୍ୱାଇଁ ଓରଫ ବଳିଆ(୨୦) ଠାକୁରାଣୀ ମନ୍ଦିର ସାହିର ପ୍ରମୋଦ ଦାସ(୨୧) ଓ ରବି ଗୌଡ(୨୨)। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୧୪ଟି କାଠ କବାଟ, ୫ଟି ପାଣି ମୋଟର, କଟର ମେଶିନ ଓ ଗ୍ୟାସ ସିଲିଣ୍ଡର ଜବତ କରିଛି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଶ୍ରୀହରି ବିହାର ଭାବିନୀପୁରରେ ରହୁଥିବା କୃଷ୍ଣଚନ୍ଦ୍ର ମିଶ୍ରଙ୍କ ନିର୍ମାଣାଧୀନ ଘରୁ କିଛି ମାସ ତଳେ ଏକାଧିକ କାଠ କବାଟ ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ପରେ ନିମଖଣ୍ଡି ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତ ବେଳେ ପ୍ରମୋଦ ଦାସଙ୍କ ଘରେ ଚୋରି କବାଟ ଥିବା ପୋଲିସକୁ ସୂଚନା ମିଳିଥିଲା। ସେହିକ୍ରମରେ ପୋଲିସ ସେଠାରେ ଚଢଉ କରି କବାଟ ଜବତ କରିଥିଲା। ଏହା ପରେ ଉପରୋକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପଚରାଉଚରା ବେଳେ ଅଭିଯୁକ୍ତମାନେ ବ୍ରହ୍ମପୁରର ଶ୍ରୀହରିନଗର, ଶ୍ରୀରାମନଗର, ଜେନାବନ୍ଧ ସାହି, ଅଳକାପୁରୀ, ବିଜୟ ବିହାର ଭଳି ଅଞ୍ଚଳରୁ ବିଭିନ୍ନ ଲୋକଙ୍କ ଘରର ତାଲା ଭାଙ୍ଗି କବାଟ, ପାଣି ମୋଟର ଓ ସିଲିଣ୍ଡର ଚୋରି କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ।

## ଆଇନଜୀବୀଙ୍କ ଘରକୁ ବୋମାମାଡ଼, ୩ ନାବାଳକଙ୍କୁ ପଚରାଉଚରା

ବ୍ରହ୍ମପୁର ୨୭।୯ (ସୁବାସ ଚନ୍ଦ୍ର ପାଢ଼ୀ)

ବଡ଼ବଜାର ଥାନା ଅନ୍ତର୍ଗତ ଲକ୍ଷ୍ମନୃସିଂହ ସାହିରେ ରହୁଥିବା ଯୁବ ଆଇନଜୀବୀ ଅସିତ ସାବତଙ୍କ ଘର ଉପରକୁ ଶୁକ୍ରବାର ରାତିରେ କେତେ ଜଣ ଦୁର୍ବୃର୍ତ୍ତ ବୋମା ଫିଙ୍ଗି ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ନଂ.୪୮୮/୨୫ରେ ମାମଲା ରୁଜୁ କରିଛି। ୩ ଜଣ ନାବାଳକଙ୍କୁ ଥାନାକୁ ଧରି ଆଣି ପଚରାଉଚରା କରୁଛି। ସହରରେ ନାବାଳକମାନେ ଏବେ ଅପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ରହୁଛନ୍ତି। ଯାହାକି ପୋଲିସ ପାଇଁ ଚିନ୍ତାର ବିଷୟ ପାଲଟିଛି। ଘଟଣାରୁ ପ୍ରକାଶ ଯେ, ଶୁକ୍ରବାର ରାତି ୧୦ ଟା' ବେଳେ ଏକାଧିକ ଦୁର୍ବୃତ୍ତ ତାଙ୍କ ଘର ନିକଟକୁ ଆସି ବୋମା ଫିଙ୍ଗିଥିଲେ। ଏହି ବୋମାଟି ଫୁଟି ନ ଥିଲେ ମଧ୍ୟ ଘଟଣାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଘଟଣାକୁ ନେଇ ଅସିତ୍ ବଡ଼ବଜାର ଥାନାକୁ ଯାଇ ଅଭିଯୋଗ କରିଥିଲେ। ଅସିତ ବର୍ତ୍ତମାନ ଗଞ୍ଜାମ ଓକିଲ ସଂଘର ଯୁଗ୍ମ ସମ୍ପାଦକ ଅଛନ୍ତି। ତେବେ କିଏ ଓ କାହିଁକି ବୋମା ଫିଙ୍ଗିଲା ତାହା ଜଣା ପଡିନାହିଁ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ବୋମା ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଥାଉକି, ଆଜକୁ ୮ ଦିନ ତଳେ ଉକ୍ତ ସାହିରେ ରହୁଥିବା ୯ ନମ୍ବର ୱାର୍ଡର କର୍ପୋରେଟର ସନ୍ତୋଷ ସେଠୀଙ୍କ ଘର ଉପରକୁ ମଧ୍ୟ ବୋମା ମାଡ଼ ହୋଇଥିଲା।

## ନବରଙ୍ଗପୁର ଜିଲାରେ ବିଜୁଳି ଭିତ୍ତିଭୂମିକୁ ସୁଦୃଢ଼ କରୁଛି ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର, ୨୭।୯ (ସ୍ମୃତି ରଞ୍ଜନ ମହାଲିକ)

ନବରଙ୍ଗପୁର ଜିଲାରେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ବିଜୁଳି ଯୋଗାଣର ଉନ୍ନତି ଆଣିବା ନିମନ୍ତେ ଟିପିଏସ୍‌ଓଡିଏଲ୍ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲାର ତେଣ୍ଟାଗୁଡ଼ାରେ ବିଦ୍ୟୁତ ଯୋଗାଣକୁ ମଜଭୁତ କରିବା ନିମନ୍ତେ ଅତିରିକ୍ତ କ୍ଷମତା ବିଶିଷ୍ଟ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। ଖାଟିଗୁଡ଼ା ଓ କୋସଗୁମୁଡ଼ା ପ୍ରାଇମେରୀ ସବଷ୍ଟେସନର କ୍ଷମତା ୧,୬ ଏମଭିଏ ଟ୍ରାନ୍ସଫର୍ମରକୁ ୩.୧୫ ଏମଭିଏକୁ ବୃଦ୍ଧି କରାଯାଇଥିବା ବେଳେ ଝରିଗାଁରେ ୩.୧୫ ଏମଭିଏ କ୍ଷମତା ବିଶିଷ୍ଟ ସବଷ୍ଟେସନକୁ ୫ ଏମଭିଏରେ ପରିଣତ କରାଯାଇଛି। ସେହିଭଳି ନବରଙ୍ଗପୁର ସହର ମଖ୍ୟ ସବଷ୍ଟେସନକୁ ୫ ଏମଭିଏରୁ ୧୦ ଏମଭିଏରେ ପରିଣତ କରାଯାଇଛି। ରାଇଘର ବ୍ଲକ ଅନ୍ତର୍ଗତ ଜୋଡ଼ିଙ୍ଗା ଗ୍ରାମ, ଝରିଗାଁ ବ୍ଲକର ଧଡ଼ରା ଓ ଉମରକୋଟ ଅନ୍ତର୍ଗତ ଡୁମୁରିମୁଣ୍ଡା ଗ୍ରାମରେ ଦୁଇଟି ଲେଖାଏଁ ୫ ଏମଭିଏ କ୍ଷମତା ବିଶିଷ୍ଟ ପ୍ରାଇମେରୀ ସବଷ୍ଟେସନ ପ୍ରତିଷ୍ଠା ହୋଇଛି। ନବରଙ୍ଗପୁର ଗ୍ରୀଡ ସବଷ୍ଟେସନରୁ ପାପଡାହାଣ୍ଡି ଓ ଅନ୍ୟ ସ୍ଥାନକୁ ନୂତନ ୩୩ କେଭି ଲାଇନ ନିର୍ମାଣ ହୋଇଛି। ମେଧାବେଡ଼ାରୁ ଚିକଲପଦର ପର୍ଯ୍ୟନ୍ତ, ଝରିଗାଁରୁ ପୁପୁଗାଁ ପର୍ଯ୍ୟନ୍ତ, କୋସଗୁମୁଡ଼ାରୁ କୋଟପାଡ଼ ଓ ବେହେରାରୁ ରାଇଘର ମଧ୍ୟରେ ୩୩ କେଭି ଲାଇନ ନିର୍ମାଣ ହୋଇଛି। ତୁଟିଆଗୁଡ଼ା ପ୍ରାଇମେରୀ ସବଷ୍ଟେସନରୁ ନବରଙ୍ଗପୁର-୨, ଖାଟିଗୁଡ଼ାରୁ ଜଲିଆଗୁଡ଼ା, ମେଣ୍ଡାବେଡ଼ାରୁ ଭରଣ୍ଡି ପର୍ଯ୍ୟନ୍ତ ନୂତନ ୧୧ କେଭି ଲିଙ୍କ ଲାଇନ ନିର୍ମାଣ କରାଯାଇଛି। ଯାହାଫଳରେ ଅନେକ ଅଞ୍ଚଳରେ ଭୋଲଟେଜ ସମସ୍ୟା ଦୂର ହେବା ସହ ଗୁଣାତ୍ମକ ବିଜୁଳି ଯୋଗାଣ ସୁନିଶ୍ଚିତ ହୋଇପାରୁଛି। ନବରଙ୍ଗପୁର ସହର ୧ ଓ ୨, ଭରଣ୍ଡି, ତୁରୁଡ଼ି, ଗୁରୁସିଂହା ଓ ଦେବଗାଁ ସମେତ ଅନେକ ଫିଡରକୁ ଆଧୁନିକ ମାନଦଣ୍ଡର ଆଧାରରେ ଉନ୍ନତ କରାଯାଉଛି। ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଫିଡରଗୁଡିକର ଉନ୍ନତିକରଣ ଦ୍ୱାରା ବିଦ୍ୟୁତ ଶକ୍ତିର ଗୁଣବତ୍ତା ଏବଂ ବିଶ୍ୱସନୀୟତା ସହିତ ପ୍ରତ୍ୟେକ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିବା ସେ କହିଛନ୍ତି।।

## ସ୍ୱାମୀଙ୍କୁ ଅପହରଣ କରି ହତ୍ୟା ମାମଲା: କୋର୍ଟରେ ସାକ୍ଷୀ ଦେଲେ ସ୍ତ୍ରୀ

ବ୍ରହ୍ମପୁର, ୨୭।୯ (ସୁବାସ ଚନ୍ଦ୍ର ପାଢ଼ୀ)

ଗତବର୍ଷ ସୁରଟରୁ ଫେରୁଥିବା ସୋରଡା ଅଞ୍ଚଳର କୁନା ସ୍ୱାଇଁଙ୍କୁ ଅପହରଣ କରି ମାଡ଼ ମାରି ହତ୍ୟା ପରେ ରାସ୍ତାକଡରେ ଫିଙ୍ଗି ଦେବା ନେଇ ରୁଜୁ ମାମଲାର ବିଚାରଣା ବ୍ରହ୍ମପୁରସ୍ଥିତ ଅତିରିକ୍ତ ଜିଲା ଜଜ-୨ ଆୟୁଷମାନ ମହନ୍ତଙ୍କ କୋର୍ଟରେ ଚାଲୁ ରହିଛି। ଶୁକ୍ରବାର ମୃତ କୁନାଙ୍କ ସ୍ତ୍ରୀ' ମଞ୍ଜୁଳା ସ୍ୱାଇଁ ପ୍ରଥମ ସାକ୍ଷୀ ଭାବେ କୋର୍ଟରେ ହାଜର ହୋଇ ସାକ୍ଷୀ ଦେଇଛନ୍ତି। ତାଙ୍କ ବୟାନ ରେକର୍ଡ କରାଯାଇଛି। ଏନେଇ ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ପିପି ଇସମାଇଲ ମହମ୍ମଦ ସୂଚନା ଦେଇଛନ୍ତି। ଆସନ୍ତା ଅକ୍ଟୋବର ୨୪ରେ ପରବର୍ତ୍ତୀ ସାକ୍ଷୀଙ୍କ ବୟାନ ରେକର୍ଡ ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ଏହି ମାମଲାରେ ମୋଟ ୪୦ ସାକ୍ଷୀ ରହିଛନ୍ତି। ଅଭିଯୁକ୍ତ ଥିବା ଢେଙ୍କାନାଳ ଜିଲାର ଗିରଫ ୩ ଜଣ ଏବେ ବ୍ରହ୍ମପୁର ଜେଲରେ ଅଛନ୍ତି। ସୋରଡାର କୁନା ସୁରଟରେ କାମ କରୁଥିଲେ। ୨୦୨୪ ଅଗଷ୍ଟ ୨୯ରେ ଅହମଦାବାଦ -ପୁରୀ ଏକ୍ସପ୍ରେସ ଟ୍ରେନରେ ଘରକୁ ଫେରୁଥିବା ନେଇ ତାଙ୍କ ସ୍ତ୍ରୀ'ଙ୍କୁ ଫୋନ କରି ଜଣାଇଥିଲେ। ହେଲେ ୩୧ ତାରିଖରେ ତାଙ୍କ ସ୍ତ୍ରୀ' ମଞ୍ଜୁଳାଙ୍କ ନିକଟକୁ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା। ଫୋନ କରିଥିବା ଯୁବକ ଜଣଙ୍କ କୁନା ସ୍ୱାଇଁ ଟଙ୍କା ଚୋରି କରିଥିବା କହିବା ସହ ଟଙ୍କା ନ ଦେଲେ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପରଦିନ ଅର୍ଥାତ ୨୦୨୪ ସେପ୍ଟେମ୍ବର ୧ରେ ଗୋଳନ୍ଥରା ଥାନା ଭାଲିଆଗଡ ଜାତୀୟ ରାଜପଥ କଡରୁ ଏକ ଅଜଣା ଯୁବକଙ୍କ ମୃତଦେହ ପୋଲିସ ଜବତ କରିଥିଲା। ଏନେଇ ପୋଲିସ ନଂ.୩୬/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଅପରିଚିତ ଯୁବକ ହୋଇଥିବାରୁ ମୃତଦେହ ବ୍ୟବଚ୍ଛେଦ ପରେ ବ୍ରହ୍ମପୁର ନୀଳକଣ୍ଠେଶ୍ୱର ଶ୍ମଶାନରେ ପୋତି ରାଜ୍ୟର ସମସ୍ତ ଥାନାକୁ ମ୍ୟାସେଜ ସହ ଫଟୋ ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ ତାହା ଏକ ହତ୍ୟା ବୋଲି ଜଣାପଡିଥିଲା। ପରେ ପୋଲିସ ଅପମୃତ୍ୟୁ ମାମଲାକୁ ହତ୍ୟା (ନଂ.୩୬୦/୨୪) ମାମଲାରେ ପରିଣତ କରିଥିଲା। ଖବର ପାଇ ମୃତକଙ୍କ ସ୍ତ୍ରୀ ଗୋଳନ୍ଥରା ଥାନାରେ ସେପ୍ଟମ୍ବର ୪ରେ ପହଞ୍ଚି ପୋଲିସ ଉପସ୍ଥିତିରେ ଶ୍ମଶାନକୁ ଯାଇ ତାଙ୍କ ସ୍ୱାମୀଙ୍କ ମୃତଦେହ ଚିହ୍ନଟ କରିଥିଲେ। ମଞ୍ଜୁଳାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି ଢେଙ୍କାନାଳ ପଣ୍ଡାନାଳି ଅଞ୍ଚଳର ଟ୍ରକ ଚାଳକ ଶଶିକାନ୍ତ ସାହୁ, ହେଲପର ଗୋବିନ୍ଦପ୍ରସାଦର କମଳକାନ୍ତ ଜେନା ଓରଫ ଜଟ ଏବଂ ସହଯୋଗୀ ସାନୁ ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତଦନ୍ତବେଳେ କୁନା ସୁରଟରୁ ଟ୍ରେନ ଯୋଗେ ଫେରୁଥିବା ବେଳେ ଆନ୍ଧ୍ର ପ୍ରଦେଶରେ ଭୁଲବଶତଃ ଓହ୍ଲାଇ ପଡିଥିଲେ। ସେହି ସମୟରେ ଉପରୋକ୍ତ ଅଭିଯୁକ୍ତମାନେ ତାଙ୍କୁ ଟ୍ରକରେ ବସାଇ ବ୍ରହ୍ମପୁରରେ ଛାଡି ଦେବେ ବୋଲି କହି ଆଣିଥିଲେ। ପରେ ରାସ୍ତାରେ ସେମାନେ କୁନାଙ୍କୁ ମାଡ ମାରି ହତ୍ୟା କରି ଭାଲିଆଗଡଠାରେ ଫିଙ୍ଗି ଚାଲି ଯାଇଥିଲେ ବୋଲି ପୋଲିସ ଜାଣିବାକୁ ପାଇଥିଲା।

## ଖରିଡା କାଜୁ ବଣରୁ ଗଳିତ ମୃତଦେହ ଜବତ ଘଟଣା, ୨ ଗିରଫ



ହିଞ୍ଜିଳିକାଟୁ, ୨୭।୯ (ଦ୍ୱିତୀକୃଷ୍ଣ ପଣ୍ଡା)- ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଖରିଡା ଗାଁ ନିକଟ ଋଷିକୂଲ୍ୟା ନଦୀ ନିକଟ କାଜୁ ତୋଟାରୁ ଶୁକ୍ରବାର ଖରିଡା ଗାଁର ଶ୍ରମିକ ଶ୍ରୀକାନ୍ତ ସେଠୀଙ୍କ ଗଳିତ ମୃତଦେହ ଜବତ ପରେ ମୃତ୍ୟୁର କାରଣ ଏଯାଏ ସ୍ପଷ୍ଟ ହୋଇନି। ପୋଲିସ ପ୍ରାରମ୍ଭିକ ତଦନ୍ତରୁ ଚାଷ ଫସଲକୁ ବାରହା ଉପଦ୍ରବରୁ ରକ୍ଷା ପାଇଁ ବିଛା ଯାଇଥିବା ବିଦ୍ୟୁତ୍‌ତାର ଲାଗି ଶ୍ରୀକାନ୍ତଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରୁଛି। ଏହି ଘଟଣାରେ ପ୍ରମାଣ ନଷ୍ଟ ପାଇଁ ଜମି ମାଲିକ ଓ ଅନ୍ୟ ଜଣକୁ ପୋଲିସ ପ୍ରମାଣ ନଷ୍ଟ ଓ ମୃତଦେହକୁ ଉଠାଇ କାଜୁ ତୋଟାରେ ଫୋପାଡ଼ି ଦେବା ଆରୋପରେ ଶନିବାର ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ହିଞ୍ଜିଳିକାଟୁ ଥାନାତୋଟା ସାହିର ତଥା ଖରିଡା ଗାଁରେ ଇଟାଭାଟି କରିଥିବା ଦାମ ପାଣିଗ୍ରାହୀ ଓ ପୁରୁଷୋତ୍ତମପୁର ଥାନା ନରସିଂହପୁର ଗ୍ରାମର ତଥା ଇଟାଭାଟିରେ ରାତି ଜଗୁଆଳୀ ଥିବା ଡି. ସଞ୍ଜୟ ରେଡ୍ଡୀ। ପ୍ରକାଶ ଯେ, ସବୁଦିନ ପରି ୪ ଜଣ ଶ୍ରମିକଙ୍କୁ ନେଇ ଜଣେ ଟ୍ରାକ୍ଟର ଡ୍ରାଇଭର ବୁଧବାର ରାତିରେ ଋଷିକୂଲ୍ୟା ନଦୀକୁ ବାଲି ଉଠାଇବାକୁ ଯାଇଥିଲେ। ସେଠାରେ ଶ୍ରୀକାନ୍ତଙ୍କୁ ଛାଡି ଅନ୍ୟମାନେ ଗାଁକୁ ଫେରି ଆସିଥିଲେ। ଶ୍ରୀକାନ୍ତଙ୍କ ନିଖୋଜ ନେଇ ଫେରିଥିବା ଅନ୍ୟ ମାନେ ପରିବାର ଲୋକଙ୍କୁ ସ୍ପଷ୍ଟ କରି ନ ଥିଲେ। ଫଳରେ ବାଲି ମାଫିଆଙ୍କ ଆକ୍ରମଣ କିମ୍ବା ପୂର୍ବଶତ୍ରୁତାରୁ ସୁଚିନ୍ତିତ ଯୋଜନାରେ ଶ୍ରୀକାନ୍ତଙ୍କୁ ଆକ୍ରମଣ ନେଇ ସନ୍ଦେହ ଉପୁଜିଛି। ଗୁରୁବାର ଶ୍ରୀକାନ୍ତଙ୍କ ବାପା ଦୀନବନ୍ଧୁ ସେଠୀ ପୁଅର ନିଖୋଜ ନେଇ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୭୩୩/୨୫ରେ ଏକ ମାମଲା ରୁଜୁ କରି ନୀରବ ରହିଥିଲା। ତେବେ ଘଟଣାକୁ ପୋଲିସ ଗୁରୁତ୍ୱ ନ ଦେବାରୁ ଶୁକ୍ରବାର ଖରିଡା ଗାଁର ଶତାଧିକ ମହିଳା ପୁରୁଷଙ୍କ ସମେତ ପରିବାର ଲୋକେ ହିଞ୍ଜିଳି ଥାନା ଘେରାଉ କରିଥିଲେ। ପରେ ପୋଲିସ ଖରିଡା ନିକଟ ମଶାଣିକୁ ଲାଗିଥିବା କାଜୁ ବଗିଚାରୁ ଶ୍ରୀକାନ୍ତଙ୍କ ଗଳିତ ମୃତଦେହ ଜବତ କରିଥିଲା।

## ଆମକୁ ସୁଯୋଗ ଦିଅ, ଆମେ ସୁସ୍ଥ ଓଡ଼ିଶା ଦେବୁ

ବ୍ରହ୍ମପୁର, ୨୭।୯ (ସୁବାସ ଚନ୍ଦ୍ର ପାଢ଼ୀ)

### ଆୟୁଷ ସଙ୍ଗଠନ ପାଳିଲା କଳା ଦିବସ

ଆୟୁଷ ଛାତ୍ର ସଂଗଠନ ପକ୍ଷରୁ ସମସ୍ତ ସରକାରୀ ଆୟୁଷ ମହାବିଦ୍ୟାଳୟରେ କଳା ଦିବସ ପାଳନ କରାଯାଇଛି। ବିଜୁ ପଟ୍ଟନାୟକ ଭେଷଜ ହୋମିଓପାଥିକ କଲେଜରେ ଶନିବାର ଏହି ଦିବସ ପାଳନ ହୋଇଥିଲା। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ୨୦୨୩ ଆଜିର ଦିନରେ ଭୁବନେଶ୍ୱରଠାରେ ହୋଇଥିବା ଆନ୍ଦୋଳନରେ ଛାତ୍ରୀଛାତ୍ରଙ୍କୁ ପୋଲିସ ଉଠାଇ ନେଇଥିଲା ଓ ବର୍ବୋରଚିତ ବ୍ୟବହାର କରିଥିଲା। ତାହାର ପ୍ରତିବାଦରେ ବିଗତ ବର୍ଷ ଭଳି ଶନିବାର ଆୟୁଷ ଛାତ୍ର ସଙ୍ଗଠନ ରାଜ୍ୟବ୍ୟାପୀ କଳା ଦିବସ ପାଳନ କରିଛି। ସମସ୍ତ ଛାତ୍ରୀଛାତ୍ର, କାର୍ଯ୍ୟରତ ହାଉସ ସର୍ଜନ କଳାବ୍ୟାଜ ପିନ୍ଧି ତତ୍କାଳୀନ ସରକାରଙ୍କ ଉକ୍ତ ଘଟଣାର ପ୍ରତିବାଦ କରିଥିଲେ। ବର୍ତ୍ତମାନର ସରକାରଙ୍କୁ ଆୟୁଷ ବିଭାଗର ସର୍ବାଙ୍ଗୀନ ଉନ୍ନତି ପାଇଁ ଦାବି କରିଛନ୍ତି। ଲୋକଙ୍କ ସରକାର ସଦାସର୍ବଦା ଆୟୁଷ ଛାତ୍ରୀଛାତ୍ରଙ୍କ ସହିତ ରହିଛନ୍ତି। ହେଲେ ଛାତ୍ରୀଛାତ୍ରୀଙ୍କ ମୂଳ ଦାବି ଆଜି ପର୍ଯ୍ୟନ୍ତ ପୂରଣ ହୋଇନାହିଁ। ଆଗାମୀ ଦିନରେ ଦାବି ପୂରର ସହିତ ବିଭିନ୍ନ ବିକାଶମୂଳକ ପଦକ୍ଷେପ ଗ୍ରହଣ କରିବା ଆଶା ରହିଛି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ସେମାନେ କହିଛନ୍ତି ଯେ, ଆମକୁ ସୁଯୋଗ ଦିଅ ଆମେ ସୁସ୍ଥ ଓଡ଼ିଶା ଦେବୁ। ଏହି କାର୍ଯ୍ୟକ୍ରମରେ ଉକ୍ତ କଲେଜର ବହୁ ଡାକ୍ତର ଯୋଗଦେଇଥିଲେ।



ଡାକ୍ତରମାନେ କଳାବ୍ୟାଜ ପିନ୍ଧି କଳାଦିବସ ପାଳୁଛନ୍ତି।

## ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା: ସଫଳ ନ ହେଲେ ପଦୋନ୍ନତି ନାହିଁ

ବ୍ରହ୍ମପୁର, ୨୭।୯ (ସୁବାସ ଚନ୍ଦ୍ର ପାଢ଼ୀ)

### ପ୍ରଥମ ଦିନରେ ୧୭୬ ଶିକ୍ଷକ ଅନୁପସ୍ଥିତ

ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଶନିବାର ଆରମ୍ଭ ହୋଇଛି। ପୂର୍ବରୁ ଗତ ଜୁଲାଇରେ ପରୀକ୍ଷା ହେବାକୁ ଥିବାବେଳେ ପ୍ରଶ୍ନପତ୍ର ପ୍ରଘଟ ଯୋଗୁ ସ୍ଥଗିତ ରହିଥିଲା। ଚଳିତ ବର୍ଷ ପରୀକ୍ଷା ନିମନ୍ତେ ବୋର୍ଡ଼ ପକ୍ଷରୁ ପ୍ରଶ୍ନ ପତ୍ର କଡ଼ା ସୁରକ୍ଷାରେ ରଖାଯାଇଛି। ଏହା ସହ ପରୀକ୍ଷା ପରିଚାଳନା ସୁରକ୍ଷିତ ଭାବେ କରିବା ପାଇଁ ବୋର୍ଡର ନିର୍ଦ୍ଦେଶ ରହିଛି। ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲା ଶିକ୍ଷା ପ୍ରଶାସନ ପକ୍ଷରୁ ପରୀକ୍ଷା ପରିଚାଳନା ପାଇଁ ବ୍ୟପକ ବ୍ୟବସ୍ଥା କରାଯାଇଛି। ସ୍ୱତନ୍ତ୍ର ଓଟିଇଟି ପରିକ୍ଷା ନିମନ୍ତେ ଗଞ୍ଜାମ ଜିଲା ନିମନ୍ତେ ବ୍ରହ୍ମପୁର ସହରର ବିଭିନ୍ନ ବିଦ୍ୟାଳୟରେ ମୋଟ ୧୩ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ଉକ୍ତ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ୫ ହଜାର ୭୧୮ ଶିକ୍ଷକ ଏହି ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଦେବାକୁ ବ୍ୟବସ୍ଥା ହୋଇଛି। ସେମାନଙ୍କ ପେପର- ୧ରେ ୧୯୬୩ ଜଣ ଓ ପେପର- ୨ ରେ ୩୭୫୫ ଜଣ ଫର୍ମପୂରଣ କରିଥିଲେ। ପଦୋନ୍ନତି ପାଇଁ ଓଟିଇଟି ବାଧ୍ୟତାମୂଳକ ହୋଇଥିବାରୁ ଏହି ସ୍ୱତନ୍ତ୍ର ଓଟିଇଟି କରାଯାଉଛି। ଶନିବାର ସକାଳ ୯ଟାରୁ ପେପର-୧ ପରୀକ୍ଷା ଆରମ୍ଭ ହୋଇ ୧୧.୩୦ରେ ଶେଷ ହୋଇଥିଲା। ତେବେ ପ୍ରଥମ ଦିନର ପରୀକ୍ଷାରେ ୭୬ ଶିକ୍ଷକ ଅନୁପସ୍ଥିତ ଥିଲେ। ୧୮୮୭ ଜଣ ପରୀକ୍ଷା ଦେଇଥିବା ଜଣାପଡିଛି। ସେହିପରି ପେପର-୨ ଅପରାହ୍ନ ୨ଟାରୁ ଆରମ୍ଭ ହୋଇ ୪.୩୦ରେ ଶେଷ ହୋଇଛି। ଏହି ପରୀକ୍ଷାରେ ୯୯ ଶିକ୍ଷକ ଅନୁପସ୍ଥିତ ଥିଲେ। ୩୬୫୬ ଜଣ ପରୀକ୍ଷା ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ (ଡିଇଓ) ଓ ଜିଲାପାଳଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ହୋଇଥିଲା। ବୋର୍ଡ ମୁଖ୍ୟାଳୟରୁ ପରୀକ୍ଷା କେନ୍ଦ୍ର ଯାଏ ପ୍ରଶ୍ନପତ୍ର କଡ଼ା ସୁରକ୍ଷା ମଧ୍ୟରେ ଜିଲାର ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ଅଣାଯାଇଥିଲା। ପ୍ରଶ୍ନପତ୍ରକୁ ପୋଲିସ ଏବଂ ପ୍ରଶାସନିକ ଅଧିକାରୀମାନେ ସୁରକ୍ଷା ବଳୟ ମଧ୍ୟରେ ସହରର ସମସ୍ତ କେନ୍ଦ୍ରରେ ଶୁକ୍ରବାର ପ୍ରଶ୍ନପତ୍ର ପହଞ୍ଚାଇଥିଲେ। ଶନିବାର ପରୀକ୍ଷା ଶେଷ ହେବା ପରେ ପୋଲିସ ସୁରକ୍ଷିତ ଭାବେ ପ୍ରଶ୍ନପତ୍ର ସହ ଉତ୍ତରଖାତା ନୋଡାଲ ସେଣ୍ଟରକୁ ପଠାଯାଇଛି। ଅନ୍ୟପକ୍ଷରେ ପ୍ରଶ୍ନପତ୍ର ଲିକ ନ ହେବା ଲାଗି ପ୍ରଶ୍ନପତ୍ରରେ ୱାଟର ମାର୍କ ଏବଂ ପ୍ରତି ପ୍ରଶ୍ନରେ ସିରିଏଲ କୋଡ ନମ୍ବର ରହିଛି। ଏହାଦ୍ୱାରା ପ୍ରଶ୍ନପତ୍ର ଲିକ ହେଲେ କେଉଁ ସେଣ୍ଟର କିମ୍ବା ଏବଂ କାହାଠାରୁ ଲିକ୍ ହେଲା ଜାଣିବା ସହଜ ହେବ। ପ୍ରଶ୍ନପତ୍ର ସେଣ୍ଟରକୁ ଯିବାବେଳେ, ଟିଣ ବାକ୍ସରେ ଦୁଇଟି ମାନୁଆଲ ଚାବି ସହିତ ଡିଜିଟାଲ ଲକ୍ ରହିଛି। ପ୍ରଶ୍ନପତ୍ର ବୋର୍ଡରୁ ଯିବା ଠାରୁ ସେଣ୍ଟରରେ ଅଧିକାରୀ ଗ୍ରହଣ କରିବା ପର୍ଯ୍ୟନ୍ତ ଜିପିଏସ ଟ୍ରାକିଂର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ପ୍ରଶ୍ନପତ୍ର ଗ୍ରହଣ କରିବା ପରେ ଏହାକୁ ଷ୍ଟ୍ରଙ୍ଗ ରୁମରେ ସିସିଟିଭି କଭରେଜରେ କଡା ସୁରକ୍ଷା ଭିତରେ ରଖିଯାଇଛି। ଏହା ସହ କେନ୍ଦ୍ରକୁ ପ୍ରବେଶ ପଥରେ ମଧ୍ୟ ସିସିଟିଭି ଲଗାଯାଇଛି। ବୋର୍ଡ କାର୍ଯ୍ୟାଳୟରେ ଥିବା କଣ୍ଟ୍ରୋଲ ରୁମ ମାଧ୍ୟମରେ ପୂରା ପ୍ରକ୍ରିୟାକୁ ଟ୍ରାକ କରାଯାଉଥିବା ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ଼. ପ୍ରଭାତୀ ମହାପାତ୍ର କହିଛନ୍ତି। ଜିଲାରେ ଲଘୁଚାପଜନିତ ବର୍ଷା ଲାଗି ରହିଥିବା ବେଳେ ଯେ କୌଣସି ସମୟରେ ମଧ୍ୟ ବିଦ୍ୟୁତ କାଟର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତ କେନ୍ଦ୍ରରେ ଜେନେରେଟର କିମ୍ବା ଇନଭର୍ଟର ବ୍ୟବସ୍ଥା କରିବାକୁ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିର୍ଦ୍ଦେଶ ରହିଛି। ପରୀକ୍ଷାରେ ଯେଭଳି ପ୍ରଶ୍ନପତ୍ର ତ୍ରୁଟି କିମ୍ବା ପ୍ରଘଟ ନ ହେବ, ତାହାକୁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦେଉଥିବା ମହାପାତ୍ର କହିଛନ୍ତି।




# ସ୍କୁଲ ଭିତରେ ବିଇଓଙ୍କୁ ୫ ଘଣ୍ଟା ତାଲା ପକାଇ ରଖିଲେ ଗ୍ରାମବାସୀ

**ରାଇଘର, ୨୭।୯(କିରଣ ପଟ୍ଟନାୟକ)**

■ ହଷ୍ଟେଲ ଅନ୍ତେବାସୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା
■ ୨ ଲକ୍ଷ କ୍ଷତିପୂରଣ, ପ୍ରଧାନ ଶିକ୍ଷକ ନିଲମ୍ବିତ

ନବରଙ୍ଗପୁର ଜିଲା ରାଇଘର ବ୍ଲକ୍ ଡୁରୁଡ଼ିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ସପ୍ତମ ଶ୍ରେଣୀ ଛାତ୍ର ମଙ୍ଗଳ ସିଂ ଗଣ୍ଡ ଶୁକ୍ରବାର ରାତିରେ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଛି। ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗକରି ଗ୍ରାମବାସୀଙ୍କ ସମେତ ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ବ୍ଲକ୍ ଅଧ୍ୟକ୍ଷ ଗୁପ୍ତପ୍ରସାଦ ଝାଙ୍କର, କଂଗ୍ରେସ ନେତା ସନରାଜ ଗଣ୍ଡ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ନବୀନା ନାୟକ, ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ର ଗଣ୍ଡ, ସମିତି ସଭ୍ୟ ରାମନାଥ କେଉଟ ପ୍ରମୁଖ ଧାରଣାରେ ବସିଥିଲେ। ଘଟଣାର ତଦନ୍ତ କରିବାକୁ ସ୍କୁଲକୁ ଆସିଥିବା ବିଇଓ ବିକାଶ ଚନ୍ଦ୍ର ସରକାରଙ୍କୁ ଗ୍ରାମବାସୀ ତାଲା ପକାଇ ଦେଇଥିଲେ। ଦୀର୍ଘ ୫ଘଣ୍ଟା ଧରି ବିଇଓଙ୍କୁ ଗ୍ରାମବାସୀ ତାଲା ପକାଇ ରଖିଥିଲେ। ଖବରପାଇ ଅତିରିକ୍ତ ତହସିଲଦାର ମୌସୁମୀ ସାଜନ, ଏବିଡିଓ ବିଜୟ କୁମାର ସେଠୀ, ମଙ୍ଗଳ ଅଧିକାରୀ ଶ୍ୟାମସୁନ୍ଦର ଧୂରୁଆ, ରାଇଘର ଥାନାଧିକାରୀ ରଘୁନାଥ ମାଝୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନର ହସ୍ତକ୍ଷେପ ପରେ ଗ୍ରାମବାସୀ ତାଲା ଖୋଲି ବିଇଓଙ୍କୁ ବାହାର କରିଥିଲେ। ମୃତ ଛାତ୍ରଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ସହ ପ୍ରଧାନ ଶିକ୍ଷକ ନନିଗୋପାଳ ବିଶ୍ୱାସଙ୍କୁ ନିଲମ୍ବନ କରାଯିବା ପରେ ଉତ୍ତ୍ୟକ୍ତ ଲୋକେ ଧାରଣାରୁ ହଟିଥିଲେ।


ଅଧିକାରୀମାନେ ଧାରଣାରେ ବସିଥିବା ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ସୂଚନାନୁଯାୟୀ, କଟାରପରା ପଞ୍ଚାୟତ ଓଡ଼ଣ୍ଡୀ ଗ୍ରାମର ମଙ୍ଗଳ ସିଂ ଗଣ୍ଡ ଡୁରୁଡ଼ିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢ଼ନ୍ତି। ସେ ସ୍କୁଲ ହଷ୍ଟେଲରେ ରହୁଥିଲେ। ଶୁକ୍ରବାର ରାତ୍ରି ୧୧ଟା ୩୦ରେ ମଙ୍ଗଳ ସିଂ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ହଷ୍ଟେଲ କର୍ତ୍ତୃପକ୍ଷ ଏହ ଜାଣିବାପରେ ତାଙ୍କୁ ହାଟଭରଣ୍ଡି ଡାକ୍ତରଖାନାକୁ ନେଇଥିଲେ। ରାତି ୧୨ଟା୩୦ରେ ଡାକ୍ତର ଛାତ୍ରଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ରାତି ୧ଟା ୩୦ରେ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। ଦୀର୍ଘ ୪୫ ମିନିଟ୍ ପରେ ସେଠାରେ ଡାକ୍ତର ମଙ୍ଗଳ ସିଂଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପ୍ରଧାନ ଶିକ୍ଷକ ନନିଗୋପାଲ ବିଶ୍ୱାସଙ୍କୁ ପଚାରିବାରୁ ଛାତ୍ର ଜଣଙ୍କ ସିକଲ୍‌ସେଲ୍ ରୋଗରେ ପୀଡ଼ିତ ଥିଲେ। ଦୀର୍ଘ ୧ ବର୍ଷ ହେବ ତାଙ୍କ ସ୍ୱାସ୍ଥ୍ୟ ଖରାପ ରହୁଥିଲା ବୋଲି କହିଥିଲେ।

# ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ସୁନା ଅଣ୍ଡାଦିଆ କୁକୁଡ଼ା ଭଳି ବ୍ୟବହାର କରୁଛନ୍ତି: କଂଗ୍ରେସ

**ଭୁବନେଶ୍ୱର, ୨୭।୯(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସପ୍ତମ ଥର ଲାଗି ଓଡ଼ିଶା ଗସ୍ତରେ ଆସିଛନ୍ତି। ଖଣିଜ ଦ୍ରବ୍ୟ, ପ୍ରାକୃତିକ ସମ୍ପଦକୁ ଖୋଲାଖୋଲି ଲୁଟକରି ପ୍ରାଚୁର୍ଯ୍ୟରେ ଭରା ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ଏକ ସୁନା ଅଣ୍ଡାଦିଆ କୁକୁଡ଼ା ଭଳି ବ୍ୟବହାର କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି।

କଂଗ୍ରେସ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ସୋନାଲି ସାହୁ କହିଛନ୍ତି, ଭାଜପା କେବଳ ବିଜ୍ଞାପନ ଓ ଭାଷଣରେ ସରକାର ଚଳାଇଛି। ତାଙ୍କ ସରକାର ଆସିଲେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟାଳୟ ପଶ୍ଚିମରେ ହେବ ଏବଂ ଏହାର ଅନୁଦାନ ହଜାର ହଜାର କୋଟି କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ସେ ଦିଗରେ ପାହୁଣ୍ଡଟିଏ କାର୍ଯ୍ୟ ମଧ୍ୟ ଅଗ୍ରସର ହୋଇନାହିଁ। ହାଇକୋର୍ଟ ବେଞ୍ଚ ସ୍ଥାପନ ଅଞ୍ଚଳବାସୀଙ୍କ ଏକ ପୁରୁଣା ଦାବି ସେଥିପ୍ରତି ମଧ୍ୟ ସରକାର ଉଦାସୀନ। ଏସବୁ ପଶ୍ଚିମ ଓଡିଶାବାସୀଙ୍କ ପ୍ରତି ଧୋକା ବ୍ୟତୀତ ଅନ୍ୟ କିଛି ନୁହେଁ। ବିଜେଡି ସରକାର ଥିବାବେଳେ ଛତିଶଗଡ଼ ସହ ଥିବା ମହାନଦୀ ଜଳ ବିବାଦକୁ ନେଇ ରକ୍ତମୁଖା ହୋଇଥିବା ଭାଜପା ଏବେ ଟ୍ରିପଲ ଇଞ୍ଜିନ ସରକାର ହୋଇ ମଧ୍ୟ ସମାଧାନ କରିପାରୁ ନାହିଁ। ଓଡିଶାକୁ ସ୍ୱତନ୍ତ୍ର ଅନୁଦାନ ତ ନାହିଁ ଖାଲିଟାରେ ପ୍ରଧାନମନ୍ତ୍ରୀ କାହିଁକି ବାରମ୍ବାର ଆସି ରାଜ୍ୟକୁ ବହୁ କୋଟି ଟଙ୍କାର ଖର୍ଚ୍ଚାନ୍ତ କରୁଛନ୍ତି ବୋଲି କଂଗ୍ରେସ ପ୍ରଶ୍ନ କରିଛି।

# ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା

# ଦ୍ୱିତୀୟ ପର୍ଯ୍ୟାୟ ଚାର୍ଜଶିଟ୍ ଦାଖଲକଲା କ୍ରାଇମବ୍ରାଞ୍ଚ

**ବାଲେଶ୍ୱର, ୨୭।୯(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ମାମଲାରେ କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ତଦନ୍ତ ଜାରି ରହିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଏଚ୍‌ଓଡି ସମୀର ସାହୁ, ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷ, ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ରନେତା ଶୁଭ୍ର ସମ୍ବିତ ନାୟକଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଗିରଫ କରି କୋର୍ଟଚାଲାଣ କରିଥିଲା। ସମସ୍ତ ଅଭିଯୁକ୍ତ ଏବେ ଜିଲା କାରାଗାରର ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଏହି ମାମଲାର ତଦନ୍ତ କରି କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ଶନିବାର ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଦ୍ୱିତୀୟ ପର୍ଯ୍ୟାୟ ଚାର୍ଜଶିଟ୍ ଦାଖଲ କରାଯାଇଛି।


କୋର୍ଟ ପରିସରରେ କ୍ରାଇମବ୍ରାଞ୍ଚ ଟିମ୍।

ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ଇମାନ କଲ୍ୟାଣ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ କୋର୍ଟରେ ଉପସ୍ଥିତ ହୋଇ ଏହି ଚାର୍ଜଶିଟ୍ ଦାଖଲ କରିଥିବା ଜଣାପଡ଼ିଛି। ଗତ ୯ ତାରିଖରେ ଡିଏସ୍‌ପି ନାୟକଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ କୋର୍ଟରେ ଉପସ୍ଥିତ ହୋଇ ୫୦୪ ପୃଷ୍ଠା ସମ୍ବଳିତ ଚାର୍ଜଶିଟ୍ ଦାଖଲ କରିଥିଲେ। ଏଥିରେ ୧୨୦ଜଣ ସାକ୍ଷୀଙ୍କ ନାମ ରହିଥିଲା।

ବିଭାଗୀୟ ଏଚ୍‌ଓଡି ସମୀର ସାହୁଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିଲେ ଛାତ୍ରୀ ସୌମ୍ୟାଶ୍ରୀ। ନ୍ୟାୟ ନ ପାଇ ଗତ ଜୁଲାଇ ୧୨ ତାରିଖରେ ସେ ଆତ୍ମାହୁତି ଉଦ୍ୟମ କରିଥିଲେ। ପରେ ଜୁଲାଇ ୧୪ରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାଦିନ ଏଚ୍‌ଓଡି ସାହୁ ଓ ୧୪ ତାରିଖରେ ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଛାତ୍ରୀଙ୍କୁ ଆତ୍ମାହୁତି ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଗତ ଅଗଷ୍ଟ ୩ ତାରିଖରେ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ରନେତା ଶୁଭ୍ର ସମ୍ବିତ ନାୟକଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା।

# ଭାଜପା ଶାସନରେ ନିଅଁ ପକାଇବାକୁ ଲାଗିଗଲା ୧୧ ବର୍ଷ: ବିଜେଡି

**ଭୁବନେଶ୍ୱର, ୨୭।୯(ସୁନିତ୍ ମିଶ୍ର)**

ଭାଜପା ଶାସନରେ ଯଦି ନିଅଁ ପକାଇବାକୁ ୧୧ ବର୍ଷ ପଳେଇଲାଣି ତେବେ ଛାତ ପାଇଁ କେତେଦିନ ଲାଗିବ। ସେମାନଙ୍କୁ କ'ଣ ସବୁବେଳେ ଲୋକ ଭୋଟ ଦେଉଥିବେ ନା ସେମାନେ ଶାସନରେ ଥିବେ ବୋଲି ବିଜେଡି ନେତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶନିବାର ପ୍ରମିଳା କହିଛନ୍ତି, ଯେବେଠାରୁ ଭାଜପା ସରକାରକୁ ଆସିଲାଣି ସେମାନେ ଯେତିକି ପ୍ରକଳ୍ପ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ବା ଶୁଭ ଦେଇଛନ୍ତି ସେଥିରୁ କେତୋଟି ସାରିଲେଣି। ତାଳଚେର ସାର କାରଖାନା କେତେଦିନରେ ଚଳେଇବେ ବୋଲି କହିଥିଲେ। ମିଛ ପ୍ରଚାର ଛଡ଼ା ଭାଜପା ସରକାର କିଛି କରୁନାହିଁ। ରାଜ୍ୟରେ ବେକାରିଙ୍କ ସଂଖ୍ୟା ବୃଦ୍ଧି ପାଇ ଚାଲିଛି। ନାରୀ ନିର୍ଯାତନା ବଢ଼ିଛି। ମହିଳାମାନେ ବଳାତ୍କାରର ଶିକାର ହେଉଛନ୍ତି। ଚାଷୀଙ୍କ ସମସ୍ୟା ସମାଧାନକରି ସାର ଯୋଗାଇ ପାରୁନାହାନ୍ତି। ଖାଲି ନୂଆ ସ୍ୱପ୍ନ ଦେଖାଇବାରେ ଏମାନେ ମାହିର। କିନ୍ତୁ ସାଧାରଣ ଲୋକଙ୍କ ଆଶା କିଛି ଏଯାଏଁ ପୂରଣ ହେଲାନାହିଁ ବୋଲି ପ୍ରମିଳା କହିଛନ୍ତି।



ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି- ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। -ଶ୍ରୀଅରବିନ୍ଦ

ପୀଠେ ଶ୍ରୀଦୁର୍ଗାଦେବୀଙ୍କ ତ୍ରିଦିନାତ୍ମକ ସପ୍ତମୀ ପୂଜା



# ନୂଆ ଭାରତର ସ୍ଥିତି



**ଆକାର ପଟେଲ**

'ଈଶ୍ୱର ତାଙ୍କ ଚମତ୍କାରିତା ପ୍ରଦର୍ଶନ କରିବା ପାଇଁ ରହସ୍ୟମୟ ତରିକାରେ ଆଗକୁ ବଢ଼ନ୍ତି' (ଗଡ୍ ମୁଭସ୍ ଇନ୍ ମିଷ୍ଟେରିୟସ ୱେଜ୍ ହିଜ୍ ୱଣ୍ଡର୍ସ ଟୁ ପର୍‌ଫର୍ମ)- ଏହି ଐଶ୍ୱରୀୟ ସ୍ତୁତିକୁ ମୁଁ ସ୍କୁଲରେ ପଢ଼ିଥିଲି। ପ୍ରକୃତ କଥା ହେଉଛି ମନୁଷ୍ୟର ଜ୍ଞାନ ବାହାରେ ସାଧାରଣତଃ ଅଲୌକିକ ଘଟଣା ଘଟିଥାଏ, ଯେଉଁଠି ଉଚ୍ଚତର ଶକ୍ତି କାମ କରେ। ସେଭଳି କିଛି ଭାରତର ବୈଦେଶିକ ନୀତିରେ ଘଟୁଛି। ସରକାରଙ୍କ ପ୍ରଚାର ଅନୁଯାୟୀ ଏହି କ୍ଷେତ୍ରରେ ବଡ଼ ଜିନିଷ ହାସଲ ହୋଇଛି, କିନ୍ତୁ ଏ ସମ୍ବନ୍ଧରେ ସବିଶେଷ ତଥ୍ୟ କେହି ଜାଣନ୍ତି ନାହିଁ। ତେବେ ଗୋଟିଏ ସପ୍ତାହ ମଧ୍ୟରେ ଜାତିସଂଘର ସାଧାରଣ ସଭାରେ ଆମର କ'ଣ ବିଜୟ ଘଟିଛି ସେ ସମ୍ପର୍କରେ ଜାଣିବା ପାଇଁ ଚାହିଁଲି ଏବଂ ଏଥିଲାଗି ମୋ ବନ୍ଧୁମାନଙ୍କ ଦ୍ୱାରା ପ୍ରସ୍ତୁତ ଏକ ଫାଇଲ ଉପଯୋଗୀ ହୋଇପାରେ ବୋଲି ଭାବିଲି। ଯଦି ତୁମେ ଏକ ବୈଦେଶିକ ନୀତିର ବୈଧ ତଥ୍ୟକୁ ପରଖିବ, ତେବେ ବୁଝିପାରିବ ଯେ ବିଶ୍ୱରେ ନୂଆ ଭାରତର ସ୍ଥିତି କେଉଁଠି। ଆମ ପଡ଼ୋଶୀଙ୍କଠାରୁ ଆରମ୍ଭ କରିବା। ମୁଁ ସୂଚିତ କରିପାରେ, ପାକିସ୍ତାନ ସହ ଆମ ସମ୍ପର୍କ ଖରାପ। ପାକିସ୍ତାନ ବିରୋଧରେ ଆମ ମିଲିଟାରି ଅପରେଶନକୁ ଶେଷ ନ କରି ସ୍ଥଗିତ ରଖିଥିବାରୁ ସେମାନଙ୍କ ସହ 'ଯୁଦ୍ଧ'ରେ ଅବତୀର୍ଣ୍ଣ ହୋଇଛୁ ବୋଲି କୁହାଯାଇପାରେ। 'ଯୁଦ୍ଧ'କୁ କୋଟେଶନ ଚିହ୍ନ ମଧ୍ୟରେ ରଖିବାର କାରଣ ହେଉଛି ଆମେ ବାସ୍ତବରେ ଯୁଦ୍ଧ ଘୋଷଣା କରିନାହୁଁ। ବାଂଲାଦେଶ ସେମାନଙ୍କ ପ୍ରଧାନମନ୍ତ୍ରୀଙ୍କୁ ଫେରାଇବା ଲାଗି ତାହା ଦାବି କରୁଛି, ଯେଉଁଥିରେ ତାଙ୍କୁ ଦଣ୍ଡିତ କରାଯାଇପାରେ। କିନ୍ତୁ ଆମେ ଏଯାବତ୍ ମନାକରି ଆସିଛୁ। ବାଂଲାଦେଶର ନେତା ସାର୍କକୁ ପୁନର୍ଗଠନ କରାଯିବାକୁ ଚାହୁଁଛନ୍ତି ଏବଂ ଭାରତ ଏହାକୁ ନିଷ୍କ୍ରିୟ କରିଦେବା ଅଭିଯୋଗ କରିଛନ୍ତି। ୨୦୨୨ରେ ଅଗ୍ନିପଥ ଯୋଜନା ଆରମ୍ଭ କରି ଭାରତୀୟ ଆର୍ମିରେ ନେପାଳୀମାନେ ଭାଗନେବାର ୨୦୦ ବର୍ଷର ସମ୍ପର୍କକୁ ଶେଷ କରିଦେଇଛନ୍ତି। ୨୦୧୫ରେ ନେପାଳୀଙ୍କ ବିରୋଧରେ କଟକଣା ସେମାନଙ୍କୁ କ୍ରୋଧିତ କରିଛି। ଗାଜାରେ ଗଣହତ୍ୟା ବନ୍ଦ କରିବା ପାଇଁ ଦାବି କରି ଶ୍ରୀଲଙ୍କା ଆମ ତୁଳନାରେ ଅଧିକ ସାହସ ଦେଖାଇଛି। କିଛିଦିନ ପୂର୍ବେ ସରକାରଙ୍କ ସମର୍ଥକମାନେ ମାଲଦେଭିସ ସହ ସମ୍ପର୍କ ନ ରଖିବାକୁ ଦାବି କରିଥିଲେ, କାରଣ ଆମେ ସେମାନଙ୍କ ଉପରେ ଅସନ୍ତୁଷ୍ଟ ଥିଲୁ। ଆମର ଏବେ ସେମାନଙ୍କ ସହ ବନ୍ଧୁତ୍ୱ ରହିଛି କି ନାହିଁ ତାହା ଅସ୍ପଷ୍ଟ। ଆମ ନେତାଙ୍କ ନିର୍ଦ୍ଦେଶରେ ଚାଇନିଜ ଟେଲିଭିଜନକୁ ନଷ୍ଟ କରିଥିଲୁ। ଏଥିପାଇଁ ଭାରତୀୟଙ୍କୁ କ୍ଷମା କରିଦିଆଯାଇପାରେ, କାରଣ କେବଳ ସେମାନେ ନୁହନ୍ତି, କେହି ବି ଏବେ ଚାଇନା ସହିତ ଆମ ସମ୍ପର୍କ କିଭଳି ରହିଛି ଜାଣନ୍ତି ନାହିଁ। ବିଗତ ଦିନରେ ତାଲିବାନକୁ ସମାଲୋଚନା କରୁଥିଲେ ବି ଏବେ ତାକୁ କାହିଁକି ଗ୍ରହଣ କରିଛୁ ସ୍ପଷ୍ଟ କରାଯାଉନାହିଁ। ୮ ବର୍ଷ ପୂର୍ବେ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ଆମେ ଇରାନଠାରୁ ତେଲ କିଣିବା ବନ୍ଦ କରିଥିଲୁ, ହେଲେ ସେମାନେ ଏବେ ମଧ୍ୟ ଆମ ତୀର୍ଥଯାତ୍ରୀଙ୍କୁ ଗ୍ରହଣ କରୁଛନ୍ତି।

ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ଆମେ ଦୁଇଟି ବିରାଟ ରାଲିର ଆୟୋଜନ କରିଥିଲୁ। ତାଙ୍କ ପାଇଁ ଆମ କର୍ପୋରେଟ ଟ୍ୟାକ୍ସ ହ୍ରାସ କରିଥିଲୁ ଓ ଆମେରିକା ନିର୍ବାଚନରେ ହସ୍ତକ୍ଷେପ କରିଥିଲୁ। ସେହି ଟ୍ରମ୍ପ ଏବେ ଆମ(୨୫%) ତୁଳନାରେ ପାକିସ୍ତାନ(୧୯%) ଏବଂ ବାଂଲାଦେଶ(୨୦%) ଉପରେ କମ୍ ଟାରିଫ ଲାଗୁ କରିଥିଲେ ଓ ପରେ ଆମ ଉପରେ ଆଉ ୨୫% ବଢ଼ାଇଛନ୍ତି। ଏହା ବ୍ୟତୀତ ଏଚ୍- ୱାନ୍ -ବି ଭିଜା ଦେୟ ବୃଦ୍ଧି କରି ୧,୦୦,୦୦୦ ଡଲାର କରିଛନ୍ତି। ଏବେ ସେ ଫାର୍ମା ଉପରେ ଆଉ ଅଧିକ ଟାରିଫ ଲଗାଇଛନ୍ତି। ଏହା ନିଶ୍ଚିତ ଯେ, ଆମେରିକା ଆମ ବନ୍ଧୁ ନୁହେଁ। କିନ୍ତୁ ଇସ୍ରାଏଲ ଆମ ବନ୍ଧୁ। ଜାତିସଂଘରେ ଗଣହତ୍ୟାକୁ ଯୁକ୍ତିଯୁକ୍ତ ଦର୍ଶାଇ ନେତାନ୍ୟାହୁ ଅଭିଭାଷଣ ରଖିଥିବାବେଳେ ବିଶ୍ୱର ବହୁ ଦେଶର ପ୍ରତିନିଧିମାନେ ବାହାରକୁ ଚାଲିଯାଇଥିଲେ, ହେଲେ ଭାରତ ତାଙ୍କୁ ପ୍ରଶଂସା କରିଥିଲା। ତୁର୍କୀ ଓ ଆଜାରବୈଜାନ ହେଉଛନ୍ତି ଶତ୍ରୁ, କାରଣ ସେମାନେ ପାକିସ୍ତାନର ବନ୍ଧୁ। ସମଗ୍ର ଆଫ୍ରିକୀୟ ଉପମହାଦେଶ(୫୪ରୁ ୫୩ଟି ଦେଶ, ପୁରୁଣା ସ୍ୱାଜିଲାଣ୍ଡକୁ ଛାଡ଼ି ସମସ୍ତେ) ଚାଇନାର ବେଲ୍ଟ ଆଣ୍ଡ୍ ରୋଡ୍ ପ୍ରୋଗ୍ରାମର ଅଂଶ ଭାବେ ରହିଛନ୍ତି। ନିଶ୍ଚିତ ଯେ, ସେମାନଙ୍କ ଉପରେ ଆମର ଅଧିକ ପ୍ରଭାବ ନାହିଁ। ସମାନ କାରଣ ପାଇଁ କେନ୍ଦ୍ର ଏସିଆ ଓ ଆସିଆନ ରାଷ୍ଟ୍ରଗୁଡ଼ିକ କ୍ଷେତ୍ରରେ ମଧ୍ୟ ସମାନ କଥା ଘଟୁଛି। ଚାଇନା ସହ ଭାରତର ଥିବା ବାଣିଜ୍ୟର ମାତ୍ର ୧୦% ଏବଂ ଆଫ୍ରିକା ସହ ଥିବା ବାଣିଜ୍ୟର ଏକ ଚତୁର୍ଥାଂଶ ରହିଛି ଆସିଆନ ସହ। ରୁଷିଆ ସହ ଆମର ନେଣଦେଣ ସମ୍ପର୍କ। ଅସ୍ତ୍ରଶସ୍ତ୍ର ପାଇଁ ଆମେ ସମ୍ପୂର୍ଣ୍ଣ ଭାବେ ଏହାକୁ ଏକ ଉତ୍ସ ଭାବେ ବ୍ୟବହାର କରୁଛୁ ଏବଂ ଏବେ ତେଲ ପାଇଁ ତାହା କରୁଛୁ। ପ୍ରତିବଦଳରେ ସେମାନେ ଆମକୁ ବନ୍ଧୁ ନୁହେଁ, ବରଂ ଗ୍ରାହକ ଭାବେ ଦେଖୁଛନ୍ତି। ଆମକୁ କଦାପି ସହଯୋଗୀ ଭାବେ ବିଚାର କରୁନାହାନ୍ତି। ଇସ୍ରାଏଲକୁ କୋଳେଇ ନେବା ଯୋଗୁ ଭାରତ ଆରବ ଦେଶଗୁଡ଼ିକର ଲୋକମାନଙ୍କ ସମର୍ଥନ ହରାଇଛି। ଏହା ଆରବ ଦେଶଗୁଡ଼ିକ ସହ ଥିବା ସମ୍ପର୍କକୁ ପ୍ରଭାବିତ କରି ନ ପାରେ, କିନ୍ତୁ ଆରବର ଏକଚ୍ଛତ୍ରବାଦୀ ଶାସକମାନେ ଆମକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି।

ମୂଲ୍ୟବୋଧ ଦୃଷ୍ଟିରୁ ଆମେ ଧର୍ମନିରପେକ୍ଷ, ଉଦାରବାଦୀ ବ୍ୟବସ୍ଥାରୁ ଦୂରେଇ ଯାଇଛୁ, ଯେଉଁଠିକୁ ଏବେ ୟୁରୋପୀୟ ଦେଶଗୁଡ଼ିକ ସେମାନଙ୍କ ଯୁବପିଢ଼ି ଯୋଗୁ ଫେରିବାକୁ ବାଧ୍ୟ ହେଉଛନ୍ତି। ଆମ ବ୍ରିକ୍ସ ସହଯୋଗୀ ବ୍ରାଜିଲ ଆମେରିକାର ସାମ୍ରାଜ୍ୟବାଦକୁ ଦୃଢ଼ ଭାବେ ଅସ୍ୱୀକାର କରିଛି, ଯାହା ଆମେ କେବେ ବି କରିନାହୁଁ। ବିଶ୍ୱରେ ଭାରତ ଏମିତି ଏତେ ଏପାଖ ସେପାଖ ହେବା ଇତିହାସରେ କୌଣସି ସମୟରେ କେବେ ବି ଦେଖାଯାଇନାହିଁ। କାହା ପକ୍ଷରେ ରହିବ କିମ୍ବା କାହା ବିରୋଧରେ ଠିଆହେବ ତାହାକୁ ନେଇ ଅଧିକ ଦ୍ୱନ୍ଦ୍ୱରେ ପଡ଼ିବା ଏବଂ ଅଧିକ ଅପମାନିତ ହେବା ବି ଅତୀତରେ ଲକ୍ଷ୍ୟ କରାଯାଇନାହିଁ। ଏହା ପାଠକଙ୍କୁ ବୁଝିବାରେ ସାହାଯ୍ୟ କରିବ କାହିଁକି ଆମେ ଜଗତୀକରଣର ଅନେକ ବର୍ଷ ପରେ ଜି୨୦ ନେତୃତ୍ୱ ଓ ବିଶ୍ୱଗୁରୁ ତଥା ଅନ୍ୟସବୁ ବିଷୟରେ କହି ଏବେ ଆତ୍ମନିର୍ଭର କଥା କହୁଛୁ। ଏହାକୁ ଆମେ ନୂଆ 'ନୂତନ ଭାରତ'ର ସ୍ଥିତି ବୋଲି କହିପାରିବା।

Email:aakar.patel@gmail.com

# ପେନ୍‌ସନର ଟେନ୍‌ସନ



**ନଳିନୀକାନ୍ତ ଧର**

ଭାରତ ଭଳି ବିକାଶୋନ୍ମୁଖୀ ଦେଶରେ ଯେଉଁଠି ଯୋଜନା ବାବଦ ଖର୍ଚ୍ଚ ଅଧିକ ହେବା ଆବଶ୍ୟକ ସେଠାରେ ଦରମା, ପେନ୍‌ସନ, ସୁଧ, ସବ୍‌ସିଡି, ପ୍ରତିରକ୍ଷା ଇତ୍ୟାଦିରେ ବଜେଟର ୭୧.୬୬ ପ୍ରତିଶତ (୨୦୨୫-୨୬) ରାଶି ବ୍ୟୟବରାଦ ହୋଇଯାଏ। ତେଣୁ ବିକାଶ ପାଇଁ ଯେତିକି ପୁଞ୍ଜି ଆବଶ୍ୟକ ଆମକୁ ସବୁବେଳେ ନିଅଣ୍ଟ ପଡ଼େ ଓ ବିତ୍ତୀୟ ନିଅଣ୍ଟକୁ ଭରଣା କରିବା ପାଇଁ ସରକାର ଉଭୟ ଦେଶୀୟ ଓ ବାହ୍ୟ ସୂତ୍ରରୁ ବହୁମାତ୍ରାରେ ଋଣ କରିଥାନ୍ତି। ପୂର୍ବ ପ୍ରଚଳିତ ପେନ୍‌ସନ ବ୍ୟବସ୍ଥାରେ ଭାରତବର୍ଷରୁ ବହୁରାଶି ଖର୍ଚ୍ଚ ହୋଇଥିବାରୁ ତତ୍କାଳୀନ ଏନ୍‌ଡିଏ ସରକାର ୨୦୦୪ ପରଠାରୁ ନୂତନ ପେନ୍‌ସନ ଯୋଜନା ଏନ୍‌ପିଏସ୍ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଆରମ୍ଭ କରିବା ପରେ ସମୟାନୁକ୍ରମେ ସମସ୍ତ ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ କରିଥିଲେ। ଏହି ନୂତନ ଯୋଜନାର ବିଶେଷତ୍ୱ ହେଲା ଯେ ପୂର୍ବ ଯୋଜନାରେ କେତେ ପେନ୍‌ସନ ରାଶି ପାଇବେ ତାହା ସ୍ପଷ୍ଟ ଭାବେ ଦର୍ଶାଯାଇଥିଲା। ନୂତନ ବ୍ୟବସ୍ଥା ଅନୁଯାୟୀ ନିଜସ୍ୱ ଦେୟର ଅର୍ଜିତ ରାଶି ଉପରେ ଆଧାରିତ ହୋଇଗଲା ଓ ସ୍ଥାୟିତ୍ୱ ମଧ୍ୟ ରହିଲା ନାହିଁ। ନୂତନ ପେନ୍‌ସନ ବ୍ୟବସ୍ଥା ଏନ୍‌ପିଏସ୍ ଯାହାକି ପୁଞ୍ଜିବଜାରରୁ ଆୟ ଉପରେ ନିର୍ଭରଶୀଳ, ତେଣୁ ଅବସର ପରେ କେତେ ପେନ୍‌ସନ ପାଇବେ ତାହା ନିର୍ଦ୍ଧାରିତ ନୁହେଁ ଓ ପେନ୍‌ସନ ରାଶି ମଧ୍ୟ ମୁଦ୍ରାସ୍ଫୀତି ସହ ତାଳଦେଇ ବୃଦ୍ଧି ପାଉ ନ ଥିବାରୁ ଏହା ବିଶେଷ ଆଦୃତ ହେଲା ନାହିଁ। ଦୀର୍ଘ ୨ଦଶନ୍ଧି ଧରି ପୁରୁଣା ପେନ୍‌ସନ ନୀତିକୁ ପୁନଃ ପ୍ରଚଳନ କରିବା ପାଇଁ ବିଭିନ୍ନ ସ୍ତରରେ ଦାବି ହୋଇ ଆସୁଛି ଓ ସ୍ଥଳ ବିଶେଷରେ ହିମାଚଳ ପ୍ରଦେଶ, ପଞ୍ଜାବ, ଛତିଶଗଡ଼ ଭଳି କେତେକ ରାଜ୍ୟ ପୂର୍ବ ପ୍ରଚଳିତ ପେନ୍‌ସନ ନୀତି ମଧ୍ୟ ପ୍ରଣୟନ କରିଛନ୍ତି।

ଭାରତ ସ୍ୱାଧୀନ ହେବା ସମୟରେ ଜଣେ ଭାରତୀୟଙ୍କର ହାରାହାରି ଆୟୁ ୩୨ ବର୍ଷ ଥିଲା , ଯାହାକି ବୃଦ୍ଧି ପାଇ ବର୍ତ୍ତମାନ ୭୨ରେ ପହଞ୍ଚିଛି। ଆଗାମୀ ଦିନରେ ଜନସାଧାରଣଙ୍କର ଆର୍ଥିକ ସ୍ୱଚ୍ଛଳତା, ସ୍ୱାସ୍ଥ୍ୟ ସଚେତନତା, ଚିକିତ୍ସା ବିଜ୍ଞାନର ଅଗ୍ରଗତି ଫଳରେ ଏହା ଆହୁରି ବୃଦ୍ଧି ପାଇବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। କ୍ରମାଗତ ଭାବରେ ସରକାର ପୁରାତନ ପେନ୍‌ସନ ବ୍ୟବସ୍ଥାକୁ ପୁନଃ ପ୍ରଚଳନ କରିବାକୁ ବିଭିନ୍ନ ଗୋଷ୍ଠୀର ଚାପର ସମ୍ମୁଖୀନ ହୋଇଥିଲେ ଓ ଶେଷରେ ବର୍ତ୍ତମାନ ସାର୍ବଜନୀନ ପେନ୍‌ସନ ବ୍ୟବସ୍ଥା (ୟୁପିଏସ୍) ପରି ଏକ ନୂତନ ପେନ୍‌ସନ ଯୋଜନା ପ୍ରଚଳନ କରିବାକୁ ଯାଉଛନ୍ତି। କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କ ପାଇଁ ଚଳିତ ସେପ୍ଟେମ୍ବର ଶେଷ ସୁଦ୍ଧା ନିଜର ସ୍ୱୀକୃତି ଦେବାପାଇଁ ସମୟ ନିର୍ଘଣ୍ଟ ହୋଇଛି। ପୂର୍ବ ପ୍ରଚଳିତ ନିର୍ଦ୍ଦିଷ୍ଟ ପେନ୍‌ସନ ଯୋଜନାର କେତୋଟି ମୁଖ୍ୟ ତ୍ରୁଟି ହେଲା, ଯେପରି ପ୍ରତିବର୍ଷ ରାଜକୋଷରୁ କେତେ ରାଶି ପେନ୍‌ସନ ବାବଦରେ ଯିବ ତାହା ଜଣା ନ ଥାଏ ଓ ବର୍ତ୍ତମାନ ସରକାରଙ୍କର ଖର୍ଚ୍ଚକୁ ଆଗାମୀ ବଂଶଧର ପାଇଁ ଏହାକୁ ଏକ ବୋଝ ଭାବରେ ଲଦି ଦିଆଯାଏ। ତେଣୁ ପୂର୍ବ ପେନ୍‌ସନ ବ୍ୟବସ୍ଥା ଓ ବର୍ତ୍ତମାନର ଏନ୍‌ପିଏସ୍ ବ୍ୟବସ୍ଥାର ଉଭୟର ଭାରସାମ୍ୟ ରଖି




ସରକାର ଏକ ନୂତନ ଯୋଜନା ୟୁପିଏସ୍ ଆଣିଛନ୍ତି ଓ ଏହି ଯୋଜନାରେ ପୂର୍ବ ପରି ୨୫ ବର୍ଷ ଚାକିରି କରିଥିଲେ ଅବସର ସମୟରେ ଶେଷ ୧୨ ମାସର ହାରାହାରି ଦରମାର ୫୦ ପ୍ରତିଶତ ପେନ୍‌ସନ ହେବ ଓ ଏହା ମୁଦ୍ରାସ୍ଫୀତି ସହ ଅତିରିକ୍ତ ଆକାରରେ ଡିଏ ମଧ୍ୟ ବୃଦ୍ଧି ପାଇବ। ପ୍ରସ୍ତାବିତ ନୂତନ ୟୁପିଏସ୍ ପେନ୍‌ସନ ବ୍ୟବସ୍ଥାରେ ସରକାର ପେନ୍‌ସନ ରାଶି ବାବଦରେ ୧୦ ପ୍ରତିଶତ ଓ ଅତିରିକ୍ତ ପେନ୍‌ସନ ପାଣ୍ଠିକୁ ୮.୫ ପ୍ରତିଶତ ସର୍ବମୋଟ ଦରମାର ୧୮.୫ ବିନିଯୋଗ କରିବେ। ପେନ୍‌ସନ ପାଇଁ ଗଚ୍ଛିତ ପାଣ୍ଠିରୁ ଅର୍ଜିତ ରାଶି ପେନ୍‌ସନ ଯଦି ନିଅଣ୍ଟ ହୁଏ ତା'ହେଲେ ସରକାର ସୃଷ୍ଟି କରିଥିବା ନିଜସ୍ୱ ପାଣ୍ଠିରୁ ଭରଣା କରିବେ। ଏହି ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କଲେ ବୁଝାଯାଏ ଯେ, ସରକାର ଭବିଷ୍ୟତ ପାଇଁ କୌଣସି ବୋଝ ରଖୁନାହାନ୍ତି ଓ ପ୍ରତ୍ୟେକ ଆର୍ଥିକ ବର୍ଷରେ ନିଜର ୧୦/୧୮ ପ୍ରତିଶତ ରାଶି ପେନ୍‌ସନ ଫଣ୍ଡକୁ ପ୍ରଦାନ କରିଦେଉଛନ୍ତି।

ତେବେ ଜଣେ କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କୁ ସେପ୍ଟେମ୍ବର ସୁଦ୍ଧା ସମ୍ମତି ପ୍ରଦାନ କରିବାକୁ ନେଇ ବର୍ତ୍ତମାନ ପ୍ରଶ୍ନ ଉଠୁଛି। ସେମାନେ ୟୁପିଏସ୍‌କୁ ବାଛିବେ ନା ଏନ୍‌ପିଏସ୍‌କୁ ବାଛିବେ ଦ୍ୱନ୍ଦ୍ୱରେ ଅଛନ୍ତି। ଏବେ ସୁଦ୍ଧା ଖୁବ୍ ଅଳ୍ପ ସଂଖ୍ୟକ ୫ ପ୍ରତିଶତରୁ କମ୍ ୟୁପିଏସ୍ ପାଇଁ ସମ୍ମତି ପ୍ରଦାନ କରିଛନ୍ତି। ସରକାର କୌଣସି ଯୋଜନାର ଢାଞ୍ଚାଗତ ପରିବର୍ତ୍ତନ କଲେ ଅଧିକ ଜନସଚେନତା ସୃଷ୍ଟିକରିବାର ଆବଶ୍ୟକତା ଅଛି ଓ ନିକଟ ଅତୀତରେ ଇପିଏଫ୍‌ଓର ସଦସ୍ୟମାନେ ମଧ୍ୟ ଏହି କାରଣରୁ ବର୍ଦ୍ଧିତ ପେନ୍‌ସନ ପାଇଁ ଦ୍ୱନ୍ଦ୍ୱରେ ଅନେକେ ନିଜର ସମ୍ମତି ପ୍ରଦାନ କରି ନ ଥିଲେ। ୟୁପିଏସ୍‌ର ବିଶେଷତ୍ୱ ହେଲା ଏହାର ସ୍ଥାୟିତ୍ୱ ଓ ମୁଦ୍ରାସ୍ଫୀତି ସହ ବର୍ଦ୍ଧିତ ପେନ୍‌ସନ ରାଶି ଯାହାକି ପେନ୍‌ସନଭୋଗୀଙ୍କୁ ସୁହାଇବ। କିନ୍ତୁ ଏହି ଯୋଜନାରେ ଯଦି ପେନ୍‌ସନଭୋଗୀ ଉଭୟ ସ୍ୱାମୀ, ସ୍ତ୍ରୀ ମୃତ୍ୟୁବରଣ କରନ୍ତି କୌଣସି ମୂଳଧନ ସେମାନେ ଫେରିପାଇବେ ନାହିଁ। ନ୍ୟାଶନାଲ ପେନ୍‌ସନ ସ୍କିମ୍ ବା ଏନ୍‌ପିଏସ୍ ରେ କିନ୍ତୁ ଜଣେ ନିଜ ଗଚ୍ଛିତ ରାଶି ଫେରି ପାଇପାରୁଛନ୍ତି ଓ ଏଠାରେ ବିନିଯୋଗ ପ୍ରକ୍ରିୟାରେ ନିଜସ୍ୱ ସ୍ୱାଧୀନତା ମଧ୍ୟ ଅଧିକ। ବର୍ତ୍ତମାନ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ଏନ୍‌ପିଏସ୍‌ର ପେନ୍‌ସନ ରାଶି କ'ଣ ୟୁପିଏସ୍ ସମକକ୍ଷ ହେବ। ବିଗତ ଦିନରେ ଭାରତର ପୁଞ୍ଜିବଜାରରେ ଅଭିବୃଦ୍ଧି ଭଲ ହୋଇଥିବାରୁ ଏନ୍‌ପିଏସ୍‌ରେ ମଧ୍ୟ ଭଲ ଅଭିବୃଦ୍ଧି ହୋଇଛି, କିନ୍ତୁ ଭବିଷ୍ୟତରେ ଏହା ବଜାୟ ରହିବ ତା'ର କୌଣସି ନିଶ୍ଚିତତା ନାହିଁ। କିନ୍ତୁ ଜଣେ ଯଦି ଦୀର୍ଘଦିନ ଅର୍ଥାତ୍ ୩୫/୪୦ ବର୍ଷ କାର୍ଯ୍ୟରତ ରହେ ଓ ଆଗାମୀ ୨/୩ ଦଶନ୍ଧି ଭାରତର ଅର୍ଥନୀତି ଦ୍ରୁତଗତିରେ ବୃଦ୍ଧି ପାଇବ ହୋଲି ଆଶା କରାଯାଏ ଏନ୍‌ପିଏସ୍‌ରେ ହୁଏତ ସେ ଲାଭବାନ୍ ହୋଇପାରନ୍ତି ବୋଲି ବିଶେଷଜ୍ଞଙ୍କ ମତ। କିନ୍ତୁ ପରବର୍ତ୍ତୀ ସମୟରେ ଗଚ୍ଛିତ ରାଶିକୁ ଜୀବନକାଳ ଯେଉଁ ପେନ୍‌ସନ ପାଇବ ଏନ୍‌ପିଏସ୍‌ରେ ସ୍ଥାୟିତ୍ୱ ନ ରହୁ ନ ଥିବାରୁ ୟୁପିଏସ୍ ଶ୍ରେୟସ୍କର ବୋଲି ଅନେକେ ମଧ୍ୟ ମତ ପୋଷଣ କରନ୍ତି। ସ୍ୱାମୀ ଓ ସ୍ତ୍ରୀ ଉଭୟେ ପେନ୍‌ସନ ପାଇଁ ଯୋଗ୍ୟ ହୋଇଥିଲେ ଅନେକେ ୟୁପିଏସ୍ ବଦଳରେ ଏନ୍‌ପିଏସ୍‌କୁ ପସନ୍ଦ କରିବେ। କାରଣ ମୃତ୍ୟୁ ପରେ ମୂଳରାଶି ଉତ୍ତରାଧିକାରୀ ଫେରି ପାଇବେ। ସାମଗ୍ରିକ ଭାବରେ ବିଚାରକଲେ ଏନ୍‌ପିଏସ୍ ଠାରୁ ୟୁପିଏସ୍ ଭଲ ବିକଳ୍ପ। କେନ୍ଦ୍ର ସରକାର ଏହାକୁ ଲାଗୁ କଲାପରେ ରାଜ୍ୟ ସରକାରଙ୍କୁ ମଧ୍ୟ ଏହାର ପ୍ରଚଳନ ପାଇଁ ଚାପ ପଡ଼ିବ। ଅନେକ ରାଜ୍ୟର ଆର୍ଥିକ ସ୍ଥିତି ଭଲ ନୁହେଁ। ତେଣୁ ସେମାନେ ଯଦି ୟୁପିଏସ୍‌କୁ ପ୍ରତ୍ୟାବର୍ତ୍ତନ କରନ୍ତି ବିତ୍ତୀୟ ନିଅଣ୍ଟ ଭଳି ସଙ୍କଟ ସୃଷ୍ଟି ହୋଇପାରେ।

ଭାରତରେ ଜନସଂଖ୍ୟାର ମାତ୍ର ୨ ପ୍ରତିଶତ କେନ୍ଦ୍ର ଅଥବା ରାଜ୍ୟ ସରକାରରେ କାର୍ଯ୍ୟରତ। ବିଭିନ୍ନ ସାର୍ବଜନୀନ ଓ ଘରୋଇ ସଂସ୍ଥାରେ ନିଯୁକ୍ତ କର୍ମଚାରୀ ନିଜସ୍ୱ ଜମା ଅର୍ଥରାଶିରୁ ଇପିଏଫ୍‌ଓ ଅଥବା ଏନ୍‌ପିଏସ୍‌ରୁ ପେନ୍‌ସନ ପାଇଥାନ୍ତି। ଅଧିକାଂଶଙ୍କ କ୍ଷେତ୍ରରେ ଏହା ଅତ୍ୟନ୍ତ ନ୍ୟୂନ ଓ ମୁଦ୍ରାସ୍ଫୀତି ସହ ମଧ୍ୟ ବୃଦ୍ଧିପାଏ ନାହିଁ। ଭାରତରେ ସାମାଜିକ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ନୁହେଁ। ଭାରତ ପରି ସର୍ବ ବୃହତ୍ ଗଣତାନ୍ତ୍ରିକ ଦେଶରେ କୌଣସି ମୁଷ୍ଟିମେୟ ଗୋଷ୍ଠୀ ପାଇଁ ସରକାରୀ ରାଜସ୍ୱରୁ ସମସ୍ତ ସୁବିଧା ସୁଯୋଗ ସୃଷ୍ଟି ନ କରି ଜନସାଧାରଣଙ୍କର ନ୍ୟୂନତମ ଆବଶ୍ୟକତା ପୂରଣକରି ପେନ୍‌ସନ ନୀତି ନିର୍ଦ୍ଧାରଣ ହେବା ଆବଶ୍ୟକ। ସାର୍ବଜନୀନ ପେନ୍‌ସନ ବହୁଦିନରୁ ବିଚାରାଧୀନ ଅଛି ହେଲେ ସରକାରଙ୍କର କୌଣସି ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ପରିଲକ୍ଷିତ ହେଉନାହିଁ। ବର୍ତ୍ତମାନ ପରିପ୍ରେକ୍ଷୀରେ ସାମଗ୍ରିକ ଭାବରେ ପେନ୍‌ସନ ବା ଅବସରକାଳୀନ ସାମାଜିକ ସୁରକ୍ଷାକୁ ସାର୍ବଜନୀନ ତଥା ସୁଦୃଢ଼ କରିବା ଏକାନ୍ତ ବାଞ୍ଛନୀୟ।

ରାଉରକେଲା
ମୋ: ୯୪୩୭୩୪୪୬୫୪

# ତର୍ଜମା ଆଣେ ବିଚାର ନିଷ୍କର୍ଷ



**ଭଗବାନ ଦାଶ**

ଅପରାଧ, ଅପରାଧୀ ଓ ଅଭିଯୋଗକାରୀଙ୍କ ଭିଆଣ। ବିଚାର ଚାଲେ, ବିଚାରାଳୟ, ନ୍ୟାୟାଳୟରେ। ହାଜିର ହୁଅନ୍ତି ଉଭୟ। ବିଚାର ବଢ଼େ। ଅଭିଯୋଗକାରୀ ଅଭିଯୋଗ ବଖାଣେ। ଅଭିଯୁକ୍ତକୁ ଅପରାଧୀ ବୋଲି ସାବ୍ୟସ୍ତ କରିବାକୁ ଯୁକ୍ତିସଙ୍ଗତ ନ୍ୟାୟ ବାଢ଼ନ୍ତି ଅଭିଯୋଗକାରୀ। ଅଭିଯୁକ୍ତଙ୍କ ପକ୍ଷ ମଧ୍ୟ ନିଜକୁ ମୁକ୍ତ କରିବାକୁ , ଦୋଷମୁକ୍ତ କରିବାକୁ ତାଙ୍କର ଆଇନସମ୍ମତ ଯୁକ୍ତି ଦର୍ଶାନ୍ତି।

ଉଭୟଙ୍କର ଜଣାଣର ଶୁଣାଣି କରନ୍ତି ନ୍ୟାୟାଧୀଶ। ଆଇନର ପରିସରରେ ରହି ବିଚାର ଶୁଣାନ୍ତି। ପରେ ବିଚାର ସନ୍ତୋଷଜନକ ହୋଇ ନ ଥିଲେ, ଉପର ବିଚାରାଳୟକୁ ବିଚାର ଆବେଦନ ଯାଏ। ଏପରିକି ଆବଶ୍ୟକ ହେଲେ ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ କେତେକ କ୍ରମାନ୍ୱୟରେ ବିଚାରପାଇଁ ପହଞ୍ଚିପାରେ। ପୂର୍ବ ବିଚାରରେ କିଛିଟା ବୈଷୟିକ ତଥ୍ୟ, ପ୍ରମାଣଗତ ସାକ୍ଷ୍ୟର ତାରତମ୍ୟର ଅଭାବ ଅନୁଭବ କଲେ, ସର୍ବୋଚ୍ଚ ନ୍ୟାୟାଳୟ ତାହାକୁ ପୁନର୍ବିଚାର ପାଇଁ ଗ୍ରହଣ କରିପାରନ୍ତି ନତୁବା ଅଗ୍ରାହ୍ୟ କରିପାରନ୍ତି। ପୁନର୍ବିଚାରରେ ଦଣ୍ଡ ଦେଇପାରନ୍ତି କିମ୍ବା କୋହଳ କରିପାରନ୍ତି କିମ୍ବା ବିଚାର ଠିକ୍‌ଥିବାର ନିର୍ଦ୍ଦେଶନାମା ଶୁଣାଇପାରନ୍ତି।

ଆମ ଦେଶରେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରକୁ ସମ୍ବିଧାନସମ୍ମତ ମଣି ମାନି ନିଆଯାଏ। ପ୍ରଶ୍ନ ଉଠେ ସମ୍ବିଧାନ ବଡ଼ ନା ଲୋକ ସଭା ବଡ଼ ନା ରାଷ୍ଟ୍ରପତି ବଡ଼। ସ୍ୱାଭାବିକ ମଣିଷ ପାଇଁ ଏ ସବୁ ଶୁଣିବାକୁ ଭଲ ଲାଗେ। ସମ୍ବିଧାନର ଧାରା ବଦଳାଇବା କ୍ଷମତା ନିର୍ବାଚିତ ପ୍ରତିନିଧିଙ୍କର ଅଛି। ସେଥିପାଇଁ ସମ୍ବିଧାନର ଧାରା ବାରମ୍ବାର ଲୋକାଭିମୁଖୀ ହୋଇ ସଂଶୋଧିତ ହୋଇପାରୁଛି। ବହୁଜନହିତାୟ ହୋଇଥିବାରୁ ସମ୍ବିଧାନକୁ ଆଖି ଆଗରେ ରଖି ବିଚାରଧାରା ଚାଲିଥାଏ। ସେହି ସମ୍ବିଧାନର ନିୟମରେ ହିଁ ଲୋକ ସଭା, ରାଜ୍ୟ ସଭା, ରାଜ୍ୟପାଳ, ବିଧାନ ପରିଷଦ, ବିଧାନ ସଭା ଏପରିକି ନ୍ୟାୟାଳୟ ଇତ୍ୟାଦିର ସୃଷ୍ଟି। ପ୍ରତ୍ୟେକଙ୍କର କାର୍ଯ୍ୟସୂଚୀ ଅଲଗା ଅଲଗା। ଜନ ପ୍ରତିନିଧି ଆଇନ ମନଇଚ୍ଛା ବଦଳାଇ ପାରିବେ ନାହିଁ, କିନ୍ତୁ ବଦଳାଇବା ପାଇଁ ସମ୍ବିଧାନସମ୍ମତ ସଂଖ୍ୟାର ସମର୍ଥନ ଥିଲେ ମଧ୍ୟ ଆଇନରେ ପରିବର୍ତ୍ତନ ପାଇଁ ରାଷ୍ଟ୍ରପତି, ରାଜ୍ୟପାଳଙ୍କ ସ୍ୱୀକୃତି ଲୋଡ଼ିବା ଅବଶ୍ୟମ୍ଭାବୀ, ପ୍ରାପ୍ତି ହେଲେ ତାହା ଆଇନର ପରିସରଭୁକ୍ତ ହୋଇଥାଏ।

ସାଧାରଣତଃ ରାଜ୍ୟପାଳ ହୁଅନ୍ତୁ, ରାଷ୍ଟ୍ରପତି ସେମାନେ ନିରପେକ୍ଷ । ସବୁପକ୍ଷର। ଏହା କ'ଣ ବାସ୍ତବରେ ଆମ ଦେଶରେ ପ୍ରତିଫଳିତ ହେଉଛି କି? ଯେଉଁ ଦଳର ହାତବାରିସି ହୋଇ ଯିଏ ସ୍ଥାପିତ ହୋଇଛନ୍ତି, ସେ ତ ତାଙ୍କର ନୀତି ଆଦର୍ଶକୁ ଆପଣାଇ ନେଉଛନ୍ତି, ପ୍ରାଧାନ୍ୟ ଦେଉଛନ୍ତି। ନିର୍ଭୀକ ନିରପେକ୍ଷ ବିଚାର ଲୁପ୍ତପ୍ରାୟ। ଆଇନରେ ନିରପେକ୍ଷତା ସର୍ବମାନ୍ୟ, କିନ୍ତୁ ଏହା ଆଜିକାଲି ସର୍ବସତ୍ୟ ନୁହେଁ। କାରଣ ଉକ୍ତ ପଦବୀଧାରୀ କୌଣସି ନା କୌଣସି ଦଳଭୁକ୍ତ। ଏଇ ତ ବ୍ୟତିକ୍ରମ। କେହି ଶତପ୍ରତିଶତ



ଭୋଟ ପାଇ ନିଜ ବଳରେ ନିର୍ବାଚିତ ହୋଇ ନ ଥାଆନ୍ତି। ତେଣୁ ପକ୍ଷ ଟାଣିବାରେ ଅସ୍ୱାଭାବିକତା ଆସିବନି କାହିଁକି? ପାର୍ଥକ୍ୟ ଏତିକି ଶତ ପ୍ରତିଶତ ସମର୍ଥନ ହାସଲ ନ କରିଥିଲେ ମଧ୍ୟ ସେମାନଙ୍କ ଦସ୍ତଖତରେ ହେବା ଆଇନଟି ଶତ ପ୍ରତିଶତ ଜନତାଙ୍କ ପାଇଁ। ଏହା ହିଁ ପ୍ରକୃତ ବ୍ୟତିକ୍ରମ। ଆଇନ ଥରେ ହେଲେ ତାହା ରହେ,କାର୍ଯ୍ୟକାରୀ ହୁଏ ବଦଳିବାଯାଏ। ସତ୍ତାଧାରୀ ହେବା ଆଉ ଆଇନ ବଦଳାଇବା ଏ ଦୁଇଟା ଏକାକଥା ନୁହେଁ। ଅଧିକା ଭାଗ ସତ୍ତାପ୍ରାପ୍ତ ହୁଏ, କିନ୍ତୁ ଆଇନ ବଦଳିବାକୁ ଦୁଇ ତୃତୀୟାଂଶର ଆବଶ୍ୟକତା ଅନିବାର୍ଯ୍ୟ ଏବଂ ଅପରିହାର୍ଯ୍ୟ ମଧ୍ୟ। ଏଇଠି କିଛିଟା ବହୁଜନଙ୍କର ସମର୍ଥନ ପ୍ରତିଫଳିତ ହେବାର ଉପଲବ୍ଧି ହୁଏ।

କିନ୍ତୁ ବିଚାରାଳୟର ଧାରା ଭିନ୍ନ। ତର୍ଜମା ହୁଏ। ପକ୍ଷ ପ୍ରତିପକ୍ଷଙ୍କୁ ସୁଯୋଗ ଦିଆଯାଏ। ଉଭୟଙ୍କ କଥା ହାକିମ ଶୁଣନ୍ତି। ଉତ୍‌ଥାପିତ ପ୍ରଶ୍ନଗୁଡିକର ମୁହାଁମୁହିଁ ଉତ୍ତର ମଧ୍ୟ ଦେବାର ସୁଯୋଗ ମିଳେ। ଆଇନଜ୍ଞ ମାନଙ୍କର ଆଇନସମ୍ମତ ଯୁକ୍ତିତର୍କ ମନ୍ତବ୍ୟ ଶୁଣିଲାପରେ ଖଣ୍ଡପୀଠ ବିଚାର ଶୁଣାନ୍ତି। ସ୍ଥଳ ବିଶେଷରେ ଆପତ୍ତିର ଗୁରୁତ୍ୱ ଦେଖି ଖଣ୍ଡପୀଠ ହାକିମଙ୍କ ସଂଖ୍ୟାମଧ୍ୟ ବୃଦ୍ଧି କରିଥାନ୍ତି। ଆଇନର ଯଥୋଚିତ ଚର୍ଚ୍ଚାରୁ ନିଷ୍କର୍ଷ ଆସେ, ତାହା ଖଣ୍ଡପୀଠଙ୍କ ବିଚାରର ଫଳ ହୋଇ ପ୍ରକାଶିତ ହୁଏ ଏବଂ କାର୍ଯ୍ୟକାରୀ କରାଯାଏ । ଏଥିରେ ଯେ ଭୁଲଭଟକା ମୋଟେ ନାହିଁ ଏକଥା କହି ହୁଏ ନାହିଁ, ତଥାପି ଆଇନତଃ ତାକୁ ମାନିବାକୁ ବାଧ ହେବାକୁ ହୁଏ । ସେ ପ୍ରକାର ବିଚାର ସବୁକୁ ସମାନ। ସମକକ୍ଷ ସେହି ସ୍ତରର ମକଦ୍ଦମାରେ ଉଦାହରଣ ରୂପେ ନିଆଯାଇ ସମ୍ପ୍ରତି ବିଚାରକୁ ପରିସ୍ଥିତି ଦେଖି ସିଦ୍ଧ କରାଯାଏ।

ଲୋକପ୍ରତିନିଧି ବିଚାରରେ ଦଳୀୟ ପ୍ରଭାବ ପ୍ରତିଭାତ ହେଲାବେଳେ, ବିଚାରାଳୟରେ ନିର୍ଦ୍ଦଳୀୟ ପରିବେଶରେ ତର୍ଜମା ପୂର୍ବକ ବିଚାର ହୁଏ। ତେଣୁ ତାହା ଆପେକ୍ଷିକ ଭାବରେ ଗ୍ରହଣୀୟର ଭାବ ବହନ କରେ। ଜନ ସମର୍ଥନରେ ଆସିଥିବା ଲୋକମାନେ ଜନକଲ୍ୟାଣ ପାଇଁ ଭଲମନ୍ଦ ଭାବୁଥିବା ସବୁକାର୍ଯ୍ୟ ଯେ ଆଇନସମ୍ମତ ଏହା ଭାବିବାର ବେଳ ଆସିଛି। ତର୍ଜମା ବିନା ନିର୍ଯ୍ୟାସ ସମ୍ଭବ କି? ଆଉ ଯାହା ସମ୍ଭବ ଏବଂ ସତ୍ୟ ସେ ସବୁକୁ ତ ନ୍ୟାୟାଳୟରେ ଠିକ ବୋଲି ଧରିନେବାରେ କୌଣସି ପ୍ରତିବନ୍ଧକ ଆସେନି। କାରଣ ସମସ୍ତ ଜନହିତକର ଆଇନକୁ କେବେହେଲେ ଅସିଦ୍ଧ କରାଯାଏନି। ପରିଷଦରେ ନିୟୋଜିତ ଯୁକ୍ତିସଙ୍ଗତ ବିଚାର ନ୍ୟାୟାଳୟରେ ଅଧିକ ବିଚାରର ଶରବ୍ୟ ହୁଏ, ବେଳେ ବେଳେ ସ୍ଥିର ରହିପାରେ କିମ୍ବା ତା'ର ଗତି ବଦଳାଇପାରେ ସମ୍ବିଧାନର ଧାରା ମଧ୍ୟରେ।

ଅବଶ୍ୟ ନିଷ୍କର୍ଷ ଏତିକି ଆସିପାରେ, ଯାହା ଆସୁଛି ତାହା ସବୁକାଳ ପାଇଁ ଯେ ଅପରିବର୍ତ୍ତନୀୟ ଏ ଭାବନା କେବେ ମନକୁ ନ ଆସୁ। ପ୍ରତ୍ୟେକ ସୃଷ୍ଟ ଆଇନର ବିଚାରଧାରାକୁ ବିଶ୍ଳେଷଣ କଲେ ନୂତନ ଦିଗଦର୍ଶନ ମିଳେ। ପ୍ରଚଳିତ ଆଇନ ଯେ ପୁନଃ ସଂଶୋଧନ ପରେ ସଂସ୍ଥାପିତ ନ ହେବ ଏହା କିଏ କହିପାରିବ। ସଦା ସର୍ବଦା ପରିବର୍ତ୍ତନ ହିଁ ସ୍ଥିର।

ଗୁଣ୍ଡିଚା ବିହାର, ପୁରୀ
ମୋ:୮୨୪୯୦୮୨୪୦୦

## ଏଇ ଭାରତରେ

ପରିବେଶ ସ୍ୱଚ୍ଛ ରଖିବା ପାଇଁ ରାଜସ୍ଥାନସ୍ଥିତ ବ୍ରହ୍ମାକୁମାରୀର ଶାନ୍ତିବନ କମ୍ପ୍ଲେକ୍ସ ସୌର ଶକ୍ତିରେ ରୋଷେଇ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି । ବିନା ଜୈବ ଇନ୍ଧନ ଓ ଜାଳେଣି କାଠରେ ଏବଂ ବିନା ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନରେ ଦିନକୁ ପାଖାପାଖି ୫୦,୦୦୦ ମିଲ୍ ପ୍ରସ୍ତୁତ କରାଯାଉଛି। ଏହି ସୌର ରୋଷଶାଳାରେ ଶାକାହାରୀ ଖାଦ୍ୟ ରୋଷେଇ ହେଉଛି। ସ୍ୱଚ୍ଛଶକ୍ତିର ଏହା ଏକ ବଡ଼ ଦୃଷ୍ଟାନ୍ତ। ଶାନ୍ତିବନ କମ୍ପ୍ଲେକ୍ସରେ ୮୪ଟି ବୃହତ୍ ରିଫ୍ଲେକ୍ଟର ଲଗାଯାଇଛି । ପ୍ରତ୍ୟେକଟି ରିଫ୍ଲେକ୍ଟରର ସର୍ଫେସ ଏରିଆ ହେଉଛି ୯.୨ ମିଟର। ସୂର୍ଯ୍ୟଙ୍କ ଗତି ଅନୁସାରେ ଏହା ମଧ୍ୟ ବିଭିନ୍ନ ଦିଗରୁ ଘୂରି ପାରୁଛି। ସୂର୍ଯ୍ୟାଲୋକ ରିଫ୍ଲେକ୍ଟରର ଫୋକାଲ କେନ୍ଦ୍ରରେ ପଡ଼ିବା ପରେ ତାପମାତ୍ରା ୮୦୦ ଡିଗ୍ରୀ ସେଣ୍ଟିଗ୍ରେଡକୁ ଛୁଇଁଥାଏ। ଏଠାରେ କୌଣସି ସୋଲାର ପ୍ୟାନେଲ ବ୍ୟବହାର ହେଉନାହିଁ। କେବଳ ସୋଲାର ତାପଜ ଶକ୍ତିରେ ରୋଷେଇ ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୮ ସେପ୍ଟେମ୍ବର ୧୯୭୬**

- ଚୀନ ସଫଳତାର ସହିତ ଆଣବିକ ପରୀକ୍ଷା କରିଥିବା ନେଇ ଚୀନ ସମ୍ବାଦ ସରବରାହ ସଂସ୍ଥା ପକ୍ଷରୁ ଘୋଷଣା।
- ଇଣ୍ଡୋନେସିଆର ବଳି ଅଞ୍ଚଳରେ ଭୂକମ୍ପ ପ୍ରପୀଡ଼ିତ ଲୋକଙ୍କ ସାହାଯ୍ୟ ନିମନ୍ତେ ଭାରତର ସରକାରଙ୍କ ଦାନ ସ୍ୱରୂପ ୫୦୬ କିଲୋଗ୍ରାମ ଓଜନର ଔଷଧ ପ୍ରେରଣ।
- ତାମିଲ ସାହିତ୍ୟିକ ଶ୍ରୀ ପି.ଭି. ଆକିଲାନ୍ଦାନ ଏକାଦଶ ବାର୍ଷିକ ଜ୍ଞାନପୀଠ ସାହିତ୍ୟ ପୁରସ୍କାର ପାଇବା ନିମନ୍ତେ ମନୋନୀତ।

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | 6 | 1 | | 8 | 7 | |
| | | | | | | 1 | | 2 |
| | | | 4 | 7 | | | | |
| 2 | 4 | | 3 | | | | | |
| 9 | 1 | | | | | | | 5 |
| | 6 | | | | | | | |
| 1 | | | 7 | 3 | | 2 | | 8 |
| | | | | 6 | | | 5 | 9 |
| | | | 5 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 2 | 3 | 6 | 9 | 8 | 1 | 4 |
| 1 | 6 | 8 | 5 | 2 | 4 | 9 | 3 | 7 |
| 4 | 9 | 3 | 7 | 1 | 8 | 6 | 5 | 2 |
| 8 | 3 | 6 | 1 | 4 | 5 | 7 | 2 | 9 |
| 2 | 1 | 9 | 6 | 3 | 7 | 5 | 4 | 8 |
| 5 | 4 | 7 | 9 | 8 | 2 | 3 | 6 | 1 |
| 9 | 8 | 4 | 2 | 5 | 6 | 1 | 7 | 3 |
| 3 | 2 | 5 | 8 | 7 | 1 | 4 | 9 | 6 |
| 6 | 7 | 1 | 4 | 9 | 3 | 2 | 8 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷାର ମାନ କମୁଛି

ମହାଶୟ,

ଶିକ୍ଷାର ଗମ୍ବୁଜ ଯେ ଦିନେ ଦିଲ୍ଲୀରୁ ଦୌଲତାବାଦ, ଚେନ୍ନାଇରୁ ଅହମ୍ମଦାବାଦ ଯାଇ ପହଞ୍ଚିପାରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ମାତ୍ର ସାଂପ୍ରତିକ ସମୟରେ ଶିକ୍ଷା ପୁସ୍ତକକୈନ୍ଦ୍ରିକ, ଯଦ୍ଦ୍ୱାରା ଶିକ୍ଷାର ପରିଧି କୂପ ମଣ୍ଡୁକ ସଦୃଶ, କେବଳ ନିର୍ଦ୍ଦିଷ୍ଟ ସ୍ଥାନ, କାଳ, ସମୟର ପରିଧି ମଧ୍ୟରେ ଆବଦ୍ଧ ହୋଇ ରହିଯାଉଛି। ପୁରାତନ ଗୁରୁକୁଳରେ ଦିଆଯାଉଥିବା ଶିକ୍ଷାରେ ଶିକ୍ଷା, ସଂସ୍କୃତି, ଆଚରଣ ବହୁ ପରିମାଣରେ ଭରପୂର ହୋଇ ରହିଥିଲାବେଳେ ମାତ୍ର ଆଜିକାଲିର ଶିକ୍ଷା ଗଦାଗଦା ବହିଥାକ ମଧ୍ୟରେ ସୀମିତ ହୋଇ ରହିଯାଉଛି। ବାସ୍ତବିକ ଶିକ୍ଷାର ପରିଧି କେବଳ ଟ୍ୟୁଶନ ଶିକ୍ଷାରେ ସୀମିତ ରହୁଛି। ଦୁଃଖର କଥା ଯେ ସରକାର ଗଦାଗଦା ସାଉଁଟା ଯୋଜନା ସରକାରୀ କଳରୁ ଖର୍ଚ୍ଚକରି ଜନହିତ ଉଦ୍ଦେଶ୍ୟରେ ପ୍ରୟୋଗ କରୁଛନ୍ତି, ମାତ୍ର ଏସବୁ ଆକାଶ କଇଁଆ ଚିଲିକା ମାଛର ଦୁଷ୍ପ୍ରାପ୍ୟ ସଂଯୋଗ ପରି ଅହେତୁକ ଅବସ୍ଥାରେ ପଡ଼ିରହୁଛି। ସରକାରୀ ବିଦ୍ୟାଳୟରେ ପାଠ ପଢ଼ିବାକୁ ସମସ୍ତ ଉପକରଣ ଥିବା ସତ୍ତ୍ୱେ ଶିକ୍ଷାର ମାନ ବୃଦ୍ଧି ପାଉନାହିଁ। ଶିକ୍ଷା ମନ୍ଦିରରେ ଯୌନ ନିର୍ଯାତନା, ଗଣ୍ଡଗୋଳ ରାଗିଂ ପରି ଚରମ ପଦକ୍ଷେପ ଦ୍ୱାରା ଶିକ୍ଷାର୍ଥୀର ଭବିଷ୍ୟତ ଗଢ଼ିବା ଆଗରୁ ହିଁ ଭାଙ୍ଗିପଡୁଛି। ଉନ୍ନତମାନର ଯୋଜନା ଅଛି ସତ, ମାତ୍ର ସଫଳ ପ୍ରୟୋଗ ନାହିଁ। ବିଦ୍ୟାଳୟ ଅଛି ସତ, ମାତ୍ର ପାଠପଢ଼ା ନାହିଁ, ଯୋଉଥିପାଇଁ ଶିକ୍ଷାର ମାନଦଣ୍ଡ ବଢ଼ିବ କ'ଣ ବରଂ କମିକମି ଯାଉଛି। ଆଜି ବି ସ୍ୱାଧୀନତାର ଏତେ ବର୍ଷ ବିତିଥିଲେ ମଧ୍ୟ ଦୁର୍ଗମ ଅଞ୍ଚଳରେ ଶିକ୍ଷା ପହଞ୍ଚିପାରିନାହିଁ।

**- ପ୍ରଶାନ୍ତ କୁମାର ଜେନା, ସ୍ନାତକୋତ୍ତର ପ୍ରଥମ ବର୍ଷ ଛାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail: advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଶ୍ରାବଣର ଘନ ଉହାଡ଼େ ପ୍ରକାଶ
ଜୋଛନା ସମାନ ଫୁଟିଉଠୁ ହାସ
ଜୀବନର ସବୁ କାଳିମା ପୂରାଇ
ସକଳ ରନ୍ଧ୍ର ଭରି
ତମ୍ଭକ ହାସ ହସିଯାଅ ଧୀରେ
ଆଗୋ ଗୋରଚନା-ଗୋରି!
-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ନବରାତ୍ରି ଅବସରରେ ଡାଣ୍ଡିଆନୃତ୍ୟ

ଛତ୍ରପୁର,୨୭।୯ (ଦିଲ୍ଲୀପ ସାମଲ)

ଏବେ ଚାଲିଛି ନବରାତ୍ରୀ ପୂଜା । ଭକ୍ତମାନେ ମା’ ଦୁର୍ଗାଙ୍କ ଆରାଧନା କରୁଥିବା ବେଳେ ଏହି ଅବସରରେ ଦାଣ୍ଡିଆ ନାଚର ଆସର ଜମିଛି। ଦାଣ୍ଡିଆ ନାଚରେ ଭକ୍ତମାନେ ଦେବୀ ମା’ଙ୍କ ଆରାଧନା କରି ହାତରେ ଦାଣ୍ଡିଆ (ନାଚରେ ବ୍ୟବହୃତ ବାଡି) ଧରି ଗରବା ନୃତ୍ୟ କରିଛନ୍ତି । ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ପ୍ରଗତି କଳା କେନ୍ଦ୍ର ସମ୍ପାଦକ ତଥା ମୁଖ୍ୟ ସୁଧାଂଶୁ ଶେଖର ଶତପଥୀ ଏବଂ ଏମ. ରାଧାକୁମାରୀଙ୍କ ତତ୍ତ୍ୱାବଧାନରେ ଛତ୍ରପୁର ସହରରେ ମୁକ୍ତ ମଞ୍ଚରେ ପିତ୍ର ନବରାତ୍ରୀ ଉପଲକ୍ଷେ ଦାଣ୍ଡିଆ ନୃତ୍ୟ ସ୍ଥାନୀୟ ପଣ୍ଡା କଲୋନୀ ଠାରେ ଅନୁଷ୍ଠିତ ହୋଇଛି। ଛୋଟ ଠାରୁ ବଡ଼ ସମସ୍ତେ ମା’ଙ୍କ ଭକ୍ତିରେ ତଲ୍ଲୀନ ହୋଇ ଏଠାରେ ସାମୁହିକ ଭାବେ ଦାଣ୍ଡିଆ ନୃତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଗଞ୍ଜାମ ଜିଲା ସାମ୍ବାଦିକ ସଂଘ ଉପସଭାପତି ପ୍ରଶାନ୍ତ ମହାରଣା, ରାଧେଶ୍ୟାମ ଫାଉଣ୍ଡେସନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ସଭାପତି ଦେବାଶିଷ ମିଶ୍ର ଓ କାଉନସିଲର ସୁମନ୍ତ ନାହାକ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।। କାର୍ଯ୍ୟକ୍ରମରେ ଛାତ୍ରୀ ବସୁନ୍ଧରା ପାଣିଗ୍ରାହୀ ସଂଯୋଜନା କରିଥିଲେ। ପ୍ରଗତି କଳା କେନ୍ଦ୍ର ସଭାପତି ଆଲୋକ ନାୟକ, ସମ୍ପାଦକ ଓ ଅନ୍ୟମାନେ ଉପସ୍ଥିତ ରହି ଛତ୍ରପୁର ଏବଂ ବ୍ରହ୍ମପୁର ଅଞ୍ଚଳର ବହୁ କଳାକାରଙ୍କୁ ସମ୍ମାନିତ କରିଥିଲେ।


ଦାଣ୍ଡିଆ ନୃତ୍ୟ ପରିବେଷଣ କରୁଥିବା କଳାକାରମାନେ।

## ଲଜ୍‌ରୁ ଗଞ୍ଜେଇ ଜବତ, ୩ ଅଟକ

ବ୍ରହ୍ମପୁର, ୨୭।୯(ସୁବାସ ଚନ୍ଦ୍ର ପାଢ଼ୀ)

ଗୋଷାଣି ନୁଆଗାଁ ଥାନା ଅନ୍ତର୍ଗତ ବ୍ରହ୍ମପୁର ରେଳଷ୍ଟେଶନ ନିକଟ ଏକ ଲଜରୁ ଶନିବାର ରାତିରେ ପୋଲିସ ଗଞ୍ଜେଇ ଜବତ କରିଛି। ଦୁଇଟି ରୁମରୁ ପ୍ରାୟ ୪୦ କେଜି ଗଞ୍ଜେଇ ଜବତ କରାଯାଇଛି। ପୋଲିସ ସେଠାରୁ ୩ ଜଣଙ୍କୁ କାବୁ କରି ଆଣି ଅଟକ ରଖିଛି। ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ ପାଇଁ ଉକ୍ତ ଲଜକୁ ଟ୍ରାଞ୍ଜିଟ ପଏଣ୍ଟ କରାଯାଇଥିବା ପୋଲିସ ଜାଣିବାକୁ ପାଇଛି। ଗଞ୍ଜେଇ କେଉଁଠୁ ଆସିଥିଲା ଓ ତାହା କେଉଁଠିକୁ ଚାଲାଣ ହୋଇଥାନ୍ତା ସେ ଉପରେ ପୋଲିସ ଛାନଭିନ ଚଳାଇଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ଅଭିଯୁକ୍ତଙ୍କ ନାମ କହିବାକୁ ପୋଲିସ ମନା କରିଛି। ଶନିବାର ରାତି ୯ଟାରେ ରେଳଷ୍ଟେଶନ ନିକଟରେ ଥିବା ଏକ ଲଜରେ ଗଞ୍ଜେଇ ମହଜୁଦ ରଖି ଚାଲାଣ ପାଇଁ ଯୋଜନା ଚାଲିଥିବା ଖବର ପାଇ ପୋଲିସ ଟିମ୍ ସେଠାରେ ଚଢାଉ କରିଥିଲା।

## ପାର୍ବଣକୁ ନେଇ ପୋଲିସର ଫ୍ଲାଗ୍‌ମାର୍ଚ୍ଚ


ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ ।

ବାଲିଗୁଡ଼ା,୨୭।୯(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲାରେ ଭାଇଚାରା ଓ ଶାନ୍ତି ଶୃଙ୍ଖଳାରେ ପାର୍ବଣ ପାଳିବାକୁ ଜିଲା ପ୍ରଶାସନଆହ୍ୱାନ ଦେଇଛନ୍ତି। କୌଣସି ସୋସିଆଲ ମିଡିଆରେ ଆପତ୍ତି ଜନକ ଖବରକୁ ବିଶ୍ୱାସ ନକରି ଦଶହରାରେ ଦୂର୍ଗାପୂଜା ଓ କୁମାର ପୂର୍ଣ୍ଣିମାରେ ଲକ୍ଷ୍ମୀ ପୂଜା ପାଳନ କରିବା ନେଇ ଜିଲାର ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇ ଲୋକଙ୍କ ମନରେ ସଚେତନତା କରାଯାଇଥିବା ବାଲିଗୁଡା ଏସଡିପିଓ ରମେନ୍ଦ୍ର ପ୍ରସାଦ କହିଛନ୍ତି। ନବରାତ୍ର ପୂଜା ଠାରୁ ବିଭିନ୍ନ ଦେବୀ ପୀଠ ମାନଙ୍କରେ ଦେବୀ ପୂଜା ଆରମ୍ଭ ହୋଇଛି। ଏ ପୂଜାକୁ ଦୃଷ୍ଟିରେ ରଖି ସନ୍ଧ୍ୟାରେ ବାଲିଗୁଡା ସହରରେ ଏସଡିପିଓ ରମେନ୍ଦ୍ର ଓ ଥାନାଧିକାରୀ ସମ୍ବିତ କୁମାର ସ୍ୱାଇଁଙ୍କ ସହ ଜବାନ ମାନେ ମିଳିତ ଭାବେ ଫ୍ଲାଗମାର୍ଚ୍ଚ କରିଥିଲେ।

## ସାର ବଣ୍ଟନ ତଦାରଖ କଲା ଏନ୍‌ଫୋର୍ସମେଣ୍ଟ ଟିମ୍

ଆସିକା,୨୭।୯(ସୁରେନ୍ଦ୍ର ନାଥ ସାହୁ):

ଗଞ୍ଜାମ ଜିଲ୍ଲାରେ ଖରିଫ ଧାନ ଫସଲ ସକାଶେ ଚାଷୀ ସାର ପାଇଁ ବିଭିନ୍ନ ସମୟରେ ଧାଡିରେ ଠିଆ ହୋଇ ହଇରାଣ ହେଉଛନ୍ତି। ଶୁକ୍ରବାର କୃଷି ବିଭାଗର ଏନଫୋର୍ସମେଣ୍ଟ ଟିମ୍ ଆସିକା ବ୍ଲକର ବଡଖୋଲି ଓ ପାଣ୍ଡିଆପଥର ସେବା ସମବାୟ ସମିତିରେ ହୋଇଥିବା ସାର ବଣ୍ଟନ ତଦାରଖ କରିଛନ୍ତି। ଜିଲା ମୁଖ୍ୟ କୃଷି ଅଧିକାରୀ ଡ. ଅଜୟ କୁମାର କରଙ୍କ ନେତୃତ୍ୱରେ ଆସିକା କୃଷି ଜିଲା ଅଧିକାରୀ ସତ୍ୟବ୍ରତ ଦାସ, ଆସିକା ତହସିଲଦାର ସଙ୍ଗିତା ସେନ, ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁ, ସାର ନିରୀକ୍ଷକ ଶୁଭ୍ରତା ମିଶ୍ର ପ୍ରମୁଖ ଏହି ସମିତିରେ ସାର ବଣ୍ଟନ ତଦାରଖ କରିଥିଲେ । ପୂର୍ବରୁ ମଣ୍ଡିରେ ଧାନ ଦେଉଥିବା ଚାଷିଙ୍କ ତାଲିକା ମୁତାବକ ଟୋକନ ଦିଆଯାଇ ସାର ବଣ୍ଟନ କରାଯାଇଛି । ଏହି ଅବସରରେ ପାଣ୍ଡିଆପଥର ଠାରେ ହୋଇଥିବା ଏକ ସଚେତନତା ଶିବିରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କର ଚାଷୀଙ୍କୁ ସାର ପ୍ରୟୋଗ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ଚାଷିମାନେ କୃଷି ବିଭାଗର ଅନୁମୋଦିତ ମାତ୍ରା ମୁତାବକ ସାର ବ୍ୟବହାର କରିବା ଲାଗି ସେ ନିବେଦନ କରିଥିଲେ । ଅଧିକ ସାର ବ୍ୟବହାର ଯୋଗୁଁ ଗଛରେ ପତ୍ରପୋଡା, ପତ୍ରଚିଟା, କାଣ୍ଡବିନ୍ଧା ରୋଗ ଓ ଚକରା ପୋକର ସମ୍ଭାବନା ଥିବା ବେଳେ ଜମିର ମାଟି ଅଧିକ ଅମ୍ଳଯୁକ୍ତ ହେବା ଯୋଗୁଁ ଧାନ ଅମଳରେ ବାଧା ଉପୁଜେ ବୋଲି ସତର୍କ କରାଇ ଦେଇଥିଲେ ।

## ସରପଞ୍ଚ, ୱାର୍ଡସଭ୍ୟଙ୍କୁ ନେଇ ବନ୍ଧୁମିଳନ

ରମ୍ଭା,୨୭।୯(ବନବାସୀ ସେଠୀ)

ଗଞ୍ଜାମ ବ୍ଲକ ସାନ ରାମଚନ୍ଦ୍ରପୁର ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବରଙ୍କୁ ନେଇ ସରପଞ୍ଚ ପ୍ରତିନିଧି ରମାକାନ୍ତ ନାହାକଙ୍କ ତତ୍ତ୍ୱାବଧାନରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମା ତାଲଖାଇ ଭଗବତୀ ମନ୍ଦିର ପରିସରରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ରଣଜିତ ନାହାକ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ନାହାକ, ସରପଞ୍ଚ ବିଷ୍ଣୁ ପ୍ରିୟା ନାହାକ, ସବୁ ୱାର୍ଡର ୱାର୍ଡସଭ୍ୟ, ବି. କୁମାରୀ ପାତ୍ର, ଟିଙ୍କିଲି ପଲେଇ, ବସନ୍ତ ଦାସ, ସଂଯୁକ୍ତା ନାହାକ, ବିଶ୍ୱଜିତ ନାହାକ, ଦୀପିକା ନାହାକ, ଚନ୍ଦ୍ର ମୋହନ ବେହେରା ଓ ଅନ୍ୟମାନେ ଯୋଗଦେଇ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

## କୃଷି ଉତ୍ପାଦନ ବଜାରୀକରଣ, ଏନ୍‌ସିଡିସି ଋଣ କର୍ମଶାଳା

ଜୟପୁର,୨୭।୯(ପବନ ପାଣିଗ୍ରାହୀ)

କୋରାପୁଟ ସମବାୟ ବିଭାଜନ ଦ୍ୱାରା ଜୟପୁର କେନ୍ଦ୍ର ସମବାୟ ବ୍ୟାଙ୍କ ଲିର ସହଯୋଗରେ କୃଷି ଉତ୍ପାଦନର ବଜାରୀକରଣ ଓ ଜାତୀୟ ସମବାୟ ବିକାଶ ନିଗମ(ଏନ୍‌ସିଡିସି) ଋଣ ନେଇ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପ ନିବନ୍ଧକ, କୋରାପୁଟ ସମବାୟ ବିଭାଜନ ଜୟପୁର ମୋନିକା ରାୟ, ସିଡିଏମ୍ ନାବାର୍ଡ ଏସ୍.କେ. ତାଲୁକଦାର, ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ହରିଶ୍ଚନ୍ଦ୍ର ବନାଗାଡ଼ି, ଡିଡିଏମ୍ ନାବାର୍ଡ ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ଜିଲାର ବିଭିନ୍ନ ଲ୍ୟାମ୍ପ ଓ ଅନ୍ୟ ସମବାୟ ସମିତି ସଭ୍ୟା ସଭ୍ୟ ଏବଂ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶ ଗ୍ରହଣ କରିଥିଲେ। କୃଷି ଉତ୍ପାଦର ବଜାରୀକରଣ ସମ୍ପର୍କରେ କର୍ମଚାରୀମାନେ ଆଲୋକପାତ କରିଥିଲେ। ଇ-ନାମ୍ ମାଧ୍ୟମରେ ବଜାରୀକରଣ ନେଇ ସଚେତନ କରାଯାଇଥିଲା। ଏନ୍‌ସିଡିସି ଦ୍ୱାରା ଉପଲବ୍ଧ ଋଣ ସମ୍ପର୍କରେ ଡିଆର୍‌ସିଏସ୍ ଅଫିସର ଏସ୍‌ଏଆର୍‌ସିଏମ୍ ଶିଶିରକାନ୍ତ ଦାସ, ବ୍ୟାଙ୍କ ମ୍ୟାନେଜର ମନୋଜ ସାହୁ ଅଂଶ ଗ୍ରହଣକାରୀଙ୍କୁ ସୂଚନା ଦେଇଥିଲେ। ବ୍ୟାଙ୍କର ସଭାପତି ପାଣିଗ୍ରାହୀ ବ୍ୟାଙ୍କ ତରଫରୁ ରହିଥିବା ବିଭିନ୍ନ ଋଣର ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ଆଗାମୀ ଯୋଜନା ନେଇ ଆଲୋକପାତ କରିଥିଲେ। କର୍ମଶାଳାକୁ ଏସ୍‌ଆର୍‌ସିଏସ୍ ଶିଶିର କାନ୍ତ ଦାସ ପରିଚାଳନା କରିଥିଲେ।

## ଲକ୍ଷାଧିକ ଟଙ୍କାର ବାଣ ଜବତ

ଛତ୍ରପୁର,୨୭।୯ (ଦିଲ୍ଲୀପ ସାମଲ)

ଛତ୍ରପୁର ଏନ୍‌ଏସି ଅନ୍ତର୍ଗତ ସାଇନଗର ନିକଟ ପାର୍କ ସାହିରେ ଥିବା ଏକ ଚାଉଳ ଗୋଦାମରୁ ଲକ୍ଷାଧିକ ଟଙ୍କାର ବାଣ ଜବତ କରାଯାଇଛି। ଛତ୍ରପୁର ଥାନା ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହି ଚଢ଼ଉ କରି ୨ ରୁ ୩ ଲକ୍ଷ ଟଙ୍କାର ବାଣ ଜବତ କରିବା ସହିତ ଦୋକାନୀକୁ ଅଟକ ରଖିଛନ୍ତି। ଏହି ଚଢ଼ଉରେ ଛତ୍ରପୁର ଏସଡିପିଓ ଚନ୍ଦନ କୁମାର ଘଡ଼ାଇ, ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚି ମଲ୍ଲ, ମାଜିଷ୍ଟ୍ରେଟ ଭାବେ ଛତ୍ରପୁର ଅତିରିକ୍ତ ତହସିଲଦାର ମନୋଜ ପ୍ରଧାନ ଏବଂ ପୁଲିସ ଫୋର୍ସ ସାମିଲ ହୋଇଥିଲୋ।

# ସଂସ୍କୃତ ବିଦ୍ୟାପୀଠ ଆରମ୍ଭ ନେଇ ସିଏସ୍‌ୟୁର ଅନୁବନ୍ଧନ



ଖବରଦାତା ସମ୍ମିଳନୀରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟିର ସଦସ୍ୟ।

କୋରାପୁଟ,୨୭।୯(ଅମିତାଭ ବେହେରା)

କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ସଂସ୍କୃତ ବିଦ୍ୟାପୀଠ ଆରମ୍ଭ ପାଇଁ ନୂଆଦିଲ୍ଲୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁବନ୍ଧନ ପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ଶାବର ଶ୍ରୀକ୍ଷେତ୍ର ଜ୍ଞାନମନ୍ଦିର ପରିସରରେ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜୟପୁର ବିଧାୟକ ତଥା ଶାବର ଶ୍ରୀକ୍ଷେତ୍ର ସଂସ୍କୃତ ବିଦ୍ୟାପୀଠର ପରିଚାଳନା କମିଟି ଅଧ୍ୟକ୍ଷ ତାରାପ୍ରସାଦ ବାହିନୀପତି ପ୍ରକାଶ କରିଛନ୍ତି। ଅସ୍ଥାୟୀ ଭାବେ ଏହାକୁ ଶାବର ଶ୍ରୀକ୍ଷେତ୍ର ଜ୍ଞାନମନ୍ଦିରରେ ଆରମ୍ଭ କରାଯିବ। ଚଳିତ ୨୦୨୫-୨୬ ଶିକ୍ଷା ବର୍ଷରେ ପ୍ରଥମା, କର୍ମକାଣ୍ଡ ଓ ଯୋଗ ଆଦି ୩ ବିଷୟ ଶିକ୍ଷା ଆରମ୍ଭକରି ପ୍ରତି ବିଷୟରେ ୨୦ ଲେଖାଏ ସିଟ୍ ରହିବ ବୋଲି ସେ ସୂଚନା ଦେଇଛନ୍ତି। ୨୦୨୬-୨୭ ଶିକ୍ଷା ବର୍ଷରୁ ପ୍ରଥମା, ପୂର୍ବ ମଧ୍ୟମା, ପ୍ରାକ୍ ଶାସ୍ତ୍ରୀ, କର୍ମକାଣ୍ଡ, ପୁରୋହିତ୍ୟ ପାଠ୍ୟକ୍ରମ ତଥା ଯୋଗ ଶାସ୍ତ୍ରରେ ପିଜି ଡିପ୍ଲୋମା ଅଧ୍ୟୟନ ପାଇଁ ପାଠପଢ଼ା ଆରମ୍ଭ ହେବା ନେଇ ମନ୍ଦିର ପରିଚାଳନା କମିଟି ଭାରପ୍ରାପ୍ତ ସମ୍ପାଦକ ଭବାନୀ ଶଙ୍କର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ପ୍ରକାଶ ଯେ,୨୦୨୫ ରଥଯାତ୍ରା ସମୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଓଡ଼ିଶାର କେତେଜଣ ମନ୍ତ୍ରୀ, ବିଧାୟକ, ନୂଆଦିଲ୍ଲୀସ୍ଥିତ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ଏବଂ ଜଗନ୍ନାଥ ମନ୍ଦିରର ସଦସ୍ୟ ମଧ୍ୟରେ କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ଏକ ସଂସ୍କୃତ ବିଦ୍ୟାପୀଠ ଆରମ୍ଭ ନେଇ ଆଲୋଚନା ହୋଇଥିଲା। ସେପ୍ଟେମ୍ବରରେ ଏକ ଅନୁଧ୍ୟାନ କମିଟି କୋରାପୁଟ ଆସି ଶାବର ଶ୍ରୀକ୍ଷେତ୍ରର ମନ୍ଦିରର ଜ୍ଞାନ ମନ୍ଦିର ଓ ପାଠାଗାର, ଯାତ୍ରୀକୁଟୀର, କଲ୍ୟାଣ ମଣ୍ଡପ, ପାଞ୍ଚବଟୀ ଉଦ୍ୟାନ ଓ ଜମିବାଡ଼ି ଆଦି ଅନୁଧ୍ୟାନ କରିଥିଲେ। ଗୁରୁବାର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପତ୍ର ସଂଖ୍ୟା ୧୧୫୪ରେ କୋରାପୁଟରେ ପ୍ରତିଷ୍ଠିତ ହେବାକୁ ଯାଉଥିବା ଶାବର ଶ୍ରୀକ୍ଷେତ୍ର ସଂସ୍କୃତ ବିଦ୍ୟାପୀଠକୁ ଅନୁବନ୍ଧନ ପତ୍ର ପ୍ରଦାନ କରିଛନ୍ତି। ଖବରଦାତା ସମ୍ମିଳନୀରେ ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ଡ.ଜଗବନ୍ଧୁ ସାମଲ, ପରିଚାଳନା କମିଟି ସଦସ୍ୟ, ବୁଦ୍ଧିଜୀବୀ ଓ ବହୁ ଖବରଦାତା ପ୍ରମୁଖ ଉପସ୍ଥିତ ଥିଲେ।

# ପର୍ଯ୍ୟଟନସ୍ଥଳୀରେ ଦୁର୍ବଳ ସୁରକ୍ଷା ବ୍ୟବସ୍ଥା

ନନ୍ଦପୁର,୨୭।୯(ତୁଷାର କାନ୍ତ ମହାନ୍ତି)

ପର୍ଯ୍ୟଟନ ହବ କୋରାପୁଟ ଜିଲାର ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବ୍ୟବସ୍ଥା ଦୁର୍ବଳ ଥିବା ଅଭିଯୋଗ ହୋଇଛି। ଜଳସ୍ରୋତ ଓ ଜଳାଶୟ ଥିବା ନନ୍ଦପୁର ବ୍ଲକର ରାଣୀ ଡୁଡୁମା, ବାଲାଡା ନାଗେଶ୍ୱରି ପାହାଡ ଓ ଗୁମ୍ଫା, ଜୋଲାପୁଟ ଡ୍ୟାମ, ଲମତାପୁଟ ବ୍ଲକର ମାଛକୁଣ୍ଡ ଜଳପ୍ରପାତ, ପଟ୍ଟାଙ୍ଗି ବ୍ଲକର ଗାଲିଗବର୍, ବୈପାରିଗୁଡ଼ା ବ୍ଲକର ଗୁପ୍ତେଶ୍ୱର ପୀଠ, କୋରାପୁଟର କେଟେଲା, ପୁଞ୍ଜିଶିଲ କୋଲାବ, ବାଗ୍ରା ଜଳପ୍ରପାତ, କୋଟପାଡ଼ ବ୍ଲକର ଗୁଲୁମି ଜଳ ପ୍ରପାତ ଆଦି ପର୍ଯ୍ୟଟନସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା ଢିଲା ଥିବାରୁ ଏକାଧିକ ପର୍ଯ୍ୟଟକଙ୍କ ମୃତ୍ୟୁ ହେଉଥିବା ଦେଖିବାକୁ ମିଳିଛି। ପାହାଡି ରାସ୍ତାର ଦୁରବସ୍ଥା ଓ ରାସ୍ତାର ଘାଟି,ମୋଡ ଗଡାଣିଆ ସମ୍ପର୍କରେ ସୂଚନା ନ ଥିବାରୁ ଦେଓମାଳୀ, ଗୁପ୍ତେଶ୍ୱର ଡକରିଘାଟି, ତଲମାଳି, ପୁଟସିଲ, କୋରାପୁଟ ଶାବର ଶ୍ରୀକ୍ଷେତ୍ର, ରାଣୀଗଡ, କୋଟି ଲିଙ୍ଗେଶ୍ୱର୍, ସୁବାଇ, ରାଜା କେଭ ଆଦି ପର୍ଯ୍ୟଟନସ୍ଥଳୀକୁ ପର୍ଯ୍ୟଟକ ଆସି ଦୁର୍ଘଟଣାର ଶିକାର ହେବା ସହ ମୃତ୍ୟୁ ହେଉଛି। ପ୍ରଶାସନର ଦୁର୍ବଳ ସୁରକ୍ଷା ବ୍ୟବସ୍ଥା ଯୋଗୁ ଏଭଳି ଦୁର୍ଘଟଣା ଘଟୁଥିବା ପର୍ଯ୍ୟଟକ ଅଭିଯୋଗ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶନିବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଇଥିବା ବେଳେ ପର୍ଯ୍ୟଟନସ୍ଥଳୀଗୁଡିକୁ ବୁଲି ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ସୁରକ୍ଷା, ବିପଦ ଆପଦର ସୂଚନା, ତ୍ୱରିତ ସହାୟତା ପ୍ରଦାନ ବ୍ୟବସ୍ଥା ପ୍ରଦାନ ପାଇଁ ପ୍ରଶାସନ ଚିନ୍ତା କରିବାକୁ ବୁଦ୍ଧିଜୀବି କହିଛନ୍ତି।

କୋରାପୁଟ ଜିଲା ପର୍ଯ୍ୟଟନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ୨୦୨୨ରେ ଜିଲାର ୧୩ ପର୍ଯ୍ୟଟନସ୍ଥଳୀ ମୋଟ ୧୮ ଲକ୍ଷ ୧୮ ହଜାର ୯୯୯ ପର୍ଯ୍ୟଟକ, ବର୍ଷ ୨୦୨୩ରେ ୨୩ ଲକ୍ଷ ୧୭ ହଜାର ୧୧୨, ବର୍ଷ ୨୦୨୪ରେ ୨୭ ଲକ୍ଷ ୬୮ ହଜାର ୮୫୭ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। ୨୦୨୫ ଜୁନ ମାସ ସୁଦ୍ଧା ୧୩ ଲକ୍ଷ ୮୭ ହଜାର ୭୬୯ ଜଣ ପର୍ଯ୍ୟଟକ ବୁଲି ଆସିଛନ୍ତି। ଶୀତ ଋତୁରେ ଏହି ସଂଖ୍ୟା ବୃଦ୍ଧି ପାଇବା ସମ୍ଭାବନା ରହିଛି। ୧୩ ପର୍ଯ୍ୟଟନସ୍ଥଳୀ ମଧ୍ୟରୁ କିଛି ଜଙ୍ଗଲ ବିଭାଗ ଅଧୀନରେ ପରିଚାଳିତ ହେଉଛି। ଅନ୍ୟ କିଛି ଜିଲା ପ୍ରଶାସନ ମିଶନଶକ୍ତିର ମହିଳା ଗୋଷ୍ଠୀ ସଦସ୍ୟଙ୍କ ଦ୍ୱାରା ପରିଚାଳିତ ହେଉଛି। ପର୍ଯ୍ୟଟକଙ୍କଠାରୁ ଗାଡ଼ି ପାର୍କିଂ ଫି ଓ ପ୍ରବେଶ ଦେୟ ଆଦାୟ କରି କେବଳ ଅଳିଆ ଆବର୍ଜନା ହଟାଇ ପରିସର ସଫେଇ କରୁଥିବା ଦର୍ଶାଇ ଲକ୍ଷାଧିକ ଟଙ୍କାର ଆୟକୁ ବେୟରେ ପରିଣତ କରୁଥିବା ଅଭିଯୋଗ ହୋଇଛି। ଉକ୍ତ ଆଦାୟ ଅର୍ଥର ବିନିଯୋଗ କରି ପର୍ଯ୍ୟଟନସ୍ଥଳୀର ରାସ୍ତା ଘାଟ, ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା ଆଦି ଆନୁଷଙ୍ଗିକ ବ୍ୟବସ୍ଥାର ନିର୍ମାଣ କରାଯାଉନାହିଁ। ଜଳସ୍ରୋତ, ଜଳାଶୟ, ବିପଦସଙ୍କୁଳ ରାସ୍ତାରେ ସୁରକ୍ଷାକର୍ମୀ ନିଯୁକ୍ତି ଦେଇ ପର୍ଯ୍ୟଟକଙ୍କୁ ବିପଦଠାରୁ ଦୂରେଇ ରଖିବା ନେଇ ସଚେତନ କରାଯାଉନାହିଁ। ବିପଦରେ ପଡ଼ିଥିବା ପର୍ଯ୍ୟଟକଙ୍କୁ ତ୍ୱରିତ ସହାୟତା ପ୍ରଦାନ କରିବା ବ୍ୟବସ୍ଥା ମଧ ପ୍ରଶାସନ ପକ୍ଷରୁ କରାଯାଉନାହିଁ। ଏହାଦ୍ୱାରା ମାଛକୁଣ୍ଡ, ଜୋଲାପୁଟ, ବାଲଡ଼ା, ରାଣୀ ଡୁଡୁମା, ଗାଲିଗବର୍ ଓ ଗୁପ୍ତେଶ୍ୱର ଆଦି ପର୍ଯ୍ୟଟନସ୍ଥଳୀରେ ଏକାଧିକ ପର୍ଯ୍ୟଟକଙ୍କ ପାଣିରେ ଭାସି ଓ ବୁଡି ମୃତ୍ୟୁ ହେବା ଘଟଣା ସାମ୍ନାକୁ ଆସୁଥିଲେ ସୁଦ୍ଧା ପ୍ରଶାସନ ଚେତୁ ନ ଥିବା ଅଭିଯୋଗ କରି ବୁଦ୍ଧିଜୀବି ଓ ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ଲକ ଓ ଜିଲା ପ୍ରଶାସନ ସମେତ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଜଙ୍ଗଲ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି।

DSPL - 284
ଓଡ଼ିଶା ଶାସନ
ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ
୨୮ ସେପ୍ଟେମ୍ବର ୨୦୨୫
ତାଲିମ୍‌ପ୍ରାପ୍ତ ଡାକ୍ତରଙ୍କ ପରାମର୍ଶରେ ଏବଂ ଅନୁମୋଦିତ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଗର୍ଭପାତ କରାଇବା ଆଇନ୍ ସମ୍ମତ ଓ ନିରାପଦ ।

ସୁରକ୍ଷିତ ସମୟ ଓ ବିଧି
୯ ସପ୍ତାହ ମଧ୍ୟରେ ବଟିକା ସେବନ ଦ୍ୱାରା
୧୨ ସପ୍ତାହ ମଧ୍ୟରେ ଏମ୍.ଭି.ଏ ପଦ୍ଧତି ଦ୍ୱାରା
୧୨ ରୁ ୨୪ ସପ୍ତାହ ମଧ୍ୟରେ ଅନୁମୋଦିତ ପଦ୍ଧତି ଦ୍ୱାରା
ଗର୍ଭପାତ ଯେତେ ଶୀଘ୍ର କରାଯିବ ସେତିକି ହେବ ସହଜ, ସରଳ ଓ ସୁରକ୍ଷିତ
୨୦ ସପ୍ତାହରୁ ୨୪ ସପ୍ତାହ ପର୍ଯ୍ୟନ୍ତ ଗର୍ଭପାତ କେବଳ ନିର୍ଦ୍ଦିଷ୍ଟ ମହିଳାଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ
କେବଳ ଅନୁମୋଦିତ ସ୍ୱାସ୍ଥ୍ୟକେନ୍ଦ୍ରରେ ଗର୍ଭପାତ ବିନାମୂଲ୍ୟରେ କରାନ୍ତୁ ।
ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ପରାମର୍ଶ କରନ୍ତୁ ।
OIPR-10003/13/0289/2526
facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

## ସଂକ୍ଷେପରେ

### କାନ୍ଥ ଭୁଶୁଡ଼ି ମହିଳା ଗୁରୁତର

ବୁଗୁଡ଼ା,୨୭।୯(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ୍ ଭାମଶ୍ୟାଳି ଗ୍ରାମରେ କାନ୍ଥ ଭୁଶୁଡ଼ି ଜଣେ ମହିଳା ଗୁରୁତର ହୋଇ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଛନ୍ତି। ସେ ହେଲେ ଲଡୁ କିଶୋର ଦାସଙ୍କ ପତ୍ନୀ ସାବିତ୍ରୀ(୬୦)। ପ୍ରକାଶ ଯେ, ଶନିବାର ସକାଳେ ସାବିତ୍ରୀ ବାରିପଟେ ଗାଧୁଆସାରି ଫେରୁଥିବା ବେଳେ ତାଙ୍କ ପଡ଼ୋଶୀ ପୁରୁଷୋତ୍ତମ ନାୟକଙ୍କ ଚାଳଘରର କାନ୍ଥଟି ହଠାତ୍ ଭୁଶୁଡ଼ି ଯାଇ ସାବିତ୍ରୀଙ୍କ ଉପରେ ପଡ଼ିଥିଲା। ତାଙ୍କୁ ସେଠାରୁ ଉଦ୍ଧାରକରି ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିବା ସହିତ ଡାହାଣ ଗୋଡ଼ ଭାଙ୍ଗିଯାଇଛି। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

### ସାର ପାଇଁ ଧାଡ଼ିବାନ୍ଧିଲେ ଚାଷୀ

ବୁଗୁଡ଼ା, ୨୭।୯(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ବି.କରଡ଼ାବାଡ଼ି ସେବା ସମବାୟ ସମିତି ଆଗରେ ସାର ପାଇଁ ରାତି ୨ଟାରୁ ଚାଷୀମାନେ ଲମ୍ୱାରେ ଧାଡ଼ିହୋଇ ଛିଡ଼ା ହୋଇଥିଲେ। ଚାଷଜମିରେ ରୁଆ ପରେ ସାରର ଆବଶ୍ୟକ ଥିବା ବେଳେ ଚାଷୀଙ୍କୁ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସେବା ସମବାୟ ସମିତିରୁ ସାର ନ ମିଳିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ସେହିପରି ସାର ପାଇଁ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ବୁଗୁଡ଼ା ବ୍ଲକ୍ ଓ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା, ଯାହାକୁ ନେଇ ଶୁକ୍ରବାର ରାତି ୨ଟାରୁ ବି.କରଡ଼ାବାଡ଼ି ସେବା ସମବାୟ ସମିତି ଆଗରେ ସମିତି ଅଧୀନ ବିଭିନ୍ନ ଗ୍ରାମର ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ବର୍ଷାରେ ଭିଜି ଭିଜି ସାର ପାଇଁ ଲମ୍ୱାଧାଡ଼ିରେ ଛିଡ଼ାହୋଇ ସାର ନେଉଥିବା ଦେଖିବାକୁ ମିଳିଛି।

### ଦୁର୍ଗା ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ବୁଗୁଡ଼ା,୨୭।୯(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ୍ ବାଲିପଦର ଗ୍ରାମସ୍ଥ ପୂଜା କମିଟି ପକ୍ଷରୁ ମା'ଦୁର୍ଗାଦେବୀଙ୍କ ଷଷ୍ଠୀ ପୂଜା ପାଇଁ ଶନିବାର ବସଷ୍ଟାଣ୍ଡଠାରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏ ଅବସରରେ ପୂଜା କମିଟି ସମେତ ଗ୍ରାମବାସୀମାନେ ବାଦ୍ୟ ବାଜଣା ସହ କଳସ ଶୋଭାଯାତ୍ରାରେ ବାହାରି ନଗର ଭ୍ରମଣ ପୂର୍ବକ ମା'ଙ୍କ ପୂଜା ମଣ୍ଡପସ୍ଥଳରେ ଶୁଭଖୁଣ୍ଟିକୁ ସ୍ଥାପନ କରିଥିଲେ। ପୁରୋହିତ ଭାବେ ପ୍ରଦ୍ୟୁମ୍ନ ଖାଡ଼ଙ୍ଗା ଯୋଗ ଦେଇଥିଲା। ବେଳେ କର୍ତ୍ତା ଭାବେ ତ୍ରିନାଥ ସାସମଲ ଦାୟିତ୍ୱ ନିର୍ବାହ କରିଥିଲେ। ପୂଜା କମିଟି ସଭାପତି ସଞ୍ଜୟ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ନାରାୟଣ ସାମନ୍ତରା ପରିଚାଳନା କରିଥିବା ବେଳେ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

# ମଜୁରି ମାଗିବାରୁ ଦାଦନ ଶ୍ରମିକଙ୍କୁ ଠିକାଦାର, ଦଲାଲଙ୍କ ମରଣାନ୍ତକ ଆକ୍ରମଣ

- ଅକର୍ମଣ୍ୟ ଅବସ୍ଥାରେ ଘରେ ପଡିଛନ୍ତି ପ୍ରଭାକର
- ସରକାର, ଗଞ୍ଜାମ ଜିଲାପାଳ ଦୃଷ୍ଟି ଦେବାକୁ ନିବେଦନ

ପୁରୁଷୋତ୍ତମପୁର,୨୭।୯(ସବିତା ମିଶ୍ର)

ପରିବାର ପୋଷିବା ସହ କରଜ ଶୁଝିବା ଆଶାରେ ଦାଦନ ଖଟିବାକୁ ଯାଇଥିବା ଜଣେ ଦାଦନ ଶ୍ରମିକ ନିଜ ମଜୁରି ଟଙ୍କା ମାଗିବାରୁ ଠିକାଦାର ଓ ଦଲାଲଙ୍କ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। ସେମାନଙ୍କ ଆକ୍ରମଣରେ ଏବେ ଚିକିତ୍ସା ଅଭାବରୁ ଘରେ ପଡି ରହିଛନ୍ତି। ସେ ହେଲେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ତଥା ଥାନା ଅନ୍ତର୍ଗତ ଭୂତସରସିଙ୍ଗି ପଞ୍ଚାୟତ ଦାସିଆମାରୀ ପଲ୍ଲୀ ଗ୍ରାମର ପ୍ରଭାକର ନାହାକ(୬୦)। ଖବରରୁ ପ୍ରକାଶ, ପ୍ରଭାକର ଅତି ଗରିବ ହୋଇଥିବାରୁ ଗ୍ରାମରେ ମୂଲଲାଗି ପରିବାର ଚଳାଉଥିଲେ। ସେ ଝିଅ ବାହାଘରରେ କରଜ ହୋଇଯାଇଥିବା ହେତୁ ତାହା ଶୁଝିବେ କିପରି ଚିନ୍ତାରେ ଥିଲେ। ଏହି ସମୟରେ ଗତ ୬ମାସ ତଳେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଜଗନ୍ନାଥପୁର ବ୍ରାହ୍ମଣ ଶାସନ ଗ୍ରାମର ଜଣେ ମଧ୍ୟସ୍ଥି ଜିତେନ୍ଦ୍ର ସାହୁଙ୍କ ମାଧ୍ୟମରେ ଭଦ୍ରକର ଠିକାଦାର ପର୍ଶୁରାମ ଦାଶଙ୍କ ଅଧୀନରେ ବେଙ୍ଗାଲୁରୁର ହିନ୍ଦିପୁର ଯାଇ ସେଠାରେ ଥିବା ଆଦିଷ୍ଟିଲ କମ୍ପାନୀରେ ଶ୍ରମିକ ଭାବରେ କାମ କରୁଥିଲେ। ଇତିମଧ୍ୟରେ ଠିକାଦାର ତିନିମାସର ମଜୁରି ଦେଇଥିବା ବେଳେ ଆଉ ତିନିମାସର ଦେଇ ନ ଥିଲେ। ମଜୁରି ଠିକ୍ ରୂପେ ନ ମିଳିବାରୁ ପ୍ରଭାକର ନିଜ ଗ୍ରାମକୁ ଫେରି ଆସିବାକୁ ଚାହିଁ ମଧ୍ୟସ୍ଥି ଓ ଠିକାଦାରଙ୍କୁ କହିଥିଲେ। ଠିକାଦାର ଓ ମଧ୍ୟସ୍ଥି ଉଭୟେ ତାଙ୍କୁ ମନା କରିଥିଲେ। ମାତ୍ର ପ୍ରଭାକର ଚାଲି ଆସିବାକୁ ଜିଦ୍ ଜିଦ ଧରିବାରୁ ଗତ ୪ରେ ତାଙ୍କୁ ସେଠାରେ ମରଣାନ୍ତକ ଆକ୍ରମଣ କରାଯଇଥିଲା। ମାଡ଼ ମାରି ତାଙ୍କ ହାତକୁ ମୋଡି ଭାଙ୍ଗି ଦେବା ସହ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନକୁ ମାରଣାସ୍ତ୍ରରେ ଆକ୍ରମଣ କରାଯିବାରୁ ସେ ଗୁରୁତର ହୋଇଥିଲେ। ସେଠାରେ ଏକ ହସ୍ପିଟାଲରେ ପ୍ରଭାଗରଙ୍କୁ ଭର୍ତ୍ତି କରିଦେଇ ଠିକାଦାର ଓ ମଧ୍ୟସ୍ଥି ଦଲାଲ ଚାଲି ଯାଇଥିଲେ। ସେ ମେଡିକାଲରେ ପଡି ଛଟପଟ ହେଉଥିବା ବେଳେ ସେଠାକାର ଅନ୍ୟ ଏକ କମ୍ପାନୀରେ କାର୍ଯ୍ୟ କରୁଥିବା ପୁରୁଷୋତ୍ତମପୁର ଅଞ୍ଚଳର କେତେ ଜଣ ବ୍ୟକ୍ତି ପ୍ରଭାକରଙ୍କ ପରିବାରକୁ ଫୋନ କରି ଏ ସମ୍ପର୍କରେ ଜଣାଇଥିଲେ। ପରେ ସ୍ତ୍ରୀ ସରସ୍ୱତୀ ଓ ଶଳା ଧର୍ମା ନାହାକ ସେଠାକୁ ଯାଇ ପ୍ରଭାକରଙ୍କ ଚିକିତ୍ସା କରାଇଥିଲେ। ହେଲେ ଅର୍ଥ ଅଭାବରୁ ଅଧିକ ଚିକିତ୍ସା କରି ନ ପାରି ଉଭୟେ ଏକ ଆମ୍ବୁଲାନ୍ସ ଯୋଗେ ସେଠାରୁ ପ୍ରଭାକରଙ୍କୁ ବ୍ରହ୍ମପୁର ଆଣି ଗତ ୭ରେ ବଡମେଡିକାଲରେ ଚିକିତ୍ସା କରାଇ ଘରକୁ ଆଣିଥିଲେ। ଅର୍ଥ ଅଭାବରୁ ଅଧିକ ଚିକିତ୍ସା ଲାଗି ପରିବାର ଲୋକେ କେଉଁଆଡେ ନେଇପାରୁନାହାନ୍ତି। ବର୍ତ୍ତମାନ ପ୍ରଭାକର ଏକ ପ୍ରକାରର ମୂକ ପାଲଟି କଥାବାର୍ତ୍ତା ମଧ କହିପାରୁ ନାହାନ୍ତି। ଏନେଇ ପରିବାର ଲୋକେ ଠିକାଦାର ପର୍ଶୁରାମ ଦାଶଙ୍କୁ ଫୋନ କରିପଚାରିବାରୁ ସେ ଘଟଣାକୁ ଏଡାଇଦେଇ ଜାଣି ନ ଥିବା ଏବଂ ପ୍ରଭାକରଙ୍କ ବକେଆ ମଜୁରି ଟଙ୍କା ଦେବାକୁ ମନା କରିଦେଇଛନ୍ତି। ପ୍ରଭାକରଙ୍କୁ ନେଇଥିବା ମଧ୍ୟସ୍ଥି ଦଲାଲ ଜିତେନ୍ଦ୍ର ସାହୁ ମଧ କିଛି ଜାଣି ନ ଥିବା କହିଛନ୍ତି ବୋଲି ସ୍ତ୍ରୀ ସରସ୍ୱତୀ ପ୍ରକାଶ କରିଛନ୍ତି। ଦୋଷୀଙ୍କୁ ଦଣ୍ଡବିଧାନ ସହ ନ୍ୟାୟ ପ୍ରଦାନ କରିବା, ପ୍ରଭାକରଙ୍କ ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ପରିବାର ଲୋକେ ସରକାର ଓ ଗଞ୍ଜାମ ଜିଲାପାଳଙ୍କୁ ନିବେଦନ କରିଛନ୍ତି।



ଆକ୍ରମଣ ଯୋଗୁ ଶର୍ଯ୍ୟାଶାୟୀ ଥିବା ପ୍ରଭାକର।

# ୨ ଫୁଟ ଲମ୍ୱର ବଜ୍ରକାପ୍ତା ଉଦ୍ଧାର

ଖଲ୍ଲିକୋଟ,୨୭।୯(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ୍ ଅନ୍ତର୍ଗତ ଖୋଜାପଲ୍ଲୀ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଭିତରୁ ଶୁକ୍ରବାର ବିଳମ୍ବିତ ରାତିରେ ଏକ ବଜ୍ରକାପ୍ତା ଉଦ୍ଧାର ହୋଇଛି। ଜଙ୍ଗଲରୁ ଆସି ଖୋଜାପଲ୍ଲୀ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରେ ବଜ୍ରକାପ୍ତାଟି ପଶି ଯାଇଥିଲା। ଏହା ଦେଖି ପରିବାର ଲୋକେ ଭୟଭୀତ ହେବା ସହ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଖଲ୍ଲିକୋଟ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ବଜ୍ରକାପ୍ତାଟିକୁ ଉଦ୍ଧାର କରି ଖଲ୍ଲିକୋଟ ବନ ବିଭାଗ କାର୍ଯ୍ୟାଳୟକୁ ନେଇଥିଲେ। ପରେ ବନାଞ୍ଚଳ ଅଧିକାରୀ ତଥା ଏସିଏଫ ଦିବ୍ୟ ଶଙ୍କର ବେହେରାଙ୍କ ତତ୍ତ୍ୱାବଧାନରେ ଫରେଷ୍ଟର ନୀଳମାଧବ ଜେନା, ସନ୍ତୋଷ ବେହେରା, ସନ୍ତୋଷ ମଲ୍ଲିକ ଓ ଫରେଷ୍ଟ ଗାର୍ଡ ରଜେଶ୍ୱର ବେହେରା ପ୍ରମୁଖ ଉଦ୍ଧାର ହୋଇଥିବା ବଜ୍ରକାପ୍ତାଟିକୁ ଶନିବାର ଭୋର ପ୍ରାୟ ୪ ଟା ସମୟରେ ଖଲ୍ଲିକୋଟ ବନାଞ୍ଚଳର ଏକ ସୁରକ୍ଷିତ ସ୍ଥାନରେ ଛାଡ଼ି ଦେଇଥିଲେ। ତେବେ ଉଦ୍ଧାର ବଜ୍ରକାପ୍ତାଟିର ଓଜନ ୩ କିଲୋ ହୋଇଥିବା ବେଳେ ଲମ୍ୱ ପ୍ରାୟ ୨ ଫୁଟ ହେବ ବୋଲି ଜଣାପଡିଛି।

# ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ବଣ୍ଟନ

ଖଜୁରିପଡ଼ା,୨୭।୯(ବିଦୁର ବେହେରା)

ଖଜୁରିପଡା ବ୍ଲକ୍ ସଭାଗୃହରେ ଶନିବାର ଅନ୍ତୋଦୟ ଗୃହ ଯୋଜନା ବଣ୍ଟନ ହୋଇଛି। ସମୁଦାୟ ୧୯୧ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ମିଳିଥିବା ବେଳେ ଖଜୁରିପଡ଼ା ପଞ୍ଚାୟତରୁ ୧୩ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ଏଥିରେ ବିଡ଼ିଓ ଶୁଭ ଦାତ୍ତାତ୍ରେୟ ବାହିନୀପତି, ସରପଞ୍ଚ ମନୋରଞ୍ଜନୀ ଯାନୀ, ଖଜୁରିପଡା ବ୍ଲକ୍ ଏମ୍‌ପି ପ୍ରତିନିଧି ମନୋଜ ପଣ୍ଡା, ବିଧାୟକ ପ୍ରତିନିଧି ଅନନ୍ତ ଦିଗାଲ ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ସହ କିଭଳି ଶୀଘ୍ର ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ ସେନେଇ ପରାମର୍ଶ ଦେଇଥିଲେ। ବିପିସି ଏବଂ ଆକାଶ ମହାନ୍ତି, ଏଡିଇଓ ପ୍ରମୁଖ ଉପସ୍ଥିତ ଥିଲେ।

# ବିନା ଅନୁମତିରେ ହେଡ଼କ୍ୱାର୍ଟର୍ସ ନ ଛାଡିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

ଛତ୍ରପୁର,୨୭।୯(ଦିଲ୍ଲୀପ ସାମଲ)

ଲଗାଣ ବର୍ଷା ଲାଗି ଗଞ୍ଜାମ ଜିଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାର ମୁକାବିଲା ଲାଗି ଜିଲା ପ୍ରଶାସନ ପ୍ରସ୍ତୁତ ହୋଇ ରହିଛି। ସମସ୍ତ ଲାଇନ ବିଭାଗକୁ ସଜାଗ ରହିବାକୁ କୁହାଯାଇଛି। ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଶନିବାର ଜିଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକୁ ଜିଲାପାଳ ଭି. କିର୍ତ୍ତୀ ଭାସନ ଛୁଟି ଘୋଷଣା କରିଛନ୍ତି। ଜିଲାରେ ଥିବା ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀଗୁଡିକୁ ପ୍ରସ୍ତୁତ କରି ରଖିବାକୁ କୁହାଯାଇଛି। ଶୁକ୍ରବାର ରାତିରେ ଜିଲାପାଳ କିର୍ତ୍ତୀ ଭାସନ ଛତ୍ରପୁର ବ୍ଲକ ଅନ୍ତର୍ଗତ ଉପୁଲାପୁଟି, ଆର୍ଯ୍ୟପଲ୍ଲୀ ସମେତ ଗୋପାଳପୁରରେ ବିଭିନ୍ନ କୋଷ୍ଟାଲ ଅଞ୍ଚଳରେ ଥିବା ବାତ୍ୟା ଆଶ୍ରୟ ସ୍ଥଳୀ ବୁଲି ସ୍ଥିତି ଯାଞ୍ଚ କରିଛନ୍ତି। ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। କୌଣସି ସରକାରୀ ଅଧିକାରୀ ବିନା ଅନୁମତିରେ ହେଡ଼ କ୍ୱାର୍ଟର ଛାଡି ଯାଇପାରିବେନି ବୋଲି ଜିଲାପାଳ ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲାର ବ୍ଲକ ଓ ତହସିଲ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯିବା ସହ ଜରୁରୀକାଳୀନ ନମ୍ବର ଜାରି କରାଯାଇଛି। ଜରୁରୀ ହେଲେ ଲୋକେ ସେହି ନମ୍ବରରେ କଲ କରିପାରିବେ। ଜିଲାପାଳଙ୍କ ପରିଦର୍ଶନ ବେଳେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ବିଡ଼ିଓ ସମ୍ବିତ ସଂଗ୍ରାମଜିତ ସାହୁ, ଅତିରିକ୍ତ ତହସିଲଦାର ମନୋଜ ପ୍ରଧାନ, ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ପାରଳାଖେମୁଣ୍ଡି, ୨୭।୯(ଗିରିଧାରୀ ପରଚ୍ଛା)

ମହିଳା ସ୍ନାତକ ମହାବିଦ୍ୟାଳୟରେ ଅଧକ୍ଷା ଡ. ରୀନା ସାହୁଙ୍କ ତତ୍ତ୍ୱାବଧାନରେ ଯୁବ ରେଡକ୍ରସ ପକ୍ଷରୁ ମହିଳା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧାପିକା ଭାରତୀ ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରି ସୁସ୍ଥ ନାରୀ ଜୀବନ ଓ ରକ୍ତହୀନତାର ନିରାକରଣ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗର ବି. ଲକ୍ଷ୍ମୀ କୁମାରୀ ପଟ୍ଟନାୟକ, ସନ୍ତୋଷୀ କୁମାରୀ ଜେନା ରକ୍ତ ପରୀକ୍ଷା କରିବାର ଆବଶ୍ୟକତା ଓ ଏହାର ଉପକାରିତାଉପରେ ଆଲୋକପାତ କରିଥିଲେ। ଉପସ୍ଥିତ ଆଶାକର୍ମୀମାନେ ରକ୍ତଶିକୁଳି ରୋଗ ନିମନ୍ତେ ରକ୍ତ ପରୀକ୍ଷା କରାଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀ ସାମିଲ ଥିଲେ। ରେଡକ୍ରସ ଅଧିକାରୀ ଅଧାପକ କୃଷ୍ଣଚନ୍ଦ୍ର ପଣ୍ଡିତ ପରିଚାଳନା କରିଥିଲେ।

# ନ୍ୟାଶନାଲ କିକ୍‌ବକ୍ସିଂ ପ୍ରତିଯୋଗିତା, ଗଞ୍ଜାମକୁ ୪ ବ୍ରୋଞ୍ଜ




ଗଞ୍ଜାମ,୨୭।୯(ବିଦ୍ୟାଧର ସାହୁ)

ହିମାଞ୍ଚଳ ପ୍ରଦେଶରେ ଅନୁଷ୍ଠିତ ନ୍ୟାଶନାଲ କିକ୍‌ବକ୍ସିଂ ପ୍ରତିଯୋଗିତାରେ ଗଞ୍ଜାମର ୪ ଜଣ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ସେମାନେ ହେଲେ ବିକାଶ ବେହେରା, ଲକ୍ଷ୍ମଣ ଆଚାରୀ, ପ୍ରତୀକ ନାୟକ ଓ ଦେବାଶିଷ ସାହୁ। ୱାକ୍ ଓଡ଼ିଶା ପ୍ରେସିଡେଣ୍ଟ କାର୍ତ୍ତିକ ଡାକୁଆ, ଗଞ୍ଜାମ ଜିଲା କୋଚ୍ ପ୍ରମୋଦ ଅପାତ, ଦୁର୍ଗାପ୍ରସାଦ ଦାସ ଏବଂ ଶିବାଜୀ ବେଜ୍‌ଙ୍କ ନେତୃତ୍ୱରେ ଜିଲାର ୪ ପ୍ରତିଯୋଗୀ ପ୍ରତୀକ, ଦେବାଶିଷ, ବିକାଶ ଏବଂ ଲକ୍ଷ୍ମଣ ପ୍ରମୁଖ ଶୁକ୍ରବାର ହିମାଞ୍ଚଳ ପ୍ରଦେଶ ଗସ୍ତ କରିଥିଲେ। ପ୍ରତିଯୋଗୀମାନେ ଜୁନିୟର କିକ୍‌ବକ୍ସିଂ ପ୍ରତିଯୋଗିତାରେ ଭାଗନେଇ ଏହି ସଫଳତା ପାଇଛନ୍ତି। ବର୍ତ୍ତମାନ ଓଡ଼ିଶା କିକ୍‌ବକ୍ସିଂ ହେଡ୍‌କ୍ୱାର୍ଟର୍ସ ଅନୁଗୋଳ କ୍ୟାମ୍ପରେ ସେମାନେ ଟ୍ରେନିଂ ନେଉଛନ୍ତି। ଏଠାରୁ ମନୋନୀତ ସମସ୍ତ ଖେଳାଳି ଏସିଆନ କିକ୍‌ବକ୍ସିଂ ପ୍ରତିଯୋଗିତାରେ ଖେଳିବେ ବୋଲି କୋଚ୍ ଅପାତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ସରକାରୀ ବିଦ୍ୟାଳୟରେ ତାଲା ପକାଇଲେ ଜମି ମାଲିକ




ପ୍ରଶାସନ ପହଞ୍ଚି ସମାଧାନ କରି ତାଲା ଖୋଲିଲା

ଦାରିଙ୍ଗବାଡ଼ି,୨୭।୯(ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ୍ ସିଆଙ୍ଗବାଲି ପଞ୍ଚାୟତ କିସୁବାଡ଼ି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜମି ମାଲିକ ତାଲା ପକାଇଥିଲେ। ଖବର ପାଇ ତହସିଲଦାର ଧୀରୋଜ ପାତ୍ର ପହଞ୍ଚି ସମସ୍ୟାର ସମାଧାନ କରିଛନ୍ତି। ଜମି ମାଲିକ ସନମାଳୀ ପ୍ରଧାନଙ୍କ ସହ ଆଲୋଚନା କରି ନୂତନ ବିଦ୍ୟାଳୟ ହେବା ପର୍ଯ୍ୟନ୍ତ ତାଲା ଖୋଲିଦେବାକୁ ନିବେଦନ କରିଥିଲେ। ଏଥିରେ ଜମି ମାଲିକ ୨ ମାସ ମଧ୍ୟରେ ନୂତନ ବିଦ୍ୟାଳୟ କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ନ କଲେ ପୁଣି ତାଲା ପକାଇଦେବି ବୋଲି ତହସିଲଦାରଙ୍କୁ ଚେତାବନୀ ଦେଇଛନ୍ତି। ତହସିଲଦାର ସହମତି ପ୍ରକାଶ କରିବା ପରେ ବିଦ୍ୟାଳୟ ଫାଟକରୁ ଜମି ମାଲିକ ତାଲା ଖୋଲିଛନ୍ତି। ଏହି ସମୟରେ ତହସିଲଦାର, ରାଜସ୍ୱ ନିରୀକ୍ଷକ ସୁବ୍ରତ ମଲିକ, ସିଆର୍‌ସିସି ଅଜିତ ବେହେରଦଳାଇ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେଶ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ସନମାଳୀ ପ୍ରଧାନଙ୍କ ନାମରେ ଜମିପଟ୍ଟା ରହିଥିବା ବେଳେ ଦୀର୍ଘବର୍ଷ ହେଲା ଉକ୍ତ ଜମିରେ ସରକାର ଏକ ପ୍ରାଥମିକ ବିଦ୍ୟାଳୟ ଖୋଲି ପ୍ରଥମରୁ ପଞ୍ଚମ ପିଲାଙ୍କୁ ଶିକ୍ଷାଦାନ କରୁଛନ୍ତି। ଏନେଇ ଜମି ମାଲିକ ଜିଲା ପ୍ରଶାସନର ଦ୍ୱାରସ୍ଥ ହେବା ସହ ସ୍ୱତନ୍ତ୍ର କୋର୍ଟସ୍‌ରେ ଅଭିଯୋଗ କରିଥିଲେ। ଅକ୍ଟୋବରରେ ତାଙ୍କ ଜମି ଫେରାଇଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ମଧ ଶିକ୍ଷା ବିଭାଗର ଅବହେଳା ଯୋଗୁ ମାଲିକ ତାଙ୍କ ଜମି ଫେରି ପାଇ ନ ଥିଲେ। ସେ ଶୁକ୍ରବାର ବିଦ୍ୟାଳୟରେ ତାଲା ପକାଇବାକୁ ବିଇଓଙ୍କ ନିକଟକୁ ଚିଠି ଲେଖିଥିଲେ। ଶନିବାର ସକାଳୁଆ ପାଠପଢ଼ା ଚାଲିଥିବା ବେଳେ ସେଠାରୁ ଛାତ୍ରୀଛାତ୍ର, ଶିକ୍ଷକଙ୍କୁ ବାହାରକରି ତାଲା ପକାଇ ଦେଇଥିଲେ। ଏନେଇ ତହସିଲଦାର କହିଛନ୍ତି, ନୂତନ ବିଦ୍ୟାଳୟ ନିର୍ମାଣ ପାଇଁ ଜମି ଚିହ୍ନଟ କରାଯାଇଛି। ବିଇଓଙ୍କ ପଦକ୍ଷେପ ଓ ବିଡିଓଙ୍କ ହସ୍ତକ୍ଷେପରେ ନୂତନ କୋଠା ଶୀଘ୍ର ନିର୍ମାଣ କରାଯିବ।

# ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ପୁରୁଷୋତ୍ତମପୁର,୨୭।୯(ସବିତା ମିଶ୍ର)

ପୁରୁଷୋତ୍ତମପୁର ରଥସାହି ପୂଜା କମିଟି ପକ୍ଷରୁ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଅସ୍ଥାୟୀ ପୂଜା ମଣ୍ଡପଠାରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ସେଠାରୁ ଆଜ୍ଞାମାଳା ଅଣାଯିବା ପରେ ଅସ୍ଥାୟୀ ମଣ୍ଡପଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ପୁରୋହିତ ଶିବରାମ ତ୍ରିପାଠି ରୀତିନୀତି ପ୍ରକାରେ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଶିଶିର ପଣ୍ଡା କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ବଳରାମ ମହାରଣା, ଦିଗାମ୍ବର ପଣ୍ଡା, ସାନୁ ସାମଲ, କାହ୍ନା ପଣ୍ଡା, ଭାଲୁ ସାମଲ, ଆସିଶ ବେହେରା, ପ୍ରଭାତ ପଣ୍ଡା, ନଚିକେତା ପାଣିଗ୍ରାହୀଙ୍କ ସମେତ ପୂଜାକମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ପାର୍ବଣ ପାଇଁ ପୋଲିସର ଫ୍ଲାଗମାର୍ଚ୍ଚ



ଦାରିଙ୍ଗବାଡ଼ି,୨୭।୯ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ଥାନା ପୋଲିସ ପକ୍ଷରୁ କନ୍ଧମାଳ ଏସ୍‌ପି ହରିଶ ବିଶିଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଫ୍ଲାଗମାର୍ଚ୍ଚ କରାଯାଇଛି। ଡିଏସପି ତଥା ଦାରିଙ୍ଗବାଡ଼ି ଥାନା ଅଧିକାରୀ କନକ ମାଝୀଙ୍କ ନେତୃତ୍ୱରେ ଏସ୍‌ଆଇ ଲକ୍ଷ୍ମୀ ମାଝୀ, ଜୟନ୍ତ ସେଠୀ, ଏଏସ୍‌ଆଇ ଅର୍ଜୁନ ଶବର, ଶ୍ରୀନିବାସ ରାଓ ସଦଳବଳ ଦାରିଙ୍ଗବାଡ଼ି ଥାନାରୁ ଫ୍ଲାଗମାର୍ଚ୍ଚ କରି ଚାରିଛକ, ତିନିଛକ, ଶିବମନ୍ଦିର ସାହି, ଲକ୍ଷ୍ମୀବଜାର, ଡୁଡୁକିବାଡ଼ି, ଜାଗୃତି ସାହି, ୫୯ ନଂ. ଜାତୀୟରାଜପଥ ଆଦି ଅଞ୍ଚଳରେ ଘୁରି ବୁଲିଥିଲେ। ଚଳିତ ବର୍ଷ କିପରି ଶାନ୍ତି ଶୃଙ୍ଖଳାର ସହ ପୂଜା ପାଳନ ହେବ ସେନେଇ ସଚେତନ କରାଯାଇଛି। ଦଶହରା ପର୍ବ ଏବଂ ଗାଜଲକ୍ଷ୍ମୀ ପୂଜା ଚଳିତ ଥର ଧୁମ୍‌ଧାମ୍‌ରେ ପାଳନ ପାଇଁ ପ୍ରସ୍ତୁତି ଚାଲିଛି। ପୂଜା ପାର୍ବଣ ପାଇଁ ଲୋକମାନେ ଯେମିତି ନିଜ ପ୍ରସ୍ତୁତି କରୁ କରୁଛନ୍ତି ପୋଲିସ ପକ୍ଷରୁ ମଧ୍ୟ ଆଇନଶୃଙ୍ଖଳା ପରିସ୍ଥିତିକୁ ତଦାରଖ ପାଇଁ ଏହି ଫ୍ଲାଗମାର୍ଚ୍ଚର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଡିଏସପି କହିଛନ୍ତି।

# ମନ୍ଦିର ସଫେଇ, ଚାରାରୋପଣ କାର୍ଯ୍ୟକ୍ରମ

ଧରାକୋଟ,୨୭।୯ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ୍‌ର ବାହାରପୁର ଗାଁରେ ଥିବା କପିଳେଶ୍ୱର ମନ୍ଦିର ଓ ଦେଉଳ ପୋଖରୀ ରାସ୍ତାରେ ଗିନିଜ ରେକର୍ଡଧାରି କେଶବ ସ୍ୱାଇଁଙ୍କ ନେତୃତ୍ୱରେ ଚାରା ରୋପଣ ସହ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ସ୍ୱଚ୍ଛତା ହିଁ ସେବା ପର୍ବ ପାଳନ ଅବସରରେ ସମସ୍ତେ ମିଶି ପ୍ରଥମେ ମନ୍ଦିର ଭିତର ପରେ ପୋଖରୀ ଚତୁପାର୍ଶ୍ୱରେ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାହାରପୁର ଗାଁ ଲୋକେ ସାମିଲ ହୋଇଥିଲେ।

# ଭଞ୍ଜନଗରର ବିଭିନ୍ନ ଜଳଭଣ୍ଡାରରୁ ପାଣି ଛାଡ଼ିଲା ପ୍ରଶାସନ

ଭଞ୍ଜନଗର,୨୭।୯(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ସମ୍ଭାବ୍ୟ ବାତ୍ୟାକୁ ମୁକାବିଲା କରିବା ପାଇଁ ଆବଶ୍ୟକ ପ୍ରସ୍ତୁତି ଚଳାଇଛି। ବନ୍ୟା ପରିସ୍ଥିତି ହେଲେ ଲୋକଙ୍କୁ କିଭଳି ସୁରକ୍ଷିତ ସ୍ଥାନକୁ ନେଇ ରଖାଯିବ ସେନେଇ ସ୍ଥାନ ଚିହ୍ନଟ ହୋଇଛି। ଓଡ୍ରାଫ ଟିମ୍ ମଧ ବିଭିନ୍ନ ସ୍ଥାନରେ ମୃତୟନ ଅଛନ୍ତି। ଭଞ୍ଜନଗର ଉପ ଜିଲାପାଳ ଉମା ଶଙ୍କର ବେହେରା ଶୁକ୍ରବାର ରାତିରେ ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳୀ ପରିଦର୍ଶନ କରି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଏହି ସମୟରେ ତହସିଲଦାର ଅଭିପ୍ସା ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଅବିନାଶ ମହାର ଉପସ୍ଥିତ ଥିଲେ। ଭଞ୍ଜନଗର ଜଳସମ୍ପଦ ବିଭାଗ ମଧ ସବୁ ପରିସ୍ଥିତିକୁ ମୁକାବିଲା ପାଇଁ ପ୍ରସ୍ତୁତ ରହିଛି। ଭଞ୍ଜନଗର ଜଳଭଣ୍ଡାରରୁ ଆଜକୁ ୩ ଦିନ ହେବ ବଳକା ପାଣି ଛଡ଼ାଯାଉଛି। ଭଞ୍ଜନଗର ଜଳଭଣ୍ଡାରରେ ୮୫ ପ୍ରତିଶତ, ଉହ ଜଳଭଣ୍ଡାରରେ ୯୦ ପ୍ରତିଶତ, ସୋରଡାରେ ୯୦ ପ୍ରତିଶତ ଏବଂ ବାଘୁଆରେ ୯୦ ପ୍ରତିଶତ ପାଣି ରଖି ବଳକା ପାଣି ନିଷ୍କାସନ କରିବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଭଞ୍ଜନଗର ଜଳଭଣ୍ଡାରରୁ ପାଣି ଛଡାଯାଉଛି। ଉହ ଜଳଭଣ୍ଡାରରେ ବଳକା ପାଣି ଛାଡ଼ିବା ପରେ ଶନିବାର ୯୦ ପ୍ରତିଶତ ଜଳ ଅଛି। ସୋରଡ଼ାରେ ୯୮.୫ ପ୍ରତିଶତ ପାଣି ମହଜୁଦ ଅଛି। ସେଠାରେ ପରିସ୍ଥିତିକୁ ଦେଖି ପାଣି ଛାଡ଼ିବା ଯୋଜନା ରହିଛି। ବାଘୁଆରେ ମାତ୍ର ୩୯ ପ୍ରତିଶତ ପାଣି ମହଜୁଦ ଅଛି। ସେଠାରୁ ପାଣି ଛାଡ଼ିବା ଆଉ ଯୋଜନା ନାହିଁ। ଆବଶ୍ୟକ ବର୍ଷା ନ ଥିବାରୁ ଭଞ୍ଜନଗର ଜଳଭଣ୍ଡାରରେ ଆଜକୁ ୫ ବର୍ଷ ହେବ ଶତ ପ୍ରତିଶତ ପାଣି ମହଜୁଦ ନ ଥିଲା। ଆବଶ୍ୟକ ସ୍ଥଳେ ମୁଖ୍ୟ ଫାଟକ ବାଟେ ଯାହା ପାଣି ଛଡା ଯାଉଥିଲା। ୨୦୨୦ ଜୁଲାଇରୁ ସ୍ପିଲୱେ ବାଟରେ ପାଣି ଛଡା ଯାଉ ନ ଥିଲା। ବର୍ତ୍ତମାନ ପାଣି ୯୨ ପ୍ରତିଶତ ଥିବା ଯୋଗୁ ସ୍ପିଲୱେ ବାଟେ ପାଣି ଛଡାଯାଉଛି। କେତେକ ସ୍ଥାନରେ ଲୋକେ କେନାଲ, ନଦୀ ଆଡିବନ୍ଧ ଜବରଦଖଲ କରି ରଖିଛନ୍ତି। ଫଳରେ ନଦୀ ଆଡ଼ିବନ୍ଧ ମରାମତିରେ ସମସ୍ୟା ଉପୁଜୁଛି। ଇତିମଧ୍ୟରେ ବିଭାଗ ପକ୍ଷରୁ ଜବରଦଖଲକରୀଙ୍କୁ ଉଚ୍ଛେଦ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଫୋଟ ୨୭ଅ ଉପ ଜିଲ୍ଲାପାଳ ପ୍ରସ୍ତୁତି ସମୀକ୍ଷା କରୁଛନ୍ତି।



ଭଞ୍ଜନଗର ଜଳଭଣ୍ଡାରରୁ ସ୍ପିଲୱେ ବାଟେ ଛଡାଯାଉଥିବା ପାଣି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଛେଲିଗଡ଼ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ଗ୍ରାମବାସୀ

ପାରଳାଖେମୁଣ୍ଡି, ୨୭।୯(ଗିରିଧାରୀ ପରଚ୍ଛା)

ଛେଲିଗଡ଼ ଜଳସେଚନ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଗଜପତି ଜିଲାର ଗ୍ରାମବାସୀ ଭୁବନେଶରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଗ୍ରାମର ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଏହି ଅବସରରେ ପ୍ରକଳ୍ପ ବିସ୍ଥାପିତ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ପୁନଃ ସର୍ଭେ ସହ ଥଇଥାନ ନୀତିରେ ସଂଶୋଧନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଛେଲିଗଡ଼ ବୁଡି ଅଞ୍ଚଳ ବିସ୍ଥାପିତ ସଂଗ୍ରାମ ସମିତିସଭାପତି ଚୈତନ୍ୟ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହ ବିସ୍ଥାପିତଙ୍କ ବିଭିନ୍ନ ସମସ୍ୟା ଉପରେ ଏକ ଦାବିପତ୍ର ଦେଇଛନ୍ତି। ବିଶେଷ କରି ଛେଲିଗଡ଼ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଆକିଲି, ଟିକି ଗାଁ, ବିଦ୍ୟାଧରପୁର, ସୁଗ୍ଗା, ଚଡ଼ିଆପଦା ଆଦି ୫ଟି ଗ୍ରାମ ବିଶେଷ ଭାବେ ପ୍ରଭାବିତ ହେବ। ପ୍ରକଳ୍ପ କାର୍ଯ୍ୟ ଜାରି ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଉଚିତ କ୍ଷତିପୂରଣ ସେମାନେ ପାଇନାହାନ୍ତି। ଏଥିସହ ବିସ୍ଥାପିତ ପରିବାରଙ୍କ ପାଇଁ ନିର୍ମାଣ ହୋଇଥିବା ଥଇଥାନ କଲୋନୀରେ ବିଭିନ୍ନ ଅବ୍ୟବସ୍ଥା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଇଥିଲେ।

ଗଜପତି ଓ ଗଞ୍ଜାମ ଜିଲାର କୃଷି ଓ ପାନୀୟ ଜଳ ସମସ୍ୟାର ସମାଧାନକୁ ଦୃଷ୍ଟିରେ ରଖି ଗଜପତି ଜଲା ଆର. ଉଦୟଗିରି ବ୍ଲକର ଛେଲିଗଡ଼ ଗ୍ରାମ ନିକଟରେ ୨୦୦୩ରେ ଛେଲିଗଡ଼ ନିକଟରେ ଥିବା ଏକ ଚିରସ୍ରୋତା ନାଳ ଉପରେ ଏକ ପ୍ରକଳ୍ପ ନିର୍ମାଣ ପାଇଁ ତତକାଳୀନ ସରକାର ସ୍ଥିର କରିଥିଲେ। ସେ ସମୟରେ ଏହି ପ୍ରକଳ୍ପ ବାବଦକୁ ୫୨ କୋଟି ଟଙ୍କା ବ୍ୟୟବରାଦ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଏହି ପ୍ରକଳ୍ପ ହେଲେ ଜିଲାର ୫୦ ଏକରରୁ ଊର୍ଦ୍ଧ୍ୱ ଚାଷ ଜମିକୁ ଜଳ ଯୋଗାଣ ହେବା ସହ ୩୫ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ଏବଂ ଗଞ୍ଜାମ ଜିଲାର ବ୍ରହ୍ମପୁର ସହର ବ୍ୟତୀତ ଆଖପାଖ ଅଞ୍ଚଳର ପାନୀୟ ଜଳ ସମସ୍ୟା ଦୂର କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ଏହି ପ୍ରକଳ୍ପ କାର୍ଯ୍ୟ ଏଯାଏ ସରିନାହିଁ। ୫୨ କୋଟିରେ ହେବାକୁ ଥିବା ଏହି ପ୍ରକଳ୍ପ କାର୍ଯ୍ୟ ଖର୍ଚ୍ଚ ବଢି ବଢ଼ି ଏବେ ୧ ହଜାର କୋଟିରେ ପହଞ୍ଚିଲାଣି।

ପ୍ରକଳ୍ପ ଆରମ୍ଭରୁ ଏହି ୫ଟି ଗ୍ରାମର ପ୍ରତ୍ୟେକ ପରିବାର କ୍ଷତିପୂରଣ ବାବଦକୁ ଦୁଇ ଏକର ଚାଷଜମି, ରହିବାକୁ ବାସସ୍ଥାନ, ପରିବାରରୁ ଜଣକୁ ଚାକିରୀ ଦେଇ ଥଇଥାନ କରାଯିବ ବୋଲି ସେ ସମୟର ସରକାର ପ୍ରତିଶ୍ରୁତି ଦେଇଥିଲେ। ଏଯାଏ କୌଣସି ପ୍ରତିଶ୍ରୁତି ପୂରଣ ହୋଇନି କି କ୍ଷତିପୂରଣ ମିଳିନାହିଁ। ପ୍ରକଳ୍ପ ପାଇଁ ଏଯାବତ୍ ୬୦୦ କୋଟି ରୁ ଅଧିକ ଟଙ୍କା ଖର୍ଚ୍ଚ ହେଲାଣି କୁହାଯାଉଥିବା ବେଳେ ପ୍ରକଳ୍ପର ୫୦ ପ୍ରତିଶତ କାର୍ଯ୍ୟ ସରିନାହିଁ। କେବଳ ରିଜର୍ଭର କାର୍ଯ୍ୟ ସରିଥିବା ବେଳେ କେନାଲ କାର୍ଯ୍ୟ ଓ ବଦ୍ୟୁତ୍ ଉତ୍ପାଦନ କାର୍ଯ୍ୟ ସହ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ବାକି ରହିଛି। ଦାବିପତ୍ର ପ୍ରଦାନ ସମୟରେ ଆର. ଉଦୟଗିରି ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ଶବର, ବରିଷ୍ଠ ସଙ୍ଗଠକ ସମ୍ପଦ ନାୟକ, ଅବିନାଶ ପ୍ରଧାନ, ଭାଜପା ଯୁବନେତା ଗଣେଶ ମଣ୍ଡଳ, ବୁଡି ଅଞ୍ଚଳ ସଂଗ୍ରାମ ସମିତି ସମ୍ପାଦକ ରମାକାନ୍ତ ପ୍ରଧାନ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରତିନିଧିମାନେ ଦାବିପତ୍ର ଦେଉଛନ୍ତି।

# ଓଟିଇଟି ପରୀକ୍ଷା ଦେଲେ ଗଣଶିକ୍ଷାମନ୍ତ୍ରୀଙ୍କ ସ୍ତ୍ରୀ, ବିଧାୟକଙ୍କ ସ୍ତ୍ରୀ


ଚୈଇତି ଗଣ୍ଡ


ତରୁଣୀ ମାଝୀ

**ନବରଙ୍ଗପୁର,୨୭ା୯ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାରେ ଶନିବାର ଓଟିଇଟି ପରୀକ୍ଷା ହୋଇଛି। ଏଠାରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସ୍ତ୍ରୀ ଚୈଇତି ଗଣ୍ଡ ଓ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀଙ୍କ ସ୍ତ୍ରୀ ତରୁଣୀ ମାଝୀ ପରୀକ୍ଷା ଦେଇଛନ୍ତି। ଚୈଇତି ଉମରକୋଟ ବ୍ଲକ୍ ଡଙ୍ଗରିଗୁଡ଼ା ୟୁଭି-୩ ସ୍କୁଲରେ ଶିକ୍ଷକତା କରୁଥିବାବେଳେ ତରୁଣୀ ମାଝୀ ନନ୍ଦାହାଣ୍ଡି ଜେତୁଗୁଡା ସ୍କୁଲରେ ଶିକ୍ଷକତା କରୁଛନ୍ତି। ତେବେ ଦୁହେଁ ଓଡ଼ିଶା ସରକାରଙ୍କ ନିୟମ ଅନୁଯାୟୀ ନିଜ ନିଜ କେନ୍ଦ୍ରରେ ଓଟିଇଟି ପରୀକ୍ଷା ଦେଇଛନ୍ତି। ନବରଙ୍ଗପୁର ଜିଲାରେ ୨ଟି ସିଟିଂରେ ଓଟିଇଟି ପରୀକ୍ଷା ହୋଇଥିଲା। ପ୍ରଥମ ସିଟିଂ ୪ଟି କେନ୍ଦ୍ରରେ ହୋଇଥିଲା। ୮୪୮ଜଣ ଶିକ୍ଷକଙ୍କ ମଧ୍ୟରୁ ୭୮୭ ଜଣ ପରୀକ୍ଷା ଦେଇଥିଲେ। ୬୧ଜଣ ଅନୁପସ୍ଥିତ ଥିଲେ। ସେହିଭଳି ଦ୍ୱିତୀୟ ସିଟିଂ ୬ଟି କେନ୍ଦ୍ରରେ କରାଯାଇଥିଲା। ୧୫୯୮ଜଣଙ୍କ ମଧ୍ୟରୁ ୧୫୩୪ଜଣ ପରୀକ୍ଷା ଦେଇଥିବା ବେଳେ ୬୪ଜଣ ଶିକ୍ଷକ ଅନୁପସ୍ଥିତ ରହିଥିଲେ। ଏହି କେନ୍ଦ୍ରଗୁଡ଼ିକୁ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲାପାଳଙ୍କ ସମେତ ଜିଲା ଶିକ୍ଷାଧିକାରୀ ପରିଦର୍ଶନ କରିଥିଲେ।

# ହାତଗୋଡ଼ ବାନ୍ଧି ଗର୍ଭବତୀଙ୍କୁ ମାଡ଼ମାରି ଲୁଟିନେଲେ ସୁନାଗହଣା

**ସୋର,୨୭ା୯(ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଟେଣ୍ଟେଇ ପଞ୍ଚାୟତ ବିରିପଡା ଗ୍ରାମରେ ଶୁକ୍ରବାର ରାତିରେ ଦୁଇଟି ଘରୁ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଜଣେ ଗର୍ଭବତୀ ମହିଳାଙ୍କ ହାତଗୋଡ ବାନ୍ଧି ମାଡ଼ ମାରି ସୁନାଗହଣା ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ଏହି ଗ୍ରାମର ଅହଲ୍ୟା ନାୟକଙ୍କ ଘର କାମ ଚାଲୁଥିବାରୁ ସେ ପରିବାର ସହ ଏକ ଅସ୍ଥାୟୀ ଘରେ ରହୁଛନ୍ତି। ଶୁକ୍ରବାର ରାତିରେ ୪ଜଣ ଦୁର୍ବୃତ୍ତ ପଲିଥିନ ଚିରି ତାଙ୍କ ଘର ଭିତରକୁ ପଶିଥିଲେ। ପରେ ଅହଲ୍ୟାଙ୍କ ଗର୍ଭବତୀ ଝିଅକୁ ମାଡ଼ ମାରିବା ସହିତ ତାଙ୍କୁ ଓ ପରିବାରର ୩ଜଣଙ୍କୁ ହାତଗୋଡ ବାନ୍ଧି ଘରେ ଥିବା ୫୦ ହଜାରରୁ ଅଧିକ ଟଙ୍କାର ସୁନାଗହଣା ଓ ନଗଦ ୧୪ ହଜାର ଟଙ୍କା ଲୁଟିନେଇଥିଲେ। ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଥିବା ଝିଅ ରଶ୍ମିତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେହିପରି ଉକ୍ତ ଗ୍ରାମର ଚକ୍ରଧର ବେହେରା ୨ ମାସ ହେବ ବେଙ୍ଗାଲୁରୁରେ ଥିବା ପୁଅ ପାଖକୁ ଯାଇଥିବା ବେଳେ ରାତିରେ ତାଙ୍କ ଘରର ଝରକା ଭାଙ୍ଗି ସୁନା ଓ ନଗଦ ଟଙ୍କା ଲୁଟି ନେଇଥିଲେ। ଶନିବାର ଅପରାହ୍ନରେ ସୋର ଥାନାରେ ପୃଥକ ଭାବେ ଅଭିଯୋଗ ହେବା ପରେ ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଓସିଏସ୍ ପରୀକ୍ଷାରେ ବାଜିରାଓ ଆଇଏଏସ୍ ଏକାଡେମୀର ୧୭୩ ଛାତ୍ରୀଛାତ୍ରଙ୍କ କୃତିତ୍ୱ

**ଭୁବନେଶ୍ୱର,୨୭ା୯(ଅନୁରାଧା ମହାରଣା)**

ଓଡ଼ିଶା ସିଭିଲ ସର୍ଭିସ୍ (ଓସିଏସ୍)- ୨୦୨୩ ପରୀକ୍ଷା ରେଜଲ୍ଟ ଶୁକ୍ରବାର ପ୍ରକାଶ ପାଇଛି। ପୂର୍ବବର୍ଷଗୁଡ଼ିକ ପରି ଚଳିତବର୍ଷ ମଧ୍ୟ ବାଜିରାଓ ଆଇଏଏସ୍ ଏକାଡେମୀ ସଫଳତା ହାସଲ କରିଛି। ଏକାଡେମୀର ୧୭୩ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ସ୍ୱରୂପିଣୀ ପଟ୍ଟନାୟକ, ଦୀପସୀତା ବେହେରା, ସୁପ୍ରିୟା ମିଶ୍ର, ଅସୀମା ଅନ୍ୱେଷା, ଏମ୍ ଜି ସୁବର୍ଣ୍ଣ ମହାନ୍ତି, ଆକାଶ କୁମାର ପ୍ରଧାନ, ସୌମ୍ୟ ରଞ୍ଜନ ପଣ୍ଡା, କଲ୍ୟାଣୀ ସାହୁ, ମୃତ୍ୟୁଞ୍ଜୟ ରାଉଳ ଓ ସାଇ ରମଣ ପାତ୍ର ପ୍ରମୁଖ ଛାତ୍ରୀଛାତ୍ର ୪୦ ର୍ୟାଙ୍କ ମଧ୍ୟରେ ରହି ଶିକ୍ଷାନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଏହି ସଫଳତା ପାଇଁ ଶିକ୍ଷାନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଶୁଭ୍ରାଂଶୁ ଶେଖର ଓଝା ଛାତ୍ରୀଛାତ୍ର ଓ ଅଧ୍ୟାପକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ସଚେତନତା ପାଇଁ ସମ୍ମିଳିତ ଉଦ୍ୟମ ଆବଶ୍ୟକ

**ଆଜି ବିଶ୍ୱ ଜଳାତଙ୍କ ଦିବସ**

ଜଳାତଙ୍କ ଏକ ଭୂତାଣୁଜନିତ ରୋଗ। ପାଗଳା କୁକୁର କାମୁଡ଼ିଲେ ଏହି ରୋଗର ଆଶଙ୍କା ଅଧିକ ଥାଏ। ଏ ସମ୍ପର୍କରେ ଜନସାଧାରଣଙ୍କୁ ଅଧିକ ସଚେତନ କରିବା ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୨୮ ତାରିଖକୁ 'ବିଶ୍ୱ ଜଳାତଙ୍କ ଦିବସ' ଭାବରେ ପାଳନ କରାଯାଇଥାଏ। ଚଳିତବର୍ଷ ଏହି ଦିବସର ଥିମ୍ ରହିଛି- 'ଆକ୍ଟ ନାଓଁ, ୟୁ ମି, କମ୍ୟୁନିଟିଜ୍'। ଅର୍ଥାତ୍ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି କେବଳ ମୁଁ ନୁହେଁ, ଆପଣ ଏବଂ ସମସ୍ତଙ୍କର ସହଯୋଗର ଆବଶ୍ୟକତା ରହିଛି। ସବୁଠାରୁ ଖାସ୍ କଥା ହେଲା, ଏଭଳି ସମସ୍ୟାର ସମ୍ମୁଖୀନ ହେଲେ ତାହାର ସ୍ଥାୟୀ ଚିକିତ୍ସା ପ୍ରାୟ ନାହିଁ। ଅର୍ଥାତ୍ ଜଳାତଙ୍କ ଦ୍ୱାରା ଆକ୍ରାନ୍ତ ହେଲେ ମୃତ୍ୟୁ ପ୍ରାୟ ସୁନିଶ୍ଚିତ। ଏହି ରୋଗ କୁକୁର, ବିରାଡ଼ି, ବିଲୁଆ, ଗଧିଆ ଆଦି ସ୍ତନ୍ୟପାୟୀ ପ୍ରାଣୀମାନଙ୍କଠାରୁ ମନୁଷ୍ୟ ତଥା ଅନ୍ୟ ପ୍ରାଣୀମାନଙ୍କୁ ବ୍ୟାପିଥାଏ। ଜଳାତଙ୍କ ରୋଗ ଲାଇସା ଭୂତାଣୁ ଦ୍ୱାରା ବ୍ୟାପିଥାଏ। ଏହି ଭୂତାଣୁ ମୁଖ୍ୟତଃ ବୁଲା ପାଗଳା କୁକୁର କାମୁଡ଼ିବା କିମ୍ବା ସେମାନଙ୍କ ଲାଳ ଦ୍ୱାରା ସୁସ୍ଥ ମନୁଷ୍ୟ କିମ୍ବା ପଶୁମାନଙ୍କୁ ବ୍ୟାପିଥାଏ। କ୍ଷତ ସ୍ଥାନ ଜଳାପୋଡ଼ା ଏବଂ କୁଣ୍ଡେଇ ହେବା, ସ୍ନାୟବିକ ଦୁର୍ବଳତା ଓ ଅକ୍ଷମତା, ପାଣି, ପବନ, ନିଆଁ, ଶବ୍ଦ ଏବଂ ଆଲୋକ ଆଦିକୁ ଭୟ କରିବା, ଅତ୍ୟଧିକ ପରିଶ୍ରମ ସହ୍ୟ କରି ନ ପାରିବା, ଖାଦ୍ୟ ଢୋକିବାରେ କଷ୍ଟ ଅନୁଭବ କରିବା ଏବଂ ବାନ୍ତି ହେବା ହେଉଛି ଜଳାତଙ୍କର ପ୍ରମୁଖ ଲକ୍ଷଣ। ଯଦି ଗୋଟିଏ ସୁସ୍ଥ ପ୍ରାଣୀ କିମ୍ବା ମନୁଷ୍ୟକୁ ଏକ ବୁଲା କୁକୁର କାମୁଡ଼ିଦେଲା, ତେବେ ଡାକ୍ତରୀ ପରାମର୍ଶ କରି ଟିକା ନେବା ପୂର୍ବରୁ ଉକ୍ତ କାମୁଡ଼ା ଜାଗାଟିକୁ ଭଲ ଭାବରେ ସାବୁନ୍‌ରେ ଅତିକମ୍‌ରେ ୧୫ ମିନିଟ୍ ଯାଏ ଧୁଅନ୍ତୁ। ଧୋଇ ସାରିବା ପରେ ଉକ୍ତ ଜାଗାଟିକୁ ଚଳନ୍ତା ପାଣି ସ୍ରୋତ କିମ୍ବା ଟ୍ୟାପ୍ ପାଣିରେ ୧୫ ମିନିଟ୍ ଯାଏ ଧୁଅନ୍ତୁ। ତା'ପରେ ଉକ୍ତ ସ୍ଥାନଟିରେ ଆଣ୍ଟିସେପ୍ଟିକ ମଲମ କିମ୍ବା ଲୋଶନ ଲଗାନ୍ତୁ। କୌଣସି ପରିସ୍ଥିତିରେ ଉକ୍ତ ଜାଗାକୁ ବ୍ୟାଣ୍ଡେଜ କରନ୍ତୁ ନାହିଁ। ଉପରୋକ୍ତ ପ୍ରାଥମିକ ଚିକିତ୍ସା କରିସାରିବା ପରେ ଡାକ୍ତରୀ ପରାମର୍ଶ ଅନୁସାରେ ଟିକା ନିଅନ୍ତୁ।

**– ଡା. ଅନନ୍ତ ଆଚାର୍ଯ୍ୟ**

**ପୂର୍ବ ତଟ ରେଳପଥ**

**ବହୁମୁଖୀ ଏବଂ ଖାଦ୍ୟ ସରବରାହ ଷ୍ଟଲର ଇ-ନିଲାମ**

କ୍ରମ ସଂ.1: ଷ୍ଟେସନ ଏବଂ ସ୍ଥାନ : ଖୋର୍ଦ୍ଧା ରୋଡ୍, ପ୍ଲାଟଫର୍ମ ନଂ.-6/7, କ୍ରମ ସଂ.2 : ଷ୍ଟେସନ ଏବଂ ସ୍ଥାନ : ବ୍ରହ୍ମପୁର, ପିଲର ନଂ.11 ଏବଂ 12 ମଧ୍ୟରେ ପ୍ଲାଟଫର୍ମ ନଂ.-4, କ୍ରମ ସଂ.3 : ଷ୍ଟେସନ ଏବଂ ସ୍ଥାନ : ବ୍ରହ୍ମପୁର, ପ୍ଲାଟଫର୍ମ ନଂ.-2&3, କ୍ରମ ସଂ.4 : ଷ୍ଟେସନ ଏବଂ ସ୍ଥାନ : ଖୋର୍ଦ୍ଧା ରୋଡ୍, ପ୍ଲାଟଫର୍ମ ନଂ.-3।

ସଂରକ୍ଷଣ ବର୍ଗ : ବହୁମୁଖୀ ଷ୍ଟଲ(GMU) (କ୍ରମ ସଂ.1 ପାଇଁ), ଖାଦ୍ୟ ସରବରାହ ଷ୍ଟଲ SMU(ଅନୁସୂଚିତ ଜାତି)(କ୍ରମ ସଂ.2 ପାଇଁ), ଖାଦ୍ୟ ସରବରାହ ଷ୍ଟଲ SMU(ଶାରୀରିକ/ ମାନସିକ ବିକଳାଙ୍ଗ) (କ୍ରମ ସଂ.3 ପାଇଁ) ଏବଂ ତାଜା ଫଳ ଏବଂ ଜୁସ୍ ଷ୍ଟଲ SMU(ଅନୁସୂଚିତ ଜନଜାତି) (କ୍ରମ ସଂ.4 ପାଇଁ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.07.10.2025 ରିଖ 1530 ଘଣ୍ଟିକା ଠାରୁ (କ୍ରମ ସଂ.1 ପାଇଁ) ଏବଂ ତା.07.10.2025 ରିଖ 1100 ଘଣ୍ଟିକା ଠାରୁ (କ୍ରମ ସଂ.2 ରୁ 4 ପାଇଁ)।

ଦ୍ରଷ୍ଟବ୍ୟ: ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିବାକୁ ଏବଂ ଯୋଗ୍ୟତା ମାନଦଣ୍ଡ, ସାଇଟ୍‌ର ବିବରଣୀ ଓ ଅନ୍ୟାନ୍ୟ ସବିଶେଷ ସୂଚନା ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍

PR-641/Q/25-26

# କଂଗ୍ରେସ ନିଜ ଚିରାଚରିତ ବଦଭ୍ୟାସ ଦୋହରାଇଛି: ଭାଜପା

**ଭୁବନେଶ୍ୱର,୨୭ା୯(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ଦେଶର ଯେକୌଣସି ରାଜ୍ୟକୁ ଯେତେବେଳେ ବି ଯାଇପାରିବେ। ଏଥିପାଇଁ କାହାର ଅନୁମତି ନେବା ଆବଶ୍ୟକ ନାହିଁ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ପ୍ରଶ୍ନ ପଚାରି କଂଗ୍ରେସ ନିଜ ନିର୍ବୋଧତାର ପରିଚୟ ଦେଇଛି। ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାବଦରେ ଗାଳିଦେବା, କଟାକ୍ଷ କରିବା, ନିଚା ଦେଖାଇବା କଂଗ୍ରେସ ବରିଷ୍ଠ ନେତାମାନଙ୍କ ଅଭ୍ୟାସରେ ପରିଣତ ହୋଇସାରିଛି। ଶନିବାର ଓଡ଼ିଶା ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନିମ୍ନସ୍ତରର ବକ୍ତବ୍ୟ ଦେଇ କଂଗ୍ରେସ ନିଜ ଚିରାଚରିତ ବଦଭ୍ୟାସକୁ ଦୋହରାଇଛି ବୋଲି ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଐଶ୍ୱର୍ଯ୍ୟା କହିଛନ୍ତି, କଥାରେ ଅଛି କୋଇଲାକୁ ଯେତେ ଧୋଇଲେ ବି ରଙ୍ଗ ବଦଳିବ ନାହିଁ। ସମାନ ଭାବେ ଯେତେ ପରାମର୍ଶ ଦେଲେ ବି କଂଗ୍ରେସର ଚରିତ୍ର ଓ ସ୍ୱଭାବ ବଦଳିବ ନାହିଁ। କଂଗ୍ରେସ ଭଳି ରାଷ୍ଟ୍ରୀୟ ଦଳର ନେତାମାନେ ଜଣେ ମହିଳା ଏମ୍‌ପିଙ୍କ ଚରିତ୍ର ସଂହାରକରି ବକ୍ତବ୍ୟ ଦେବା ସଭ୍ୟ ସମାଜରେ ଆଦୌ ଗ୍ରହଣୀୟ ନୁହେଁ। ଶାଳିନତା ଉଲ୍ଲଂଘନକରି ଅସଭ୍ୟ ଟିପ୍ପଣୀ ଦେବା କଂଗ୍ରେସର ଚିରାଚରିତ ସ୍ୱଭାବ। କଂଗ୍ରେସ ମୁଖପାତ୍ରଙ୍କ ବକ୍ତବ୍ୟ ନିଜର ବ୍ୟକ୍ତିଗତ ନା ଦଳୀୟ ତାହା ସ୍ପଷ୍ଟ କରିବା ଉଚିତ। ଆଜିର ଏଭଳି ହୀନ ବକ୍ତବ୍ୟ ପାଇଁ ଓଡ଼ିଶା ତଥା ଭାରତବାସୀ ଆଦୌ କ୍ଷମା ଦେବେ ନାହିଁ ବୋଲି ଐଶ୍ୱର୍ଯ୍ୟା କହିଛନ୍ତି।

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/25-26/E-Tender/76,ତା.25.09.2025ରିଖ

(1) ଟେଣ୍ଡର ସଂ.e-tender-BrKUR-251-2025,ତା.16.09.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର(ବ୍ରିଜ୍)/କଟକ-II ପରିସୀମା ଅଧୀନସ୍ଥ ହରିଦାସପୁର-ପାରାଦ୍ୱୀପ ସେକ୍ସନ ନିମନ୍ତେ 30.06.2026 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ ଜୋନାଲ (Zonal) ଚୁକ୍ତି (ବ୍ରିଜ୍ କାର୍ଯ୍ୟ)।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 72.40 ଲକ୍ଷ, EMD (ଟଙ୍କାରେ) : 1,44,800/-।

(2) ଟେଣ୍ଡର ସଂ.e-tender-EASTKUR-252-2025,ତା.16.09.2025ରିଖ

ବିବରଣୀ : "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଦ୍ୱାରା ଡିପୋଜିଟ୍ ସ୍କିମ୍ ଅଧୀନସ୍ଥ ପାରାଦ୍ୱୀପ ଠାରେ ଗ୍ରୀଡ୍ ପୃଥକୀକରଣ କାର୍ଯ୍ୟ" ସମ୍ବନ୍ଧୀୟ ପ୍ରସ୍ତାବିତ ଟ୍ରାକ୍ ଯୋଡ଼ିବା (Linking)କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 113.41 ଲକ୍ଷ, EMD (ଟଙ୍କାରେ) : 2,06,700/-।

ଶେଷ ହେବା ଅବଧି : 08 ମାସ (କ୍ରମ ସଂ.1 ପାଇଁ) ଏବଂ 10 ମାସ (କ୍ରମ ସଂ.2 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.10.2025 ରିଖ 1500 ଘଣ୍ଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଞ୍ଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍

PR-647/Q/25-26

# ୨୨ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ୨ ବେପାରୀ ଗିରଫ

**ପୁରୀ,୨୭ା୯(ଅଜିତ୍ କୁମାର ମହାନ୍ତି)**

ପୁରୀ ପୋଲିସକୁ ଅପରେଶନ ଚକ୍ର ମାଧ୍ୟମରେ ଏକ ବଡ଼ ସଫଳତା ମିଳିଛି। ସଦର ଥାନା ପକ୍ଷରୁ ଶନିବାର ନୀଳଚକ୍ରନଗରରେ ଚଢ଼ାଉ କରାଯାଇ ବାଲେଶ୍ୱର ଜିଲା ଅନ୍ତର୍ଗତ ଜଳେଶ୍ୱର ଥାନା ଅଞ୍ଚଳର ମହମ୍ମଦ ସାଜଦ(୩୦) ଓରଫ ରାଜା ଏବଂ ପୁରୀ ସଦର ଥାନା ଅନ୍ତର୍ଗତ ନୀଳଚକ୍ରନଗରର ସୁକାନ୍ତି ପଣ୍ଡା(୬୦)ଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଥିବା ନେଇ ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରତୀକ ସିଂ ସୂଚନା ପ୍ରଦାନ କରି କହିଛନ୍ତି। ପୋଲିସ ଅଭିଯୁକ୍ତମାନଙ୍କ ଠାରୁ ୨୦୦ଗ୍ରାମ ବ୍ରାଉନ୍‌ସୁଗର ଜବତ କରିଛି। ଜବତ ବ୍ରାଉନ୍‌ସୁଗରର ମୂଲ୍ୟ ୨୨ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି।

**THE ASKA CO-OPERATIVE SUGAR INDUSTRIES LTD.**
P.O.: Nuagam (Aska) - 761111, Dist.: Ganjam, State: Odisha
Email id: askasugar@yahoo.co.in
GSTIN: 21AAAAT5989L1ZO

Letter No. GAD/F-200/1450 Date: 26.09.2025

**ADVERTISEMENT FOR CONTRACTUAL APPOINTMENT**

Fresh applications are invited from eligible candidates for filling of the post of "Cane Manager" on Contractual Basis for a period of one year and likely to be extended after satisfactory performance. The eligible candidates may apply in prescribed application form duly filled in and send through Speed Post/Registered Post only on or before 28.10.2025. For details, please visit our website (www.askasugar.com).

Sd./- Managing Director

**OFFICE OF THE SUPERINTENDING ENGINEER P.W.D. (B&R) AMBIKAPUR CIRCLE, AMBIKAPUR**

Invitation Date: 24.09.2025

**E-PROCUREMENT TENDER NOTICE**

01. For tender detail please visit http://eproc.cgstate.gov.in
02. Concern Division : S. No. 1 & 2 Jashpur & S. No. 3 Manendragarh Division
03. S. No. 1 to 3 - 'D' Class and above Contractor
04. Bid submission due date - 15.10.2025

| S. No. | N.I.T. No. | Name of Work | P.A.C. in Lacks |
|---|---|---|---|
| 1 | 2 | 3 | 4 |
| 1 | 189 | Construction of Kandadhora to Ghumra Road Length 0.80 Km of District Jashpur (First Call) | 74.07 |
| 2 | 190 | Construction of First Floor at ITI Building duldula Distt. Jashpur (First Call) | 97.66 |
| 3 | 191 | Renovation of ITI Building at Lalpur Distt. MCB (C.G.) (First Call) | 46.35 |

G-252603772/1 Sd./- Superintending Engineer P.W.D. Ambikapur Circle, Ambikapur

**ZILLA SWASTHYA SAMITI, DHENKANAL**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL**

**Advertisement (In-House)**

**No.E-414** : Interested **In-house candidates presently working** in other districts under NHM desiring to be posted in Dhenkanal district under NHM of OSH & FWS may log on to **www.dhenkanal.odisha.gov.in** for details (advertisement, terms and conditions & application form etc.).

**The fresh candidates or the candidates who are not working under National Health Mission of OSH & FW Society need not to apply for the above mentioned posts.**

Sd./- Chief District Medical & PH Officer, Dhenkanal

OIPR-10059/11/0026/2526

**GOVERNMENT OF ODISHA** No.A-687
**OFFICE OF THE SUPERINTENDING ENGINEER M.I.DIVISION, GANJAM NO-II, BERHAMPUR**
**QUOTATION/TENDER**
**CALL NOTICE I.D. NO./06/GMID-II/2025-26**

| | | |
|---|---|---|
| Name of Work | : | Hiring of private vehicle on monthly rent basis for official use under M.I. Division Ganjam No-II, Berhampur. |
| No. of Work | : | 2 No. (Two) |
| Quotation/Tender Paper Cost | : | NIL |
| Date, Time and place of availability of Quotation/ tender Paper | : | From 10.00 A.M. of 03.10.2025 to 08.10.2025 up to 3.00 P.M. (During Office Hours) at M.I. Division, Ganjam No-II, Berhampur |
| Date, Time and Place of Opening of Quotation/ Tender | : | At 04.00 P.M. on 08.10.2025 in the office of the Superintending Engineer, M.I. Division, Ganjam No-II, Berhampur |
| Name & Adderss of the Officer inviting Tender | : | Superintending Engineer, M.I.Division Ganjam-II, Berhampur, Email : mi2_exe.engr@yahoo.co.in |

Sd./- Superintending Engineer M.I. Divn., Ganjam-II, Berhampur

OIPR-32043/11/0033/2526

**ZILLA SWASTHYA SAMITI, JAJPUR**
**TENDER CALL NOTICE FOR HIRING OF VEHICLES**

No. 530 Date : 26.09.2025

**No.E-415** : Sealed tenders are invited from Registered Agencies, Tour Operators, Individuals for hiring of commercial light diesel/petrol A/C vehicles towards engagement under DPMU, NHM, Jajpur, on monthly hiring basis. Details regarding eligibility criteria, terms & conditions and the formats of submission of tender (Technical & Price bid) may be downloaded from the website i.e. www.jajpur.odisha.gov.in. The bidders have to superscribe on the top left hand corner of the envelope "Quotation for hiring of vehicle under NHM, Jajpur" without which their quotations shall be rejected. The undersigned reserves the right to reject any or all the tenders without assigning any reason thereof. The proposed date of opening of bidding documents/finalisation of the same may change in case of any emergency/exigency. The typographical error (if any) may be exempted.

OIPR-10042/11/0019/2526 Sd./- CDM & PHO, Jajpur

**GOVERNMENT OF ODISHA**
**HOUSING & URBAN DEVELOPMENT DEPARTMENT**
**OFFICE OF THE NOTIFIED AREA COUNCIL, PADAMPUR**
At-Padampur, PO-Rajborasambar, Dist-Bargarh, Pin-768036
Ph. No. 06683-223436, E-mail : nac.padampur@gmail.com

No.2896/NACP Dt.25.09.2025

National Competitive Bidding through e-procurement
Bid Identification No. **NAC-PDP-04/2025-26**

**No.C-1191** : The Executive Officer, N.A.C. Padampur on behalf of NAC invites Percentage bid through e-procurement in single cover system according to norm of e-Procurement system in on-line mode.

1. Nature of Work : Civil Work
2. No. of works : 4 (Four Nos.)
3. Estimate Cost : Rs.2,65,562/- to Rs.9,62,188/-
4. Class of Contractor : "C" or "D" Class
5. Date & Time of availability of Bid Documents in the portal : 9.00 A.M. on dt.26.09.2025 up to 05.00 P.M. on dt.17.10.2025
6. Last date & time for receipt of Bids in the portal : 17.10.2025 at 05.00 P.M.
7. Bid opening Date : Dt.18.10.2025 at 11.00 A.M.

The bidders have to participate in online bidding only. Further details can be seen from the website https://www.tendersodisha.gov.in

Sd./- Executive Officer N.A.C. Padampur

OIPR-13118/11/0041/2526

**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर।**

**लापता: आवश्यक सूचना**


गुमशुदा भावना राज मरवा उम्र–करीब 20 वर्ष।

सर्व साधारण को सूचित किया जाता है कि आवेदक रमेश राज मरवा के द्वारा अपनी बेटी **भावना राज मरवा उम्र–करीब 20 वर्ष की गुमशुदगी** के संबंध में संबंधित थाना जादुगोड़ा में लिखित आवेदन दिये हैं। आवेदन में इनके द्वारा बताया गया कि **गुमशुदा भावना राज मरवा उम्र–करीब 20 वर्ष, पिता–रमेश राज मरवा, सा0–राखा कॉलोनी, थाना–जादुगोड़ा, जिला–पूर्वी सिंहभूम, जमशेदपुर** जो दिनांक–17.09.2025 को समय करीब 06:30 बजे घर से पानी लाने के लिए निकली थी एवं बहुत समय तक जब घर वापस नहीं आई तो परिवारवालों ने रिस्तेदार एवं पड़ोसियों से पुछताछ किया लेकिन कुछ पता नहीं चल सका।

गुमशुदा महिला का हुलिया निम्न प्रकार है :–कद–05 फीट 07 इंच, रंग–गोरी, बाल–काला, पहनावा–भगवा रंग की कर्ती एवं काला रंग का पैजामा।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक ग्रामीण, पूर्वी सिंहभूम, जमशेदपुर : 9470199228
पुलिस उपाधीक्षक, मुसाबनी : 9431706492
थाना प्रभारी, जादुगोड़ा : 9431706523

वरीय पुलिस अधीक्षक, पूर्वी सिंहभूम, जमशेदपुर।

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108

PR.NO.363129 Police(25-26):D

**DEPUTY DIRECTOR,**
**NANDANKANAN ZOOLOGICAL PARK**
P.O. - BARANG, DIST. - KHURDA, PIN - 754005
PHONE/FA NO-0674-2466075, 9437022023 (M)
Email : deputydirector.kanan@gmail.com
NANDANKANAN Web : www.nandankanan.org

**e-PROCUREMENT NOTICE**

No.MM- Tender No. DD-NKN-21_/PMU/NKZP-2025-26 Dt. 24.09.2025

| | | | |
|---|---|---|---|
| 1 | Name of the work | : | Tender for construction of Entry Date Complex (RIGHT SIDE) at Gate no.2 inside Nandankanan Zoological Park for the year 2025-2026 |
| 2 | No. of works | : | 1 (one) no. |
| 3 | Date of availability of bid document in the portal | : | 26.09.2025 |
| 4 | Last date for receipt of bids in the portal | : | 08.10.2025 up to 5.00 P.M. |
| 5 | Date of pre-Bid meeting | : | 06.10.2025 at 11.00 A.M. |
| 6 | Date of opening of Technical Bid (Cover-I) | : | 09.10.2025 at 11.00 A.M. |
| 7 | Name & Address of Officer Inviting Tender (OIT) | : | Deputy Director, Nandankanan Zoological Park, P.O. - Barang, Dist. - Khorda, Pin - 754005 |

Further details can be seen from the e-procurement portal https//tendersodisha.gov.in.

Sd./- Deputy Director Nandankanan Zoological Park

OIPR-08070/11/0109/2526

**बैंक ऑफ़ बड़ौदा Bank of Baroda**

ବ୍ୟାଙ୍କ ଅଫ୍ ବରୋଦା, ଆରଓଏସ୍‌ଏଆର୍‌ବି ରାଞ୍ଚି, ୩ୟ ମହଲା, ଏଲ୍ ଏମ୍ ସ୍କୋୟାର, ସୁଜାତା ଚୌକ, ମେନ୍ ରୋଡ୍, ରାଞ୍ଚି-୮୩୪୦୦୧, ଝାଡ଼ଖଣ୍ଡ

**ସଂଲଗ୍ନକ - ଗ**

**ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି, ପରିଶିଷ୍ଟ - IV-କ [ନିୟମ ୬ (୨) ଏବଂ ୮ (୬)ର ବ୍ୟବସ୍ଥାବଳୀ ଦେଖନ୍ତୁ]**

ସିକ୍ୟୁରିଟାଇଜେଶନ୍ ଏବଂ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଏବଂ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ନିୟମ ୬(୨) ଏବଂ ୮(୬) ଅଧୀନରେ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ। ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ଗଣ), ବନ୍ଧକଦାତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ବନ୍ଧକ ଋଣଦାତାଙ୍କ ନିକଟରେ ବନ୍ଧକ / ପ୍ରଭାରିତ ନିମ୍ନବର୍ଣ୍ଣିତ ସ୍ଥାବର/ଅସ୍ଥାବର ସମ୍ପତ୍ତି, ଯାହାର ଦଖଲ ବ୍ୟାଙ୍କ ଅଫ୍ ବରୋଦାର ପ୍ରାଧିକୃତ ଅଧିକାରୀ, ବନ୍ଧକ ଋଣଦାତାଙ୍କ ଦ୍ୱାରା ଗ୍ରହଣ କରାଯାଇଛି, ତାହାକୁ ନିମ୍ନଲିଖିତ ଖାତା/ଗୁଡ଼ିକରୁ ବକେୟା ଦେୟ ଆଦାୟ ପାଇଁ "ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି" ଏବଂ "ସେଠାରେ ଯାହା ବି ଅଛି" ଭିତ୍ତିରେ ବିକ୍ରି କରାଯିବ। ଋଣଗ୍ରହୀତା/ଗଣ / ବନ୍ଧକଦାତା/ଗଣ ଗ୍ୟାରେଣ୍ଟିଦାତା/ଗଣ / ବନ୍ଧକ ପରିସମ୍ପତ୍ତି/ଗୁଡ଼ିକ / ବକେୟା ଦେୟ / ସଂରକ୍ଷିତ ମୂଲ୍ୟ / ଇ-ନିଲାମ ତାରିଖ ଓ ସମୟ, ଇଏମ୍‌ଡି ଏବଂ ବିଡ୍ ବୃଦ୍ଧି ପରିମାଣ ତଳେ ଦର୍ଶାଯାଇଛି:-

| କ୍ର. ସଂ. | ଋଣଗ୍ରହୀତା/ଗଣ / ଗ୍ୟାରେଣ୍ଟିଦାତା/ ବନ୍ଧକଦାତାଗଣଙ୍କ ନାମ ଓ ଠିକଣା | ସୁରକ୍ଷିତ ପରିସମ୍ପତ୍ତି / ବନ୍ଧକ ସମ୍ପତ୍ତିର ବିବରଣୀ | ମୋଟ ବକେୟା ଦେୟ / ଇ-ନିଲାମର ତାରିଖ / ଇ-ନିଲାମର ସମୟ / ଆରମ୍ଭ ସମୟ ଓ ସମାପ୍ତି ସମୟ | ସଂରକ୍ଷିତ ମୂଲ୍ୟ / ଇଏମ୍‌ଡି ଜମା / ବିଡ୍ ବୃଦ୍ଧି ପରିମାଣ | ଦଖଲର ସ୍ଥିତି (ଗଠନମୂଳକ/ ବାସ୍ତବିକ) ସମ୍ପତ୍ତି ନିରୀକ୍ଷଣର ତାରିଖ ଓ ସମୟ |
|---|---|---|---|---|---|
| ୧. | **ଋଣଗ୍ରହୀତା:** **ମେସର୍ସ ଆରିଆନା ପାୱାର ଇନ୍‌ଫ୍ରା** **ପଞ୍ଜୀକୃତ କାର୍ଯ୍ୟାଳୟ:** ୧୧୯, ଆଶିୟାନା ଟ୍ରେଡ୍ ସେଣ୍ଟର, ୧ମ ମହଲା, ଆଦିତ୍ୟପୁର, ଜାମସେଦପୁର, ଜିଲ୍ଲା-ପୂର୍ବ ସିଂହଭୂମ୍-୮୩୧୦୧୩, ଝାଡ଼ଖଣ୍ଡ। **କାରଖାନା ଠିକଣା:** ପ୍ଲଟ୍ ନଂ.୭୮୦ ଓ ୭୮୧, ଗ୍ରାମ- ସାତପୁରି, ପୋଷ୍ଟ/ଥାନା - ତିରିଙ୍ଗ, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୫୩, ଓଡ଼ିଶା। | ମେସର୍ସ ଆରିଆନା ପାୱାର ଇନ୍‌ଫ୍ରାର କାରଖାନା ଜମି ଓ ବିଲ୍ଡିଂର ନ୍ୟାୟୋଚିତ ବନ୍ଧକ, ଅବସ୍ଥିତ ସ୍ଥାନ: ମୌଜା- ସାତପୁରି, ଥାନା- ତିରିଙ୍ଗ, ଥାନା ନଂ.୨୭, ତହସିଲ - ତିରିଙ୍ଗ, ତହସିଲ ନଂ.୨୭, ଜିଲ୍ଲା ଉପ ନିବନ୍ଧନ କାର୍ଯ୍ୟାଳୟ ଅଧୀନରେ ସ୍ଥାନ ବହଳଦା, ଜିଲ୍ଲା- ମୟୂରଭଞ୍ଜ ଓ ରାଜ୍ୟ - ଓଡ଼ିଶା, ଖାତା ନଂ. ୫୫, ପ୍ଲଟ୍ ନଂ.୭୮୦ ଅଧୀନରେ ରେକର୍ଡଭୁକ୍ତ, ରକବା ୪୪ ଡେସିମିଲ ଓ ୭୮୧, ରକବା- ୪୪ ଡେସିମିଲ, ମୋଟ ରକବା- ୮୮ ଡେସିମିଲ। **ଚଉହଦୀ ନିମ୍ନ ଅନୁଯାୟୀ:** ଉତ୍ତର - ସଡ଼କ, ଦକ୍ଷିଣ - ସଡ଼କ, ପୂର୍ବ - ସଡ଼କ, ପଶ୍ଚିମ - ନାଳ | ଟ.୧,୫୯,୯୩,୧୨୫.୨୧/- + ଡିମାଣ୍ଡ ନୋଟିସ୍ ଅନୁଯାୟୀ ୦୧।୦୪।୨୦୨୧ଠାରୁ ଲାଗୁ ସୁଧ ଏବଂ ଶୁଳ୍କ ଏବଂ ଚୁକ୍ତିମୂଳକ ବକେୟା ଟ.୩,୨୯,୩୨,୬୦୧.୨୨/- ତା୩୧।୦୮।୨୦୨୫ରିଖ ସୁଦ୍ଧା ଯୁକ୍ତ ଖର୍ଚ୍ଚ ଓ ସୁଧ / ୨୯।୧୦।୨୦୨୫ ଅପରାହ୍ନ ୨.୦୦ ଘଟିକାରୁ ୬.୦୦ ଘଟିକା | ଟ.୯୬,୩୦,୦୦୦.୦୦ / ଟ.୯,୬୩,୦୦୦.୦୦ / ଟ.୯୮,୦୦୦.୦୦ | ସାଙ୍କେତିକ / ୧୩।୧୦।୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା |

**ଭାଗୀଦାର:**
୧) **ଶ୍ରୀ ସୁଶୀଳ କୁମାର ଅଗରୱାଲ**, ପିତା- ବୁଧ ଲାଲ ଅଗରୱାଲ, ଡୁପ୍ଲେକ୍ସ ନଂ. ୨୬, ଫେଜ୍-୧, ବିଜୟା ହେରିଟେଜ୍, ଅନିଲ ସୁର ପଥ, ଉଲିୟାନ, କାଦମା, ଜାମସେଦପୁର, ଜିଲ୍ଲା- ପୂର୍ବ ସିଂହଭୂମ୍ - ୮୩୧୦୦୫, ଝାଡ଼ଖଣ୍ଡ।
୨) **ଶ୍ରୀ ଚନ୍ଦନ କୁମାର ସାହୁ**, ପିତା- ନେପାଳ ଚନ୍ଦ୍ର ସାହୁ, ଟିଏରା-ଏଫ୍-୧୬୦୪, ଲୋଧା ସ୍ପ୍ଲେଣ୍ଡୋରା ଘୋର, ବନ୍ଦର ରୋଡ୍, ଭୟଣ୍ଡରପଡ଼ା, ଜିଲ୍ଲା- ଠାଣେ (ପଶ୍ଚିମ)- ୪୦୦୬୧୫, ମହାରାଷ୍ଟ୍ର।
୩) **ଶ୍ରୀ ରାଜେଶ କୁମାର ଯାଦବ**, ପିତା- ରଙ୍ଗିଲାଲ ଯାଦବ, ବକାରସାହି, ପୋଷ୍ଟ- ବହଳଦା, ଜିଲ୍ଲା: ମୟୂରଭଞ୍ଜ-୭୫୭୦୪୬, ଓଡ଼ିଶା।
୪) **ଶ୍ରୀ ସର୍ବେଶ୍ୱର ମହାନ୍ତ**, ପିତା- ଶ୍ରୀ ଲକ୍ଷ୍ମୀଧର ମହାନ୍ତ, ସ୍ଥାନ- ବାନ୍‌କାଟି, ପୋଷ୍ଟ- ଉକମ, କୁମୁଡାସୋଲ, ବାଦାମପାହାଡ଼, ଜିଲ୍ଲା- ମୟୂରଭଞ୍ଜ-୭୫୭୦୪୬, ଓଡ଼ିଶା।
୫) **ଶ୍ରୀ ହରିଲାଲ ସାହୁ**, ପିତା- ସ୍ୱର୍ଗତ ଗଦାଧର ସାହୁ, ବକାରସାହି, ପୋଷ୍ଟ- ବହଳଦା, ଜିଲ୍ଲା- ମୟୂରଭଞ୍ଜ-୭୫୭୦୪୬, ଓଡ଼ିଶା।
୬) **ଶ୍ରୀ ନେପାଳ ଚନ୍ଦ୍ର ସାହୁ**, ପିତା- ସ୍ୱର୍ଗତ ଗଦାଧର ସାହୁ, ବକାର ସାହି, ବହଳଦା, ଜିଲ୍ଲା- ମୟୂରଭଞ୍ଜ-୭୫୭୦୪୬, ଓଡ଼ିଶା।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଦୟାକରି ୱେବ୍‌ସାଇଟ୍ ଲିଙ୍କ୍ https://www.bankofbaroda.in/e-auction ଏବଂ ଇ-ନିଲାମ ଏବଂ ଅନ୍‌ଲାଇନ ନିଲାମ ପୋର୍ଟାଲ https://baanknet.com ପରିଦର୍ଶନ କରନ୍ତୁ। ଆହୁରି ମଧ୍ୟ, ସମ୍ଭାବ୍ୟ ବିଡରମାନେ ପ୍ରାଧିକୃତ ଅଧିକାରୀଙ୍କ ସହିତ ମୋବାଇଲ ନଂ. ୭୫୪୨୦୩୨୧୨୪ରେ ଯୋଗାଯୋଗ କରିପାରନ୍ତି।

ତାରିଖ: ୨୩।୦୯।୨୦୨୫, ସ୍ଥାନ: ରାଞ୍ଚି ସ୍ୱା./- ପ୍ରାଧିକୃତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ସମ୍ପୃକ୍ତ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ସମ୍ପୃକ୍ତ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଡେଲାଙ୍ଗ ଶାଖା /** **ଋଣଗ୍ରହୀତା: ଶ୍ରୀ ପରମାନନ୍ଦ ସାହୁ**, ପିତା: ଗୋବିନ୍ଦ ଚନ୍ଦ୍ର ସାହୁ / **ଗ୍ୟାରେଣ୍ଟିଦାତା: ଶ୍ରୀ ପ୍ରେମାନନ୍ଦ ସାହୁ**, ପିତା: ଗୋବିନ୍ଦ ଚନ୍ଦ୍ର ସାହୁ, ଉଭୟଙ୍କ ଠିକଣା- ସା: ଡେଲାଙ୍ଗ କୋଠବାଡ, ପୋ.: ଡେଲାଙ୍ଗ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ | ୦୬.୦୧.୨୦୨୫ ସୁଦ୍ଧା ଟ.୩,୨୬,୩୨୫/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୨.୦୩.୨୦୨୫ / ୨୪.୦୯.୨୦୨୫ | ଶ୍ରୀ ପରମାନନ୍ଦ ସାହୁ ଏବଂ ଶ୍ରୀ ପ୍ରେମାନନ୍ଦ ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଡେଲାଙ୍ଗ କୋଠବାଡ, ପୋ.: ଡେଲାଙ୍ଗ, ଥାନା: ଡେଲାଙ୍ଗ, ଏସ୍‌ଆର୍‌ଓ: ଡେଲାଙ୍ଗ, ଜିଲ୍ଲା: ପୁରୀ, ଖାତା ନଂ.: ୬୦୧/୧୫୮, ପ୍ଲଟ୍ ନଂ.: ୬୦/୧୬୩୪ ଏବଂ ୫୯/୧୬୩୫, କ୍ଷେତ୍ର: ଏକର୦.୦୪% ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଧୋବା ସାହୁ, ପୂର୍ବ: ପ୍ରଶାନ୍ତ ମହାରଣା, ପଶ୍ଚିମ: ସୁଦର୍ଶନ ପାତ୍ର |
| **ଡେଲାଙ୍ଗ ଶାଖା /** **ଋଣଗ୍ରହୀତା: ଶ୍ରୀ ହୃଷିକେଶ ରାଉତ**, ପିତା: ଧ୍ରୁବ ଚରଣ ରାଉତ, ସା/ପୋ.: ବେରବୋଇ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ / **ଗ୍ୟାରେଣ୍ଟିଦାତା: ଶ୍ରୀ କିଶୋର କୁମାର ସିଂ**, ପିତା: ଦୟାନିଧି ସିଂ, ସା: ରାମଚନ୍ଦ୍ରପୁର, ପୋ.: ଡେଲାଙ୍ଗ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ | ୩୦.୦୧.୨୦୨୫ ସୁଦ୍ଧା ଟ.୪,୬୪,୯୮୧.୦୧ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୨.୦୩.୨୦୨୫ / ୨୪.୦୯.୨୦୨୫ | ଶ୍ରୀ ହୃଷିକେଶ ରାଉତଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବେରବୋଇ, ଥାନା: ଡେଲାଙ୍ଗ, ଏସ୍‌ଆର୍‌ଓ: ଡେଲାଙ୍ଗ, ଜିଲ୍ଲା: ପୁରୀ, ଖାତା ନଂ.: ୭୯୬, ପ୍ଲଟ୍ ନଂ.: ୧୮୯୩, କ୍ଷେତ୍ର: ଏକର୦.୦୩୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୮୯୨, ଦକ୍ଷିଣ: ପ୍ଲଟ୍ ନଂ.: ୧୮୯୪, ପୂର୍ବ: ପ୍ଲଟ୍ ନଂ.: ୧୮୯୫, ପଶ୍ଚିମ: କେନାଲ |
| **ମୈତ୍ରୀ ବିହାର ଶାଖା /** **ଋଣଗ୍ରହୀତା: ମେସର୍ସ ମା ତାରିଣୀ ଭଣ୍ଡାର, ସ୍ୱତ୍ୱାଧିକାରୀ: ଶ୍ରୀ ଲକ୍ଷ୍ମୀଧର ସାହୁ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଲକ୍ଷ୍ମୀଧର ସାହୁ**, ପିତା: ୰ ନେତ୍ରାନନ୍ଦ ସାହୁ, **୨) ଶ୍ରୀ ଶିବ ପ୍ରସାଦ ସାହୁ**, ପିତା: ୰ ନେତ୍ରାନନ୍ଦ ସାହୁ, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ୧୪୬/୬୮୩, ସା: ଦାଢ଼ାପାଟଣା, ବାରଙ୍ଗ ରେଲୱେ ଷ୍ଟେସନ୍ ନିକଟ, ଥାନା: ବାରଙ୍ଗ, ଜିଲ୍ଲା: କଟକ-୭୫୪୦୦୫ | ୦୯.୦୬.୨୦୨୫ ସୁଦ୍ଧା ଟ.୧୯,୭୫,୨୦୯.୨୫ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୩.୦୭.୨୦୨୫ / ୨୫.୦୯.୨୦୨୫ | ଶ୍ରୀ ଲକ୍ଷ୍ମୀଧର ସାହୁ ଏବଂ ଶ୍ରୀ ଶିବ ପ୍ରସାଦ ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଦାଢ଼ାପାଟଣା, ଥାନା: ବାରଙ୍ଗ, ତହସିଲ: ବାରଙ୍ଗ, ଜିଲ୍ଲା: କଟକ, ଖାତା ନଂ.: ୮୧/୨୧, ପ୍ଲଟ୍ ନଂ.: ୧୪୬/୬୮୩, କ୍ଷେତ୍ର: ୩୪୮୪.୮ ବର୍ଗଫୁଟ, କିସମ: ଜମି ସହିତ ବାସୋପଯୋଗୀ ବିଲ୍ଡିଂ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବିକ୍ରେତାମାନଙ୍କ ପ୍ଲଟ୍, ଦକ୍ଷିଣ: ଦିପାମଣୀ ହେମ୍ବ୍ରମ୍, ପୂର୍ବ: ବିକ୍ରେତାମାନଙ୍କ ପ୍ଲଟ୍, ପଶ୍ଚିମ: ଘରୋଇ ରାସ୍ତା |

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୬.୦୯.୨୦୨୫ କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସହିଦ ଭଗତସିଂ ବିଚାର ମଞ୍ଚ ପକ୍ଷରୁ ଆଲୋଚନା 'ବିପଦ ଗ୍ରସ୍ତ ଭାରତ ଓ ଆମ ପାଇଁ ଆହ୍ୱାନ', ସ୍ଥାନ: ନାଗଭୂଷଣ ଭବନ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅନ୍‌ଭେସନ୍ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ 'ଆରମ୍ଭ' କାର୍ଯ୍ୟକ୍ରମ, ସ୍ଥାନ: ବୁଦ୍ଧମନ୍ଦିର, ଅଡ଼ିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦେବଯୁଗ୍ ପରିବାର ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: କେଦାରଗୌରୀ ରିସର୍ଟ, ସମୟ: ପୂର୍ବାହ୍ନ ୧୧ଟା।
- ହେ ଅପୂର୍ବା ସନ୍ତ୍ରାନ୍ତ ପ୍ରକାଶନୀ ପକ୍ଷରୁ ୨୭ତମ ଜନ୍ମ ସମାରୋହ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ
- ବ୍ଲକସ୍ତରୀୟ ଶ୍ରମିକ କଲ୍ୟାଣ ସହାୟତା ମେଳା, ସ୍ଥାନ: ସ୍ୱର୍ଣ୍ଣ ମଣ୍ଡପ, ସତ୍ୟବାଦୀ ବ୍ଲକ ଛକ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା
- ଓୟୁଡବ୍ଲୁଜେ ଖୋର୍ଦ୍ଧା ଜିଲାର ବନ୍ଧୁମିଳନ, ସ୍ଥାନ: ବାଉତି ମନ୍ଦିର, କୁମାରବସ୍ତ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ପରିଛଳ କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପରିଛଳ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।

## ବାଲେଶ୍ୱର
- ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ, ସ୍ଥାନ: ସହଦେବଖୁଣ୍ଟା ଉପସ୍ୱାସ୍ଥ୍ୟକେନ୍ଦ୍ର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସାଗରିକାର ଶୁଭ ଉନ୍ମୋଚନ ଦିବସ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଆଧ୍ୟାତ୍ମିକ ଭଜନ ଓ ପ୍ରବଚନ, ସ୍ଥାନ: ଖୁଣ୍ଟା ମଠ ପ୍ରାଙ୍ଗଣ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- କବିବର ରାଧାନାଥ ରାୟଙ୍କ ୧୭୭ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ଥାନ: କବିବରଙ୍କ ଜନ୍ମ ପୀଠ, କେଦାରପୁର, ସୋର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ କବି ସମ୍ମିଳନୀ, ସ୍ଥାନ: କବିବରଙ୍କ ଜନ୍ମ ପୀଠ, କେଦାରପୁର, ସୋର, ସମୟ: ଅପରାହ୍ନ ୨ଟା ୩୦।

## ଭଦ୍ରକ
- ଶହୀଦ ସ୍ମୃତି ଦିବସ, ସ୍ଥାନ: ଇରମ, ବାସୁଦେବପୁର, ସମୟ: ସକାଳ ୮ଟା।
- ଭାଜପା ପକ୍ଷରୁ ଶତାବ୍ଦୀ ଉଦ୍‌ଘାଟନ ଦିବସ ପାଳନ, ସ୍ଥାନ: ମହିଷାପଦା, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ସଂସଦର ବାର୍ଷିକୋତ୍ସବ, ସ୍ଥାନ: ମଞ୍ଜୁରୀରୋଡ୍ ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାପୀଠ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଟୋକା ଗଣେଶଙ୍କ ଭସାଣି, ସ୍ଥାନ: ପୁରୁଣାବଜାର, ଭଦ୍ରକ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର
- ମା' ଦୁର୍ଗାଦେବୀଙ୍କ ବାର୍ଷିକ ପୂଜା ଉତ୍ସବ, ସ୍ଥାନ: ଅଣା, ଛେନାପଦି, ସମୟ: ସକାଳ ୮ ଟା।

## ବ୍ରହ୍ମପୁର
- ଅନ୍ୱେଷା କଳାକେନ୍ଦ୍ରର ଯା'ଦେବୀ ସର୍ବଭୂତେଷୁ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୬ ଟା ୧୦।

## ଗଞ୍ଜାମ
- ଦୁର୍ଗା ପୂଜା, ସ୍ଥାନ: ଭଞ୍ଜନଗର ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସଭା, ସ୍ଥାନ: ଭଞ୍ଜନଗର ଜେଲ ପଡିଆ, ସମୟ: ଅପରାହ୍ନ ୨ଟା ୩୦ ।
- କବି ସମ୍ରାଟ ସାହିତ୍ୟ ସଂସଦର ଉତ୍ସବ, ସ୍ଥାନ: ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ ଟା।

## ଜଗତ୍‌ସିଂହପୁର
- ଉତ୍ତରେଶ୍ୱରୀ ପୀଠରେ ମହାସପ୍ତମୀ ପୂଜା, ସ୍ଥାନ: ସିହା ଗ୍ରାମ, ଏରସମା ବ୍ଲକ, ସମୟ: ପ୍ରାତଃ ୪ଟା।
- ଜାତୀୟସ୍ତରରେ ଜୁଡୋ ଖେଳିବା ପାଇଁ ଚୟନ, ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ଇନଡୋର୍ ଷ୍ଟାଡିୟମ, ନୁଆବଜାର, ପାରାଦୀପ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା
- ମହାସପ୍ତମୀ ଅବସରରେ ମା' ଦୁର୍ଗାଙ୍କ ବଗଳାମୁଖୀ ବେଶ, ସ୍ଥାନ: ଦୁର୍ଗା ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଜିଲା ଭାଜପା ପକ୍ଷରୁ ଜିଏସ୍‌ଟି ସୁଧାର ସମ୍ପର୍କରେ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ଅପରାହ୍ନ ୩ଟା।

## ଯାଜପୁର
- ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ବରୀ କନକ ଦୁର୍ଗା ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଅଖିଳ ଚକ୍ର ଓ ଉଦୟଭାନୁ କ୍ଲବ ପକ୍ଷରୁ କବିବର ରାଧାନାଥ ରାୟଙ୍କ ଜୟନ୍ତୀ ପାଳନ ଓ ଆଲୋଚନାଚକ୍ର, ସ୍ଥାନ: ବିଞ୍ଝାରପୁର ମଇନ୍ଦା ଲେଙ୍କାସାହି କ୍ଲବ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଷୋଡଶ ଦିବସୀୟ ପୂଜାର ପଞ୍ଚଦଶ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା।
- ନାରାୟଣୀଙ୍କ ଷୋଡଶ ପୂଜାର ପଞ୍ଚଦଶ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ସତ୍ୟସାଇ ବାବାଙ୍କର ଦବ୍ୟ ପାଦୁକା ଯାତ୍ରା, ସ୍ଥାନ:ନୟାଗଡ ବ୍ଲକ କେଶରପୁର, ଓଡଗାଁ ବ୍ଲକ ବାଉଁଶିଆ, ଗୁଣ୍ଡୁବାରଣ, ପାଟୁଳିସାହି ଛକ ସମେତ ଆଖପାଖ ଅଞ୍ଚଳ, ସମୟ: ସକାଳ ୮ଟା ରୁ ରାତି ୯ଟା ୩୦।
- ଦୁର୍ଗାପୂଜା ଅବସର ମହାସପ୍ତମୀ ପୂଜା, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ପଞ୍ଚାୟତ ବାହାଡାଗୁଣୀ ପୀଠ ; ଜଗନ୍ନାଥପ୍ରସାଦ ମହିଷାଷୁଣୀ ପୀଠ ; କଣ୍ଟିଲୋ ଶ୍ମଶାନଚଣ୍ଡୀ ; ଖଣ୍ଡପଡା ଉମାଦେବୀ ଓ ପାଟଚଣ୍ଡୀଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ୩୭ତମ ବାର୍ଷିକ ଚାଲେଞ୍ଜ କପ୍ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନ ଉତ୍ସବ, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ହାଇସ୍କୁଲ ପଡିଆ, ସମୟ:ପୂର୍ବାହ୍ନ ୧୧ଟା ।
- ଦକ୍ଷିଣଚଣ୍ଡୀଙ୍କ ବାର୍ଷିକ ଉତ୍ସବର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ କଣ୍ଟିଲୋ କୃଷ୍ଣଚନ୍ଦ୍ରପୁର ପାଟଣା, ସମୟ: ଅପରାହ୍ନ ୨ଟା ।
- ବିମଳାଙ୍କ ଷୋଡଶ ପୂଜାର ପଞ୍ଚଦଶ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା ।
- ଷୋଡଶ ଦିବସୀୟ ପୂଜାର ପଞ୍ଚଦଶ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ୬୪ ତମ ସାର୍ବଜନିନ ଦୁର୍ଗାପୂଜାର ଷଷ୍ଠୀରେ ବିଲ୍ୱବରଣ ପୂଜା, ସ୍ଥାନ:ନୟାଗଡ ପଠାଣି ସାମନ୍ତ ଅଡିଟୋରିୟମ୍ ପରିସରସ୍ଥ ଦୁର୍ଗା ମଣ୍ଡପ, ସମୟ: ରାତି ୮ଟା ।

## ରାୟଗଡ଼ା
- ବିଲ୍ ପୂଜା ଓ ଗଙ୍ଗା ଆବାହନ, ସ୍ଥାନ: ଦୁର୍ଗାପୂଜା ମଣ୍ଡପ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ମାଁ ଦୁର୍ଗାଙ୍କ ଷଷ୍ଠୀ ପୂଜା ପାଇଁ କଳସୀ ଯାତ୍ରା, ସ୍ଥାନ: ଡାବୁଗାଁ ବ୍ଲକ ସଦରମହକୁମା ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ଦଶହରା ପୂଜା ପାଇଁ ବିଲ୍ ବରଣ ଓ କଳସ ଅଧିବାସ, ସ୍ଥାନ: ବତ୍ରୀଶ ସିଂହାସନ ପରିସର ଓ ଗଙ୍ଗେଇଗୁଣି ନଦୀ ତୁଠ, ସମୟ: ସକାଳ ୮ଟା।

## ସମ୍ବଲପୁର
- କାମାକ୍ଷା ମନ୍ଦିରରେ ଚଣ୍ଡିପାଠ, ସ୍ଥାନ: ଭାଲୁପାଲି ନିକଟସ୍ଥ ମନ୍ଦିର ପରିସର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛିତ୍ରାଙ୍କନ ପ୍ରତିଯୋଗୀତା, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଚିତ୍ରକଳା ଗ୍ୟାଲେରୀ, ସମୟ: ସକାଳ ୮ଟା।
- ଶାରଦୀୟ ଦଶହରା ପୂଜା ସକାଶେ ପୀଠରେ ସପ୍ତମୀ ପୂଜା, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ସକାଳ ୮ଟା।
- ଚିତ୍ରକଳା ପ୍ରଦର୍ଶନୀ ଓ କର୍ମଶାଳା, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଚିତ୍ରକଳା ଗ୍ୟାଲେରୀ, ସମୟ: ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା।
- ମାଲାବାର ସୁନା ଓ ହୀରା ଶୋରୁମର ପ୍ରଥମ ବର୍ଷ ପୂର୍ତ୍ତି ଉତ୍ସବ, ସ୍ଥାନ: ସହଯୋଗ ନଗର ଛକ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ସମିତି ଆୟୋଜିତ ଲବକୁଶ ଅନୁଷ୍ଠାନ କଳାକାରଙ୍କ ଶ୍ରୀରାମ ଲିଳା କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ଦୁର୍ଗାପୀଠରେ କାତ୍ୟାୟନୀ ପୂଜା, ସ୍ଥାନ: ରୁଗୁଡିପଡ଼ା, ପିପି ଏକାଡେମୀ, ପେଲେସଲାଇନ୍, ଗାନ୍ଧୀନଗରପଡା, ଟିକ୍ରାପଡା, କନ୍ଧପାଲିପଡା, ଠିକାଦାରପଡା, ବଲାଙ୍ଗୀର ସମୟ: ସକାଳ ୭ଟା ।

## ରାଉରକେଲା
- ନବରାତ୍ରି ପୂଜା, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ସକାଳ ୬ଟା।
- ଭାରତୀୟ ଆଇନଜୀବୀ ସଂଘ ସମ୍ମିଳନୀ, ସ୍ଥାନ: ଆଇଟିଡିଏ ହଲ୍, ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ଲୁଣିଆ ଓ ଇରମ ଶହୀଦ ସ୍ମୃତି ଦିବସ, ସ୍ଥାନ: ଛେଣ୍ଡ ଧାମରା ସଂଘ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରାଣୀ ସମ୍ପଦ ବିଭାଗର ସମ୍ମିଳନୀ, ସ୍ଥାନ: ରାଉରକେଲା ମହାନଗର ନିଗମ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଛେଣ୍ଡରେ ସତ୍‌ସଙ୍ଗ, ସ୍ଥାନ: ଅନୁକୂଳଚନ୍ଦ୍ର ସେବାଶ୍ରମ, ଛେଣ୍ଡ, ସମୟ: ଅପରାହ୍ନ ୫ଟା ୩୦।
- ମାସିକ ସାହିତ୍ୟ ଆସର, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
- ସୁପ୍ରିୟା ସ୍ମାରକୀ ଫୁଟବଲ,ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟେଡିୟମ, ବରଗଡ଼,ସମୟ:ଅପରାହ୍ନ ୨ଟା ।
- ରାସ୍ତା ପାର୍ଶ୍ୱ ଆଲୋକୀକରଣର ଶୁଭାରମ୍ଭ, ସ୍ଥାନ:ଆଶା କିରଣ ଛକ, ବରଗଡ଼,ସମୟ: ସନ୍ଧ୍ୟା ୫ଟା ୩୦।
- ଦୁର୍ଗା ମଣ୍ଡପର ଉନ୍ନତିକରଣ କାର୍ଯ୍ୟର ଉଦ୍‌ଘାଟନ,ସ୍ଥାନ:ସରକାରୀ ବସଷ୍ଟାଣ୍ଡ, ବରଗଡ଼,ସମୟ:ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି
- ମହାବୀର ସାଂସ୍କୃତିକ ଅନୁଷ୍ଠାନର ଭାବାର୍ପଣ ସଭା, ସ୍ଥାନ: ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ, ସମୟ: ପୂର୍ବାହ୍ନ ୧୧ଟା।
- ଦୁର୍ଗାପୂଜା ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: ଜୁନାଗଡ଼ ବ୍ଲକ ଚିଟୈଗୁଡା ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୀର୍ଘଦିନରୁ ଅଟକି ରହିଥିବା ସବୁ କାମ ସୁବିଧାରେ ହେବା ସହ ପ୍ରଶଂସିତ ହେବେ। ଆଜି ଆପଣ ଯାହାକୁ ଯାହା କହିବେ ସେ କଦାପି ନାହିଁ କରିବ ନାହିଁ। ମାତ୍ର ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ, ଅନ୍ୟଥା ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ବ୍ୟବସାୟ,ବାଣିଜ୍ୟ ଓ ପରିବହନରେ ଶିଥିଳତା ଦେଖାଦେଇପାରେ।

**ବୃଷ** କର୍ମକ୍ଷେତ୍ରରେ ବାରମ୍ବାର ଚେଷ୍ଟା କରି ମଧ୍ୟ ଅସଫଳତା ହେତୁ ଚିନ୍ତା ପ୍ରକଟ କରିପାରନ୍ତି। ଦୀର୍ଘଦିନର ଅପୂରଣୀୟ ଅଭିଳାଷ ମନରେ କ୍ରୋଧ ସୃଷ୍ଟି କରିପାରେ। ସଭାସମିତିର ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମିଥୁନ** ସାଧାରଣ ଘଟଣାରେ ଝଗଡ଼ା ଲାଗିଥିବା ଗତକାଲିର ଘଟଣାବଳୀ ମନକୁ ବିବ୍ରତ କରିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ଆଶାନୁରୂପ ଫଳ ପ୍ରାପ୍ତି ହେବ। ପାରିବାରିକ କ୍ଷେତ୍ରରେ ଖଳ ଲୋକଙ୍କ ଅନୁପ୍ରବେଶ କଳହକୁ ପ୍ରୋତ୍ସାହିତ କରିପାରେ। କର୍ମକ୍ଷେତ୍ରରେ କୌଣସି ନିଷ୍ପତ୍ତି ପାଇଁ ବିବାଦ ବଢ଼ିବାର ଆଶଙ୍କା ରହିଛି ।

**କର୍କଟ** ଆଜି ଦିନଟିରେ ଯାହା ପାଇବାକୁ ଇଚ୍ଛା କରିଛନ୍ତି, ତାହା ଶନିଙ୍କ ପ୍ରଭାବରୁ ବିଳମ୍ବରେ ପାଇବେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବାର ସମ୍ଭାବନା ରହିଛି।

**ସିଂହ** ଦୀର୍ଘ ଦିନର ଯୋଜନାକୁ ବାସ୍ତବରୂପ ଦେବାରେ ଆଜି ସଫଳତା ପାଇବେ। ପାରିବାରିକ କ୍ଷେତ୍ରରେ ସମସ୍ୟା ଲାଗି ରହିଲେ ମଧ୍ୟ ଚେଷ୍ଟାରୁ ବିରତ ହେବେ ନାହିଁ। ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ କହି ବିରୋଧୀ ହୋଇପାରନ୍ତି। ସହକର୍ମୀମାନେ ଆବଶ୍ୟକ ସହଯୋଗ କରିବା ସାଙ୍ଗକୁ ପ୍ରଶଂସାରେ ଶତମୁଖ ହୋଇପାରନ୍ତି।

**କନ୍ୟା** ଆଜିର କର୍ମକ୍ଷେତ୍ର ପ୍ରଶସ୍ତ ରହିବ ଏବଂ ସଙ୍ଗୀତ, କ୍ରୀଡ଼ା, ସାହିତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଆନୁଷ୍ଠାନିକ କାମରେ ସହମତିରେ କାମ କଲେ ସଫଳତା ପାଇପାରନ୍ତି। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତତା ବଢ଼ିଯିବ। ସାମାଜିକ ସ୍ତରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** ସାମାଜିକ ସ୍ତରରେ ଆନୁଷ୍ଠାନିକ କାର୍ଯ୍ୟ ତଥା ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ମିଳିବ। ସରକାରୀ କ୍ଷେତ୍ରରୁ କୌଣସି ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପରିବାରର ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟାଜନିତ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ବିଛା** କର୍ମକ୍ଷେତ୍ରରେ ଏକ ପ୍ରକାର ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ନିଜ ସକାଶେ ସମସ୍ୟାକୁ ବଢ଼ାଇ ଦେବ। ଆଜିର ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କ୍ରୟବିକ୍ରୟ ପରିପ୍ରେକ୍ଷୀରେ ଜମିଜମା ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ଧନୁ** ଶୁକ୍ରଙ୍କ ପ୍ରଭାବରେ ମନୋରଞ୍ଜନ କାର୍ଯ୍ୟରେ ସାମିଲ ହୋଇପାରନ୍ତି, କିନ୍ତୁ ପୂର୍ଣ୍ଣ ଉପଭୋଗ୍ୟ ହୋଇପାରିବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବାରୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ। ବ୍ୟବସାୟ ଓ ପରିବହନ ସମସ୍ୟାର ସମାଧାନ ହୋଇଯିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ଖୁସି ମନାଇପାରନ୍ତି।

**ମକର** ପ୍ରତିକୂଳ ସମୟଜନିତ ଘରେ ବସି ରହିଥିଲେ ମଧ୍ୟ ବିଭିନ୍ନ ପ୍ରକାରର ମିଥ୍ୟା ଅଭିଯୋଗ ଆପଣଙ୍କ ଉପରକୁ ଆସିପାରେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତ ପରିବେଶ ସୃଷ୍ଟି ହେବ। ବନ୍ଧୁଙ୍କ ଗହଣରେ ଆଳାପ ଆଲୋଚନାରେ ସମୟ କଟିଯିବ। ଆତ୍ମୀୟମାନେ ସ୍ୱାର୍ଥସାଧନ ମାନସରେ ଅଘଟଣ ଘଟାଇପାରନ୍ତି।

**କୁମ୍ଭ** ସ୍ୱାସ୍ଥ୍ୟ ଭଲ ରହିବା ସହ ଅଭାବ ସୁଧାରିବାକୁ ଯାଇ ଧାରକରଜ କରିବାକୁ ବାଧ୍ୟ ହେବେ। ସମ୍ପର୍କୀୟଙ୍କ ସାହାଯ୍ୟରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆନୁଷ୍ଠାନିକ କ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବାର ସୂଚନା ରହିଛି। ବନ୍ଧୁଙ୍କ ଅନୁରୋଧକ୍ରମେ ଭ୍ରମଣ ସୁଯୋଗ ଜୁଟିବାର ସୁଯୋଗ ଲାଭ କରିବେ।

**ମୀନ** ସମସ୍ୟା ରହିଥିଲେ ମଧ୍ୟ ବନ୍ଧୁଙ୍କ ପରାମର୍ଶ ଅନୁସାରେ ସମାଧାନ ପାଇଁ ଚେଷ୍ଟା କରିବେ। ନିଜ ଲୋକଙ୍କ ଈର୍ଷାପରାୟଣତାରୁ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ। ଅଜଣା ଅଶୁଣା ବ୍ୟକ୍ତିଙ୍କ ନିକଟରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଯାନ୍ତ୍ରିକଦ୍ରବ୍ୟ କିମ୍ବା ବିଦ୍ୟୁତ୍, ଲୌହ, ତୈଳାଦି ବ୍ୟବସାୟରୁ ଲାଭବାନ୍ ହେବେ।

ଆଜି ସେପ୍ଟେମ୍ବର ୨୮ ତାରିଖ, ବିଶ୍ୱ ଜଳାତଙ୍କ ଦିବସ,ଭଗତ ସିଂହ ଜୟନ୍ତୀ, କବିବର ରାଧାନାଥଙ୍କ ଜୟନ୍ତୀ, ଆଶ୍ୱିନ ଶୁକ୍ଳ ଷଷ୍ଠୀଯୁକ୍ତ ସପ୍ତମୀ ରବିବାର, ପୀଠେ ତ୍ରିଦିନାତ୍ମକ ଦୁର୍ଗାପୂଜା, ସାୟଂକାଳେ ମୃଣ୍ମୟୀ ବିଲ୍ୱାଧିବାସରେ ମହାସପ୍ତମୀ ପୂଜା, ମୃଣ୍ମୟୀଦେବୀଙ୍କର ଷଷ୍ଠୀବିହିତପୂଜା, ସବିମଳା ଦେବୀଙ୍କ ପରାପୂଜା, ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଷଷ୍ଠୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୬।୨୭ ଗତେ ଘ.୦୮।୫୦ ମଧ୍ୟେ, ଘ.୦୧।୦୬ ଗତେ ଘ.୦୩।୧୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୦୪ ଗତେ ଘ.୦୫।୩୪ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଭିଜିବ ଦଶହରା...

ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରିଛି। ବର୍ଷା ସମୟରେ ୩୦ ରୁ ୪୦ କି.ମି ପବନ ବହିବାର ସମ୍ଭାବନା ରହିଛି। ଆସନ୍ତା ୨ ଦିନ ଯାଏ ଉପକୂଳ ଓ ଉତ୍ତର ଆଭ୍ୟନ୍ତରୀଣର କିଛି ସ୍ଥାନରେ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଅକ୍ଟୋବର ୪ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜାରି ରହିବ। ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହୋଇଥିବା ବେଳେ ୨୪ଟି ଷ୍ଟେଶନରେ ପ୍ରବଳ ବର୍ଷା ରେକର୍ଡ ହୋଇଛି। ବଲାଙ୍ଗୀର ସାଲେଭଟାରେ ସର୍ବାଧିକ ୧୨୩.୨ ମିମି ବର୍ଷା ରେକର୍ଡ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ସତୀ ଲୋ, ସତେଇ ହେଉଛୁ କେତେ?
ତୋହ ଘର ନିଆଁ ଅଣ୍ଟିରେ ପୂରେଇ
ଖତେଇ ହଉଛୁ କେତେ?**

ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ନିଜ ଦୋଷ ନ ଦେଖି ସଦାସର୍ବଦା ଅନ୍ୟର ଦୋଷ ଦୁର୍ବଳତା ପ୍ରତି ଅଙ୍ଗୁଳି ଉଠାଇଥାନ୍ତି। ଏପରି ବ୍ୟକ୍ତିଙ୍କଠାରେ ଅନେକ ଦୋଷ ବା ଦୁର୍ଗୁଣ ରହୁଥିଲେ ମଧ୍ୟ ସେମାନେ ବିନା ଦ୍ୱିଧାରେ ଅନ୍ୟକୁ ଖରାପ କହି ତାଚ୍ଛଲ୍ୟ କରିଥାନ୍ତି। ଏପରି ଦୋଷ ଦର୍ଶୀ ବ୍ୟକ୍ତିଙ୍କୁ ପ୍ରଥମେ ନିଜ ଦୋଷ ଦେଖିବା ପାଇଁ ପରାମର୍ଶ ଦେବା ଉଚିତ୍ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସ୍ତିରୀ ହୋଇ ଯଦି ନ ଥିବ ଗୁଣ
ଧୋଇ କି ପିଇବ ସୁନ୍ଦର ପଣ?**

ଗୁଣ ନ ଥିଲେ ରୂପ ବ୍ୟର୍ଥ। ସ୍ତ୍ରୀ ରୂପବତୀ ହୋଇଥିଲେ ମଧ୍ୟ ଯଦି ତା' ଠାରେ ସ୍ନେହ, ଆଦର, ସେବା ତଥା ପତିବ୍ରତା ଭଳି ବିଶେଷ ଗୁଣର ଅଭାବ ଥାଏ ତେବେ ସେ ସେତେଟା ଆଦରଣୀୟା ହୋଇପାରି ନ ଥାଏ। ରୂପଠାରୁ ଗୁଣର ମହତ୍ତ୍ୱ ଖୁବ୍ ଅଧିକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

### ଓଡ଼ିଶାରେ ଚିପ୍‌ରୁ ...

ଯୋଗଦେଇ ପ୍ରଧାନମନ୍ତ୍ରୀ ୬୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ବିକାଶମୂଳକ ପ୍ରକଳ୍ପର ଶୁଭ ଉନ୍ମୋଚନ କରିଥିଲେ। ସେ ବିଏସ୍‌ଏନ୍‌ଏଲ ସ୍ୱଦେଶୀ ୪-ଜି ସେବାର ଶୁଭାରମ୍ଭ କରିବା ସହ ସବୁଜ ପତାକା ଦେଖାଇ ବ୍ରହ୍ମପୁର-ସୁରଟ(ଉଧନା) ମଧ୍ୟରେ ନୂତନ ଅମୃତ ଭାରତ ଟ୍ରେନ୍ ଚଳାଚଳ ଆରମ୍ଭ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ବିଏସ୍‌ଏନ୍‌ଏଲ୍‌ର ୪-ଜି ସେବା ଏବେ ସାରା ଦେଶରେ ଆରମ୍ଭ ହେବା ସହିତ ଟେଲିକମ କ୍ଷେତ୍ରରେ ଭାରତ ବର୍ତ୍ତମାନ ପୃଥିବୀର ୫ଟି ଶ୍ରେଷ୍ଠ ରାଷ୍ଟ୍ର ମଧ୍ୟରେ ରହିଛି। ଓଡ଼ିଶାରେ ବିଏସ୍‌ଏନ୍‌ଏଲ୍ ୨,୪୭୨ଟି ଆଦିବାସୀ ତଥା ନେଟୱର୍କ ପହଞ୍ଚୁ ନ ଥିବା ଗ୍ରାମକୁ ଫୋନ୍ ସେବା ଯୋଗାଇ ପାରିଛି, ଯାହା ଆମ ପାଇଁ ଗୌରବର କଥା। ଦେଶରେ ବର୍ତ୍ତମାନ ୮୦ରୁ ଊର୍ଦ୍ଧ୍ୱ ଆଇଆଇଟି ତିଆରି ହେଉଥିବା ବେଳେ ଦେଶରେ ଏହା ଛାତ୍ରୀଛାତ୍ରଙ୍କ ପାଇଁ ବହୁ ସୁଯୋଗ ସୃଷ୍ଟି କରିବ। ଭାଜପା ସରକାର ଗରିବ, ଦଳିତ, ଆଦିବାସୀଙ୍କୁ ମୂଳସ୍ତରରୁ ମଜଭୁତ କରିବା ପାଇଁ ସବୁବେଳେ ଚେଷ୍ଟା କରୁଥିବା ବେଳେ ସେମାନଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା ତିଆରି କରାଯାଇଛି ଓ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିବା ସହିତ ଆଦିବାସୀମାନେ ବର୍ତ୍ତମାନ ଶିକ୍ଷା କ୍ଷେତ୍ରରେ ବହୁ ଆଗରେ ରହିଛନ୍ତି। ୪ କୋଟିରୁ ଅଧିକ ପରିବାରକୁ ଡବଲ ଇଞ୍ଜିନ ସରକାର ପ୍ରଧାନମନ୍ତ୍ରୀ ଆବାସ ମାଧ୍ୟମରେ ଘର ଦେଇ ଦେଶରେ ଇତିହାସ ସୃଷ୍ଟି କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜଣେ କର୍ମଠ ବ୍ୟକ୍ତି ବୋଲି ପ୍ରଶଂସା କରିବା ସହ ତାଙ୍କ ନେତୃତ୍ୱରେ ଓଡ଼ିଶାର ଭବିଷ୍ୟତ ଉଜ୍ଜ୍ୱଳ ବୋଲି କହିବା ସହିତ ଦେଶରେ ବର୍ତ୍ତମାନ ୪୦ ହଜାର ଆଦିବାସୀ ଗ୍ରାମ ଘୋଷଣା ହୋଇ ସାରିଲାଣି ଏବଂ ଆହୁରି କିଛି ଗ୍ରାମର ଉନ୍ନତି ପାଇଁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି ବୋଲି ସେ କହିଛନ୍ତି।

ଆୟୁଷ୍ମାନ ଯୋଜନା ଅନ୍ତର୍ଭୁକ୍ତ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନରେ ୮ ଲକ୍ଷ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ମହିଳାମାନେ ଉପକୃତ ହେଉଛନ୍ତି। ୨୨ ସେପ୍ଟେମ୍ବରରୁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ରେ ସୁଧାର ଆସିଛି। ବହୁ ଜିନିଷ ଶସ୍ତା ହୋଇସାରିଛି। ଫଳରେ ଗରିବ ଲୋକମାନେ ଉପକୃତ ହେବା ସହିତ କୃଷକମାନେ ଏକ ଟ୍ରାକ୍ଟର କିଣିଲେ ଜିଏସ୍‌ଟିରୁ ୪୦ ହଜାର ଟଙ୍କା ଲାଭ ପାଇବା ସହିତ ବିଭିନ୍ନ କୃଷି ଉପକରଣ କିଣିଲେ ଲାଭବାନ ହେବେ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ନବରାତ୍ରର ଏହି ପବିତ୍ର ପର୍ବ ଚାଲିଥିବା ବେଳେ ମା' ସମଲେଶ୍ୱରୀ ଓ ରାମଚଣ୍ଡୀଙ୍କ ପାବନ ଭୂମିକୁ ପ୍ରଧାନମନ୍ତ୍ରୀ ପ୍ରଣାମ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଜୟ ଜଗନ୍ନାଥ, ଜୟ ମା' ସମଲେଇ, ଜୟ ଜୟ ମା' ରାମଚଣ୍ଡୀଙ୍କ ଜୟ ଧ୍ୱନି କରି ଭାଷଣ ଆରମ୍ଭ କରିଥିଲେ। ଜୟ ଜଗନ୍ନାଥ, ଭାରତ ମାତା କୀ ଜୟ ସ୍ଲୋଗନ ଦେଇ ମୋଦି ଭାଷଣ ସାରିଥିଲେ। ଯୁବ ସମ୍ମିଳନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ଭାରତର ଯୁବ ସମାଜ ପାଇଁ ଏକ ଆଦର୍ଶ ବୋଲି କହିବା ସହ 'ଏକ ପେଡ୍ ମା'କେ ନାମ୍' କାର୍ଯ୍ୟକ୍ରମରେ ଓଡ଼ିଶାରେ ୧ କୋଟି ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଗଛ ଲଗା ଯାଇଛି ବୋଲି କହିଛନ୍ତି। ଆଜିର ଏହି ଯୁବ ସମ୍ମିଳନୀ କାର୍ଯ୍ୟକ୍ରମ ଓ ଏହି ଦିନଟି ସବୁଦିନ ପାଇଁ ମନେ ରହିବ କାରଣ ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଆମ ସହିତ ଉପସ୍ଥିତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସହ ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କନକବର୍ଦ୍ଧନ ସିଂଦେଓ ଏବଂ ଅନ୍ୟ ମନ୍ତ୍ରୀ, ଏମ୍‌ପି, ବିଧାୟକ ପ୍ରମୁଖ ମଞ୍ଚାସୀନ ଥିଲେ।

ପ୍ରଧାନମନ୍ତ୍ରୀ ମୋଦି ପ୍ରଥମେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ପୂର୍ବାହ୍ନ ୧୧ଟା ୧୦ରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏବଂ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସ୍ୱାଗତ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ବିମାନବନ୍ଦରରୁ ସଭାସ୍ଥଳକୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆସିଥିବା ବେଳେ ବ୍ୟାରିକେଡ୍‌ରେ ଦେଖିବା ପାଇଁ ଥିବା ଲୋକଙ୍କୁ ଅଭିବାଦନ କରି ଝାରସୁଗୁଡ଼ା ଓଏମ୍‌ପି ଛକ ଦେଇ ଅମଲିପାଲି ସ୍ଥିତ ରିଜର୍ଭ ପଡ଼ିଆରେ ପହଞ୍ଚିଥିଲେ। ମୋଦି ସଭା ମଞ୍ଚରେ ପହଞ୍ଚିଲା ପରେ 'ମୋଦି ମୋଦି' ସ୍ଲୋଗାନରେ ସଭାସ୍ଥଳ କମ୍ପି ଉଠିଥିଲା। ପ୍ରଧାନମନ୍ତ୍ରୀ ପ୍ରଥମେ ସଭାସ୍ଥଳରେ ଥିବା ଲୋକମାନଙ୍କୁ ଶୁଭେଚ୍ଛା ଓ ନମସ୍କାର ଜଣାଇବା ପରେ ଉପସ୍ଥିତ ଥିବା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସହିତ ବିଭିନ୍ନ ମନ୍ତ୍ରୀ, ଏମ୍‌ପି, ବିଧାୟକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆଦିବାସୀ ଛାତ୍ରୀ ବର୍ଷା ଓ କମଳା ପ୍ରଧାନମନ୍ତ୍ରୀଙ୍କୁ ଏକ ସମ୍ବଲପୁରୀ ଲୋଗୋ ଦେଇ ଏବଂ ମୁଖ୍ୟମନ୍ତ୍ରୀ ସମଲେଶ୍ୱରୀଙ୍କ ଏକ ଫଟୋ ଦେଇ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

### ଯୁବବର୍ଗଙ୍କ ପାଇଁ ...

ସେପ୍ଟେମ୍ବର ୨୨ରେ ଆପଣଙ୍କ କରକମଳରେ ଲୋକାର୍ପିତ ହୋଇଥିଲା। ଏହି ବିମାନବନ୍ଦର ବିଶେଷ ଭାବେ ପଶ୍ଚିମ ଓଡ଼ିଶା ବିକାଶର ଗତିକୁ ତ୍ୱରାନ୍ୱିତ କରିଛି। କିଛିଦିନ ପୂର୍ବେ ସମଗ୍ର ଦେଶ ହର୍ଷଉଲ୍ଲାସର ସହ ଆପଣଙ୍କ ଜନ୍ମଦିବସ ପାଳନ କରିଥିଲା। ସେପ୍ଟେମ୍ବର ୧୭ରୁ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ 'ସେବା ପକ୍ଷ' ଭାବେ ପାଳନ କରିବା ଏହାର ସବୁଠାରୁ ବଡ଼ ପ୍ରମାଣ। ଏହା ଆମ ପାଇଁ 'ସେବା ପର୍ବ'। ଏହି ସମାବେଶ ଯୁବବର୍ଗଙ୍କ ପାଇଁ ସମର୍ପିତ। ବିଶେଷକରି ୨୦୧୪ ପରେ ଦେଶର ଯୁବବର୍ଗଙ୍କ ପାଇଁ ଆପଣ ଯଥାର୍ଥ ଭାବେ ସବୁଠାରୁ ବଡ଼ 'ଆଇକନ୍'। ଦେଶର ଯୁବବର୍ଗଙ୍କ ପାଇଁ ଆପଣ ପ୍ରେରଣାର ସ୍ରୋତ ବୋଲି ମୋଦିଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, 'ଅପରେଶନ ସିନ୍ଦୂର' ସହ ଦେଶର ସୁରକ୍ଷାକୁ ନେଇ ଆପଣ ଯେଉଁ 'ଲକ୍ଷ୍ମଣରେଖା' ଆଙ୍କିଛନ୍ତି, ସେଥିରେ ଦେଶର ଯୁବବର୍ଗଙ୍କ ମନପ୍ରାଣରେ ଏକ ନୂତନ ଉତ୍ସାହ ଭରିଦେଇଛି। ଭାରତରେ ଗୋଟିଏ ପ୍ରସିଦ୍ଧ ହିନ୍ଦୀ ଲୋକକଥା ଅଛି – 'ଛୋଡେଙ୍ଗେ ନେହିଁ, ଅଗର କୋଇ ଛୋଡେଗା, ତୋ ଛୋଡେଙ୍ଗେ ନେହିଁ'। ପହଲଗାମ୍ ନରସଂହାର ପରେ ଶତ୍ରୁ ଦେଶରେ ପ୍ରବେଶକରି ଆତଙ୍କବାଦୀ ଏବଂ ସେମାନଙ୍କ ପୃଷ୍ଠପୋଷକଙ୍କୁ ଯେପରି ଦଣ୍ଡ ଦିଆଗଲା, ସେଥିରେ ଦେଶର ସୁରକ୍ଷା ନୀତିର ସବୁଦିଗ ସମ୍ପୂର୍ଣ୍ଣ ଭାବେ ବଦଳିଯାଇଛି। ଦେଶକୁ ସୁରକ୍ଷିତ ରଖିଥିବାରୁ ସମଗ୍ର ଦେଶ ପକ୍ଷରୁ ଧନ୍ୟବାଦ। ଭାଜପା ସରକାର ଆସିବା ପରେ ପ୍ରଧାନମନ୍ତ୍ରୀ ୭ ଥର ଓଡ଼ିଶା ଗସ୍ତ କରିଛନ୍ତି। ଗତବର୍ଷ ତାଙ୍କ ଜନ୍ମଦିନରେ ସେ ଓଡ଼ିଶା ଆସି 'ସୁଭଦ୍ରା ଯୋଜନା'ର ଶୁଭାରମ୍ଭ କରିଥିଲେ। ଆଜି ଏହି ଯୋଜନା ଅଧୀନରେ ୧ କୋଟିରୁ ଅଧିକ ମା'ଙ୍କୁ ପ୍ରତିବର୍ଷ ୧୦,୦୦୦ ଟଙ୍କାର ସହାୟତା ମିଳୁଛି। ପରିବେଶ ସୁରକ୍ଷା ପ୍ରତି ଆପଣଙ୍କ ଚିନ୍ତା ବିଷୟରେ ସମଗ୍ର ଦେଶ ଜାଣିଛି। ଗତବର୍ଷ ଆପଣ ଯେଉଁ ଏକ୍ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ, ତାହା ବର୍ତ୍ତମାନ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶା ଏବେ ଦ୍ରୁତଗତିରେ ବିକାଶପଥରେ ଅଗ୍ରସର ହେଉଛି। ଆପଣ ଯେତେବେଳେ ଓଡ଼ିଶା ଆସନ୍ତି ରାଜ୍ୟବାସୀଙ୍କ ପାଇଁ ଅନେକ ଉପହାର ନେଇଆସନ୍ତି। ଚଳିତ ବର୍ଷ ଜାନୁଆରୀରେ ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମରେ ଉଦ୍ୟୋଗପତିମାନଙ୍କୁ ରାଜ୍ୟରେ ନିବେଶ କରିବା ପାଇଁ ଆହ୍ୱାନ ଦେଇ କହିଛନ୍ତି, ଏହି ସାଢେ ୭ ମାସ ମଧ୍ୟରେ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ସହ ଓଡ଼ିଶାରେ ୮୪ଟି ଶିଳ୍ପ ପ୍ରକଳ୍ପ ପାଇଁ ଶିଳାନ୍ୟାସ ହୋଇଛି। ଏହାଦ୍ୱାରା ୧ ଲକ୍ଷ ୬୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଗତ ୧୧ ବର୍ଷରେ ତାଙ୍କ ନେତୃତ୍ୱରେ ଦେଶ ପ୍ରତ୍ୟେକ କ୍ଷେତ୍ରରେ ନୂଆ ଶିଖରରେ ପହଞ୍ଚିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ଶିଶୁ ସେବିକାମାନେ ...

ଖୋଲାଯାଇଛି। ଏଠାରେ କୁନି କୁନି ପିଲାଙ୍କୁ ଖେଳକୁଦ ମାଧ୍ୟମରେ ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରାଯିବ। ପିଲାଙ୍କ ଯତ୍ନ ନେବା ପାଇଁ ପ୍ରତି ଶିଶୁ ବାଟିକାରେ ଶିଶୁ ସେବିକାଙ୍କୁ ନିଯୁକ୍ତି ଦିଆଯାଇଛି। ତେଣୁ ଶିଶୁ ସେବିକାଙ୍କ କାର୍ଯ୍ୟକୁ ନେଇ ଓସେପା ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ସେମାନେ ଶିଶୁ ବାଟିକାରେ କ'ଣ କାମ କରିବେ ଓ କ'ଣ କରିବେ ନାହିଁ ସେନେଇ ସମସ୍ତ ଡିଇଓ ଏବଂ ଡିପିସି ସମଗ୍ର ଶିକ୍ଷାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିଶୁ ସେବିକାମାନେ ଶିକ୍ଷାଦାନ କ୍ଷେତ୍ରରେ ଶିକ୍ଷକଙ୍କୁ ସହଯୋଗ କରିବେ ନାହିଁ ବରଂ ଶିଶୁମାନଙ୍କ ସୁରକ୍ଷାରେ ସହାୟକ ଭାବେ କାମ କରିବେ। ଶିଶୁମାନେ ଶ୍ରେଣୀ ଗୃହରେ ହେଉ କି ଖେଳପଡ଼ିଆରେ ଯେପରି ସୁରକ୍ଷିତ ରହିବେ ସେଥିପ୍ରତି ଧ୍ୟାନ ଦେବେ। ପିଲାମାନେ ତାଙ୍କର ନିୟମିତ କାର୍ଯ୍ୟ ତଥା ହାତ ଧୋଇବା, ଖାଇବା, ବହି, ଖେଳନା ସାମଗ୍ରୀ ଦେବାରେ ଶିଶୁ ସେବିକାମାନେ ସହଯୋଗ କରିବେ। ପିଲାମାନେ ଶୌଚ କିମ୍ବା ବାହାରକୁ ଗଲେ ତାଙ୍କ ସହିତ ସେମାନେ ଯିବେ। ଯଦି କୌଣସି ଶିଶୁଙ୍କର ସ୍ୱାସ୍ଥ୍ୟ ଅସୁସ୍ଥ ଲାଗେ କିମ୍ବା କୌଣସି ଭିନ୍ନ ଆଚରଣ କରନ୍ତି, ତୁରନ୍ତ ଶିକ୍ଷୟିତ୍ରୀଙ୍କୁ ଜଣାଇବା ଭଳି କାର୍ଯ୍ୟ ଶିଶୁ ସେବିକାଙ୍କୁ କରିବାକୁ ପଡ଼ିବ। ଏହି ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ସଂକ୍ଷେପରେ

### ପାଣି ପମ୍ପ ଜବତ, ଜଣେ ଗିରଫ

ହିଞ୍ଜିଳିକାଟୁ, ୨୭।୯(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ଚାନ୍ଦୁଲି ଗ୍ରାମର ଜଣଙ୍କ ଘରୁ ଶୁକ୍ରବାର ଏକ ପାଣି ପମ୍ପ ଚୋରି ହୋଇଥିଲା । ଏନେଇ ଘର ମାଲିକ ବିଜୟ ପରିଡା ଥାନାରେ ଅଭିଯୋଗ କରିଥିଲେ । ନଂ. ୭୮୦/୨୫ରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଚାନ୍ଦୁଲି ଗ୍ରାମର କାର୍ତ୍ତିକ ମାଝି ଏଥିରେ ସମ୍ପୃକ୍ତ ଥିବା ସ୍ପଷ୍ଟ ହେବା ପରେ ଶନିବାର ତାଙ୍କୁ ଗିରଫ କରାଯାଇଛି । ତାଙ୍କଠାରୁ ଚୋରି ପାଣି ପମ୍ପ ଜବତ ହୋଇଛି ।

### ୱାରେଣ୍ଟ ବଳରେ ଦୁଇ କୋର୍ଟ ଚାଲାଣ

ଗୋପାଳପୁର,୨୭।୯(ନବୀନ ରାଜ ଆଚାରୀ)

ୱାରେଣ୍ଟ ବଳରେ ଶନିବାର ଗୋପାଳପୁର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ବଡକୁଶସ୍ଥଳୀର ସଦାନନ୍ଦ ସେଠୀ ଓ ଶୀତଳାପଲ୍ଲୀର କେ.ପୁରୁଷୋତ୍ତମ ରେଡ୍ଡୀ । ଖବର ଅନୁସାରେ ଏହି ଥାନା ଅଧିନସ୍ଥ ବଡକୁଶସ୍ଥଳୀର ସଦାନନ୍ଦ ସେଠୀ ୨୦୦୩ରେ ଚୋରି ମାମଲାରେ ସମ୍ପୃକ୍ତ ଥିଲେ । ସେହି ଦିନ ଠାରୁ ସେ ଫେରାର ହୋଇଥିଲେ । କୋର୍ଟ କେଶ୍ ନଂ. ୧୨୭/୨୦୦୩ ରେ କୋର୍ଟ ୱାରେଣ୍ଟ ଜାରି କରିଥିଲା । ଶୁକ୍ରବାର ରାତିରେ ଗୋପାଳପୁର ଥାନା ପୋଲିସ ଖବର ପାଇ ଟାଟା କଲୋନୀ ଅଞ୍ଚଳରୁ ସଦାନନ୍ଦଙ୍କୁ କାବୁ କରି ଶନିବାର ଗିରଫ ଅପରାହ୍ନରେ କୋର୍ଟ ଚାଲାଣ କରିଛି । ସେହିପରି ଏହି ଥାନା ଅଧିନସ୍ଥ ଶୀତଳାପଲ୍ଲୀର କେ.ପୁରୁଷୋତ୍ତମ ରେଡ୍ଡୀ ଚଳିତ ବର୍ଷ ପାରିବାରିକ କଳହକୁ ନେଇ ସ୍ତ୍ରୀ କୋର୍ଟରେ ଦ୍ୱାରସ୍ଥ ହୋଇଥିଲେ । କୋର୍ଟ ନିର୍ଦ୍ଦେଶକୁ ଅବମାନନା କରିବାରୁ କୋର୍ଟ ଏମସି କେଶ ନଂ. ୧୩୩/୨୫ ୱାରେଣ୍ଟ ଜାରି କରିଥିଲା । ଗୋପାଳପୁର ଥାନା ପୋଲିସ ପୁରୁଷୋତ୍ତମଙ୍କୁ ପୋକଡିବନ୍ଧରୁ ଗିରଫ କରି ଅପରାହ୍ନରେ କୋର୍ଟ ଚାଲାଣ କରିଛି ।

### ଆଦି ସେବା କେନ୍ଦ୍ର ଉଦ୍‌ଘାଟିତ

ଦାରିଙ୍ଗବାଡ଼ି,୨୭।୯ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ୍ ସିମନବାଡ଼ି ପଞ୍ଚାୟତରେ ଆଦି ସେବା କେନ୍ଦ୍ରର ଉଦ୍‌ଘାଟିତ ହୋଇଛି । ଏଥିରେ ସରପଞ୍ଚ ଅମିତା ପ୍ରଧାନ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଜାଗୃତି କାର୍ଯ୍ୟାଳୟର ଧ୍ରୁବ ଚରଣ ନାୟକ ଯୋଗ ଦେଇଥିଲେ । ଏହି କେନ୍ଦ୍ରଟି ଗ୍ରାମବାସୀଙ୍କ ପାଇଁ ଏକ ସିଙ୍ଗଲ-ୱିଣ୍ଡୋ ସୁବିଧା କେନ୍ଦ୍ର ଭାବେ କାର୍ଯ୍ୟ କରିବ । ଯେଉଁଠି ସରକାରୀ ଯୋଜନା, ସମାଜିକ କଲ୍ୟାଣ ଓ ବିଭିନ୍ନ ସହାୟତା ସମ୍ବନ୍ଧୀୟ ସୂଚନା ସହଜରେ ମିଳିବ ବୋଲି କୁହାଯାଇଛି । ଆଦିବାସୀ ଓ ପଛୁଆ ବର୍ଗର ଲୋକଙ୍କୁ ସହାୟତା ପ୍ରଦାନରେ ଗୁରୁତ୍ୱ ଦେବ ବୋଲି ଉପସ୍ଥିତ ଲୋକଙ୍କୁ କୁହାଯାଇଛି । ସରକାରୀ କଲ୍ୟାଣ ଯୋଜନା ସମ୍ବନ୍ଧୀୟ ସୂଚନା ଓ ସହାୟତା, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ସୁଯୋଗ ସମ୍ବନ୍ଧୀୟ ପରାମର୍ଶ ସମେତ ଯୁବକ ଓ ସ୍ୱୟଂସହାୟକ ଗୋଷ୍ଠୀଙ୍କ ପାଇଁ କ୍ଷମତା ବିକାଶ ଓ ପ୍ରଶିକ୍ଷଣ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଗ୍ରାମବାସୀମାନେ ଏହି ପଦକ୍ଷେପକୁ ସ୍ୱାଗତ କରି ଆଗାମୀଦିନରେ ଆଦି ସେବା କେନ୍ଦ୍ର ଦ୍ୱାରା ଗ୍ରାମରେ ସତ୍ୟ ସାର୍ଥକ ପରିବର୍ତ୍ତନ ଓ ସଶକ୍ତିକରଣ ଆସିବ ବୋଲି ଆଶା ବ୍ୟକ୍ତ କରିଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟ, ଯୁବକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।


### ମହିଳା ସ୍ନାତକ ମହାବିଦ୍ୟାଳୟରେ ପାଠଚକ୍ର

ପାରଳାଖେମୁଣ୍ଡି,୨୭।୯(ଗିରିଧାରୀ ପରଚ୍ଛା):

ପାରଳାଖେମୁଣ୍ଡି ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ଶିକ୍ଷା ବିଭାଗ ତରଫରୁ ନୂତନ ବର୍ଷର ଛାତ୍ରୀମାନଙ୍କୁ ସ୍ୱାଗତ କରାଯିବା ସହିତ ଚଳିତବର୍ଷର ପ୍ରଥମ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧକ୍ଷା ଡ.ରୀନା ସାହୁ ନୂତନ ଛାତ୍ରୀମାନଙ୍କୁ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେବା ସହ ପାଠଚକ୍ରରେ ପ୍ରତ୍ୟେକ ବର୍ଷର ଛାତ୍ରୀ ଯେପରି ଅଂଶଗ୍ରହଣ କରିବେ ସେଥିପ୍ରତି ଯତ୍ନଶୀଳ ହେବାକୁ ଅନୁରୋଧ କରିଥିଲେ । ବିଭାଗୀୟ ମୁଖ୍ୟ ଅଧାପିକା ଡ. କଲ୍ୟାଣୀ ମିଶ୍ର ନୂତନ ଛାତ୍ରୀଙ୍କୁ କର୍ତ୍ତବ୍ୟବୋଧ, ସଂଯମତା ଆଚରଣ ସହ ସହପାଠିନୀ ଏବଂ ଗୁରୁଜନମାନେ କିପରି ଯଥାମାନ୍ୟ ପ୍ରଦର୍ଶନ କରିବେ ସେ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀ କୁନି ଶବର ପାଠଚକ୍ରରେ ନିଜର ନିବନ୍ଧ ଉପସ୍ଥାପନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷା ବିଭାଗର ଛାତ୍ରୀ ପରିଚାଳନା କରିଥିଲେ ।

# ପ୍ରବୀରଙ୍କ ପୋଲିସ ଏସ୍‌ଆଇରୁ ଓଏଏସ୍ ଯାତ୍ରା

ଫୁଲବାଣୀ, ୨୭।୯(ରାକେଶ କୁମାର ରାଉତ)



ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ କନ୍ଧମାଳ ଜିଲା ଟିକାବାଲି ବ୍ଲକ୍ ପାବୁରିଆର ଯୁବକ ପ୍ରବୀର ନାୟକ ସଫଳ ହୋଇଛନ୍ତି । ପୋଲିସ ସବ୍ ଇନ୍ସପେକ୍ଟରରୁ ଓଏଏସ୍ ପାଇଁ ଯାତ୍ରା ବେଶ କଠିନ ଥିଲେ ହେଁ, ସେ ଏହା କରି ଦେଖାଇଛନ୍ତି । ଓଡ଼ିଶା ପ୍ରଶାସନିକ ସେବାରେ ସେ ୨୮୫ ର୍‍ୟାଙ୍କ ହାସଲ କରି ଅନ୍ୟ ମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି । ପ୍ରବୀରଙ୍କ ବାପା ପ୍ରଭାକର ନାୟକ ପୋଲିସ ହାବିଲଦାର ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଛନ୍ତି । ପିଲା ବେଳେ ପ୍ରବୀର ଫୁଲବାଣୀ ପୋଲିସ ଉଚ୍ଚ ବିଦ୍ୟାଳୟରେ ପଢ଼ି ଭଲ ମାର୍କ ରଖି ମାଟ୍ରିକ ପାସ୍ କରିଥିଲେ । ପରେ ସେ ଭୁବନେଶ୍ୱର ବିଜେବି କଲେଜରେ ଯୁକ୍ତ ୩ ଏବଂ ପରେ ଉତ୍କଳ ବିଶ୍ୱ ବିଦ୍ୟାଳୟରେ ଆନ୍‌ଥ୍ରୋପୋଲୋଜି ପିଜିରେ ନାମ ଲେଖାଇ ଥିଲେ । ଇତି ମଧ୍ୟରେ ସେ ୨୦୨୧ରେ ପୋଲିସ ସବ୍ ଇନ୍ସପେକ୍ଟର ଭାବେ ଚାକିରି ପାଇଥିଲେ । ବରଗଡ଼ ଟାଉନ ଥାନାରେ କାର୍ଯ୍ୟ କରିବା ପରେ ଅଳ୍ପ ଦିନ ହେବ କଟକ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ସାଇବର ଥାନାର ସୋସିଆଲ ମିଡିଆ ସେଲରେ କାର୍ଯ୍ୟରତ ଅଛନ୍ତି ।

ଏନେଇ ପ୍ରବୀର କହିଛନ୍ତି ଯେ, ମୁଁ କଲେଜ ପଢ଼ିବା ବେଳେ ଖେଳା ଖେଳି କରୁଥିଲି । ଭୁବନେଶ୍ୱର ପାଇଁ କ୍ରିକେଟ ଖେଳିଛି । ଏସ୍‌ଆଇ ଚାକିରି ବାହାରିବାରୁ ମୁଁ ପରୀକ୍ଷା ଦେଇଥିଲି । ଏଥିରେ କୃତକାର୍ଯ୍ୟ ହୋଇ ଚାକିରି ପାଇଥିଲି । ହେଲେ ପ୍ରଶାସନିକ ଅଧିକାରୀ ହେବା ପାଇଁ ମୋ ମନରେ ବହୁ ଇଚ୍ଛା ଥିଲା। ଏଥିପାଇଁ ନିରନ୍ତର ପ୍ରୟାସ ଜାରି ରଖିଥିଲି । ଶେଷରେ ଫଳ ପାଇଛି । ଏଥିପାଇଁ ମୁଁ ବହୁତ ଖୁସି ଅଛି । ଆଗାମୀ ଦିନରେ ଲୋକମାନଙ୍କ ସେବା କରିବି । ତାଙ୍କର ଏହି ସଫଳତା ପାଇଁ ବାଲ୍ୟ ବନ୍ଧୁ ଶିବ ଶଙ୍କରଙ୍କ ସମେତ ଅନ୍ୟମାନେ ଖୁସି ବ୍ୟକ୍ତ କରିଛନ୍ତି ।

# ଗଣିତ ଶିକ୍ଷକରୁ ଓଏଏସ୍

ଗୋପାଳପୁର,୨୭।୯(ନବୀନ ରାଜ ଆଚାରୀ)

ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷା ଫଳ ପ୍ରକାଶ ପାଇଛି । ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ପଞ୍ଚମା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଟି. ନରସିଂହ ପାତ୍ର ଏଥିରେ କୃତକାର୍ଯ୍ୟ ହୋଇଛନ୍ତି । ସେ ୮୭ ନଂ. ର୍‍ୟାଙ୍କ ହାସଲ କରିଛନ୍ତି । ତାଙ୍କ ବାପା ଜଣେ କୃଷକ । ତାଙ୍କ ପରିବାର ବ୍ରହ୍ମପୁର ଗୋଷାଣୀନୂଆଗାଁ ଦୀପ ସାହିର ବାସିନ୍ଦା । ନରସିଂହ ପ୍ରଥମେ ୨୦୨୧ରେ କନିଷ୍ଠ ରାଜସ୍ୱ ସହାୟକ ଭାବେ ୫ ମାସ କାର୍ଯ୍ୟ କରି ପରେ ଶିକ୍ଷକତାକୁ ଆପଣାଇଥିଲେ । ପଞ୍ଚମା ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀର ଗଣିତ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ । ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ଲାଗି ନିଜକୁ ପ୍ରସ୍ତୁତ କରୁଥିଲେ । ପୂର୍ବରୁ ସେ ତିନିଥର ପରୀକ୍ଷା ଦେଇଥିଲେ । ଗତବର୍ଷ ୫ ମାର୍କରେ କଟି ଯାଇଥିଲେ । ପ୍ରତିଦିନ ୪ରୁ ୫ଘଣ୍ଟା ପରିଶ୍ରମ କରୁଥିବା ନରସିଂହ ଚଳିତ ଥର ସଫଳତା ପାଇଛନ୍ତି ।


ଓଏଏସ୍‌ରେ କୃତକାର୍ଯ୍ୟ ହୋଇଥିବା ଶିକ୍ଷକ ନରସିଂହ ।

# ଓପିଏସ୍‌ସି ପରୀକ୍ଷାରେ ଆସିକାର ନିକିତା, ଅବିନାଶଙ୍କୁ ସଫଳତା

ଆସିକା ୨୭।୯ (ସୁରେନ୍ଦ୍ର ନାଥ ସାହୁ)




ସଦ୍ୟ ପ୍ରକାଶିତ ଓପିଏସ୍‌ସି (ଓଏଏସ୍) ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ଆସିକା ଏନଏସିର ଦୁଇଜଣ ପରୀକ୍ଷାର୍ଥୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେମାନେ ହେଲେ ଏହି ଏନଏସିର ରାଜେନ୍ଦ୍ର ନଗର ନିବାସୀ ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ସୁଧୀର ପାତ୍ର ଓ କଳ୍ପନାଙ୍କ ଝିଅ ନିକିତା । ସେ ଦ୍ୱିତୀୟ ଥର ଉଦ୍ୟମ କରି ୩୮୨ ର୍‍ୟାଙ୍କରେ ଏହି ସଫଳତା ପାଇଛନ୍ତି । ନଜର ଶ୍ରେୟ ସେ ପରିବାର ଓ ଶୁଭେଚ୍ଛୁଙ୍କୁ ଦେଇଛନ୍ତି । ନିଜର କାର୍ଯ୍ୟକାଳ ମଧ୍ୟରେ ଶିକ୍ଷାର ଉନ୍ନତିକରଣ ଓ ମହିଳା ସଶକ୍ତୀକରଣ ପ୍ରତି ଅଧିକ ଧ୍ୟାନ ଦେବେ ବୋଲି ନିକିତା କହିଛନ୍ତି ।

ସେହିଭଳି ଏହି ଏନଏଏସିର ଶାସ୍ତ୍ରୀନଗର ନିବାସୀ ସ୍ୱର୍ଗତ ବିପ୍ରଚରଣ ତ୍ରିପାଠୀ ଓ ଶାନ୍ତିଲତାଙ୍କ ପୁଅ ଅବିନାଶ ତ୍ରିପାଠୀ ପ୍ରଥମ ଉଦ୍ୟମରେ ୩୦୩ ର୍‍ୟାଙ୍କରେ ଓଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ୨୦୦୮ରୁ ୨୩ ଯାଏ ୧୫ବର୍ଷ ଧରି ଭାରତୀୟ ନୌସେନାରେ କାର୍ଯ୍ୟ ନିର୍ବାହ ପରେ ସ୍ୱେଚ୍ଛାକୃତ ଅବସର ନେଇ ଅବିବାଶ ଏହି ପରୀକ୍ଷା ଲାଗି ପ୍ରସ୍ତୁତ ହେଉଥିଲେ । ଚାକିରି ସମୟରୁ ହିଁ ତାଙ୍କର ଏଥିପ୍ରତି ଲକ୍ଷ୍ୟ ଥିଲା । ଦୁର୍ନୀତି ଠାରୁ ଦୂରରେ ରହି ସମାଜର ଦୁର୍ବଳ ବର୍ଗଙ୍କୁ ଉପଯୁକ୍ତ ସେବା ଯୋଗାଇବା ଉପରେ ସେ ଗୁରୁତ୍ୱ ଦେବେ ବୋଲି କରିଛନ୍ତି । ତାଙ୍କର ଏହି ସଫଳତାର ଶ୍ରେୟ ଗୁରୁ, ପରିବାର ଓ ଶୁଭେଚ୍ଛୁଙ୍କୁ ଦେଇଛନ୍ତି ଅବିନାଶ ।

### କୃଷକଙ୍କ ପୁଅ ପାଇଲେ ଓଏଏସ୍



ଦିଗପହଣ୍ଡି,୨୭।୯ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ ସିଦ୍ଧେଶ୍ୱର ଗ୍ରାମର କାଳୁ ରାଉତ ଓଏଏସ୍ ପରୀକ୍ଷାରେ ୧୯୫ ର୍‍ୟାଙ୍କ ରଖିଛନ୍ତି । ଏକ ସାଧାରଣ କୃଷକ ପରିବାରରେ ଜନ୍ମଗ୍ରହଣ କରିଥବା କାଳୁଙ୍କ ଏହି ସଫଳତା ପରେ ଖୁସିର ଲହରି ଖେଳିଯାଇଛି । କାଳୁଙ୍କ ବାପା ମାଗତା ରାଉତ ଏବଂ ମାଆ ଜୟନ୍ତୀ ରାଉତ ପୁଅର ସଫଳତା ପଛରେ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ରହିଥିବା କହିଛନ୍ତି । କାଳୁଙ୍କୁ ପଞ୍ଚାୟତ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ ବୋଲି ସିଦ୍ଧେଶ୍ୱର ସରପଞ୍ଚ ବିଜୟ କୁମାର ପ୍ରଧାନ କହିଛନ୍ତି ।

# ରାଜମିସ୍ତ୍ରିଙ୍କ ପୁଅ ପାଇଲେ ଓପିଏସସିରେ ସଫଳତା

ଧରାକୋଟ,୨୭।୯ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)



ବାପା ପେଶାରେ ଜଣେ ରାଜମିସ୍ତ୍ରି, ମା' ସୁଗୃହିଣୀ । ମାତ୍ର ପୁଅ ରଖି ଦେଲେ ନାଁ । ନିକଟରେ ପ୍ରକାଶ ପାଇଥିବା ଓପିଏସସିରେ ୨୩୩ ନମ୍ବର ର୍‍ୟାଙ୍କ ରଖିଛନ୍ତି ଗଞ୍ଜାମ ଜିଲା ଧରାକୋଟ ବ୍ଲକ ମୁଣ୍ଡମରାଇ ଗାଁର କୈଳାସ ଚନ୍ଦ୍ର ସାହୁ ଓ ସୁଷମା ସାହୁଙ୍କ ପୁଅ ରୂପକ । ରୂପକ ହେଉଛନ୍ତି ପରିବାରର ଚତୁର୍ଥ ସନ୍ତାନ । ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ସେ ଗାଁରେ ଦେଓ ପାଟଣା ବିଦ୍ୟାଳୟରେ ପାଠ ପଢିବା ପରେ ସୁରଙ୍ଗୀସ୍ଥିତ ଜବହାର ନବୋଦୟ ବିଦ୍ୟାଳୟ ଷଷ୍ଠରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ ପଢିଥିଲେ । ପରେ ରୂପକ ହିଞ୍ଜିଳି ବିଜ୍ଞାନ ମହାବିଦ୍ୟାଳୟରୁ ସ୍ନାତକ ଶିକ୍ଷା ଶେଷ କରି କିଛି ମାସ ଡାକ ବିଭାଗରେ କାମ କରିଥିଲେ । ପରିବାର ଲୋକ ଓ ନିଜର ସହପାଠୀ ବନ୍ଧୁ ଧର୍ମଗଡର ଅତିରିକ୍ତ ଜିଲାପାଳ ଚୋଡଗଙ୍ଗ ପ୍ରଧାନଙ୍କ ପ୍ରେରଣାରେ ଓପିଏସସି ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିଥିଲେ । ଗୁରୁ ସନ୍ତୋଷ ପାତ୍ର ଓ ଗଣେଶ ଚନ୍ଦ୍ର ପାତ୍ର ତାଙ୍କୁ ମାର୍ଗଦର୍ଶନ ଦେଇ ଉତ୍ସାହିତ କରିଥିଲେ । ଏହି ସଫଳତା ପାଇଁ ସେ ପରିବାରର ସମସ୍ତଙ୍କୁ ଏବଂ ନିଜର ଦୁଇ ଗୁରୁ ଓ ବନ୍ଧୁଙ୍କୁ ଶ୍ରେୟ ଦେଇଛନ୍ତି । ସମାଜର ସବୁବର୍ଗର ଲୋକଙ୍କ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବି ବୋଲି ରୂପକ ନିଜ ପ୍ରତିକ୍ରିୟାରେ କହିଛନ୍ତି ।

# ଆମ ପୋଲିସ ସମିତି ବୈଠକ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି

ଜି.ଉଦୟଗିରି,୨୭।୯(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ବ୍ୟବସାୟୀ ସଂଘ ସଭା ଗୃହଠାରେ ପୋଲିସ ସମିତି ବୈଠକ ବ୍ୟବସାୟୀ ସଂଘ ସଭାପତି ସମୀର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଆଇଆଇସି ବିଜୟ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଧାରଣ ଜନତା ଏବଂ ପୋଲିସ ମଧ୍ୟରେ ସମ୍ପର୍କ ନେଇ ନିଜ ବକ୍ତବ୍ୟ ରଖିଥିଲେ । ପୋଲିସ କିଭଳି ଲୋକଙ୍କ ସହାୟତାରେ ଅନ୍ୟାୟକୁ ପ୍ରତିହତ କରିପାରିବେ । ପୋଲିସ ବିଭାଗ ତରଫରୁ ଜନସାଧାରଣ କିଭଳି ଉତ୍ତମ ସେବା ପାଇବା ସହ ଲୋକ କିଭଳି ନିର୍ଭୟରେ ଜୀବନଯାପନ କରିପାରିବେ ସେ ବିଷୟରେ ଅବଗତ କରେଇଥିଲେ । ସାଧାରଣ ଲୋକ କିପରି ସାଇବର ଠକେଇର ଶିକାର ହେବାରୁ ସୁରକ୍ଷିତ ରହିପାରିବେ ସେନେଇ ସମସ୍ତଙ୍କୁ ବୁଝେଇଥିଲେ । ସ୍ଥାନୀୟ ସହରର ସମସ୍ତ ବ୍ୟବସାୟୀ ବନ୍ଧୁ ବୈଠକରେ ଯୋଗ ଦେଇଥିଲେ । ବୈଠକରେ ପୋଲିସ ଏଏସଆଇ ବର୍ଣ୍ଣି ଦଣ୍ଡିଆ, ହାବିଲଦାର ବିଷ୍ଣୁପ୍ରସାଦ ସେଠି ଓ ଅନ୍ୟ କର୍ମଚାରୀ ଯୋଗ ଦେଇଥିବା ବେଳେ ବ୍ୟବସାୟୀ ସଂଘ ଉପସଭାପତି କାଳୁ ଚରଣ ପଣ୍ଡା, ସମ୍ପାଦକ ଅରୁଣ ଷଡଙ୍ଗୀ, ସହ ସମ୍ପାଦକ ମନସନ୍ତୋଷ ପାତ୍ର, କୋଷାଧ୍ୟକ୍ଷ ମାନସ ରଞ୍ଜନ ଦାଶ, ସଭ୍ୟ ଦେବୀ ପ୍ରସାଦ ଦାସ, ସନ୍ତୋଷ ଆଚାର୍ଯ୍ୟ, କୃଷ୍ଣମୂର୍ତି ପାତ୍ର, ଦିଲୀପ ମହାପାତ୍ର, ଓମ ନାରାୟଣ ପାତ୍ର, ସଞ୍ଜୟ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

### ଏଡ୍‌ସ, ଟିବି ସଚେତନତା କାର୍ଯ୍ୟକ୍ରମ

କବିସୂର୍ଯ୍ୟନଗର,୨୭।୯ (କୃପାସିନ୍ଧୁସ୍ୱାଇଁ):

କବିସୂର୍ଯ୍ୟନଗରସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଏଡ୍‌ସ ଓ ଟିବି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରଘୁନାଥ ଦାଶଙ୍କ ଅଧକ୍ଷତାରେ ହୋଇଥିବା ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲା ଯକ୍ଷ୍ମା ବିଭାଗର ପିପିଏମ କୋ-ଅର୍ଡିନେଟର ସୁଧୀର କାନ୍ତ ବେହେରା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଟିବିମୁକ୍ତ ଭାରତ ଅଭିଯାନରେ ଯୁବସମାଜ କିଭଳି ସହଯୋଗ କରିପାରିବେ ସେ ଉପରେ ଆଲୋଚନା କରିଥିଲେ । ବରିଷ୍ଠ ଚିକିତ୍ସା ପରିଦର୍ଶକ ଗୋପବନ୍ଧୁ ସ୍ୱାଇଁ ଯୁବଗୋଷ୍ଠୀକିଭଳି ସୂଚାର ରୂପେ ଟିବି ରୋଗୀଙ୍କ ଯତ୍ନ ନେଇପାରିବେ ସେ ସମ୍ପର୍କରେ ସଚେତନ କରିଥିଲେ । ଅରୁଣା ବେସରକାରୀ ଅନୁଷ୍ଠାନ ତରଫରୁ ଜିଲ୍ଲା ସମ୍ବଳ ଅଧିକାରୀ ରବୀନ୍ଦ୍ର କୁମାର ବେହେରା ଏଡ଼ସ ଉପରେ ସଚେତନ କରାଇଥିଲେ । କାର୍ଯ୍ୟକ୍ରମରେ ଶତାଧିକ ଛାତ୍ର ଓ ଅନୁଷ୍ଠାନର ସମସ୍ତ ସଦସ୍ୟ ଯୋଗଦେଇଥିଲେ । ଟୁକୁନା ଯେନା, ପ୍ରମୋଦ ବାଡତ୍ୟା, ଲିଜା ଦାସ,ମିନତୀ ବିଷୋୟୀ ପ୍ରମୁଖ କାର୍ଯକ୍ରମରେ ସହଯୋଗ କରିଥିଲେ ।

# ସିଏମ୍‌ଏ ପରୀକ୍ଷାରେ ପ୍ରଥମ ହେଲେ ସଚିନ


ସଚିନଙ୍କୁ ସମ୍ମାନିତ କରାଯାଉଛି ।

ପାତ୍ରପୁର, ୨୭।୯ (ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ୍ ଜରଡ଼ାଗଡ଼ ଗ୍ରାମର ଶିକ୍ଷକ ବେଣୁ ଗୋପାଳ ପାଢ଼ୀଙ୍କ ପୁତ୍ର ସଚିନ କୁମାର ପାଢ଼ୀ ସିଏମ୍‌ଏ ପ ପରୀକ୍ଷାରେ ଓଡ଼ିଶାରେ ପ୍ରଥମ ହେଇଛନ୍ତି । ସେ ଓଡ଼ିଶାରେ ପ୍ରଥମ ହୋଇଥିବା ବେଳେ ସର୍ବ ଭାରତୀୟସ୍ତରରେ ମଧ ୫୩ ର୍‍ୟାଙ୍କରେ ସ୍ଥାନ ପାଇଛନ୍ତି । ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି । ଭୁବନେଶର କାର୍ଯ୍ୟାଳୟଠାରେ ସଚିନଙ୍କୁ ସମ୍ମାନିତ କରାଯାଇଥିବା ବେଳେ ପରିବାର ବର୍ଗଙ୍କୁ କାର୍ଯ୍ୟାଳୟ ପକ୍ଷରୁ ନିମନ୍ତ୍ରିତ କରାଯାଇଥିଲା । ସଚିନ ବାପା ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଥିବାବେଳେ ମା ଗୃହିଣୀ ଅଛନ୍ତି ।

# ଅଭିଯୁକ୍ତଙ୍କୁ କଡା ଚେତାବନୀ ଦେଇ ଛାଡ଼ିଲେ କୋର୍ଟ

ପାରଳାଖେମୁଣ୍ଡି, ୨୭।୯(ଗିରିଧାରୀ ପରଚ୍ଛା)

**ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର ମାମଲା**

ଜଣେ ଶିକ୍ଷୟିତ୍ରୀଙ୍କ ବାସଭବନକୁ ବାରମ୍ବାର ଯାଇ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ବାରମ୍ବାର ମାରି ଦେବାକୁ ଧମକଚମକ ଦେଉଥିବା ନେଇ ହୋଇଥିବା ମାମଲାର ବିଚାର କରି ଜେଏମଏଫସି ଶୁଭଜିତ ବେହେରା ଅଭିଯୁକ୍ତ ଅଞ୍ଜନ କୁମାର ରଣାଙ୍କୁ ଦୋଷୀ ସାବ୍ୟସ୍ତ କରି କଡା ଚେତାବନୀ ଦେଇ ଏଥିରୁ ନିବୃତ୍ତ ରହିବାକୁ ଶୁଣାଣି ବେଳେ କହିଛନ୍ତି । ୭ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଭିତ୍ତି କରି ବିଚାରପତି ଏହି ରାୟ ଦେଇଛନ୍ତି ।

ମାମଲାରୁ ପ୍ରକାଶ, ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ଅନିନ୍ଦିତା ଅନୁରାଗିନୀ ବେହେରା ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟ କରନ୍ତି । ଗତ ୨୫।୯।୨୦୧୬ ସକାଳ ସମୟରେ ଅଞ୍ଜନ ତାଙ୍କ ସରକାରୀ ବାସଭବନକୁ ଆସି ତାଙ୍କୁ ଜୀବନରେ ମାରିବାକୁ ଧମକଚମକ ଦେବା ସହ ପୂର୍ବରୁ ତାଙ୍କ ବିରୋଧରେ କରିଥିବା ମାମଲାକୁ ଉଠାଇ ନେବାକୁ କହିଥିଲେ । ଏହାକୁ ନେଇ ସେ ତାଙ୍କୁ ମାଡ଼ ମାରିଥିଲେ । ଏହି ସମୟରେ ଅନିନ୍ଦିତାଙ୍କ ମା' ଘରକୁ ଆସିଯିବାରୁ ସେ ବର୍ତ୍ତି ଯାଇଥିଲେ । ଅଞ୍ଜନ ତାଙ୍କୁ ଜୀବନରେ ମାରିବାକୁ ଧମକ ଦେଇ ଚାଲିଯାଇଥିଲେ । ନିଜ ଜୀବନ ପ୍ରତି ବିପଦ ଥିବା ଜାଣି ଅନିନ୍ଦିତା ମୋହନା ଥାନାରେ ଅଭିଯୋଗ କରିଥିଲେ । ନଂ.୧୦୯ରେ ଏକ ମାମଲା ରୁଜୁ କରି ତତ୍କାଳୀନ ଏସ୍‌ଆଇ ବିପିନ ବିହାରୀ ପ୍ରହରାଜ ଅଞ୍ଜନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ । ଏହି ମାମଲା ଜେଏମଏଫସିଙ୍କ ନିକଟରେ ବିଚାରାଧୀନ ଥିଲା । ଏବେ ତାର ଶୁଣାଣି କରି ବିଚାରପତି ଉପରୋକ୍ତ ରାୟ ଦେଇଛନ୍ତି । ପ୍ରସିକ୍ୟୁଶନ ବିଭାଗର ଉପନିର୍ଦ୍ଦେଶକ ଅଜିତ ପଟ୍ଟନାୟକ ଓ ସହ ନିର୍ଦ୍ଦେଶକ ଡ଼ି.ଅନୁପରାଜ ଆଚାରୀଙ୍କ ତତ୍ତ୍ୱାବଧାନରେ ସରକାରଙ୍କ ପକ୍ଷରୁ ଏପିପି ଏସ. ବୈଦ୍ୟନାଥ ସିଂ ମାମଲା ପରିଚାଳନା କରୁଥିଲେ ବୋଲି ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ ମିଶ୍ର କହିଛନ୍ତି ।

# ଜାତୀୟ ସେବା ଯୋଜନା ପ୍ରତିଷ୍ଠା ଦିବସ

ବେଲଗୁଣ୍ଠା,୨୭।୯(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବିଜ୍ଞାନସ୍ନାତକମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପ୍ରତିଷ୍ଠ ଦିବସ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଏନ୍‌ଏସଏସ ପ୍ରୋଗ୍ରାମ ଅଫିସର ଅଧାପିକା ପିଙ୍କି ପାତ୍ରଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଛି । ଏଥିରେ କଲେଜର ଅଧକ୍ଷ ଅଜିତ୍ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲା । ଯୁବ ରେଡ଼କ୍ରସର କାଉନସିଲର ଡ଼.ପ୍ରଫୁଲ୍ଲ କୁମାର ଜେନା ଏବଂ ଅଧାପକ ସପନ ପ୍ରଧାନ ସମେତ ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ତତ୍ ସହିତ ୨୬ ତାରିଖରେ କଲେଜ ପରିସରରେ ସୁସ୍ଥ ନାରୀ ସଶକ୍ତ ସମାଜ ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନିକଟସ୍ଥ ସରକାରୀ ମେଡ଼ିକାଲ ତରଫରୁ ମାନସୀ ଦାସ ଓ ଦୁର୍ଗା ପ୍ରସାଦ ପାତ୍ର ପିଲାମାନଙ୍କୁ ସୁସ୍ଥ ନାରୀ ହିଁ ସଶକ୍ତ ପରିବାର ସମାଜ ଗଠନରେ ସକ୍ଷମ ସେ ସମ୍ପର୍କରେ ଧାରଣା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସର ପ୍ରୋଗ୍ରାମ ଅଫିସର ପିଙ୍କି ପାତ୍ର ଓ ଅଧାପକ ସପନ କୁମାର ପ୍ରଧାନ ମଞ୍ଚାସିନ ଥିଲେ ।

# ରାସ୍ତା ମରାମତି ଜୋରଦାର, ହଟିଲା ପଥର


ଗାହାକିଆଠାରୁ ଗସାପାଙ୍ଗା ରାସ୍ତାରେ ପଡିଥିବା ପଥର ହଟାଯାଉଛି ।

ଦାରିଙ୍ଗବାଡ଼ି, ୨୭।୯ (ଅରୁଣ ସାହୁ)

**ଭୂସ୍ଖଳନ ଘଟଣା**

ଗାହାକିଆ ଠାରୁ ଗସାପାଙ୍ଗା ରାସ୍ତାରେ ଭୂସ୍ଖଳନ ଘଟଣା ପ୍ରକାଶିତ ପରେ ରାସ୍ତାକୁ ମରାମତି କରାଯିବା ସହ ସେଠାରେ ପଡ଼ିଥିବା ବଡ଼ ପଥରକୁ ହଟାଯାଇ ଯାତାୟାତ ସ୍ୱାଭାବିକ ହୋଇଛି । ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମସୁନ୍ଦର ସିଂ ସୂଚନା ଦେଇଛନ୍ତି । ଜେସିବି ଦ୍ୱାରା ବଡ଼ ପଥରକୁ ରାସ୍ତାରୁ ହଟାଯାଇଛି । ପ୍ରକାଶ ଯେ, ସୋନପୁର ପଞ୍ଚାୟତ ଗାହାକିଆ ଠାରୁ ଗସାପାଙ୍ଗା ଦେଇ ଗଦାପୁର, ଗାନ୍ଧାରଗୁଡ଼ି, ହୋଇ କୋଟଗଡ଼ ବ୍ଲକ୍ ଶ୍ରୀରାମପୁରକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ପକ୍କା ରାସ୍ତା ନିର୍ମାଣ କରାଯାଇଛି । ତେବେ ଘାଟି ବୁଲାଣିଆ ରାସ୍ତା କଡ଼ରେ ପାହାଡ଼ ଥିବାରୁ ଚଳିତ ଲଗାଣ ବର୍ଷାରେ ଭୂସ୍ଖଳନ ହୋଇଥିଲା ।

# ଅସାମାଜିକଙ୍କ ଆଡ୍ଡାସ୍ଥଳୀ ମିଶନ ଶକ୍ତି ଗୃହ

ପାରଳାଖେମୁଣ୍ଡି,୨୭।୯(ଗିରିଧାରୀ ପରିଚ୍ଛା)




ଗଜପତି ଜିଲା କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦରେ ୧ ଓ ୩ ନମ୍ବର ୱାର୍ଡରେ ଥିବା ମିଶନ ଶକ୍ତି ଗୃହ ବର୍ତ୍ତମାନ କେତେ ଜଣ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଏହି ଗୃହ ପରିପାର୍ଶ୍ୱରେ ବିଭିନ୍ନ ଗଛଲତା ସହ ଅଳିଆ ଆବର୍ଜନା ପଡ଼ି ରହିଥିବା ଦେଖିବାକୁ ମିଳିଛି । ସୂଚନା ମୁତାବକ ରିକସିତା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୩ନଂ. ୱାର୍ଡରେ ଏକ ମିଶନ ଶକ୍ତି ଗୃହ ୭ଲକ୍ଷ ୯ ହଜାର ଟଙ୍କାରେ ନିର୍ମାଣ କରାଯାଉଛି । ନାରୀ ସଶକ୍ତୀକରଣ ପାଇଁ ଲକ୍ଷାଧିକ ଟଙ୍କାରେ ନିର୍ମାଣାଧୀନ ଏହି ପ୍ରକଳ୍ପ ସ୍ଥାନୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଗୃହଗୁଡ଼ିକ ଅବ୍ୟବସ୍ଥାରେ ପଡ଼ି ରହିଛି । ବର୍ତ୍ତମାନ ଏଠାରେ ଲୋକଙ୍କ ଗୋରୁ ବନ୍ଧା ହେଉଛନ୍ତି । କେତେ ଜଣ ଅସାମାଜିକ ବ୍ୟକ୍ତି ଏଠାରେ ବିଭିନ୍ନ ଅନୈତିକ କାର୍ଯ୍ୟକଳାପ ଚଳାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ସେହିପରି ୧୨ ଓ ୧୩ ନମ୍ବର ୱାର୍ଡରେ ମିଶନ ଶକ୍ତି ଗୃହ ନିର୍ମାଣ ହୋଇଥିଲେ ସୁଦ୍ଧା ଏଯାଏ ତାହା ଏନ୍‌ଏସି କର୍ତ୍ତୃପକ୍ଷ ହାତକୁ ନେଇ ନ ଥିବା ଜଣାପଡ଼ିଛି । କେତେ ଜଣ ବ୍ୟବସାୟୀ ବିନା ଅନୁମତିରେ ଉକ୍ତ ଗୃହ ବ୍ୟବହାର କରୁଥିବା ନେଇ ସ୍ଥାନୀୟ ଜନପ୍ରତିନିଧି ଅଭିଯୋଗ କରିବା ପରେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । କାଶୀନଗର ସହରର ବିଭିନ୍ନ ସମସ୍ୟା ନେଇ ବିଭିନ୍ନ ସମୟରେ ଏନ୍‌ଏସି କର୍ତ୍ତପକ୍ଷଙ୍କୁ ଜନସାଧାରଣ ଅବଗତ କରାଉଛନ୍ତି, ଅଥଚ କିଛି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି ।



କର୍ଣ୍ଣାଟକର ମହୀଶୂରଠାରେ ଦଶରା ଏୟାର ଶୋ' ଅବସରରେ ଶନିବାର ଭାରତୀୟ ବାୟୁସେନା ହେଲିକପ୍ଟର ପ୍ରଦର୍ଶନକାରୀ ଟିମ୍ 'ସରାଙ୍ଗ' ଆକାଶମାର୍ଗରେ ଯୁଦ୍ଧାଭ୍ୟାସ ପ୍ରଦର୍ଶନ କରୁଛି।

## ସଂକ୍ଷେପରେ

### ଚାଇନାର ଗାନ୍ସୁ ପ୍ରଦେଶରେ ଭୂକମ୍ପ

ବେଜିଂ,୨୭।୯

ଚାଇନାର ଗାନ୍ସୁ ପ୍ରଦେଶରେ ଶନିବାର ଭୋର ସମୟରେ ୫.୬ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୧୧ ଜଣ ଆହତ ହୋଇ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଭୂକମ୍ପ ପ୍ରଭାବରେ ଛାତର ଟାଇଲ୍‌ଗୁଡ଼ିକ ଖସିପଡ଼ିଥିଲା। ଏଥିରେ ୧୭ଟି ଘର ଭାଙ୍ଗିଯାଇଥିବାବେଳେ ୩,୫୦୦ରୁ ଊର୍ଦ୍ଧ୍ୱ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। ଲୋଙ୍ଗକ୍ସି ଏବଂ ଝାଙ୍ଗଜିଆନ କାଉଣ୍ଟିରୁ ୭,୮୦୦ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଭୋର ୫ଟା ୪୯ ମିନିଟ୍ ସମୟରେ ଲୋଙ୍ଗକ୍ସି କାଉଣ୍ଟିରେ ସଂଘଟିତ ଭୂକମ୍ପର କେନ୍ଦ୍ରସ୍ଥଳ ୧୦ କିଲୋମିଟର ଗଭୀରରେ ବୋଲି ଚାଇନା ସରକାରଙ୍କ ଭୂକମ୍ପ କେନ୍ଦ୍ର ପକ୍ଷରୁ କୁହାଯାଇଛି।

### ୭ ବର୍ଷୀୟ ମୁସଲମାନ ବାଳକଙ୍କୁ ବୀଭତ୍ସ ହତ୍ୟା

#### ବ୍ୟାଗ୍‌ରୁ ମିଳିଲା ମୃତଦେହ

ଆଜମଗଡ଼,୨୭।୯

ଉତ୍ତରପ୍ରଦେଶର ଆଜମଗଡ଼ ଅନ୍ତର୍ଗତ ସିଧାରୀରେ ଜଣେ ୭ ବର୍ଷୀୟ ମୁସଲମାନ ବାଳକଙ୍କୁ ବୀଭତ୍ସ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଶାହଜେବ୍ ନାମକ ବାଳକ ବୁଧବାର ଟିଉଶନ ଯାଇ ନିଖୋଜ ହୋଇଯାଇଥିଲେ। ତାଙ୍କୁ ଶୈଳେନ୍ଦ୍ର କୁମାର ନିଗମଙ୍କ ସହ ଶେଷଥର ପାଇଁ ଦେଖିବାକୁ ମିଳିଥିଲା। ବୁଧବାର ସନ୍ଧ୍ୟାରେ ନିଖୋଜ ଏତଲା ଦିଆଯାଇଥିବାବେଳେ ଗୁରୁବାର ପିଲାର ଖଣ୍ଡିତ ମୃତଦେହ ମିଳିବା ପରେ ଏହାକୁ ହତ୍ୟା ମାମଲାରେ ପରିବର୍ତ୍ତନ କରାଯାଇଛି। ମୃତଦେହକୁ ଏକ ଅଖାରେ ରଖି ଜଣେ ପଡ଼ୋଶୀଙ୍କ ଫାଟକରେ ଝୁଲାଇ ଦିଆଯାଇଥିଲା। ଏହି ମାମଲାରେ ଶୈଳେନ୍ଦ୍ର, ରାଜା ନିଗମଙ୍କୁ ଗିରଫ କରାଯାଇଛି। ସେମାନେ ପୋଲିସ ଉପରକୁ ଗୁଳି ଚଳାଇ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ପାଲଟା ଗୁଳି ଚଳାଇଥିଲା।

### ଦିଲ୍ଲୀ ବିଏମ୍‌ଡବ୍ଲ୍ୟୁ ଦୁର୍ଘଟଣା ଅଭିଯୁକ୍ତଙ୍କୁ ଜାମିନ



ଗଗନପ୍ରୀତ୍ କୌର

ନୂଆଦିଲ୍ଲୀ,୨୭।୯

ଦିଲ୍ଲୀରେ ବିଏମ୍‌ଡବ୍ଲ୍ୟୁ ଦୁର୍ଘଟଣାରେ ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ମୃତ୍ୟୁ ଘଟିଥିଲା। ପଟିଆଲା ହାଉସ୍ କୋର୍ଟ ଏହି ମାମଲାରେ ଶନିବାର ଅଭିଯୁକ୍ତ ଗଗନପ୍ରୀତ୍ କୌରଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ତାଙ୍କୁ ୧ ଲକ୍ଷ ଟଙ୍କାର ବଣ୍ଡ୍ ସହ ୨ଟି ସିଓରିଟି ଦାଖଲ କରି ଜାମିନରେ ଯିବା ପାଇଁ କୁହାଯାଇଛି। କୌରଙ୍କୁ ପାସ୍‌ପୋର୍ଟ ଦାଖଲ କରିବାକୁ କୁହାଯିବା ସହ ପ୍ରତି ଶୁଣାଣି ବେଳେ କୋର୍ଟରେ ଉପସ୍ଥିତ ରହିବାକୁ କୋର୍ଟ ସର୍ତ୍ତ ରଖିଛନ୍ତି। ଜାମିନ ସମୟରେ ଗଗନପ୍ରୀତ୍ ନ୍ୟୁ ଲାଇଫ୍ ହସ୍ପିଟାଲ ଷ୍ଟାଫ୍ କିମ୍ବା ଅନ୍ୟ ସାକ୍ଷୀଙ୍କ ସହ ଯୋଗାଯୋଗ କରିପାରିବେ ନାହିଁ ବୋଲି ଅଦାଲତ କହିଛନ୍ତି।

# ବ୍ରିକ୍ସକୁ ଘାରିଲା ଟାରିଫ୍ ଚିନ୍ତା

## ବହୁପାକ୍ଷିକ ବାଣିଜ୍ୟିକ ବ୍ୟବସ୍ଥାକୁ ମଜଭୁତ କରାଯିବା ଜରୁରୀ: ଏସ୍. ଜୟଶଙ୍କର

ଜାତିସଂଘ/ନ୍ୟୁୟର୍କ,୨୭।୯



ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ରାଷ୍ଟ୍ର ସମୂହ ବ୍ରିକ୍ସ ଆମେରିକା ପକ୍ଷରୁ କଷାଯାଇଥିବା ଉଚ୍ଚ ଟାରିଫ୍‌କୁ ନେଇ ଚିନ୍ତା ବ୍ୟକ୍ତ କରିଛି। ଅବିଚାରିତ ଭାବେ ଆମଦାନୀ ଶୁଳ୍କ ବୃଦ୍ଧି ଯୋଗୁ ବାଣିଜ୍ୟିକ କାରବାରରେ ବାଧା ସୃଷ୍ଟି ହେବା ସହ ଗ୍ଲୋବାଲ ସାଉଥ୍ ଦେଶଗୁଡ଼ିକର କ୍ଷତି ହେଉଥିବା ବ୍ରିକ୍ସ ପକ୍ଷରୁ କୁହାଯାଇଛି।

୨୦୨୬ ବର୍ଷ ପାଇଁ ବ୍ରିକ୍ସରେ ଭାରତ ଅଧ୍ୟକ୍ଷତା କରିବ। ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ର ୮୦ତମ ଅଧିବେଶନ ପରିପ୍ରେକ୍ଷୀରେ ବ୍ରିକ୍ସ ବହିର୍ବ୍ୟାପାର/ଅନ୍ତର୍ଜାତୀୟ ସମ୍ପର୍କ ମନ୍ତ୍ରୀମାନଙ୍କ ବାର୍ଷିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବ୍ରିକ୍ସ ରାଷ୍ଟ୍ର ସମୂହ ପକ୍ଷରୁ ଏକ ମିଳିତ ଘୋଷଣାନାମା ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଆମେରିକା ପକ୍ଷରୁ ଲଗାଯାଉଥିବା ଟାରିଫ୍ ବିଶ୍ୱ ବାଣିଜ୍ୟ ପାଇଁ ଏକ ପ୍ରତିବନ୍ଧକ। ଭବିଷ୍ୟତରେ ଏହା ବାଣିଜ୍ୟିକ କାରବାର ପାଇଁ ବିପଦ ସୃଷ୍ଟି କରିବା ସହ ବୈଶ୍ୱିକ ଯୋଗାଣ ଶୃଙ୍ଖଳରେ ବାଧା ସୃଷ୍ଟି କରିବ। ଏଥିସହ ଅନ୍ତର୍ଜାତୀୟ ଆର୍ଥିକ ଓ ବାଣିଜ୍ୟିକ କାର୍ଯ୍ୟକଳାପରେ ଅନିଶ୍ଚିତତା ଉପୁଜାଇବ। ଏହା କେବଳ ବ୍ରିକ୍ସ ପାଇଁ ନୁହେଁ, ବରଂ ଅନ୍ୟ ଦେଶଗୁଡ଼ିକର ଅର୍ଥନୈତିକ ପ୍ରଗତିକୁ ପ୍ରଭାବିତ କରିବ। ବ୍ରିକ୍ସରେ ସାମିଲ ଥିବା ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟ ଏହି ଏକତରଫା ଟାରିଫ୍ ବୃଦ୍ଧି ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ଏପରି ଆମଦାନୀ ଶୁଳ୍କ ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ) ନିୟମର ବିରୁଦ୍ଧାଚରଣ କରୁଛି ବୋଲି ଏହି ରାଷ୍ଟ୍ରଗୁଡ଼ିକ ନିନ୍ଦା କରିଛନ୍ତି। ଏନେଇ ଜୟଶଙ୍କର କହିଛନ୍ତି, ସଂରକ୍ଷଣବାଦ ବୃଦ୍ଧି, ଟାରିଫ୍ ଭୋଲାଟିଲିଟି ଓ ଅଣଟାରିଫ୍ ପ୍ରତିବନ୍ଧକଗୁଡ଼ିକ ବାଣିଜ୍ୟର ସ୍ରୋତକୁ ପ୍ରଭାବିତ କରୁଥିବାରୁ ବ୍ରିକ୍ସ ବହୁପାକ୍ଷିକ ବାଣିଜ୍ୟ ବ୍ୟବସ୍ଥାକୁ ମଜଭୁତ କରିବା ଜରୁରୀ ହୋଇପଡ଼ିଛି। ଯେତେବେଳେ ବହୁପକ୍ଷବାଦ ଚାପରେ ରହିଛି, ବ୍ରିକ୍ସ ଏକ ଯଥାର୍ଥତାର ଦୃଢ଼ ସ୍ୱର ଭାବେ ଉଭା ହୋଇ ସକାରାତ୍ମକ ପରିବର୍ତ୍ତନର ବାର୍ତ୍ତାବହ ସାଜିଛି। ବିଶ୍ୱ ନାନା ଅସୁବିଧା ଦେଇ ଗତିକରୁଥିବାବେଳେ ବ୍ରିକ୍ସ ଶାନ୍ତି ପ୍ରତିଷ୍ଠା, ଆଲୋଚନା, କୂଟନୀତି ଓ ଅନ୍ତର୍ଜାତୀୟ ଆଇନର ଅନୁପାଳନକୁ ଗୁରୁତ୍ୱ ଦେବା ପାଇଁ ବାର୍ତ୍ତା ପ୍ରେରଣ କରିବା ଜରୁରୀ। ଜାତିସଂଘର ପ୍ରମୁଖ ଅଂଶ ବିଶେଷକରି ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଜିଏ)କୁ ବ୍ରିକ୍ସ ଏକ ବ୍ୟାପକ ସଂସ୍କାର ପାଇଁ ଆହ୍ୱାନ ଦେବା ଉଚିତ। ପ୍ରଯୁକ୍ତି ଓ ନବଉନ୍ମେଷ ବ୍ରିକ୍ସର ପରବର୍ତ୍ତୀ ପର୍ଯ୍ୟାୟ ସହଯୋଗକୁ ପରିଭାଷିତ କରିବ ବୋଲି ଜୟଶଙ୍କର X ରେ ଉଲ୍ଲେଖ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ବ୍ରିକ୍ସ ମନ୍ତ୍ରୀମାନେ ଆସନ୍ତାବର୍ଷ ଭାରତ କରିବାକୁ ଥିବା ଅଧ୍ୟକ୍ଷତାକୁ ସମର୍ଥନ ଜଣାଇଛନ୍ତି। ଗତ ଏପ୍ରିଲ ୨୨ରେ ଆତଙ୍କବାଦୀଙ୍କ ପହଲଗାମ୍ ଆକ୍ରମଣକୁ ମଧ୍ୟ ବ୍ରିକ୍ସର ମିଳିତ ଘୋଷଣାନାମାରେ ନିନ୍ଦା କରାଯାଇଛି। ଆତଙ୍କବାଦ ପ୍ରତି ଶୂନ ସହନଶୀଳତାକୁ ଜୋର୍ ଦେବା ସହ ଏହି ପ୍ରସଙ୍ଗରେ ଦୋମୁହାଁ ନୀତି ଆପଣାଉଥିବା ଦେଶଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବାକୁ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଏଥିରେ ପରାମର୍ଶ ଦିଆଯାଇଛି। ଜାତିସଂଘ ଏବଂ ୟୁଏନ୍‌ଏସ୍‌ସିରେ ଭାରତ ଓ ବ୍ରାଜିଲର ଆକାଂକ୍ଷାକୁ ବ୍ରିକ୍ସ ନିଜ ସମର୍ଥନ ଦୋହରାଇଛି।

### ମାର୍ଚ୍ଚ ସୁଦ୍ଧା ରୁପି ବଣ୍ଡ୍ ଆଣିବାକୁ ଯୋଜନା

ମୁମ୍ବାଇ,୨୭।୯(ରଏଟର୍ସ)

ବ୍ରିକ୍ସ ରାଷ୍ଟ୍ର ସମୂହ-ସମର୍ଥିତ ନ୍ୟୁ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ (ଏନ୍‌ଡିବି) ୨୦୨୬ ମାର୍ଚ୍ଚ ସୁଦ୍ଧା ଭାରତୀୟ ମୁଦ୍ରା ରୁପି ବଣ୍ଡ୍ ଜାରି କରିବାକୁ ଯୋଜନା କରିଛି। ତିନୋଟି ସୂତ୍ରରୁ ଏହି ବିଷୟ ଜଣାପଡ଼ିଥିବା ରଏଟର୍ସ ଏକ ରିପୋର୍ଟରେ ପ୍ରକାଶ କରିଛି। ପୂର୍ବରୁ ଚାଇନାର ୟୁଆନ୍ ଏବଂ ଦକ୍ଷିଣ ଆଫ୍ରିକୀୟ ମୁଦ୍ରା ର୍ୟାଣ୍ଡ୍‌ରେ ପାଣ୍ଠି ସଂଗ୍ରହ କରିଥିବା ଏନ୍‌ଡିବି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସହ ରୁପି ବଣ୍ଡ୍ ଜାରି ଲାଗି ଆଲୋଚନା କରୁଛି। ପ୍ରାଥମିକ ପର୍ଯ୍ୟାୟରେ ୩-୫ ବର୍ଷିଆ ବଣ୍ଡ୍‌ଗୁଡ଼ିକରେ ୪୦୦ ନିୟୁତରୁ ୫୦୦ ନିୟୁତ ଡଲାର ପର୍ଯ୍ୟନ୍ତ ପାଣ୍ଠି ପ୍ରତିଷ୍ଠା କରାଯାଇପାରେ। ଚାଇନା ଓ ଭାରତ ନିଜ ନିଜ କରେନ୍ସିର ଅନ୍ତର୍ଜାତୀୟ ଗ୍ରହଣୀୟତାକୁ ବଢ଼ାଇବା ପାଇଁ ଜୋର୍ ଦେଉଥିବାବେଳେ ନିବେଶକମାନେ ମଧ୍ୟ ନିଜ ଆସେଟ୍ସକୁ ବିକଶିତ ମାର୍କେଟଗୁଡ଼ିକ ଊର୍ଦ୍ଧ୍ୱକୁ ନେଇ ଏଥିରେ ବିବିଧତା ଆଣିବାକୁ ଚାହୁଁଛନ୍ତି। ଏଭଳି ସମୟରେ ଏନ୍‌ଡିବି ରୁପି ବଣ୍ଡ୍ ଅଣିବା ପାଇଁ ଭାରତ ସରକାର ଓ ନିୟନ୍ତ୍ରକଙ୍କ ସହ କାର୍ଯ୍ୟ କରୁଛି ବୋଲି ବ୍ୟାଙ୍କର ଚିଫ୍ ଫାଇନାନ୍ସିଆଲ ଅଫିସର ରଏଟର୍ସକୁ ସୂଚନା ଦେଇଛନ୍ତି। ତେବେ ଆର୍‌ବିଆଇର ଚୂଡ଼ାନ୍ତ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି। ପ୍ରକାଶ ଯେ, ଆମେରିକୀୟ ଡଲାରର ପ୍ରଭୁତ୍ୱ ହ୍ରାସ ପାଇଁ ବ୍ରିକ୍ସର କୌଣସି ପ୍ରକାର କରେନ୍ସି ଅଣାଗଲେ ସମ୍ପୃକ୍ତ ଦେଶଗୁଡ଼ିକ ଉପରେ ଅତିରିକ୍ତ ଟାରିଫ୍ କଷାଯିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚେତାବନୀ ଦେଇ ଆସୁଥିବାବେଳେ ରୁପି ବଣ୍ଡ୍ ଆଣିବା ଯୋଜନା ତାଙ୍କୁ ଆହୁରି କ୍ଷୁବ୍ଧ କରିପାରେ।

### ୱାଙ୍ଗ୍‌ଚୁକ୍‌ଙ୍କ ପାକିସ୍ତାନ ଲିଙ୍କ୍‌ର ତଦନ୍ତ ଜାରି

ଲେହ୍,୨୭।୯(ପି.ଟି.)



ସୋନମ୍ ୱାଙ୍ଗ୍‌ଚୁକ୍

ଲଦାଖକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବିରେ ୬,୦୦୦ ବିକ୍ଷୋଭକାରୀ ବୁଧବାର ପୋଡ଼ାଜଳା ଓ ଟେକାମାଡ଼ କରିଥିଲେ। ସେମାନେ ସରକାରୀ ବିଲ୍ଡିଂ ଭଙ୍ଗାରୁଜା କରିବା ସହ ଭାଜପା କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିଲେ ଓ ଅନେକ ଗାଡ଼ି ପୋଡ଼ିଦେଇଥିଲେ। ହିଂସା ନିୟନ୍ତ୍ରଣ କରିବାକୁ ଯାଇ ସୁରକ୍ଷା ବଳ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଲାଠିଚାର୍ଜ ଏବଂ ଗୁଳିଚାଳନା କରିଥିଲା। ଏଥିରେ ୪ ଜଣଙ୍କ ଜୀବନ ଯାଇଥିବାବେଳେ ୧୭ ସିଆର୍‌ପିଏଫ୍ ଯବାନ ଓ ୭୦ ଜଣ ସାଧାରଣ ଲୋକ ଆହତ ହୋଇଥିଲେ। ବିକ୍ଷୋଭକୁ ହିଂସାତ୍ମକ ରୂପ ଦେବାରେ ଜଳବାୟୁ କର୍ମୀ ସୋନମ୍ ୱାଙ୍ଗ୍‌ଚୁକ୍‌ଙ୍କ ଉତ୍ତେଜିତ ଭାଷଣକୁ ଦାୟୀ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ପାକିସ୍ତାନ ସହ ୱାଙ୍ଗ୍‌ଚୁକ୍‌ଙ୍କ ସମ୍ପୃକ୍ତି ଥିବା ନେଇ ତଦନ୍ତ କରାଯାଉଥିବା ଲଦାଖ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଏସ୍.ଡି. ସିଂ ଜମୱାଲ ଶନିବାର କହିଛନ୍ତି। ୱାଙ୍ଗ୍‌ଚୁକ୍‌ଙ୍କୁ ଶୁକ୍ରବାର ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ବଳରେ ଗିରଫ କରାଯିବା ସହ ରାଜସ୍ଥାନର ଯୋଧପୁର ଜେଲକୁ ପଠାଇ ଦିଆଯାଇଛି। ତାଙ୍କ ବିରୋଧରେ ତଦନ୍ତରୁ ମିଳିଥିବା ତଥ୍ୟ ବର୍ତ୍ତମାନ ପରିପ୍ରେକ୍ଷୀରେ ପ୍ରକାଶ କରାଯାଇପାରିବ ନାହିଁ। ତେବେ ସେ ତାଙ୍କ ଭାଷଣରେ ଆରବ ସ୍ପ୍ରିଙ୍ଗ୍ ଏବଂ ନେପାଳ, ବାଂଲାଦେଶ ଓ ଶ୍ରୀଲଙ୍କାରେ ଘଟିଥିବା ବିଦ୍ରୋହ ସମ୍ପର୍କରେ କହି ଲୋକମାନଙ୍କୁ ଉତ୍ତେଜିତ କରିଥିଲେ ବୋଲି ପୋଲିସ ମୁଖ୍ୟ କହିଛନ୍ତି।

### ଲେହ୍‌ରେ କର୍ଫ୍ୟୁ ୪ ଘଣ୍ଟା କୋହଳ

ଲେହ୍,୨୭।୯(ପି.ଟି.)

ଲଦାଖର ହିଂସା ପ୍ରଭାବିତ ଲେହ୍ ସହରରେ ବୁଧବାରଠାରୁ କର୍ଫ୍ୟୁ ଜାରି ରହିଥିବାବେଳେ ଶନିବାର ଅପରାହ୍ନରେ ପର୍ଯ୍ୟାୟକ୍ରମେ ୪ ଘଣ୍ଟା ପାଇଁ ଏହାକୁ କୋହଳ କରାଯାଇଛି। ସ୍ଥାନୀୟ ଲୋକେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଦୋକାନଗୁଡ଼ିକରେ ଲମ୍ବା ଲାଇନ୍ ଲଗାଇଥିବା ଦେଖାଯାଇଛି। ଜଳବାୟୁ କର୍ମୀ ସୋନମ୍ ୱାଙ୍ଗ୍‌ଚୁକ୍ ଗିରଫ ହେବା ପରେ ଆଇନ ଶୃଙ୍ଖଳା ସ୍ଥିତି ବଜାୟ ରଖିବା ପାଇଁ ଶନିବାର ସକାଳଠାରୁ ପୋଲିସ ଓ ଅର୍ଦ୍ଧସାମରିକ ବାହିନୀ ପାଟ୍ରୋଲିଂକୁ ଜୋର୍‌ଦାର କରିଛି। କର୍ଫ୍ୟୁ କୋହଳ ସମୟରେ କୌଣସି ଅପ୍ରୀତିକର ସ୍ଥିତି ଉପୁଜିଥିବାର ଖବର ମିଳିନାହିଁ। ଲେହ୍ ପୁରୁଣା ସହରରେ ପ୍ରଥମ ପର୍ଯ୍ୟାୟରେ ଅପରାହ୍ନ ୧ଟାରୁ ୩ଟା ଏବଂ ନୂତନ ଅଞ୍ଚଳରେ ୩ଟା ୩୦ରୁ ୫ଟା ୩୦ ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯାଇଥିବା ଲଦାଖ ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି।

### ସଂସଦୀୟ କମିଟି କାର୍ଯ୍ୟକାଳ ୨ ବର୍ଷ ହୋଇପାରେ

ନୂଆଦିଲ୍ଲୀ,୨୭।୯(ପି.ଟି.)

ସଂସଦୀୟ ସ୍ଥାୟୀ କମିଟିଗୁଡ଼ିକର କାର୍ଯ୍ୟକାଳ ୨ ବର୍ଷକୁ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାର ବିଚାର କରୁଛନ୍ତି। ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏବଂ ରାଜ୍ୟ ସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନଙ୍କ ସହ ପରାମର୍ଶ କରି ସରକାର ସଂସଦୀୟ କମିଟିଗୁଡ଼ିକର କାର୍ଯ୍ୟକାଳ ୨ ବର୍ଷ କରିବାକୁ ନିଷ୍ପତ୍ତି ନେବେ ବୋଲି ଆଶା କରାଯାଉଛି। କମିଟିଗୁଡ଼ିକର ନୂଆ କାର୍ଯ୍ୟକାଳ ସେପ୍ଟେମ୍ବର ଶେଷଭାଗ କିମ୍ବା ଅକ୍ଟୋବର ପ୍ରାରମ୍ଭରେ ଆରମ୍ଭ ହୋଇଥାଏ। ଏହାର କାର୍ଯ୍ୟକାଳ ବଢ଼ାଇବା ପାଇଁ କେତେଜଣ ସଦସ୍ୟ ନିବେଦନ କରିଥିଲେ। ନୂଆ ଲୋକ ସଭା ଗଠନ ପରେ ବିଭିନ୍ନ ଦଳ ସହ ପରାମର୍ଶ କରି କମିଟି ଗଢ଼ାଯାଇଥାଏ। ସମ୍ପ୍ରତି ୨୪ଟି ବିଭାଗୀୟ ଷ୍ଟାଣ୍ଡିଂ କମିଟି ରହିଛି। ସେଥିରୁ ୮ଟିରେ ରାଜ୍ୟ ସଭା ସଦସ୍ୟ ଅଧ୍ୟକ୍ଷ ଥିବାବେଳେ ୧୬ଟିରେ ଲୋକ ସଭା ସଦସ୍ୟ ଅଧ୍ୟକ୍ଷ ରହିଛନ୍ତି। ଏହା ବ୍ୟତୀତ ବିଲ୍ ଅନୁଧ୍ୟାନ ପାଇଁ ଅର୍ଥ କମିଟି ଓ ଅସ୍ଥାୟୀ କମିଟି ଗଢ଼ାଯାଇଥାଏ।

### 'ଆଇ ଲଭ୍ ମହମ୍ମଦ' ବିବାଦ ପଛର ମୁଖ୍ୟ ଅଭିଯୁକ୍ତ ମୌଲବୀ ଗିରଫ

ବରେଲି,୨୭।୯(ପି.ଟି.)



ତୌକିର ରଜା ଖାନ୍

ଉତ୍ତରପ୍ରଦେଶର ବରେଲିରେ 'ଆଇ ଲଭ୍ ମହମ୍ମଦ' ଅଭିଯାନକୁ ସମର୍ଥନ କରି ବିକ୍ଷୋଭ କରିବା ଲାଗି ଆହ୍ୱାନ ଦେଇଥିବା ସ୍ଥାନୀୟ ମୌଲବୀ ତଥା ଇତ୍ତେହାଦ-ଇ-ମିଲାତ କାଉନ୍‌ସିଲ୍ ମୁଖ୍ୟ ତୌକିର ରଜା ଖାନ୍‌ଙ୍କ ସମେତ ୮ ଜଣଙ୍କୁ ପୋଲିସ ଗିରଫ କରିଛି। ବରେଲିରେ ଶୁକ୍ରବାର ନମାଜପାଠ ପରେ ବିକ୍ଷୋଭକାରୀ ଓ ପୋଲିସ ମଧ୍ୟରେ ହିଂସାତ୍ମକ ସଂଘର୍ଷ ଘଟିଥିଲା। ଏହା ପଛର ମାଷ୍ଟରମାଇଣ୍ଡ ରାଜା ଓ ଅନ୍ୟ ୭ ଜଣଙ୍କୁ ଶନିବାର ସ୍ଥାନୀୟ ଅଦାଲତ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଜେଲ ଯାଇଥିବା ଅନ୍ୟ ୭ ଜଣ ହେଲେ ସରଫରାଜ, ମୁନିଫୁଦ୍ଦିନ୍, ଅଜିମ ଅହମଦ, ମହମ୍ମଦ ଶରିଫ, ମହମ୍ମଦ ଆମିର, ରେହାନ ଏବଂ ମହମ୍ମଦ ସରଫରାଜ। ହିଂସାକାଣ୍ଡରେ ସମ୍ପୃକ୍ତି ନେଇ ପୋଲିସ ୩୬ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଇତିମଧ୍ୟରେ ରାଜାଙ୍କ ସମେତ ୨୫ ଜଣ ଏବଂ ୨୦୦ ଅଜଣା ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ ହୋଇଛି।

ହିଂସାତ୍ମକ ବିକ୍ଷୋଭ ପରେ ବାରାବାଙ୍କୀ ଏବଂ ମଉ ଜିଲାରେ ଉତ୍ତେଜନା ଲାଗି ରହିଛି। ଶନିବାର ଉକ୍ତ ଅଞ୍ଚଳରେ ବ୍ୟାପକ ସୁରକ୍ଷା ବଳ ନିୟୋଜିତ ହୋଇଥିବାବେଳେ ଇଣ୍ଟରନେଟ୍ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଅପରାଧମାନଙ୍କୁ ଧରିବା ପାଇଁ ପୋଲିସ ଶୁକ୍ରବାର ରାତିରେ ଘରକୁ ଘର ଯାଇ ଚଢ଼ାଉ କରିଥିଲା।

## ଗାଜାରେ ଏୟାରଷ୍ଟ୍ରାଇକ୍ : ୪୪ ମୃତ

ଡେଇର୍ ଅଲ୍-ବଲାହ,୨୭।୯

ଗାଜାରେ ଶନିବାର ସକାଳେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍ ଏବଂ ଗୁଳିମାଡ଼ରେ ୪୪ ଜଣଙ୍କ ମୃତ୍ୟୁ ଘଟିଛି। ଯୁଦ୍ଧ ବନ୍ଦ ପାଇଁ ଅନ୍ତର୍ଜାତୀୟ ଚାପ ବଢୁଥିବାବେଳେ ଯୁଦ୍ଧ ଜାରି ରଖିବା ଜିଦ୍‌ରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଅଟଳ ରହିଛନ୍ତି। କେନ୍ଦ୍ରୀୟ ଓ ଉତ୍ତର ଗାଜାରେ ଶନିବାର ଭୋର ସମୟରେ ଏୟାରଷ୍ଟ୍ରାଇକ୍ ହୋଇଥିଲା। ନୁସେଇରାତ ଶରଣାର୍ଥୀ କ୍ୟାମ୍ପ୍‌ରେ ଥିବା ଏକ ଘର ଉପରେ ଆକ୍ରମଣ ହେବାରୁ ଗୋଟିଏ ପରିବାରର ୯ ଜଣ ପ୍ରାଣ ହରାଇଛନ୍ତି। ଶୁକ୍ରବାର ଜାତିସଂଘ ସାଧାରଣ ପରିଷଦ (ୟୁଏନ୍‌ଜିଏ)ର ୮୦ତମ ଅଧିବେଶନରେ ନେତାନ୍ୟାହୁଙ୍କ ଭାଷଣର କିଛି ଘଣ୍ଟା ପରେ ଏହି ଆକ୍ରମଣ ହୋଇଛି। ଗାଜାରେ ଧ୍ୱଂସକାରୀ ଯୁଦ୍ଧ ଜାରି ରହିବ ଏବଂ ହମାସ୍ ବିରୋଧରେ ଆମେ ଆମ କାମ ଶେଷ କରିବୁ ବୋଲି ନେତାନ୍ୟାହୁ କହିଥିଲେ। ପାଲେଷ୍ଟିନୀୟ ରାଷ୍ଟ୍ରକୁ ଫ୍ରାନ୍ସ, ବ୍ରିଟେନ ସମେତ ଅନେକ ଦେଶ ସ୍ୱୀକୃତି ପ୍ରଦାନ କରିଥିବାରୁ ନେତାନ୍ୟାହୁ ଏହାର ନିନ୍ଦା କରିଥିଲେ। ପାଲେଷ୍ଟିନୀୟ ରାଷ୍ଟ୍ରକୁ ଇସ୍ରାଏଲ୍ ସ୍ୱୀକୃତି ଦେବା ଅତ୍ୟନ୍ତ ପାଗଳାମି ହେବ ବୋଲି ସେ କହିଥିଲେ। ଯୁଦ୍ଧ ବନ୍ଦ ପାଇଁ ଚାପ ବଢ଼ିବା ସହ ଇସ୍ରାଏଲ୍ ଏକପ୍ରକାର ଏକଘରିକିଆ ହୋଇଯାଇଛି। ପାଲେଷ୍ଟାଇନ୍ ରାଷ୍ଟ୍ରକୁ ସମର୍ଥନ କରୁଥିବା ଦେଶ ସଂଖ୍ୟା ବଢ଼ିଚାଲିଛି। ଯୁଦ୍ଧବିରତି ଲାଗି ଇସ୍ରାଏଲ୍ ଉପରେ ଚାପ ପକାଇବାକୁ ସେମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ ଚଳାଇଛନ୍ତି।



ଇସ୍ରାଏଲର ଏୟାରଷ୍ଟ୍ରାଇକ୍ ପରେ କେନ୍ଦ୍ରୀୟ ଗାଜା ଷ୍ଟ୍ରିପ୍‌ର କୋଠାଗୁଡ଼ିକରୁ ଧୂଆଁ ଉଠୁଛି।

## ପ୍ରେମରେ ତୃପ୍ତି



ତୃପ୍ତି ଡିମ୍ରୀ

**ମୁମ୍ବାଇ:** ପ୍ରେମରେ ପଡ଼ିଛନ୍ତି ବଲିଉଡ ଅଭିନେତ୍ରୀ ତୃପ୍ତି ଡିମ୍ରୀ। ବ୍ୟବସାୟୀ ତଥା ମଡେଲ ଶ୍ୟାମ ମର୍ଚ୍ଚାଣ୍ଟଙ୍କୁ ସେ ଡେଟ୍ କରୁଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଦୁହେଁ କିନ୍ତୁ ଏନେଇ ମୁହଁ ଖୋଲୁ ନାହାନ୍ତି। ସୋସିଆଲ ମିଡିଆରେ କେବଳ କିଛି ଫଟୋ ସମ୍ପର୍କ ଉପରେ ମୋହର ଲଗାଉଛି।

ଶ୍ୟାମ ମର୍ଚ୍ଚାଣ୍ଟ ପ୍ରଥମେ ମଡେଲିଂ ଜଗତରେ ନାଁ କମାଇବା ପରେ ବ୍ୟବସାୟରେ ପାଦ ଥାପିଥିଲେ। ତୃପ୍ତି ବଲିଉଡରେ ବହୁ ବର୍ଷ ଧରି କାମ କରୁଛନ୍ତି। ସେ ଆନିମଲ ଫିଲ୍ମରେ ରଣବୀର କପୁରଙ୍କ ସହ ଅଭିନୟ କରି ରାତାରାତି ପାଲଟି ଯାଇଥିଲେ ଷ୍ଟାର। ନିକଟରେ ଫିଲ୍ମ 'ଧଡ଼କ ୨'ରେ ସେ ନଜର ଆସିଥିଲେ। ଏହି ଫିଲ୍ମରେ ତାଙ୍କର ଅଭିନୟ ଖୁବ ପ୍ରଶଂସା ପାଇଥିଲା। ତୃପ୍ତି ତାଙ୍କ ବୋଲ୍ଡ ଅନ୍ଦାଜ ପାଇଁ ଜଣାଶୁଣା। ସୋସିଆଲ ମିଡ଼ିଆରେ ତୃପ୍ତି ନିୟମିତ ଫଟୋ ଓ ଭିଡ଼ିଓ ଶେୟାର କରନ୍ତି, ଯାହା ଇଣ୍ଟରନେଟରେ ଭାଇରାଲ ହୋଇଥାଏ। ତେବେ ଏବେ ତାଙ୍କ ଏକାନ୍ତ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ଆଗାମୀ ଦିନରେ ତାହା ସ୍ପଷ୍ଟ ହେବ ବୋଲି ପ୍ରଶଂସକ ଅନୁମାନ କରୁଛନ୍ତି।

# ସ୍ପେଶାଲ କ୍ରାଇମ୍ ପଞ୍ଝାରେ କୁଖ୍ୟାତ ବନ୍ଧୁକ ବେପାରୀ


ଗିରଫ ବନ୍ଧୁକ ବେପାରୀ ସେଖ୍ ନଦିମ


ଜବତ ବନ୍ଧୁକ, ଗୁଳି ଓ ଟଙ୍କା।

**ଭୁବନେଶ୍ୱର, ୨୭।୯(ସତ୍ୟଜିତ ରାଉତ)**

କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍(ଏସ୍‌ସିୟୁ) ପଞ୍ଝାରେ ଫସିଲେ କୁଖ୍ୟାତ ବନ୍ଧୁକ ବେପାରୀ। ସେ ହେଲେ ଜଗତ୍‌ସିଂହପୁର ଜିଲ୍ଲା କୃଷ୍ଣନନ୍ଦପୁର ଥାନା ଅନ୍ତର୍ଗତ ଇଟାବେଡି ଗ୍ରାମର ସେଖ ନଦିମ (୩୧)। ଶନିବାର ଭୋର ପ୍ରାୟ ୫ଟା ଧଉଳି ଜଙ୍କସନ ନିକଟରେ ଏସ୍‌ସିୟୁ ଟିମ୍ ତାଙ୍କୁ ଗିରଫ କରିଛି। ନଦିମଙ୍କ ପାଖରୁ ୧୦ଟି ସେମି ଅଟୋମେଟିକ ପିସ୍ତଲ, ୧୮ ଗୁଳି, ୧୦ ମାଗାଜିନ, ବାଇକ ଓ ମୋବାଇଲ ଜବତ ହୋଇଛି। ଏ ସମ୍ପର୍କରେ ସ୍ପେଶାଲ କ୍ରାଇମ ୟୁନିଟ ପକ୍ଷରୁ ଏକ ମାମଲା (ନଂ.୭/୨୦୨୫) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। କୋର୍ଟଚାଲାଣ ପରେ ଅଭିଯୁକ୍ତ ନଦିମଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନଦିମ ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳର ଡିଲରଙ୍କୁ ବନ୍ଧୁକ ବିକ୍ରି କରିବାକୁ ଆସିଥିବା ବେଳେ ଏସ୍‌ସିୟୁ ଟିମ୍ ଯୋଜନାବଦ୍ଧ ଭାବେ ତାଙ୍କୁ ଧରିଥିଲା। ତେବେ ତାଙ୍କର ଏହି ବନ୍ଧୁକ ରାକେଟକୁ ନେଇ ଅଧିକ ଛାନଭିନ ଚାଲିଥିବା ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ନଦିମଙ୍କ ନାମରେ ବିଭିନ୍ନ ଥାନାରେ ବହୁ ସଙ୍ଗିନ ମାମଲା ରହିଛି। ଏପରିକି ସେ ଏହାପୂର୍ବରୁ ଏକାଧିକଥର ଜେଲ ଯାଇ ମଧ୍ୟ ଫେରିଛନ୍ତି। ଗତ ମାସେ ହେବ ଏସ୍‌ସିୟୁ ଟିମ୍ ତାଙ୍କ ଉପରେ ନଜର ରଖିଥିଲା। ସେ ପୁରୀ ପାର୍ଶ୍ୱରୁ ପଳସର ବାଇକରେ ଆସୁଥିବା ବେଳେ ଏସ୍‌ସିୟୁ ଅତିରିକ୍ତ ଡିସିପିଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ତାଙ୍କୁ ଧଉଳି ଜଙ୍କଶନଠାରେ ମାଡିବସିଥିଲା। ତେବେ ବିହାର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଆଦି କୁଖ୍ୟାତ ବନ୍ଧୁକ ବେପାରୀଙ୍କ ସହ ନଦିମଙ୍କ ଲିଙ୍କ ରହିଥିବା ପୋଲିସ ଜାଣିବାକୁ ପାଇଛି।

**୧୦ ବନ୍ଧୁକ, ୧୮ ଗୁଳି, ୧୦ ମାଗାଜିନ ଜବତ**

**୭ ବର୍ଷ ତଳେ କେନ୍ଦ୍ରାପଡ଼ାରେ ଏନ୍‌କାଉଣ୍ଟର ହୋଇଥିଲେ**

### ପୋଲିସ ଉପରକୁ ଗୁଳି ଚଳାଇ ନିଜେ ଗୁଳି ଖାଇଥିଲେ

୭ବର୍ଷ ତଳେ ପୋଲିସ ଉପରକୁ ଗୁଳି ଚଳାଇ ନଦିମ ଗୁଳିମାଡ଼ ଖାଇଥିଲେ। ୨୦୧୯ ଏପ୍ରିଲ ୧୨ ବିଳମ୍ବିତ ରାତିରେ ନଦିମ ତାଙ୍କ ସହଯୋଗୀଙ୍କୁ ବନ୍ଧୁକ ଯୋଗାଇବାକୁ ପାଟକୁରା ଥାନା ଅଞ୍ଚଳକୁ ଆସୁଥିବା କେନ୍ଦ୍ରାପଡା ଜିଲ୍ଲା ପୋଲିସ ଖବର ପାଇଥିଲା। ପୋଲିସ ଟିମ୍ ଅର୍ଜୁନପୁର ଛକରେ ଛକି ରହିଥିଲା। ପୋଲିସକୁ ଦେଖି ନଦିମ ଖସି ପଳାଇବାକୁ ଚେଷ୍ଟା କରି ପ୍ରଥମେ ଗୁଳି ଚଳାଇଥିଲେ। ସେପଟୁ ପୋଲିସ ଗୁଳିମାଡ଼ କରିବାରୁ ନଦିମଙ୍କ ବାମ ଗୋଡ଼ରେ ଲାଗିଥିଲା। ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ପୁତୁରାଙ୍କୁ ଠେଙ୍ଗାରେ ପିଟି ହତ୍ୟା, ଦାଦା ଗିରଫ

**ବନ୍ତଳା, ୨୭।୯ (ସୁଶିତ ସାହୁ)**

ମାନସିକ ଭାବେ ଅସୁସ୍ଥ ଦାଦାଙ୍କୁ ଖାଇବାକୁ ଦେବାକୁ ଯାଇଥିବା ପୁତୁରାଙ୍କୁ ହତ୍ୟା କରିଛନ୍ତି ଦାଦା। ଅନୁଗୋଳ ବ୍ଲକ ଇଙ୍କରବନ୍ଧ ପଞ୍ଚାୟତ ବଡ଼କଞ୍ଜାଗୀ ଗାଁରେ ଶୁକ୍ରବାର ରାତିରେ ଘଟିଛି ଏହି ହତ୍ୟାକାଣ୍ଡ। ମୃତକ ହେଲେ ବଡ଼କଞ୍ଜାଗୀ ଗାଁର ସୁଦର୍ଶନ ଦାସ। ଅଭିଯୋଗପାଇ ଅନୁଗୋଳ ସଦର ଥାନା ପୋଲିସ ଶନିବାର ମୃତଦେହ ଜବତ କରିବା ସହ ଅଭିଯୁକ୍ତ ଦାଦା ବସନ୍ତ କୁମାର ଦାସଙ୍କୁ ଗିରଫ କରିଛି।

ସୂଚନା ଅନୁସାରେ, ବଡ଼କଞ୍ଜାଗୀ ଗାଁର ବସନ୍ତ ଜଣେ ମାନସିକ ରୋଗୀ। ସେ ଗାଁ ଶ୍ମଶାନରେ ରୁହନ୍ତି। ପରିବାର ଲୋକେ ଦୈନିକ ଖାଦ୍ୟ ନେଇ ତାଙ୍କୁ ଶ୍ମଶାନରେ ଦେଇଆସନ୍ତି। ଶୁକ୍ରବାର ରାତି ପ୍ରାୟ ୧୦ଟାରେ ପୁତୁରା ସୁଦର୍ଶନ ଶ୍ମଶାନକୁ ଖାଦ୍ୟ ନେଇ ଯାଇଥିଲେ। ହେଲେ ସେ ଘରକୁ ନ ଫେରିବାରୁ ଶନିବାର ସକାଳେ ସୁଦର୍ଶନଙ୍କ ସ୍ତ୍ରୀ ଖୋଜିବା ପାଇଁ ଶ୍ମଶାନଆଡ଼େ ଯାଇ ସ୍ୱାମୀଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ଏ ନେଇ ସେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଅଭିଯୁକ୍ତ ଦାଦା ବସନ୍ତଙ୍କୁ ଏକ ଗଛରେ ବାନ୍ଧି ସୁଦର୍ଶନଙ୍କ ସମ୍ପର୍କରେ ପଚାରିଥିଲେ। ପୁତୁରାଙ୍କୁ ଠେଙ୍ଗାରେ ପିଟି ପିଟି ମାରି ଦେଇ ୨୦୦ ମିଟର ଦୂରରେ ଫିଙ୍ଗି ଦେଇଥିବା ଦାଦା ବସନ୍ତ କହିଥିଲେ। ଏହାପରେ ଗ୍ରାମବାସୀ ଅନୁଗୋଳ ସଦର ଥାନାକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତକଙ୍କ ସାନଭାଇ ସିଦ୍ଧେଶ୍ୱର ଦାସ ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୬୩୩/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ମୃଣାଳ କାଲ ସୂଚନା ଦେଇଛନ୍ତି।


ଅଭିଯୁକ୍ତ ଦାଦାଙ୍କୁ ଗ୍ରାମବାସୀ ଗଛରେ ବାନ୍ଧି ଦେଇଛନ୍ତି।

# ହାଣ୍ଡିଆ ପିଇଦେବାରୁ ସ୍ତ୍ରୀଙ୍କୁ ପିଟି ହତ୍ୟା

**ଉଦଳା, ୨୭।୯(ସନ୍ତୋଷ କୁମାର ବାଛିନୀ)**

ଘରେ ଥିବା ହାଣ୍ଡିଆ ପିଇଦେବାରୁ ସ୍ୱାମୀ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀଙ୍କୁ କାଠଫାଳିଆ ପିଟି ହତ୍ୟା କରିବା ଘଟଣା ମୟୂରଭଞ୍ଜ ଜିଲା ଉଦଳା ଥାନା ଉପର ତାଳଡିହା ଗ୍ରାମରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୋଲିସ ଏକ ମାମଲା(ନଂ. ୩୮୧/୨୫) ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା ଓ କାଠଫାଳିଆକୁ ଜବତ କରାଯାଇଛି।

ଉପର ତାଳଡିହା ଗ୍ରାମର ଗୁରୁପ୍ରସାଦ ସିଂ ଶୁକ୍ରବାର ରାତି ୧୦ଟାରେ କାମ ସାରି ଘରକୁ ଫେରିଥିଲେ। ଘରକୁ ଫେରିବା ପରେ ଘରେ ତିଆରି ହେଉଥିବା ହାଣ୍ଡିଆ ପିଇବାକୁ ଖୋଜିଥିଲେ। ହେଲେ ଏହି ସମୟରେ ସବୁତକ ହାଣ୍ଡିଆକୁ ସ୍ତ୍ରୀ ସୀତା ପିଇ ନିଶାସକ୍ତ ଅବସ୍ଥାରେ ରହିଥିବା ଦେଖିବାକୁ ପାଇଥିଲେ ସ୍ୱାମୀ ଗୁରୁପ୍ରସାଦ। ହାଣ୍ଡିଆ ପିଇବାକୁ ମାଗିବାରୁ ଉଭୟ ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ବଚସା ଏତେ ଉଗ୍ରରୂପ ନେଇଥିଲା ଯେ, ସ୍ତ୍ରୀଙ୍କୁ କାଠଫାଳିଆରେ ପିଟି ପକାଇଥିଲେ ସ୍ୱାମୀ। ସ୍ତ୍ରୀଙ୍କୁ ବାଡେଇ ହତ୍ୟା କରିବା ବେଳେ ତାଙ୍କର ସାନ ପୁଅ ଦେଖିଦେବାରୁ ଏକ ଟାଙ୍ଗିଆ ଧରି ତାଙ୍କୁ ମଧ୍ୟ ମାରିବାକୁ ଗୋଡାଇଥିଲେ। ଛୋଟ ପିଲାଟି ଦୌଡି ଘରୁ ବାହାରି ପଡୋଶୀଙ୍କ ଘରକୁ ଚାଲିଯିବା ପରେ ପୁରା ଘଟଣା ବାବଦରେ ଗ୍ରାମବାସୀ ଜାଣିବାକୁ ପାଇଥିଲେ। ଏହାମଧ୍ୟରେ ହତ୍ୟାକାରୀ ସ୍ୱାମୀ ସ୍ତ୍ରୀଙ୍କ ମୃତଦେହ ଚାରିପାଖରେ ମଶାରୀ ଟାଙ୍ଗି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗ୍ରାମବାସୀ ଘଟଣା ବିଷୟରେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଥିଲା। ଏହା ସହିତ ବାରିପଦାରୁ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତକୁ ତ୍ୱରାନ୍ୱିତ କରିଛି।

# ହାତୀ ଦାନ୍ତ ଚାଲାଣ ଅଭିଯୋଗରେ ୨ ଗିରଫ


ଗିରଫ ୨ ଅଭିଯୁକ୍ତଙ୍କ ସହ ବନ ବିଭାଗ କର୍ମଚାରୀ।

**ବଇଣ୍ଡା, ୨୭।୯ (ପରିକ୍ଷିତ ସାହୁ)**

ହାତୀ ଦାନ୍ତ ଚାଲାଣ ଅଭିଯୋଗରେ ଅନୁଗୋଳ ଜିଲା ଠାକୁରଗଡ଼ ଥାନା କୁଡ଼ାସାହି ଗ୍ରାମର ମୁନା ବେହେରା, ଭଙ୍ଗାମୁଣ୍ଡା ଗ୍ରାମର ବିଜୟ ସିଂଙ୍କୁ ଶନିବାର କେନ୍ଦୁଝର ଓ ଧଣ୍ଡାତୋପା ବନ ବିଭାଗ ଗିରଫ କରିଛି। ସୂଚନା ଅନୁଯାୟୀ, ବର୍ଷେତଳେ ଧଣ୍ଡାତୋପା ଅଞ୍ଚଳରୁ ହାତୀ ଦାନ୍ତ କେନ୍ଦୁଝରେ ଚାଲାଣ କରାଯାଇଥିଲା। କେନ୍ଦୁଝର ଅଞ୍ଚଳରେ ହାତୀ ଦାନ୍ତ ଜବତ କରାଯାଇଥିବା ବେଳେ ୨ ଜଣ ଶିକାରୀ ପୂର୍ବରୁ ଗିରଫ ହୋଇଥିଲେ। ଏହି ଚୋରା ଚାଲାଣରେ ସମ୍ପୃକ୍ତ ଥିବା ବିଜୟ ଓ ମୁନାଙ୍କୁ ଶନିବାର ଗିରଫ କରାଯାଇଛି।

# ନାବାଳିକା ବଳାତ୍କାରୀଙ୍କୁ ଆଜୀବନ ଜେଲଦଣ୍ଡ

**ବାରିପଦା,୨୭।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ ସ୍ପେଶାଲ ପୋକ୍ସୋ କୋର୍ଟରେ ଶନିବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଅଭିଯୁକ୍ତ ବୈଶିଙ୍ଗା ଥାନା ଅଞ୍ଚଳର ଅସୀତ ବେହେରା(୨୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅତିରିକ୍ତ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ବିବରଣୀ ଅନୁଯାୟୀ, ୪ ନଭେମ୍ବର ୨୦୨୪ରେ ସମ୍ପୃକ୍ତ ନାବାଳିକା ସନ୍ଧ୍ୟାରେ ଗ୍ରାମ ଦୋକାନରୁ ଘରକୁ ଫେରିବାବେଳେ ଅଭିଯୁକ୍ତ ବଳପୂର୍ବକ ନାବାଳିକାଙ୍କୁ ଟେକି ନେଇ ଦୁଇହାତ ବାନ୍ଧି ଓ ମୁହଁରେ କପଡ଼ା ଦେଇ ବଳାତ୍କାର କରିଥିଲେ। ପୀଡ଼ିତା ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ପରେ ଘରଲୋକ ବୌଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ।


**ODISHA SCHOOL EDUCATION PROGRAMME AUTHORITY**
Samagra Shiksha
"SHIKSHA SOUDHA", UNIT-V, BHUBANESWAR-751001
No. 10600/CW/2025 — Date : 26/09/2025

**NOTICE INVITING REQUEST FOR PROPOSAL (RFP)**

No.n- : Odisha School Education Programme Authority (OSEPA), under administrative control of School & Mass Education Department, Government of Odisha invites sealed tender for selection of an agency for providing Event Management Services for execution of different works relating to (i) State Level Childrens' Festival **"SURAVI 2025"** scheduled to be held **from 12th - 14th November 2025** & (ii) **"NIJUKTI MELA"** for appointment of teachers in Secondary & Higher Secondary Schools on **15th November 2025** at **Capital High School, Unit-III, Bhubaneswar**. The duration of the programme is for 04 days starting from **12th November 2025 to 15th November 2025**.

The RFP document will be available on the OSEPA website i.e. https://osepa.odisha.gov.in. The bidders fulfilling the prescribed eligibility criteria of the RFP can access, download the complete RFP Document and other details from the above website & apply accordingly. Corrigendum/ addendum, if any, shall only be notified on the website mentioned above. Hence, the interested bidders are requested to be in continuous touch with the above website.

**The major events under the bid process are :**

| Sl. No. | List of Key Events | Dates |
|---|---|---|
| 1 | Date of availability of RFP document in OSEPA website | By 27/09/2025 |
| 2 | Last Date for Receipt of Bid | Up to 5.00 P.M. of 17/10/2025 |
| 3 | Date and Time of Opening of Technical Bid and Technical Evaluation followed by technical presentation | At 11.00 A.M. on 18/10/2025 onwards |
| 4 | Date of Opening of Financial Bid of technically qualified bidders | On 18/10/2025 (after technical evaluation & presentation) |

The proposal complete in all respects must reach the undersigned by **Speed Post/ Registered Post/ Courier only latest up to 5.00 P.M of 17/10/2025**. The proposals received beyond the last date and time will be rejected. The Tender Inviting Authority (TIA) i.e. OSEPA reserves the right to accept/reject any/all BIDS / cancel the entire selection process at any stage without assigning any reason thereof.

**Address for Submission of Proposal :**
To
The State Project Director,
Odisha School Education Programme Authority (OSEPA), "Shiksha Soudha", Unit-V, Bhubaneswar, Odisha-751001

OIPR-27068/11/0060/2526 — Sd./- State Project Director



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, BALLIGUDA**
Government of Odisha
No.3527//RWDBLG, Date : 24.09.2025
1st Corrigendum to the Bid Identification No.
Online tender/02/EERWD BLG/2025-26

**No.O-921** : The tender invited vide Bid Identification No. **Online tender/02/ EERWD BLG/2025-26** vide T.O. Office Letter No.**1961 dt.09.05.2025**. Due to unavoidable circumstances, the availability of tender online for bidding is from **14.05.2025** at **10.00 A.M.** to **20.05.2025** upto **5.00 P.M.** instead of 25.09.2025 at 10.00 A.M. to 09.10.2025 up to 5.00 P.M. Opening Dt.10.10.2025.
The other terms and conditions are remained unchanged.
**Further details, corrigendum(s) etc can be seen from the e-procurement portal "https://www.tendersorissa.gov.in"**

OIPR-25150/11/0007/2526 — Sd./- Executive Engineer, R.W.Division, Balliguda



**GOVT. OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION, SONEPUR**
1st Corrigendum
Letter No.3868, Dtd.25.09.2025

**No.O-890:** In continuation to this office tender identification No. SNPR/Online 02 of 2025-26 invited vide this office letter No.3804, dtd.22.09.2025, under unavoidable circumstances partial modification of TCN has been made as follows.

| Sl. No. | Tender Identification No. | Items | Time Schedule as per Original TCN | Time Schedule as per 1st Corrigendum Notice |
|---|---|---|---|---|
| 1 | 2 | 3 | 4 | 5 |
| 1 | Bid Identification SNPR/Online-02 of 2025-26 | Availability of Tender On-line for bidding | 25.09.2025 at 11.00 AM to 04.10.2025 upto 5.00 PM | 25.09.2025 at 11.00 AM to 13.10.2025 upto 5.00 PM |
| 2 | | Date & Time of seeking tender clarification | 03.10.2025 upto 4.00 PM | 10.10.2025 upto 4.00 PM |
| 3 | | Date & Time of opening of tender | 06.10.2025 at 11.00 AM | 14.10.2025 at 11.00 AM |

OIPR-25054/11/0036/2526 — Sd./- Executive Engineer, Rural Works Division, Sonepur



**ODISHA MODEL TRIBAL EDUCATION SOCIETY (OMTES)**
ST & SC DEVELOPMENT, M & BCW DEPARTMENT
GOVERNMENT OF ODISHA
**Request for Proposal no 865/Date26/09/2025**

No.CAD-Sealed Request for Proposal (RFP) are requested from Interested Event Management Agencies to provide event management services during 4th National EMRS Sports Meet, 2025 to be organised at Sundargarh district from 11th to 15th November 2025.
For details of the Request for Proposal, please visit website- www.omtes.org and http://stsc.odisha.gov.in.
Last date for Tender submission is **23rd October 2025 5.00 PM**

OIPR-26009/11/0011/2526 — Sd./- Secretary, OMTES



**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
SANTARAPUR, BHUBANESWAR-751002
Tel-MD 0674-2340573, E-mail-mdossclt456@gmail.com
**TENDER CALL NOTICE**
No.OSSC/Engg-128/2025

**No.CAD-1891:**The Managing Director, Odisha State Seeds Corporation Ltd invites the following tenders through ONLINE through e-procurement site of Govt. of Odisha www.tenderodisha.gov.in.
**Percentage Rate Tenders** from eligible Civil works contractors registered under Competent authority of Govt. of Odisha.
*Amount in Rs.*

| Sl | Name of the Work | Estimated Amt | EMD | Cost of Tender document | Completion period | Eligibility class of contractors |
|---|---|---|---|---|---|---|
| 1 | Construction of Office Building at Seed Processing Plant Shyamakhunta, Mayurbhanja | 22,76,785.00 | 22,768.00 | 6720/- | 180 | C or above |

The details of location of work, estimated amount regarding construction work alongwith cost of Tender Document, EMD and other criteria alongwith critical dates for the above Tenders can be seen in the Detailed Tender Call Notice posted in website of Govt. of Odisha www.tenderodisha.gov.in.
The last date for uploading of tender to tender portal is **dt.08.10.2025.**

OIPR-01045/11/0104/2526 — Sd./- Managing Director, OSSC Ltd., BBSR



ଓଡ଼ିଶା ସରକାର
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ
**Government of Odisha**
**Panchayati Raj & Drinking Water Department**
ଓଡ଼ିଶା ସଚିବାଳୟ, ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
Odisha Secretariat, Sachibalaya Marg, Bhubaneswar-751 001
Fax:0674-2391413, e-mail: prsec.or@nic.in
No.PR-RH-ESTT-0001-2025- 27155/PR&DW — Date:26.09.25

**CORRIGENDUM NOTICE**

No.i- In continuation to the Tender Notice No.PR-RH-ESTT-0001- 2025-25348/ PR&DW dated 13.09.2025, inviting sealed tenders from eligible organisations for selection of service providing agencies to provide manpower for the State Project Management Unit under Pradhan Mantri Awas Yojana (Gramin), it is hereby informed that certain modifications/ clarifications have been issued.
The details of the corrigendum may be seen on the following websites:
- https://panchayat.odisha.gov.in/
- https://rh.odisha.gov.in/

All other terms and conditions of the tender shall remain unchanged.

Sd./- Director Special Projects, Panchayati Raj & Drinking Water Department
OIPR-19001/11/0032/2526



**OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)**
ଓଡ଼ିଶା ସରକାର
POWER HOUSE SQUARE, UNIT-V, BHUBANESWAR
Tel.No.0674-2394873, Fax:2391255/2391024
Email:sdaorissa@od.gov.in, eic-epcei@od.gov.in

**Indicative corrigendum advertisement for the Engagement of EV Consultant on temporary basis in Energy Conservation Cell in the office of Engineer in Chief (Electricity)-cum-Principal Chief Electrical Inspector, Odisha, Bhubaneswar**

**Advt.No.Tech-EC-1188/6385/ Dated 25 September, 2025**

No.AA-29: Engineer-in-Chief (Electricity)-cum-Principal Chief Electrical Inspector, Odisha under the Department of Energy, Govt. of Odisha invites applications from eligible candidates for engagement of one number of EV consultant. The last date of receipt of completed applications is extended upto **15.10.2025, 05.00 PM.**
For details advertisement and to download the application forms, please visit the website: https://eicelectricityodisha.nic.in. The authority reserves the right to accept/ reject any application without assigning any reasons thereof.

Sd./- EIC (E)-cum-PCEI & SDA (O)
OIPR-04066/11/0042/2526 "Go Electric Go Green"



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: 18819/ଭୁ.ଉ.କ., ଭୁବନେଶ୍ୱର — ତା: 23.09.2025ରିଖ
AL-II-4/98

**ସୂଚନା।**

No. CAD-1882: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପ୍ରିୟଦର୍ଶିନୀ ମାର୍କେଟ କମ୍ପ୍ଲେକ୍ସ, ସି.ଆର୍.ପି. ଛକ, ଭୁବନେଶ୍ୱର ଅନ୍ତର୍ଗତ Office Space, 3rd Floorକୁ ନବକିଶୋର ନାୟକଙ୍କ ନାମରୁ ଲିଙ୍ଗରାଜ ସାହୁ, ପିତା: ବିଶ୍ୱନାଥ ସାହୁ, ଗ୍ରାମ/ପୋଷ୍ଟ/ଥାନା: ହିଞ୍ଜିଳିକଟ, ଜିଲ୍ଲା: ଗଞ୍ଜାମ, ଓଡ଼ିଶାଙ୍କ ନାମରେ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଲିଙ୍ଗରାଜ ସାହୁ ଗତ ତା୦୧।୦୧।୨୦୨୪ରିଖରେ ମୃତ୍ୟୁବରଣ କରିଅଛନ୍ତି। (Death Certificate No. 1547/2024 dated 06.02.2024).
Legal heir Certificate No. e-LHC/2024/38209 Dated: 30.03.2024 ଅନୁଯାୟୀ ଲିଙ୍ଗରାଜ ସାହୁଙ୍କର ଉତ୍ତରାଧିକାରୀ (୧) ସସ୍ମିତା ସାହୁ (ସ୍ତ୍ରୀ), (୨) ଶୁଭ୍ରଜିତ ସାହୁ (ପୁତ୍ର) ଓ (୩) ଶିବାଙ୍ଗୀ ସାହୁ (ଅବିବାହିତା କନ୍ୟା) ଅଟନ୍ତି।
ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଏଣୁ ଉକ୍ତ Office Space, 3rd Floorର ମାଲିକାନା ସ୍ୱତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ Office Space, 3rd Floorର ମାଲିକାନା ସ୍ୱତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ–୧, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0382/2526



Annexure-II
**Office of District Manager**
**Odisha State Civil Supplies Corporation Ltd. (OSCSC)**
**Nayagarh (District)**
Phone : 06753252439
District Website : https://nayagarh.odisha.gov.in
Tender No. : **4593, 4594, 4595, 4596, 4597, 4598, 4599 & 4600 Dt. 25.09.2025**
District Manager, Odisha State Civil Supplies Corporation Ltd. **Nayagarh** (District) invites tenders in Double Cover System through
**No.CAD-1880 ONLINE MODE ONLY** for the works below :

| | | |
|---|---|---|
| 1 | Name of the work | Selection and appointment of Transport Contractors for transportation of Paddy from Paddy Purchase Centres (PPCs) to Rice Mills and CMR from Rice Mills to Rice Receiving Centres (RRCs) for the KMS : 2025-26 (Kharif & Rabi) in the district of the State of Odisha |
| 2 | Availability of bid document in the portal | From 26.09.2025 onwards |
| 3 | Last Date / Time for Receipt of bids in the portal | Dt.15.10.2025 upto 05:00 (PM) |
| 4 | Date/Time of Opening of Technical Bid | Dt.17.10.2025 at 11:00 AM |
| 5 | Name and address of the Officer Inviting Tender | District Manager, OSCSC Ltd, Nayagarh (District) |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd./- District Manager, OSCSC Ltd., Nayagarh
OIPR-07057/11/0011/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ: ...............................
ଜନ୍ମ ତାରିଖ: ...............................



ସଙ୍ଘମିତ୍ରା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗବେଷଣାରେ ଭାରତ ଜିଡିପିର ୧%ରୁ କମ୍ ଖର୍ଚ୍ଚ କରୁଛି

**ଭୁବନେଶ୍ୱର, ୨୭।୯**

ଯୁକ୍ତରାଷ୍ଟ୍ରରେ ୫୦ଟି ରାଜ୍ୟ ଥାଇ କେବଳ କାଲିଫର୍ନିଆର ଜନସଂଖ୍ୟା ୪ କୋଟି ଏବଂ ଏହାର ଜିଡିପି ୪ ଟ୍ରିଲିୟନ ଡଲାର। ୧୪୬ କୋଟି ଜନସଂଖ୍ୟା ଥାଇ ଭାରତକୁ ଏହାକୁ ଅନୁସରଣ କରିବାକୁ ହେବ। ଉନ୍ନତ ଦେଶଗୁଡ଼ିକ ସେମାନଙ୍କ ଜିଡିପିର ୨-୩% ଗବେଷଣା ଓ ବିକାଶରେ ବିନିଯୋଗ କରୁଛନ୍ତି, ମାତ୍ର ଭାରତ ୧%ରୁ କମ୍ ଖର୍ଚ୍ଚ କରୁଛି। ୨୦୪୭ ସୁଦ୍ଧା ଭାରତକୁ ଉନ୍ନତ ଦେଶ କରିବାକୁହେଲେ ଉଚ୍ଚ ଶିକ୍ଷା, ବିଜ୍ଞାନ, ପ୍ରଯୁକ୍ତି ଏବଂ ଗବେଷଣାକୁ ଅଗ୍ରାଧିକାର ଦେବା ଆବଶ୍ୟକ। ଭେଲୋରରେ ଆରମ୍ଭ ହୋଇଥିବା ୩ଦିନିଆ ଟେକ୍ନୋ-ପରିଚାଳନା ମହୋତ୍ସବ-୨୦୨୫କୁ ଉଦ୍‌ଘାଟନ କରିବା ଅବସରରେ ଭିଆଇଟି ପ୍ରତିଷ୍ଠାତା ଓ କୁଳପତି ଡ. ଜି. ବିଶ୍ୱନାଥନ କହିଛନ୍ତି। କୁଳପତି ବିଶ୍ୱନାଥନ କହିଛନ୍ତି, ଗରିବ ଓ ମଧ୍ୟବିତ୍ତ ଶ୍ରେଣୀ ସମେତ ଶିକ୍ଷା ସମସ୍ତଙ୍କ ପାଇଁ ସୁଲଭ ହେବା ଉଚିତ । ଦେଶରେ ୧୮ରୁ ୨୩ ବୟସ ବର୍ଗର ୧୪ କୋଟି ବ୍ୟକ୍ତିଙ୍କ ମଧ୍ୟରୁ ମାତ୍ର ୪ କୋଟି ଉଚ୍ଚ ଶିକ୍ଷା ଗ୍ରହଣ କରୁଛନ୍ତି। ଅବଶିଷ୍ଟ ୧୦ କୋଟିଙ୍କ ଦୁର୍ଦ୍ଦଶାକୁ ସରକାରଙ୍କୁ ସମାଧାନ କରିବାକୁ ହେବ। ସେ ଆହୁରି କହିଲେ, ଆବୁଧାବି ଛୋଟ ହେଲେ ମଧ ଅର୍ଥନୈତିକ ଦୃଷ୍ଟିରୁ ସମୃଦ୍ଧ। ଏହାର ମୁଣ୍ଡ ପିଛା ଆୟ ୭୫,୦୦୦ଟଙ୍କା ଥିବାବେଳେ ଭାରତର ୨,୯୦୦। ଆବୁଧାବିର ମାତ୍ର ୨୦% ଜନସଂଖ୍ୟା ସ୍ଥାନୀୟ, ୮୦% ବିଦେଶୀ, ଯେଉଁଥିରେ ଅନେକ ଭାରତୀୟ ଅଛନ୍ତି। ୟୁଏଇର ୯୫% ତୈଳ ଓ ଗ୍ୟାସ ଭଣ୍ଡାର ସହ ଆବୁଧାବି ୧ ଟ୍ରିଲିୟନ ଡଲାରର ବିନିଯୋଗ ଆକର୍ଷଣ କରୁଛି। ଭାରତ ଏହାଠାରୁ ଶିକ୍ଷା ନେବା ଉଚିତ। ଆବୁଧାବି ମ୍ୟୁନିସିପାଲିଟି ଓ ପ୍ରଶାସନ ବିଭାଗର ମନ୍ତ୍ରୀ ମଜିଦ୍ ଅଲି ଅଲ୍ ମନ୍‌ସୁରୀ କହିଲେ, ଛାତ୍ରମାନେ କୃତ୍ରିମ ବୁଦ୍ଧିମତ୍ତା, ଜୈବ ପ୍ରଯୁକ୍ତି, ମହାକାଶ ଅନୁସନ୍ଧାନ ଏବଂ ଜଳବାୟୁ ପରିବର୍ତ୍ତନ ଆଦି ଚ୍ୟାଲେଞ୍ଜକୁ ସମାଧାନ କରିବା ଉଚିତ। ନ୍ୟୁଜ୍୧୮ର ମ୍ୟାନେଜିଂ ଏଡିଟର ଆନନ୍ଦ ନରସିଂହନ କହିଲେ, ଛାତ୍ରମାନେ ଆବିଷ୍କାରକ ଓ ଉଦ୍ୟୋଗୀ ହେବାକୁ ଲକ୍ଷ୍ୟ ରଖିବା ଉଚିତ। ରବିବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୨୦୭ଟି ଇଭେଣ୍ଟ, ୫୭ଟି କର୍ମଶାଳା, ୫୧ଟି ହାକାଥନ, ରୋବଟ୍ ଯୁଦ୍ଧ ଏବଂ ଡ୍ରୋନ୍ ଶୋ' ଆଦି ରହିଛି। ପ୍ରାୟ ୪୦ ହଜାର ଛାତ୍ର ଏଥିରେ ଅଂଶଗ୍ରହଣ କରୁଛନ୍ତି। କାର୍ଯ୍ୟକ୍ରମରେ ଭିଆଇଟିର ଉପାଧ୍ୟକ୍ଷ ଡ. ଶେଖର ବିଶ୍ୱନାଥନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ସନ୍ଧ୍ୟା ପେଣ୍ଟାରେଡ୍ଡୀ, ମ୍ୟାକ୍ସିମସ୍ ଇଣ୍ଡିଆର କଣ୍ଟ୍ରି ହେଡ୍ ଓ ସିନିୟର ଉପାଧ୍ୟକ୍ଷ ପ୍ରବୀଣା ଭୀମବରପୁ, ଡ. କାଞ୍ଚନା ଭାସ୍କରନ୍, ଡ. ପାର୍ଥସାରଥି ମଲ୍ଲିକ, ରେଜିଷ୍ଟ୍ରାର ଡ. ଜୟଭାରତୀ ଏବଂ ଗ୍ରାଭିଟାସ୍ ସଂଯୋଜିକା ଶର୍ମିଳା ଉପସ୍ଥିତ ଥିଲେ।




# ଗୌତମ ସୋଲାର ପକ୍ଷରୁ ଶ୍ୱେତପତ୍ର ଉନ୍ମୋଚିତ

**ଭୁବନେଶ୍ୱର,୨୭।୯(ଅନୁରାଧା ମହାରଣା)**

ଭାରତର ଅନ୍ୟତମ ଅଗ୍ରଣୀ ସୋଲାର ମଡ୍ୟୁଲ ନିର୍ମାତା ଗୌତମ ସୋଲାର ପକ୍ଷରୁ 'ଗ୍ଲାସ୍-ଟୁ-ଗ୍ଲାସ୍ (ଜି୨ଜି) ବନାମ ଗ୍ଲାସ୍-ଟୁ-ଟ୍ରାନ୍ସପରେଣ୍ଟ-ବ୍ୟାକ୍‌ସିଟ୍ (ଜି୨ଟିବି) ସୋଲାର ମଡ୍ୟୁଲ୍ସ' ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଶ୍ୱେତପତ୍ର ଉନ୍ମୋଚନ କରାଯାଇଛି। ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କମ୍ପାନୀର ମାର୍କେଟିଂ ମ୍ୟାନେଜର(ଟେକ୍ନିକାଲ) ଅଭିନବ କୌଶିକ ଏହି ଶ୍ୱେତପତ୍ରର ଶୁଭାରମ୍ଭ କରିଛନ୍ତି। ଏଥିରେ ଦୁଇଟି ବାଇଫେସିଆଲ ପିଭି ମଡ୍ୟୁଲ ଟେକ୍ନୋଲୋଜିର ଏକ ବିସ୍ତୃତ ତୁଳନା ପ୍ରଦାନ କରାଯିବା ସହ ଏହି ଶିଳ୍ପରେ ରହିଥିବା ସାଧାରଣ ଭ୍ରାନ୍ତ ଧାରଣାଗୁଡ଼ିକୁ ଦୂରକରୁଛି । ଏହି ଅବସରରେ ଗୌତମ ସୋଲାରର ସିଇଓ ଗୌତମ ମୋହଙ୍କା କହିଛନ୍ତି, ସୋଲାର ଶିଳ୍ପରେ ବାଇଫେସିଆଲ ମଡ୍ୟୁଲଗୁଡ଼ିକର ଦ୍ରୁତ ଗ୍ରହଣୀୟତା ଦେଖିବାକୁ ମିଳୁଛି। ମାତ୍ର ଗ୍ଲାସ୍-ଟୁ-ଗ୍ଲାସ୍ ବନାମ ଗ୍ଲାସ୍-ଟୁ-ଟ୍ରାନ୍ସପରେଣ୍ଟ-ବ୍ୟାକ୍‌ସିଟ୍ ମଡ୍ୟୁଲଗୁଡ଼ିକର ଅନୁକୂଳତା ଓ କାର୍ଯ୍ୟଦକ୍ଷତାକୁ ନେଇ ଦ୍ୱନ୍ଦ୍ୱ ଜାରି ରହିଛି। ଏହି ଶ୍ୱେତପତ୍ର ସହ ଆମେ ହିତାଧିକାରୀମାନଙ୍କୁ ସେମାନଙ୍କର ପ୍ରକଳ୍ପ ଆବଶ୍ୟକତା ଉପରେ ଆଧାରକରି ସୂଚିନ୍ତିତ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବା ପାଇଁ ଏକ ସ୍ୱଚ୍ଛ, ନିରପେକ୍ଷ ଓ ବୈଷୟିକ ତୁଳନା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। ଏହି ଶ୍ୱେତପତ୍ର ବିଭିନ୍ନ ଜଳବାୟୁ, ପ୍ରଯୁଜ୍ୟ ଖର୍ଚ୍ଚ ଓ ପ୍ରୟୋଗ ପରିଦୃଶ୍ୟରେ ଉଭୟ ଜି୨ଜି ଓ ଜି୨ଟିବି ବାଇଫେସିଆଲ ମଡ୍ୟୁଲଗୁଡ଼ିକର ବୈଷୟିକ ବିଶେଷତା, ସ୍ଥାୟିତ୍ୱ ଓ କାର୍ଯ୍ୟଦକ୍ଷତାକୁ ଆବିଷ୍କାର କରିଛି। ଏହା ଗୁରୁତ୍ୱ ଦେଉଛି ଯେ, ଉଭୟ ଟେକ୍ନୋଲୋଜି ଉନ୍ନତ ମୂଲ୍ୟ ପ୍ରଦାନ କରୁଛନ୍ତି, ସେମାନଙ୍କ ଅନୁକୂଳତା ସ୍ଥାନ-ନିର୍ଦ୍ଦିଷ୍ଟ ଓ ପ୍ରକଳ୍ପ-ନିର୍ଦ୍ଦିଷ୍ଟ ଆବଶ୍ୟକତାଗୁଡ଼ିକ ଉପରେ ନିର୍ଭର କରୁଛି।




# ବିଓଏମ୍‌ର 'ସ୍ୱଚ୍ଛତା ହିଁ ସେବା' ଅଭିଯାନ




**ଭୁବନେଶ୍ୱର, ୨୭।୯**

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ -୨୦୨୫ ଅନ୍ତର୍ଗତ 'ସ୍ୱଚ୍ଛୋତ୍ସବ', ଏକ୍‌ଦିନ୍, ଏକ୍‌ଘଣ୍ଟା, ଏକ୍‌ସାଥ୍-ଶ୍ରମଦାନ' ବିଷୟ ସମ୍ପର୍କିତ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକର ଜଗତ୍‌ପୁର, ଭୁବନେଶ୍ୱର ନୀଳାଦ୍ରିବିହାରର ରାଧାକୃଷ୍ଣ ମନ୍ଦିର ପାର୍କ, ବ୍ରହ୍ମପୁର, ଜୟପୁର, ଝାରସୁଗୁଡ଼ା, ସମ୍ବଲପୁର ଏବଂ ରାଉରକେଲା ଆଦି ସ୍ଥାନରେ ଏହି ସଫେଇ କରାଯାଇଥିଲା। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ଦିଲୀପ କୁମାର ରାଉଳ ଏବଂ ଉପ-ଅଞ୍ଚଳ ମୁଖ୍ୟ ସଞ୍ଜୀବ କୁମାର ଦାଶଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।


## ଜନ୍ମଦିନ ଶୁଭେଚ୍ଛା



**ସଙ୍ଘମିତ୍ରା ପାତ୍ର**
୪୨ ମୌଜା, କଟକ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଜୀବନ ସୁଖମୟ ହେଉ ଓ ତୋତେ ଦୀର୍ଘାୟୁ କରନ୍ତୁ ।
ଶୁଭେଚ୍ଛା ସହ: ତୋର ବାପା, ବୋଉ, ନନା, ପାପା, ତିତ୍‌ଲି, ପାପା, ମାମା, ଛୁଆପାପା, ତୋର ବଡ଼ଭାଇ ଓ ସାନଭାଇ, ଅଜା, ଆଇ
ଧ-୨୧୫୨



ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଦୁର୍ଗାପୂଜା ପାଇଁ ଭି-ଗାର୍ଡର ମେଗା ଅଫର

**ଭୁବନେଶ୍ୱର, ୨୭।୯**

ଦୁର୍ଗାପୂଜା ଅବସରରେ ଭି-ଗାର୍ଡ ପକ୍ଷରୁ ମେଗା ଅଫର ଘୋଷଣା କରାଯାଇଛି। ସମସ୍ତ ପ୍ରଡକ୍ଟରେ ୫୦% ପର୍ଯ୍ୟନ୍ତ ରିହାତି ପ୍ରଦାନ ସହ ପ୍ରତି ୫,୦୦୦ ଟଙ୍କା କ୍ରୟରେ ମିଳିବ ଗିଫ୍ଟ କୁପନ ଏବଂ କୁପନ ସହ ସ୍କ୍ରାଚ୍‌କରି ଆକର୍ଷଣୀୟ ପୁରସ୍କାର ଜିତିବାର ସୁଯୋଗ ମଧ୍ୟ ରହିଛି। ଏକ୍ସଚେଞ୍ଜ ଅଫରରେ ୪,୦୦୦ ଟଙ୍କା ପର୍ଯ୍ୟନ୍ତ ଗ୍ରାହକ ସଞ୍ଚୟ କରିପାରିବେ। କଟକ କେଉଟସାହି, ଚୌଧୁରୀ ବଜାରଠାରେ ଥିବା ଭି-ଗାର୍ଡ ଏକ୍ସକ୍ଲୁସିଭ ଷ୍ଟୋର ଶ୍ରୀ ସାଇ ଇଲେକ୍ଟ୍ରିକାଲ୍ସରେ ଫ୍ୟାନ୍, ଗିଜର, ବ୍ୟାଟେରି, ଇନ୍‌ଭର୍ଟର, ଗ୍ୟାସ୍ ଚୁଲା, କିଚେନ ଚିମନି, ଇଣ୍ଡକ୍ସନ ଏବଂ ମିକ୍ସର ଗ୍ରାଇଣ୍ଡର ଆଦି ପ୍ରଡକ୍ଟ ଉପଲବ୍ଧ ହେଉଛି । ଏହି ମେଗା ଅଫରର ଲାଭ ଗ୍ରାହକ ଅକ୍ଟୋବର ୧୦ ମଧ୍ୟରେ ନେଇପାରିବେ ବୋଲି ଶ୍ରୀସାଇ ଇଲେକ୍ଟ୍ରିକାଲ୍ସର ମୁଖ୍ୟ ସୋହନ ଅଗ୍ରୱାଲ କହିଛନ୍ତି।




# ଜିନ୍ଦଲ ଷ୍ଟିଲ୍‌କୁ ଆୱାର୍ଡିଂ ବଡି ମାନ୍ୟତା



**ଭୁବନେଶ୍ୱର,୨୭।୯**

ଦକ୍ଷତା ବିକାଶ ଓ ଔଦ୍ୟୋଗିକତା ମନ୍ତ୍ରାଳୟ ଅଧୀନ ଜାତୀୟ ଧନ୍ଦାମୂଳକ ଶିକ୍ଷା ଓ ତାଲିମ ପରିଷଦ (ଏନସିଭିଇଟି) ଦ୍ୱାରା ଜିନ୍ଦଲ ଷ୍ଟିଲ୍‌କୁ ସାର୍ଟିଫିକେଟ ପ୍ରଦାନକାରୀ ସଂସ୍ଥା (ଆୱାର୍ଡିଂ ବଡି) ଭାବେ ମାନ୍ୟତା ପ୍ରଦାନ କରାଯାଇଛି। ଏହା କମ୍ପାନୀର ଦକ୍ଷତା ଶିକ୍ଷା ଓ ଭାରତୀୟ ଇସ୍ପାତ କ୍ଷେତ୍ରରେ ନେତୃତ୍ୱକୁ ଦର୍ଶାଉଛି। ଏନ୍‌ସିଭିଇଟି ଓ ଜିନ୍ଦଲ ଷ୍ଟିଲ୍ ମଧ୍ୟରେ ଏକ ଚୁକ୍ତି ହୋଇଛି, ଯାହା କମ୍ପାନୀକୁ ସମଗ୍ର ଭାରତରେ ପୁରସ୍କାର ଦାତା ସଂସ୍ଥା ଭାବେ କାମ କରିବାର ଅଧିକାର ଦେଇଛି। ଏହା ଜିନ୍ଦଲ ଷ୍ଟିଲ୍‌କୁ ଉଦ୍ୟୋଗ ଅନୁଯାୟୀ ଦକ୍ଷତା କାର୍ଯ୍ୟକ୍ରମ ତିଆରି କରିବା ଓ ଭବିଷ୍ୟତ କର୍ମୀଙ୍କୁ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ। ଏହି ଚୁକ୍ତି ଅଧୀନରେ ସମସ୍ତ ତାଲିମ ଓ ଯୋଗ୍ୟତାକୁ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ କ୍ରେଡିଟ୍ ମିଳିବ। ଏହା ଶିକ୍ଷା ଓ ଚାକିରି ମଧ୍ୟରେ ବ୍ୟବଧାନ ଦୂରକରିବ ଏବଂ ଦେଶର ସବୁଜ ଶକ୍ତି ଓ ଆଧୁନିକ ଭିତ୍ତିଭୂମି ବିକାଶରେ ସାହାଯ୍ୟ କରିବ। ଏହି କାର୍ଯ୍ୟକ୍ରମରେ ଦିଆଯାଉଥିବା ସାର୍ଟିଫିକେଟ୍ ବିଶ୍ୱବ୍ୟାପୀ ଗ୍ରହଣୀୟ ହେବ। ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଛନ୍ତି, ଏନ୍‌ସିଭିଇଟି ଦ୍ୱାରା ଆୱାର୍ଡିଂ ବଡି ଭାବେ ମାନ୍ୟତା ପାଇବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ଏହା ଆମକୁ ଯୁବକମାନଙ୍କୁ ଉଦ୍ୟୋଗ ଅନୁଯାୟୀ ଶିକ୍ଷା ଓ ଦକ୍ଷତା ଦେଇ ଦେଶ ଗଠନରେ ସାହାଯ୍ୟ କରିବ।


## ମନେ ପଡ଼ନ୍ତି

### ପଞ୍ଚମ ଶ୍ରାଦ୍ଧବର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ରଞ୍ଜନ କୁମାର ସ୍ୱାଇଁ (କୁନା)**

ଆବିର୍ଭାବ: ୨୩/୦୩/୧୯୬୨ | ତିରୋଧାନ: ୨୨/୦୯/୨୦୨୦

ଚାହୁଁ ଚାହୁଁ ଆସି ପାଞ୍ଚ ବର୍ଷ ହୋଇଗଲା । ଆମ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ ତୁମେ ଅକାଳରେ ଚାଲିଗଲ ଏକ ଅଜଣା ରାଇଜକୁ । ତୁମର ସ୍ନେହ, ଶ୍ରଦ୍ଧା ଓ ମଧୁମୟ ସ୍ମୃତି ଆମ ପାଇଁ ଆଜି ବି ଜୀବନ୍ତ । ତୁମର ତ୍ୟାଗ, ନିଷ୍କପଟ ସେବା, ପରକୁ ଆପଣାର କରିବା ଗୁଣ ପାଇଁ ଆଜି ଆମ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ଠାରୁ ଆରମ୍ଭ କରି ବନ୍ଧୁବାନ୍ଧବ, ସାଙ୍ଗସାଥୀ, ଗ୍ରାମବାସୀ ସମସ୍ତେ ତୁମକୁ ମନେ ପକାଉଛନ୍ତି । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ ସମସ୍ତଙ୍କ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ : ବୋଉ, ସ୍ତ୍ରୀ, ସାନ ଭାଇ, ଭାଇ ବୋହୂ, ଭଉଣୀ-ଭିଣୋଇ, ଝିଅ-ଜ୍ୱାଇଁ, ପୁଅ-ବୋହୂ, ଭଣଜା-ଭାଣେଜୀ, ଝିଆରୀ-ପୁତୁରା, ନାତି-ନାତୁଣୀ, Unit-6 (DRC) କର୍ତ୍ତୃପକ୍ଷ, ଡ୍ରାମା କଳାକାର ବୃନ୍ଦ ବନ୍ଧୁ ଓ ପରିବାରବର୍ଗ ଓ ଅଟଳା ଗ୍ରାମବାସୀ ବୃନ୍ଦ ।

ଧ-୭୬୮୫୭

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**୰ଅଲେଖ ଚନ୍ଦ୍ର ପଣ୍ଡା**
କୁଞ୍ଜପଦା, ବନମାଳୀପୁର, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ତା୧୬।୧୨।୧୯୪୮
ତିରୋଧାନ: ତା୨୨।୦୯।୨୦୨୦

ଆପଣ ଥିଲେ ଆମ ପାଇଁ ଆଦର୍ଶ ଓ ପ୍ରେରଣାର ସ୍ରୋତ । ଏମିତି କୌଣସି ଦିନ ନାହିଁ ଯେଉଁ ଦିନ ଆପଣ ମନେପଡ଼ି ନାହାଁନ୍ତି। ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲା। ଯେଉଁଠି ବି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ: ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ

ଧ-୭୧୨୫୨



# Classified Everyday
0674-2580101, 9692975378



MATRIMONIAL

## GROOM WANTED

ବୟସ 28, କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 7815055186. D-2148

ବୟସ 29, High School Teacher ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9668229904. D-2147

Brahmin bride B.Tech (CET), Age-27 years, 5'7", Asst. Manager (SBI PO), father Sr. Class-1 Officer (Retd.) groom required Bank Officers, Engineers, Doctors (State/Central Govt. and PSU). Contact: 8280857693. D-2145

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



## AUTOMOBILE SALE

Voltix E-Scooter Lithium Battery Three Wheeler (For Handicrafts) only 345K.M. running. Brands new for sale. Contact: 9090533314. D-60986



## REAL ESTATE SALE

ପୁରୀ ବାଟମଙ୍ଗଳା ସମ୍ମୁଖ 200 ଫୁଟ Bypass ରୋଡ୍ ପାଖରେ ଅତିଶୀଘ୍ର ଘର କରିବା ଯୋଗ୍ୟ ପ୍ଲଟ୍ ଡିସିମିଲକୁ 12 ଲକ୍ଷ୍ୟ ଟଙ୍କା। ଯୋଗାଯୋଗ-9438109040/ 8144658008. D-2134

1600sqft. new simplex House for ready to sale at Gopinathpur Nuasahi, Balugaon. Mob-9938639685. D-2146

Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call-9827439338. D-1803

ଭୁବନେଶ୍ୱର ପିତାପଲ୍ଲିଛକ NH sideରେ immediate ଘରବାଲା ଭଳି ପ୍ଲଟ୍ Boundary, ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- 9337166296. D-1941

Commercial cum residential plot, Gharabari with compoundwall touching to NH-316 road (Nakhara to Niali) 10 K.M. from Nakhara & 15 K.M. to Bhubaneswar 80x30= 2400sqft. highland from road level. @ 2750/- per sqft. 7809525452. D-76594

ପିତାପଲ୍ଲୀ ଛକ NH Side 60ft ରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘରକଲା ଭଳି ପ୍ଲଟ ପାଚେରି, ଇଲେକ୍ଟ୍ରିସିଟି ଥାଇ ମିଳୁଛି। (owner)- 9090963952. D-02

## AFFIDAVIT

I, Chinmayee Biswal, W/o Surajit Biswal, resident of PP-56, Pandav Nagar, Bhubaneswar–751018, Dist: Khordha, Odisha declare by this affidavit No.1814 Dtd.-26.09.2025 that now onwards I shall be known as Chinmayee Nayak for all future purposes.
CHINMAYEE NAYAK
D-2151

By virtue of an affidavit sworn before Executive Magistrate, Bhubaneswar, dated 20.09.2025, I, **Sambit Bhuyan,** Address- Plot- 91, Satya Nagar, Bhubaneswar, Khordha, Odisha- 751007 declare that I have changed the name of my daughter from **KANISHKA BHUYAN** to **KANISHKA KAMAL.** Henceforth, she shall be known as **KANISHKA KAMAL** for all purposes.
**SAMBIT BHUYAN**
D-2140

I, Mohammad Tauheed Alam, S/o- Mohammad Tahir Hussain, R/o- Raza Nagar, P.O.- Motijharan, P.S.- Dhanupali, Dist.- Sambalpur- 768001, Odisha declare by this affidavit No.- 3313, dated- 24.09.2025, that now onwards I shall be known as "MOHD TAUHEED ALAM" for all future purposes. D-2149

By virtue of an affidavit sworn before Executive Magistrate, Sadar, Cuttack No.- 8320, dated 06.12.2024, I, Jumena Swain, W/o- Late Bhramarabar Swain, At- Korakora, P.O.- Brahmanda, P.S.- Govindpur, Dist.- Cuttack, PIN- 754003 declare that I have changed my name from Jhumuri Swain to Jumena Swain. Henceforth, I shall be known as Jumena Swain for future purposes. D-2142

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## LEGAL NOTICE

ମାନ୍ୟବର ୨ୟ ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତିଙ୍କ ଅଦାଲତ, ଭୁବନେଶ୍ୱର
ସି.ଏସ୍. ନଂ.-୧୦୨/୨୦୨୪

ଶ୍ରୀମତୀ ହରପ୍ରିୟା ମିଶ୍ର ....ବାଦୀ
ବନାମ
ରେଣୁପ୍ରଭା ମହାପାତ୍ର ଓ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ ପ୍ରତିବାଦୀ ନଂ-୨ ହରପ୍ରିୟା ମିଶ୍ର, ସ୍ୱାମୀ- ହୃଷୀକେଶ ମିଶ୍ର, ସା/ପୋ- ଡିମିରି, ଥାନା-କଣାସ, ଜିଲ୍ଲା- ପୁରୀ, ପିନ୍-୭୫୨୦୧୭ ।

ଏତଦ୍ୱାରା ପ୍ରତିବାଦୀ ନଂ.-୨ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀଙ୍କ ନିମ୍ନୋକ୍ତ ଜମିକୁ ପ୍ରତିବାଦୀ ନଂ.-୨ ଚଞ୍ଚକତା କରି ବିକ୍ରୟ ଦଲିଲ ପ୍ରସ୍ତୁତ କରିଥିବାରୁ ଉକ୍ତ ଦଲିଲକୁ ଖାରଜ କରିବା ତଥା ଦାବି ସ୍ୱତ୍ୱ, ଅଧିକାର ଏବଂ ଚିରସ୍ଥାୟୀ ନିଷେଧାଜ୍ଞା ଘୋଷଣା ନିମନ୍ତେ ବାଦୀ ପ୍ରତିବାଦୀଙ୍କ ବିରୁଦ୍ଧରେ ସି.ଏସ୍. ନଂ.- ୧୦୨/୨୦୨୪ ମୋକଦ୍ଦମା ମାନ୍ୟବର ବରିଷ୍ଠ ଦେୱାନି ବିଚାରପତିଙ୍କ ଅଦାଲତ, ଭୁବନେଶ୍ୱର ଦାଏର କରିଛନ୍ତି। ଉକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ପ୍ରତିବାଦୀଙ୍କୁ ପଞ୍ଜୀକୃତ ଡାକ ଏବଂ କୋର୍ଟ ପ୍ରୋସେସ ସର୍ଭରଙ୍କ ମାଧ୍ୟମରେ ନୋଟିସ ଜାରି ହୋଇଥିଲା। ତେଣୁ ଉକ୍ତ ନୋଟିସ ସଠିକ ଠିକଣା ନ ପାଇବାରୁ ବିଭିନ୍ନ କାରଣ ଦର୍ଶାଇ ଫେରସ୍ତ ଆସିଅଛି।

ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଦେୱାନି ବିଚାରପତିଙ୍କ ଅଦାଲତ, ଭୁବନେଶ୍ୱରଙ୍କ ଇଜିଲାସରେ ଆସନ୍ତା ତା୮।୧୦।୨୫ରିଖ ପୂର୍ବାହ୍ନ ୧୧.୩୦ମି. ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଶଙ୍କରପୁର, ତହସିଲ-ଭୁବନେଶ୍ୱର, ଥାନା- ଚନ୍ଦକା ନଂ.-୫୫, (ହାଲ୍ ଥାନା- ଖଣ୍ଡଗିରି), ହାଲ୍ ଖାତା ନଂ.- ୨୦୩୬, ହାଲ୍ ପ୍ଲଟ୍ ନଂ.- ୩୦୩୩, ରକବା- ଏ୦.୦୫୦ଡି., କିସମ- ଶାରଦ ତିନି, ଚଞ୍ଚକତା ମ୍ୟୁଟେସନ ଖାତା ନଂ.- ୨୦୭୪/୧୬୮୯, ପ୍ଲଟ୍ ନଂ.-୩୦୩୩, ରକବା ଏ୦.୦୫୦ଡି. ଯାହାର ସାବକ ଖାତା ନଂ.- ୧୩୯, ପ୍ଲଟ୍ ନଂ.- ୧୨୦୨, କ୍ରୟ ବୃତ୍ତି ରକବା ଏ୦.୦୪୯ଡି. ଯାହାର ସାବକ ମ୍ୟୁଟେସନ ଖାତା ନଂ.- ୩୬୫/୧୫୦, ପ୍ଲଟ୍ ନଂ.-୧୨୦୨/୧୫୪୧, ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନଂ.-୨ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମାର ବିଚାର କରାଯିବ।

ଭୁବନେଶ୍ୱର
ତା.୨୬।୦୮।୨୦୨୫

ମାନ୍ୟବର ୨ୟ ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତିଙ୍କ
ଭୁବନେଶ୍ୱରଙ୍କ ଆଦେଶକ୍ରମେ
ଧ-୨୧୫୦




ଝାରସୁଗୁଡ଼ା ଅମଲିପାଲି ପଡ଼ିଆରେ ଶନିବାର ଆୟୋଜିତ ସେବା ପର୍ବ-୨୦୨୫ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ୬୦ ହଜାର କୋଟି ଟଙ୍କା ମୂଲ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମା' ସମଲେଇଙ୍କ ଫଟୋଚିତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖ।




ଆର୍ଥିକ ଅନଗ୍ରସର ଓ ନିମ୍ନ ଆୟବର୍ଗଙ୍କୁ 'ଅନ୍ତ୍ୟୋଦୟ ଗୃହ ଯୋଜନା' ମାଧ୍ୟମରେ ଶନିବାର ୫୦,୦୦୦ ହିତାଧିକାରୀଙ୍କୁ ଏକକାଳୀନ କାର୍ଯ୍ୟାଦେଶ ମିଳିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।




ଝାରସୁଗୁଡ଼ା ଅମଲିପାଲି ପଡ଼ିଆରେ ଆୟୋଜିତ ସେବା ପର୍ବ-୨୦୨୫ରେ ଯୋଗଦେବାକୁ କାରକେଡ଼ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସୁଛନ୍ତି।



କାର୍ଯ୍ୟକ୍ରମସ୍ଥଳରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରହ୍ମପୁର ଏବଂ ସୁରଟ୍ (ଉଧନା) ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।



କର୍ନାଟକ ଉଡୁପିରୁ ଆସିଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କ ଭଳି ଦେଖାଯାଉଥିବା ଜଣେ ବ୍ୟକ୍ତି କାର୍ଯ୍ୟକ୍ରମସ୍ଥଳରେ ଉତ୍ସାହ ଭରିଦେଇଛନ୍ତି।





କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜନସାଧାରଣ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୨୮ ସେପ୍ଟେମ୍ବର, ୨୦୨୫ Bhubaneswar, Sunday, 28 September, 2025

# ପାକିସ୍ତାନ ବିପକ୍ଷରେ ଭାରତ ଫେଭରାଇଟ୍

**ଏସିଆ କପ୍**

ଦୁବାଇ,୨୭।୯(ପି.ଟି.)

ଚଳିତ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ। ଏହି ହାଇଭୋଲ୍ଟେଜ୍ ଟାଇଟଲ ଲଢ଼େଇରେ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ୧୯୮୪ରେ ଆରମ୍ଭ ହୋଇଥିବା ଏସିଆ କପ୍ ଟୁର୍ନାମେଣ୍ଟର ୪୧ ବର୍ଷର ଇତିହାସରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଫାଇନାଲରେ ପ୍ରଥମଥର ପାଇଁ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଚଳିତ ଟୁର୍ନାମେଣ୍ଟରେ ଦୁଇ ଦଳ ପରସ୍ପର ବିପକ୍ଷରେ ଦୁଇଥର ଖେଳିଥିବା ବେଳେ ଭାରତୀୟ ଦଳ ଉଭୟ ମ୍ୟାଚ୍‌ରେ ସହଜରେ ବିଜୟ ଲାଭ କରିଛି। ତେବେ ଉଭୟ ମ୍ୟାଚ୍ ଖୁବ୍ ବିବାଦପୂର୍ଣ୍ଣ ରହିଥିଲା। ଯଦି ଭାରତ ରବିବାର ଫାଇନାଲ ଜିତେ, ତେବେ ନବମଥର ପାଇଁ ଟ୍ରଫି ଉଠାଇବ। ଅନ୍ୟପକ୍ଷରେ ପାକିସ୍ତାନ ମାତ୍ର ଦୁଇଥର ଏସିଆ କପ୍ ଜିତିଛି।

ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଭାରତୀୟ ଦଳ ଅପରାଜେୟ ରହି ଲଗାତର ୬ଟି ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିଛି। ଓପନର ଅଭିଷେକ ଶର୍ମା ବିସ୍ଫୋରକ ବ୍ୟାଟିଂକରି ୨୦୦ରୁ ଅଧିକ ଷ୍ଟ୍ରାଇକ୍‌ରେଟ୍‌ରେ ୩ ଅର୍ଦ୍ଧଶତକ ସହ ଟୁର୍ନାମେଣ୍ଟରେ ସର୍ବାଧିକ ୩୦୯ ରନ୍ କରିଛନ୍ତି। ବୋଲିଂରେ କୁଲ୍‌ଦୀପ ଯାଦବ ସର୍ବାଧିକ ୧୩ ଉଇକେଟ ଅକ୍ତିଆର କରିଛନ୍ତି। ଅନ୍ୟପକ୍ଷରେ ଲିଗ୍ ଓ ସୁପର-୪ ପର୍ଯ୍ୟାୟରେ ଭାରତଠାରୁ ପରାସ୍ତ ହୋଇଥିବା



ପାକିସ୍ତାନ ଅନ୍ୟ ସମସ୍ତ ମ୍ୟାଚ୍ ଜିତି ଫାଇନାଲରେ ସ୍ଥାନ ପକ୍କା କରିଛି। ଏଠାରେ ପାକିସ୍ତାନ ଫାଇନାଲ ଫଳାଫଳରେ ପରିବର୍ତ୍ତନ କରିବା ସହ ୨୦୧୨ ପରେ ପ୍ରଥମଥର ଏସିଆ କପ୍ ଜିତିବା ଲକ୍ଷ୍ୟରେ ରହିଛି। ପାକିସ୍ତାନ ପାଇଁ ବ୍ୟାଟରଙ୍କ ମଧ୍ୟରେ ସାହିବଜାଦା(୧୬୦ ରନ୍) ଓ ଫଖର ଜମାନ(୧୩୫) ଭଲ ପ୍ରଦର୍ଶନ କରିଥିବା ବେଳେ ବୋଲିଂରେ ଶାହିନ ଶାହ ଆଫ୍ରିଦୀ ଓ ହାରିସ ରୌଫ୍ ୯ ଲେଖାଏ ଏବଂ ସଇମ ଆୟୁବ ୮ ଉଇକେଟ ନେଇଛନ୍ତି।

ଉଭୟ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ୧୫ଟି ଟି୨୦ ଖେଳାଯାଇଥିବା ବେଳେ ଭାରତ ୧୨ଥର ବିଜୟୀ ହୋଇଛି। ପାକିସ୍ତାନ ମାତ୍ର ୩ଥର ବିଜୟ ସ୍ୱାଦ ଚାଖିଛି। ଗତ ସୁପର-୪ ମ୍ୟାଚ୍‌ରେ ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୧୭୧ ରନ୍‌ର ଟାର୍ଗେଟ୍‌କୁ ଭାରତ ୪ ଉଇକେଟ ହରାଇ ୭ ବଲ୍ ପୂର୍ବରୁ ହାସଲ କରିନେଇଥିଲା। ଏଣୁ ରେକର୍ଡ ଓ ପ୍ରଦର୍ଶନ ଦୃଷ୍ଟିକୋଣରୁ ଭାରତ ମ୍ୟାଚ୍ ଜିତିବା ଲାଗି ଫେଭରାଇଟ୍। ତେବେ କୌଣସି ଟୁର୍ନାମେଣ୍ଟ ଫାଇନାଲରେ ଭାରତ ଅପେକ୍ଷା ପାକିସ୍ତାନର ପଲା ଭାରି ରହିଛି। ଏହି ଦଳ ଦ୍ୱୟ ମଧ୍ୟରେ ୫ଥର ଫାଇନାଲ ଖେଳାଯାଇଥିବା ବେଳେ ୩ଥର ପାକିସ୍ତାନ ବାଜି ମାରିଛି। ଫାଇନାଲ ମ୍ୟାଚ୍‌ରେ ଭାରତୀୟ ଓପନର ଅଭିଷେକ ଶର୍ମା ଏବଂ ପାକିସ୍ତାନର ଘାତକ ପେସର ଶାହିନ ଶାହ ଆଫ୍ରିଦୀଙ୍କ ମଧ୍ୟରେ ହେବାକୁ ଥିବା ମୁକାବିଲା ନିର୍ଣ୍ଣାୟକ ହେବ ବୋଲି ଭାରତୀୟ ଦଳର ବୋଲିଂ କୋଚ୍ ମୋର୍ନେ ମୋର୍କେଲ କହିଛନ୍ତି।

**ଭାରତୀୟ ଦଳ:** ଅଭିଷେକ ଶର୍ମା, ଶୁବମନ ଗିଲ୍(ଉପଅଧିନାୟକ), ସୂର୍ଯ୍ୟକୁମାର ଯାଦବ(ଅଧିନାୟକ), ତିଲକ ବର୍ମା, ସଞ୍ଜୁ ସାମ୍‌ସନ(ଉଇକେଟ୍‌କିପର), ହାର୍ଦ୍ଦିକ୍ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ଯଶ୍‌ପ୍ରୀତ ବୁମ୍‌ରା, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ/ଅର୍ଶଦୀପ ସିଂ।

**ପାକିସ୍ତାନ ଦଳ:** ସାହିବଜାଦା ଫର୍ହାନ, ଫଖର ଜମାନ, ସଇମ ଆୟୁବ, ସଲମାନ ଆଘା (ଅଧିନାୟକ), ହୁସେନ ତାଲତ, ମହମ୍ମଦ ହାରିସ (ଉଇକେଟକିପର), ମହମ୍ମଦ ନୱାଜ, ଫହିମ ଆଶ୍ରଫ, ଶାହିନ ଆଫ୍ରିଦୀ, ହାରିସ ରୌଫ, ଆବ୍ରାର ଅହମ୍ମଦ।

ମ୍ୟାଚ୍ ସମୟ- ରାତି ୮ଟା
ସ୍ଥାନ - ଦୁବାଇ
ପ୍ରସାରଣ- ସୋନୀ ସ୍ପୋର୍ଟ୍ସ ନେଟୱର୍କ


## ନକ୍‌ଭି ଉପସ୍ଥିତ ରହିବେ

ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ଚେୟାରମ୍ୟାନ ତଥା ପାକିସ୍ତାନର ଅନ୍ତରୀଣ ମନ୍ତ୍ରୀ ମହସିନ ନକ୍‌ଭି ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ଏସିଆ କପ୍ ଫାଇନାଲରେ ଉପସ୍ଥିତ ରହିବେ। କିନ୍ତୁ ମ୍ୟାଚ୍ ପରବର୍ତ୍ତୀ ଟ୍ରଫି ପ୍ରଦାନ ଉତ୍ସବବେଳେ ଭାରତୀୟ ଦଳର ପ୍ରତିକ୍ରିୟା ଦେଖିବା କୌତୂହଳପୂର୍ଣ୍ଣ ହେବ। ନକଭି ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)ର ମୁଖ୍ୟ ମଧ୍ୟ ରହିଛନ୍ତି। କୌଣସି ବୋର୍ଡ ମୁଖ୍ୟ ମ୍ୟାଚ୍ ଦେଖିବାକୁ ଆସିବା କିଛି ବଡ଼କଥା ନୁହେଁ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସେ ଏସିସି ମୁଖ୍ୟ ଥିବାରୁ ଟ୍ରଫି ପ୍ରଦାନ ଉତ୍ସବରେ ତାଙ୍କର ଉପସ୍ଥିତି ନିହାତି ଦରକାର। ଚାମ୍ପିୟନ ଟିମ୍‌ର ଅଧିନାୟକଙ୍କୁ ଟ୍ରଫି ପ୍ରଦାନ କରିବା ସହ ଉଭୟ ଦଳର ଖେଳାଳିଙ୍କ ସହ ହାତ ମିଳାଇବା ତାଙ୍କ ଅଧିକାର। ପାକିସ୍ତାନ ବିପକ୍ଷ ମ୍ୟାଚ୍ ବେଳେ ଭାରତୀୟ ଦଳ ନୋ ହ୍ୟାଣ୍ଡସେକ୍ ପଲିସି ଆପଣେଇଥିଲା। ଏଣୁ ବିସିସିଆଇ ଏହାର ଖେଳାଳିଙ୍କୁ ପିସିବି ମୁଖ୍ୟଙ୍କ ସହ ହାତ ମିଳାଇବାକୁ ଅନୁମତି ନ ଦେବାର ବିଶେଷ ସମ୍ଭାବନା ରହିଛି। ତେବେ ନକ୍‌ଭିଙ୍କ ସମ୍ପର୍କରେ ବିସିସିଆଇ ଏପର୍ଯ୍ୟନ୍ତ ତା'ର ଆଭିମୁଖ୍ୟ ସ୍ପଷ୍ଟ କରି ନାହିଁ।

## ଅଭିଷେକ, ହାର୍ଦ୍ଦିକ ଆହତ

ଓପନର ଅଭିଷେକ ଶର୍ମା ଓ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଶୁକ୍ରବାର ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ କ୍ରାମ୍ପର ସମ୍ମୁଖୀନ ହୋଇ ପଡ଼ିଆରୁ ଚାଲିଯାଇଥିଲେ। ଏପରିକି ପାଣ୍ଡ୍ୟା କ୍ରାମ୍ପ କାରଣରୁ ମାତ୍ର ୧ ଓଭର ବୋଲିଂ କରିଥିଲେ। ସେ ପ୍ରଥମ ଓଭର ବୋଲିଂ କରିବା ପରେ ପଡ଼ିଆରୁ ଯାଇଥିବା ବେଳେ ଅଭିଷେକ ୯.୨ ଓଭରରେ ପଡ଼ିଆ ଛାଡ଼ିଥିଲେ ଏବଂ ସୁପର ଓଭରରେ ବ୍ୟାଟିଂ କରିବାକୁ ମଧ୍ୟ ଓହ୍ଲାଇ ନ ଥିଲେ। ଏଥିଯୋଗୁ ସୁପର ଓଭରରେ ଅଧିନାୟକ ସୂର୍ଯ୍ୟକୁମାରଙ୍କ ସହ ଶୁବମନ ଗିଲ ବ୍ୟାଟିଂ କରିଥିଲେ। ଉଭୟ ଖେଳାଳି କ୍ରାମ୍ପର ସମ୍ମୁଖୀନ ହେବା ପରେ ଆଇସ୍ ବାଥ ନେଇଥିଲେ। ସେମାନେ ଏବେ କେବଳ ବିଶ୍ରାମ ନେବେ। ପରେ ଖେଳାଳିଙ୍କ ଲାଗି ପୁଲ ସେଶନ ରଖାଯାଇଛି। ସେମାନଙ୍କୁ ମସାଜ୍ ଦିଆଯିବ। ଏଣୁ ସେମାନେ ମ୍ୟାଚ୍ ବେଳକୁ ଫିଟ୍ ହୋଇଯିବେ, ଏହା ଆମେ ଆଶା ରଖିଛୁ ବୋଲି ଭାରତୀୟ ଦଳର ବୋଲିଂ କୋଚ୍ ମୋର୍ନେ ମୋର୍କେଲ ଖବରଦାତା ସମ୍ମିଳନୀରେ କହିଛନ୍ତି।

# ରଶ୍ମିକା-କପିଳଙ୍କୁ ସ୍ୱର୍ଣ୍ଣ



**ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ୍**

ନୂଆଦିଲ୍ଲୀ, ୨୭।୯ (ପି.ଟି.)

ସ୍ଥାନୀୟ କାର୍ନି ସିଂ ରେଞ୍ଜ୍‌ରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ୍‌ରେ ଭାରତୀୟ ଶୁଟରମାନେ ୧୦ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଆଧିପତ୍ୟ ବିସ୍ତାର କରିଛନ୍ତି। ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତ ଟପ୍-ଟୁ ପୋଡିୟମ ଫିନିଶ କରିଥିବା ବେଳେ ସ୍କିଟ୍ ବିଶାରଦ ରାଇଜା ଧିଲୋଁ ଏକ ରୌପ୍ୟ ପଦକ ଲାଭ କରିଛନ୍ତି। ନିକଟରେ କାଜାଖସ୍ତାନରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ୧୦ ମିଟର ଏୟାର ପିସ୍ତଲ ମହିଳା ଓ ପୁରୁଷ ସ୍ୱର୍ଣ୍ଣ ଜିତିଥିବା ରଶ୍ମିକା ସହଗଲ ଓ କପିଲ ଯୋଡ଼ି ଏଠାରେ ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟ ଜିତି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଛନ୍ତି। ଏହି ଯୋଡ଼ି ଟାଇଟଲ ରାଉଣ୍ଡରେ ଅନ୍ୟ ଭାରତୀୟ ଯୋଡ଼ି ବଂଶିକା ଚୌଧାରୀ ଓ ଆନ୍ଥୋନୀ ଜୋନାଥନ ଗାଭିନଙ୍କୁ ୧୬-୧୦ରେ ହରାଇ ଦେଇଛନ୍ତି। ସ୍ପାନିଶ ଯୋଡ଼ି ଇନେସ ଓର୍ଟେଗା ଇନେସ ଓର୍ଟେଗା କାଷ୍ଟ୍ରୋ ଓ ଲୁକାସ ସାଞ୍ଚେଜ ୧୬-୧୪ରେ ଇରାନର ପାରିମାହ ଆମିରି ଓ ମହମାଦ୍ରେଜା ଅହମଦିଙ୍କୁ ପରାସ୍ତ କରି ବ୍ରୋଞ୍ଜ ଜିତିଥିଲେ।

## ଶୀତଲ, ତୋମାନଙ୍କୁ ସ୍ୱର୍ଣ୍ଣ ପଦକ

**ପାରା ୱାର୍ଲ୍ଡ ଆର୍ଚେରୀ ଚାମ୍ପିୟନଶିପ୍**

ଗ୍ୱାଙ୍ଗଜୁ (ଦକ୍ଷିଣ କୋରିଆ), ୨୭।୯ (ପି.ଟି.)

ଭାରତ ଏଠାରେ ଚାଲିଥିବା ପାରା ୱାର୍ଲ୍ଡ ଆର୍ଚେରୀ ଚାମ୍ପିୟନଶିପ୍‌ରେ ଭଲ ପ୍ରଦର୍ଶନ ଜାରି ରଖିଛି। ଶନିବାର ତୀରନ୍ଦାଜମାନଙ୍କ ପାଇଁ ଭଲ ଦିନ ଥିଲା। ୧୮ବର୍ଷୀୟା ଶିତଲ ଦେବୀ ପ୍ରଥମ ଭାରତୀୟ ଆର୍ମଲେସ୍ ଆର୍ଚର ଭାବେ କମ୍ପାଉଣ୍ଡ ବ୍ୟକ୍ତିଗତ ବିଭାଗରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ତୋମାନ କୁମାର ପୁରୁଷ ଇଭେଣ୍ଟରେ ଟାଇଟଲ ବିଜୟୀ ହୋଇଛନ୍ତି। ଫଳତଃ ଭାରତ ଦୁଇ ବିଶ୍ୱ ଚାମ୍ପିୟନ ସୃଷ୍ଟି କରିବା ସହ ପଦକ ସଂଖ୍ୟା ୫କୁ ବୃଦ୍ଧି କରିପାରିଛି। ଶିତଲ ବିଶ୍ୱର ନମ୍ବର-୧ ତଥା ତୁର୍କୀର ଓଜ୍‌ନୁର କିୟୋର ଗିର୍ଦ୍ଦିଙ୍କୁ ୧୪୬-୧୪୩ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ସହ ଇତିହାସ ପୁସ୍ତକରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି। ଜମ୍ମୁ ଓ କଶ୍ମୀରର ଏହି ତୀରନ୍ଦାଜ ଟୁର୍ନାମେଣ୍ଟରେ ହାତ ବିହୀନ ପ୍ରତିଯୋଗୀ ଥିଲେ। ପ୍ରତିଯୋଗିତାରେ ସେ ତାଙ୍କ ପାଦ ଓ ଥୋଡ଼ିର ସହାୟତା ନେଇଥିଲେ। ଏହା ପୂର୍ବରୁ ଜଣେ ହାତ ବିହୀନ ତୀରନ୍ଦାଜ ୨୦୨୨ରେ ଦୁବାଇ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଥିଲେ। ସେ ହେଉଛନ୍ତି ଯୁକ୍ତରାଷ୍ଟ୍ର ଆମେରିକାର ମଞ୍ଜାଟ୍ ଷ୍ଟୁଜ୍‌ମାନ। ଶିତଲ ପୂର୍ବରୁ ତୋମାନ କୁମାରଙ୍କୁ ସାଥୀ କରି ମିକ୍ସଡ ଟିମ୍ କମ୍ପାଉଣ୍ଡ ଇଭେଣ୍ଟରେ ଗ୍ରେଟ୍ ବ୍ରିଟେନର ଜୋଡି ଗ୍ରିନ୍‌ହାମ୍ ଓ ନାଥାନ ମ୍ୟାକ୍‌କୁଇନ୍‌ଙ୍କୁ ୧୫୨-୧୪୯ରେ ହରାଇ ଦେଇଛନ୍ତି। ସେହିପରି ମହିଳା କମ୍ପାଉଣ୍ଡ ଓପନ ଟିମ୍ ଇଭେଣ୍ଟ ଫାଇନାଲରେ ତୁର୍କୀଠାରୁ ପରାଜିତ ହୋଇ ରୌପ୍ୟ ଜିତିଥିଲେ ଶିତଲ ଓ ସରିତା। ପରେ ଏକ ଅଲ୍-ଇଣ୍ଡିଆନ ଫାଇନାଲରେ ରାକେଶ କୁମାର ଓହରିଯିବାରୁ ତୋମାନ ପୁରୁଷ କମ୍ପାଉଣ୍ଡ ଟାଇଟଲ ଜିତିଥିଲେ। ରାକେଶ ହେଉଛନ୍ତି ଜଣେ ପ୍ୟାରିସ ପାରାଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା। ତାଙ୍କ ଧନୁରେ ଏକ ପୁଲି ସମସ୍ୟା ଦେଖାଦେବାରୁ ୪ଟି ଶଟ୍ ପରେ ସେ ଓହରିଯାଇଥିଲେ। ଫଳତଃ ତୋମାନ ତାଙ୍କ ବିଶ୍ୱ ଚାମ୍ପିୟନଶିପ୍ ପଦାର୍ପଣରେ ଚାରି ଉତ୍ତମ ତୀରଚାଳନା ସହ ଟାଇଟଲ ବିଜୟୀ ହୋଇଥିଲେ।

## ସୁନୀଲ ଯୋଶୀ ସ୍ପିନ୍ ବୋଲିଂ କୋଚ୍

ନୂଆଦିଲ୍ଲୀ,୨୭।୯

ଭାରତର ପୂର୍ବତନ ସ୍ପିନର ସୁନୀଲ ଯୋଶୀ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ(ସିଓଇ)ରେ ସ୍ପିନ୍ ବୋଲିଂ କୋଚ୍ ଭାବେ ଅକ୍ଟୋବର ୧ରେ ଯୋଗଦେବେ। ୫୫ ବର୍ଷୀୟ ପୂର୍ବତନ ସ୍ପିନର ନିକଟରେ ଶେଷ ହୋଇଥିବା ଦୁଲୀପ ଟ୍ରଫି ସହ ଜଡ଼ିତ ରହି ଅଷ୍ଟ୍ରେଲିଆ ଏ' ବିପକ୍ଷ ମ୍ୟାଚ୍ ପାଇଁ ଭାରତ ଏ' ସହିତ ଟ୍ରାଭେଲ କରିଥିଲେ। ଯୋଶୀ ସିଓଇରେ ଯୋଗ ଦେଉଥିବାରୁ ପଞ୍ଜାବ କିଙ୍ଗ୍ସକୁ ଜଣେ ନୂଆ ଆସିଷ୍ଟାଣ୍ଟ କୋଚ୍ ଖୋଜିବାକୁ ପଡ଼ିବ। ଆଇପିଏଲ୍ ଛଡ଼ା ଯୋଶୀ ଘରୋଇ କ୍ରିକେଟ୍‌ରେ ଉତ୍ତର ପ୍ରଦେଶ ଦଳର କୋଚ୍ ଓ ବାଂଲାଦେଶର ସ୍ପିନ୍ ବୋଲିଂ ପରାମର୍ଶଦାତା ରହିଥିଲେ। ଯୋଶୀଙ୍କ ପୂର୍ବରୁ ସାଇରାଜ ବାହୁତୁଲେ ସିଓଇରେ ସ୍ପିନ୍ ବୋଲିଂ କୋଚ୍ ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ସେ ଚଳିତବର୍ଷ ରାଜସ୍ଥାନ ରୟାଲ୍ସ ସହ ଯୋଡ଼ିହେବା ପାଇଁ ନିଜ ପଦରୁ ଇସ୍ତଫା ଦେଇଥିଲେ।

## ଜୁନିୟର ମହିଳା ହକି: ଭାରତର ଦ୍ୱିତୀୟ ପରାଜୟ

କାନବେରା, ୨୭।୯(ପି.ଟି.)

ଅଷ୍ଟ୍ରେଲିଆ ଟୁର୍‌ରେ ଥିବା ଭାରତର ଜୁନିୟର ମହିଳା ହକି ଦଳ ସେଠାରେ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ଶନିବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଦଳ ଅଷ୍ଟ୍ରେଲିଆଠାରୁ ୦-୫ ଗୋଲ୍‌ରେ ପରାଜିତ ହୋଇଛି। ଆୟୋଜକ ଦଳ ତରଫରୁ ମାକେଲା ଜୋନ୍ସ ହାଟ୍ରିକ୍(୧୦ମ, ୧୧ଶ, ୫୨ତମ ମିନିଟ୍) ଗୋଲ୍ ସ୍କୋର କରିଥିବା ବେଳେ ସାମି ଲଭ୍(୩୮ତମ) ଓ ମିଗାଲିୟା ହାୱେଲ(୫୦ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଭାରତ ୨-୩ ଗୋଲ୍‌ରେ ପରାଜିତ ହୋଇଥିଲା।

## ନିଖିଳ ଓଡ଼ିଶା ଫିଡେ ରେଟିଂ ଚେସ୍ ଉଦ୍‌ଘାଟିତ

ଭୁବନେଶ୍ୱର/ ବ୍ରାହ୍ମଣଝରିଲୋ, ୨୭।୯(ଅନାଦି କର)

କଟକସ୍ଥିତ ଫୁଲନଖରାର ଆମ୍ରପଲ୍ଲୀ ରିସର୍ଟରେ ଶନିବାର ପ୍ରଥମ ଭାଗ୍ୟଶ୍ରୀ ସ୍ମାରକୀ ଏସ୍ ଆର ନିଖିଳ ଓଡ଼ିଶା ଫିଡେ ରେଟେଡ଼ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଅଲିମ୍ପିଆନ ତଥା ଦୌଡ଼ ରାଣୀ ଅନୁରାଧା ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱ ଚେସ୍ ସଂଘ, ସର୍ବଭାରତୀୟ ଚେସ୍‌ମହାସଂଘ ଓ ରାଜ୍ୟ ଚେସ୍‌ସଂଘ ସୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାକୁ ଏସ୍ ଆର୍ ଚେସ୍ ସେଣ୍ଟର ତରଫରୁ ଆୟୋଜନ କରାଯାଉଛି। ୨୧ ଜିଲାରୁ ୧୩୩ ଜଣ ଅନ୍ତର୍ଜାତୀୟ ରେଟେଡ଼ ଖେଳାଳିଙ୍କ ସହ ୫୩ ଜଣ ମହିଳା, ଜଣେ ଭିନ୍ନକ୍ଷମ, ଜଣେ ଦୃଷ୍ଟିହୀନ, ଜଣେ ବଧିର, ୬ ଜଣ ୬୦ ବର୍ଷରୁ ଊର୍ଦ୍ଧ୍ୱ ଓ ୪ ଜଣ ୫ ବର୍ଷରୁ କମ୍ ଖେଳାଳି ଭାଗ ନେଇଛନ୍ତି। ୪ ଦିନ ଧରି ଚାଲିବାକୁ ଥିବା ୮ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ଦ୍ୱିତୀୟ ରାଉଣ୍ଡ ଶେଷ ସୁଦ୍ଧା ଟପ୍ ସିଡ୍ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର, ଓମ୍ ଆଦିତ୍ୟ ଖାଡ଼େଙ୍ଗା, ଲଳିତ ରଞ୍ଜନ ସାହୁ, ଶ୍ରୀୟାନ ସାବତ, କାର୍ଜି ମନିନ୍ଦ୍ର, ରାଜେନ୍ଦ୍ର କୁମାର ସାହୁ, ରବିନ୍ଦ୍ର କୁମାର ଓଝା, ସୌୟମ ଲକ୍ଷ୍ମୀଦତ୍ତ ସାବତ୍ତ, ସୁଧୀର ମହାନ୍ତି, ଶ୍ରଦ୍ଧା ସ୍ମରଣିକା ନନ୍ଦଙ୍କ ସହ ୭୦ ଜଣ ଖେଳାଳି ସମ୍ପୂର୍ଣ୍ଣ ୨ ପଏଣ୍ଟ ଲେଖାଏ ଅର୍ଜନ କରି ଶୀର୍ଷରେ ରହିଛନ୍ତି। ଏସ୍.ଆର. ଚେସ୍ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଦୂରଦର୍ଶୀର ସମ୍ପାଦକ ତଥା ଯୁବ ସଂଗଠକ ଦୁର୍ଗା ସାମନ୍ତ ରାୟ, ରାଜ୍ୟ ଚେସ୍ ସଂଘର ଯୁଗ୍ମ ସମ୍ପାଦକ ଉବେଶ ମହାନ୍ତି, କେନ୍ଦୁଝର ଜିଲା ଚେସ୍ ସଂଘର ସମ୍ପାଦକ ଅମର ମହାନ୍ତି, ସ୍ୱର୍ଗତ ଭାଗ୍ୟଶ୍ରୀଙ୍କ ବାପା ପ୍ରଦୀପ ପଣ୍ଡା ଓ ବଡ଼ ବାପା ପ୍ରତାପ ପଣ୍ଡା ଯୋଗ ଦେଇଥିଲେ। ଆଜିର ପ୍ରଥମ ରାଉଣ୍ଡକୁ କଟକ ଜିଲା ସଂଘ ମେଣ୍ଟର ଚୌଧୁରୀ ପ୍ରଦିମ୍ନ ମିଶ୍ର ଓ ଦ୍ୱିତୀୟ ରାଉଣ୍ଡକୁ ବଲାଙ୍ଗୀର ଚେସ୍ ସଂଘର ସମ୍ପାଦକ ପ୍ରିୟବ୍ରତ ପଣ୍ଡା ଆରମ୍ଭ କରିଥିଲେ। ଏହି ଅବସରରେ କ୍ରୀଡ଼ା ଖବରଦାତା ବେଣୁଧର ଦାଶ ଓ ଅଜୟ ଦାଶଙ୍କୁ କ୍ରୀଡ଼ା ଖବରଦାତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଏସ୍ ଆର୍ ଚେସ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା।




ଅତିଥି ସମ୍ମାନିତ କରୁଛନ୍ତି।




ନୂଆଦିଲ୍ଲୀସ୍ଥିତ ଜବାହରଲାଲ ଷ୍ଟାଡିୟମରେ ଚାଲିଥିବା ୱାର୍ଲ୍ଡ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ୨୦୨୫ର ଜାଭେଲିନ୍ ଥ୍ରୋ ଏଫ୍‌୪୬ ଫାଇନାଲରେ ଥ୍ରୋ କରୁଛନ୍ତି ଉଜ୍‌ବେକିସ୍ତାନର ଶାହିନାଖୋନ ୟିଗିତାଲିଭା।

# ଥେକ୍ରା ଅଲ୍‌କାବିଙ୍କ ବିଶ୍ୱ ରେକର୍ଡ

**ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ**

ନୂଆଦିଲ୍ଲୀ, ୨୭।୯(ପି.ଟି.)

ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଦିବସରେ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ର ଅପ୍ରତିଦ୍ୱନ୍ଦ୍ୱୀ ଥେକ୍ରା ଅଲ୍‌କାବି ମହିଳା ୧୦୦ ମିଟର ଟି୭୧ ଫ୍ରେମ୍ ରନିଂ ଇଭେଣ୍ଟରେ ଏକ ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଅଲ୍‌କାବି ୧୯.୮୯ ସେକେଣ୍ଡ ଟାଇମିଂରେ ରେକର୍ଡ ପ୍ରତିଷ୍ଠା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି, ଯେଉଁଥିରେ କି ପ୍ରତିଯୋଗୀମାନେ ଏକ ତିନିଚକିଆ ରନିଂ ଫ୍ରେମ୍ ବ୍ୟବହାର କରିଥିଲେ। ଏଥିରେ ସ୍ୟାଡେଲ ଓ ବଡି ସପୋର୍ଟ ରହିଛି, କିନ୍ତୁ ପ୍ୟାଡେଲ ନାହିଁ। ଚଳିତବର୍ଷ ଜୁଲାଇରେ ଲିଥୁଆନିଆର ବେଲା ମୋର୍କସ ୨୦.୦୮ ସେକେଣ୍ଡ ଟାଇମିଂ ସହ କରିଥିବା ବିଶ୍ୱ ରେକର୍ଡକୁ ୨୩ ବର୍ଷୀୟା ଅଲ୍‌କାବି ଭାଙ୍ଗି ଦେଇଛନ୍ତି। ଶନିବାର ମୋର୍କସ ୨୧.୫୩ ସେକେଣ୍ଡ ଟାଇମିଂ ସହ ରୌପ୍ୟ ଜିତିଥିବା ବେଳେ ପୋଲାଣ୍ଡର ମିରିଆମ୍ ଡୋମିନିକୋସ୍କା ୨୩.୫୬ ସେକେଣ୍ଡ ଟାଇମିଂ ସହ ବ୍ରୋଞ୍ଜ ପଦକ ପାଇଛନ୍ତି। ପୂର୍ବରୁ ମହିଳା ୧୦୦ ମିଟର ଟି୭୧ ଇଭେଣ୍ଟରେ ଅଲ୍‌କାବିଙ୍କ ଶ୍ରେଷ୍ଠ ଟାଇମିଂ ୨୩.୫୮ ସେକେଣ୍ଡ ରହିଥିଲା। ୨୦୨୩ ହାଙ୍ଗ୍‌ଝୋ ଏସିଆନ ପାରା ଗେମ୍ସ ଏଫ୍‌୩୨ କ୍ଲବ ଥ୍ରୋ'ରେ ସେ ଏକ ବ୍ରୋଞ୍ଜ ଜିତିଥିଲେ। ମହିଳା ଲଙ୍ଗ୍‌ଜମ୍ପ ଟି୩୭ରେ ଆଶାନୁରୂପ ବିଶ୍ୱ ରେକର୍ଡ ଅଧିକାରିଣୀ ଚାଇନାର ୱେନ୍ ଜିଆଓୟାନ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେ ୫.୩୨ ମିଟର ଜମ୍ପକରି ଏକ ମିଟ୍ ରେକର୍ଡ କରିଛନ୍ତି। ଏହା ପୂର୍ବରୁ ମିଟ୍ ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଥିଲା। ଚାମ୍ପିୟନଶିପ୍‌ର ୨୦୧୯ ସଂସ୍କରଣରେ ୫.୨୨ ମିଟର ଜମ୍ପକରି ସେ ମିଟ୍ ରେକର୍ଡ କରିଥିଲେ। ତାଙ୍କ ନାମରେ ଆହୁରି ମଧ୍ୟ ବିଶ୍ୱ ରେକର୍ଡ ରହିଛି। ୨୦୨୩ ହାଙ୍ଗ୍‌ଝୋ ଏସିଆନ ପାରା ଗେମ୍ସରେ ୫.୪୫ ମିଟର ସହ ସେ ଏହି ରେକର୍ଡ କରିଥିଲେ। ମରିସସ୍‌ର ଆନାଇସ୍ ଆଞ୍ଜେଲିନ୍ ୪.୫୯ ମିଟର ସହ ରୌପ୍ୟ ପଦକ ଲାଭ କରିଥିବା ବେଳେ ଆମେରିକାର ଜାଲିନ୍ ରବର୍ଟ୍ସ (୪.୫୩ ମିଟର) ବ୍ରୋଞ୍ଜ ପାଇଛନ୍ତି। ଅନ୍ୟପକ୍ଷରେ ନେଦରଲାଣ୍ଡ୍ସର ନୋଏଲି ରୁଡ୍ରା ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରଥମ ଥର ଏଫ୍‌୪୬ ଶ୍ରେଣୀ ମହିଳା ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତାଙ୍କର ଶ୍ରେଷ୍ଠ ପ୍ରୟାସ ୪୩.୭୩ ମିଟର ରହିଥିବା ବେଳେ ଉଜ୍‌ବେକିସ୍ତାନର ଶାହିନାଖୋନ୍ ଇଜିଟାଲିଭା ଓ ଗ୍ରେଟ୍ ବ୍ରିଟେନ୍‌ର ହୋଲି ଆର୍ନୋଲ୍ଡ ଯଥାକ୍ରମେ ୪୧.୯୭ ଓ ୪୧.୯୪ ମିଟର ସହ ରୌପ୍ୟ ଏବଂ ବ୍ରୋଞ୍ଜ ଜିତିଥିଲେ। ଭାରତର ଭାବନା ସିଂ ଏହି ଇଭେଣ୍ଟରେ ୩୫.୩୪ ମିଟର ଥ୍ରୋ ସହ ୮ମ ସ୍ଥାନରେ ରହିଥିଲେ।



## ଭାରତର ପଦକ ଖାତା ଖୋଲିଲେ ଶୈଳେଶ

ୱାର୍ଲ୍ଡ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଆୟୋଜକ ଭାରତର ପଦକ ଖାତା ଖୋଲିଛନ୍ତି ଶୈଳେଶ କୁମାର ଓ ବରୁଣ ସିଂ ଭଟି। ଶନିବାର ଅନୁଷ୍ଠିତ ପୁରୁଷ ହାଇଜମ୍ପ ଟି୬୩ ଇଭେଣ୍ଟରେ ଏହି ଦୁଇ ଆଥଲେଟ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ଜିତିଛନ୍ତି। ୨୫ବର୍ଷୀୟ ଶୈଳେଶ ଟି୪୨ କାଟେଗୋରିରେ ୧.୯୧ମିଟର ପ୍ରୟାସ ସହ ପୋଡିୟମ ଟପ୍‌ରେ ରହି ଚାମ୍ପିୟନଶିପ୍ ରେକର୍ଡ ଓ ଏସିଆନ ରେକର୍ଡ ଭଙ୍ଗ କରିଛନ୍ତି। ପୂର୍ବତନ ପାରା ଏସିଆନ ଗେମ୍ସ ପଦକ ବିଜେତା ଭଟି ବ୍ରୋଞ୍ଜ ଜିତିଥିବା ବେଳେ ଅଲିମ୍ପିକ ଚାମ୍ପିୟନ ଆମେରିକାର ଇଜ୍ରା ଫ୍ରେଚ୍ ରୌପ୍ୟ ଲାଭ କରିଛନ୍ତି।



ଉଭୟେ ଭଟି ଓ ଫ୍ରେଚ୍‌ଙ୍କ ଶ୍ରେଷ୍ଠ କ୍ଲିୟରାନ୍ସ ୧.୮୫ ମିଟର ରହିଥିଲା। ମାତ୍ର ଆମେରିକୀୟ ଜଣକ କାଉଣ୍ଟ ବ୍ୟାକ୍‌ରେ ଭାରତୀୟଙ୍କୁ ପରାସ୍ତ କରିଥିଲେ। ଏହି ଇଭେଣ୍ଟରେ ଭାଗ ନେଇଥିବା ତୃତୀୟ ଭାରତୀୟ ରାହୁଲ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ୧.୭୮ମିଟର ସହ ଚତୁର୍ଥ ସ୍ଥାନରେ ରହିଥିଲେ।

# ପୂଜାରେ ଫଟୋଶୁଟ୍

## ନ ହେଉ ଚିନ୍ତାର କାରଣ

ମା'ଙ୍କ ଆଗମନରେ ଏବେ ସବୁଆଡ଼େ ଉତ୍ସବମୁଖର। ବିଭିନ୍ନ ପୂଜାମଣ୍ଡପରେ ମା'ଙ୍କ ମୂର୍ତ୍ତି ଦର୍ଶନ କରିବା, ଶପିଂ କରିବା, ବିଭିନ୍ନ ସ୍ଥାନରେ ଆୟୋଜିତ ଡାଣ୍ଡିଆ ନାଇଟ୍ସରେ ଡ୍ୟାନ୍ସ କରିବାକୁ ସମସ୍ତେ ତତ୍ପର। ତା'ସହ ଏସବୁର ଫଟୋ ଏବଂ ଭିଡିଓ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରିବାକୁ ଅଧିକାଂଶଙ୍କ ଭିତରେ ବେଶି କ୍ରେଜ୍। ହେଲେ କେବେକେବେ ଏହି ଖୁସି ଭିତରେ ଟେନ୍‌ଶନ୍ ବଢ଼ାଇଦିଏ ମୋବାଇଲ୍ ଚୋରି। ତେଣୁ ପୂଜାରେ ଫଟୋଶୁଟ୍ କରୁଥିଲେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...



ବର୍ତ୍ତମାନ ଅଧିକାଂଶଙ୍କଠାରେ, ବିଶେଷକରି ଯୁବପିଢ଼ିଙ୍କଠାରେ ସୋସିଆଲ୍ ମିଡିଆରେ ଅପ୍‌ଡେଟ୍ ରହିବା, ଅଧିକ ଲାଇକ୍, କମେଣ୍ଟ ପାଇବା ଲାଗି ଫଟୋ, ଭିଡିଓ ଏବଂ ରିଲ୍ସ କରିବା ନିଶା ଘାରିଛି। ଯେଉଁଥିପାଇଁ ପୂଜାରେ ଫଟୋ, ଭିଡିଓ ଆଦି କରିବାକୁ ସେମାନେ ବେଶ୍ ଉତ୍କଣ୍ଠିତ। ହେଲେ ବର୍ତ୍ତମାନ ପୂଜାମଣ୍ଡପଗୁଡ଼ିକରେ ଅଧିକ ଗହଳି ଥିବାରୁ ମୋବାଇଲ୍ ଫୋନ୍ ଚୋରି ଆଶଙ୍କା ଅଧିକ। ତେଣୁ ଏହି ଫେଷ୍ଟିଭ୍ ସିଜନ୍‌ରେ ନିଜ ମୋବାଇଲ୍‌କୁ ସୁରକ୍ଷିତ ରଖିବା ଲାଗି କେତୋଟି କଥା ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...

– ପୂଜା ପେଣ୍ଡାଲ୍‌ରେ ଗହଳିର ସୁଯୋଗ ନେଇ ଲୁଟେରାମାନେ ମୋବାଇଲ୍ ଚୋରି ଅଧିକ କରିଥା'ନ୍ତି। ଫୋନ୍‌ରେ ଫଟୋ କିମ୍ବା ଭିଡିଓ କରୁଥିଲେ ସରିବାମାତ୍ରେ ଫୋନ୍‌କୁ ହାତରେ ନ ଧରି ତୁରନ୍ତ ବ୍ୟାଗ୍ ଭିତରେ ରଖିଦିଅନ୍ତୁ ଏବଂ ବ୍ୟାଗ୍‌କୁ ହାତରେ ଆଗପଟକୁ କରି ରଖନ୍ତୁ। ସେହିପରି ଯୁବକମାନେ ଫୋନ୍‌କୁ ପ୍ୟାଣ୍ଟର ପଛ ପକେଟରେ ଆଦୌ ରଖନ୍ତୁ ନାହିଁ। ଏଥିପାଇଁ ସ୍ଲିଙ୍ଗ୍ ବ୍ୟାଗ୍ କିମ୍ବା ୱେଷ୍ଟ ବ୍ୟାଗ୍ ବ୍ୟବହାର କରିପାରିବେ।



– ଫୋନ୍‌ରେ ଏକ ରିଷ୍ଟ ଷ୍ଟ୍ରାପ୍ ଲଗାଇବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ ଏହାଦ୍ୱାରା କୌଣସି କାରଣରୁ ହାତରୁ ଫୋନ୍ ଖସିଗଲେ ତଳେ ପଡ଼ି ନଷ୍ଟ ହେବ ନାହିଁ କିମ୍ବା କେହି ହଠାତ୍ ଛଡ଼ାଇ ନେଇପାରିବେ ନାହିଁ।

**ଧ୍ୟାନ ଦିଅନ୍ତୁ:** ସତର୍କତା ଅବଲମ୍ବନ କରିବା ସତ୍ତ୍ୱେ ବି କେବେକେବେ ମୋବାଇଲ୍ ଚୋରି ହୋଇଯାଏ। ଯେହେତୁ ମୋବାଇଲ୍‌ରେ ଫଟୋ, ଭିଡିଓ, କଣ୍ଟାକ୍ଟ ନମ୍ବର ଭଳି ସମସ୍ତ ପର୍ସନାଲ୍ ଡାଟା ଏବଂ ବ୍ୟାଙ୍କ୍ ଡିଟେଲ୍ସ ଆଦି ରହୁଛି, ତେଣୁ ଏହା ଚୋରି ହୋଇଗଲେ ପରବର୍ତ୍ତୀ ସମୟରେ ବିଭିନ୍ନ ସମସ୍ୟା ଉପୁଜିପାରେ। ତେଣୁ ସୁରକ୍ଷା ଦୃଷ୍ଟିରୁ କେତୋଟି କଥା ନିହାତି ଜାଣିରଖିବା ଦରକାର...

**ଗୁଗୁଲ୍ ଆଇଡି ଡିଟେଲ୍ସ ରଖନ୍ତୁ:** ସାଧାରଣତଃ ଫୋନ୍‌ରେ ଗୁଗୁଲ୍ ଆଇଡି ସେଟ୍ କରିବା ପରେ ଆମେ ଏହା ସମ୍ବନ୍ଧିତ ସୂଚନା ଯେପରି ଆଇଡି, ପାସ୍‌ୱାର୍ଡ ଆଦି ମନେ ରଖି ନ ଥାଉ। ଯଦ୍ୱାରା ଫୋନ୍ ଚୋରି ହେଲେ ଏହା ମିଳିବା କଷ୍ଟ ହୋଇଥାଏ। ତେଣୁ ଏସବୁ ଡିଟେଲ୍ସ ସବୁବେଳେ ଲେଖି ରଖିବା ଦ୍ୱାରା ଯଦି କୌଣସି କାରଣରୁ ଫୋନ୍ ଚୋରି ହୁଏ, ତେବେ ଅନ୍ୟ ଫୋନ୍‌ରୁ ଏହାକୁ ଆକ୍ସେସ୍ କରି ତୁରନ୍ତ ଫୋନ୍‌ରୁ ଆଇଡି ଲଗ୍‌ଆଉଟ୍ କରି ନିଜ ପର୍ସନାଲ୍ ଡାଟାକୁ ସୁରକ୍ଷିତ ରଖିପାରିବେ।





**ଇଏମ୍‌ଇଆଇ ନମ୍ବର ଜାଣିବା ଜରୁରୀ:** ଆପଣ ଯେଉଁ ଫୋନ୍ ବ୍ୟବହାର କରୁଛନ୍ତି, ତା'ର ଇଏମ୍‌ଇଆଇ ନମ୍ବର ନିହାତି ଜାଣିବା ବା ଲେଖିରଖିବା ଦରକାର। ଯଦ୍ୱାରା ଫୋନ୍ ଚୋରି ହୋଇଗଲେ ପୋଲିସ୍ ଏହା ସାହାଯ୍ୟରେ ଆପଣଙ୍କ ଫୋନ୍ ଟ୍ରାକ୍ କରି ଖୋଜିପାରିବେ। ଏହାକୁ ଜାଣିବା ପାଇଁ ନିଜ ଫୋନ୍‌ର ସେଟିଂରେ ଥିବା ଏବାଉଟ୍ ଅପ୍ସନ୍‌କୁ କ୍ଲିକ୍ କରି ଇଏମ୍‌ଆଇ ନମ୍ବର ଓପନ୍ କରନ୍ତୁ ଏବଂ ଏହାକୁ ଲେଖିରଖନ୍ତୁ। ଏହାଦ୍ୱାରା ଫୋନ୍ ଟ୍ରାକ୍ ରହିବା ସହ ଡିଭାଇସ୍‌କୁ ବ୍ଲକ୍ ମଧ୍ୟ କରିପାରିବେ।

**ଫାଇଣ୍ଡ ମାଇଁ ଡିଭାଇସ୍:** ଗୁଗୁଲ୍ ଦ୍ୱାରା ପ୍ରସ୍ତୁତ ଏହି ଆପ୍ ଦ୍ୱାରା ଅନ୍ୟ ଏକ ଫୋନ୍‌ରେ ନିଜ ଆଇଡି ଏବଂ ପାସ୍‌ୱାର୍ଡ ଦେଇ ନିଜ ଚୋରି ହୋଇଥିବା ଫୋନ୍ ଖୋଜିପାରିବେ। ଏହାଦ୍ୱାରା ଫୋନ୍‌ର ଲୋକେଶନ୍, ସେଥିରେ ବର୍ତ୍ତମାନ କେଉଁ ସିମ୍ ପଡ଼ିଛି ଆଦି ଟ୍ରାକ୍ କରିପାରିବେ।

**ହ୍ୟାମର୍ ସିକ୍ୟୁରିଟି ଆପଣାନ୍ତୁ:** ଏହା ଏକ ଖୁବ୍ ସୁରକ୍ଷିତ ଏବଂ ଲୋକପ୍ରିୟ ଆପ୍, ଯାହାକି ମୋବାଇଲ୍‌କୁ ଚୋରି ହେବା ବା ଚୋରକୁ ଧରିବାରେ ସାହାଯ୍ୟ କରିଥାଏ। ଏହି ଆପ୍ ପ୍ଲେ ଷ୍ଟୋରରେ 'ଟ୍ରାକ୍ ଇଟ୍ ଇଭେନ୍ ଇଫ୍ ଇଟ୍ ଇଜ୍ ଅଫ୍' ନାଁରେ ରହିଛି। ଏଥିରେ ଫେକ୍ ସ୍ୱିଚ୍ ଅଫ୍ ଅପ୍ସନ ଏବଂ ଫେକ୍ ଏରୋପ୍ଲେନ୍ ମୋଡ୍ ଅପ୍ସ ରହିଛି। ଫଳରେ ଚୋରି କଲେ ବି ଚୋର ଯେବେ ଏହାକୁ ସ୍ୱିଚ୍ ଅଫ୍ କରିବ କିମ୍ବା ଏରୋପ୍ଲେନ୍ ମୋଡ୍‌ରେ ରଖିବ, ତେବେ ତାହା ଫେକ୍ ଅପ୍ସନ ଦେଖାଇବ ଏବଂ ଫୋନ୍ ଅନ୍ ଅଛି ବୋଲି ସେ ଜାଣିପାରିବ ନାହିଁ। ତା'ଛଡ଼ା ଏଥିରେ ଥିବା ପ୍ୟାନିକ୍ ମୋଡ୍ ଆକ୍ଟିଭ୍ ରଖିବା ଦ୍ୱାରା ତୁରନ୍ତ ଚୋରର ସେଲ୍ଫି ଓ ଲୋକେଶନ୍ ଆପଣଙ୍କ ଏମର୍ଜେନ୍ସି କଣ୍ଟାକ୍ଟ ନମ୍ବରକୁ ଚାଲିଯାଇଥାଏ, ଯାହାକୁ ଟ୍ରାକ୍ କରି ଫୋନ୍‌କୁ ଖୋଜିବା ସହଜ ହୋଇଥାଏ।

– ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଯଦି ପୂଜା ସମୟରେ ଦୁର୍ଭାଗ୍ୟବଶତଃ ଫୋନ୍ ଚୋରି ହୋଇଯାଏ, ତେବେ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ସିମ୍ କାର୍ଡ ବ୍ଲକ୍ କରିବା ସହ ନିକଟସ୍ଥ ପୋଲିସ୍ ଷ୍ଟେଶନ୍‌ରେ ଖବର ଦେବା ଜରୁରୀ।

– ପୌର୍ଣ୍ଣମାସୀ

## ନିଜେ ସତର୍କ ରହିବା ଜରୁରୀ

**ମୃତ୍ୟୁଞ୍ଜୟ ସ୍ୱାଇଁ** (ଆଇଆଇସି, ମଞ୍ଚେଶ୍ୱର ଥାନା)– ପାର୍ବଣ ଅବସରରେ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ପୂଜା ମଣ୍ଡପରେ ଅଧିକ ଭିଡ଼ ପରିଲକ୍ଷିତ ହେଉଥିବାରୁ ଲୁଟେରାମାନେ ଏହାର ଖୁବ୍ ଫାଇଦା ନେଉଛନ୍ତି। ଗତ କିଛିବର୍ଷ ହେବ ପୂଜା ସମୟରେ ବହୁ ସଂଖ୍ୟାରେ ମୋବାଇଲ୍ ଫୋନ୍ ଚୋରି ଘଟଣା ନଜରକୁ ଆସିଛି। ଯେହେତୁ ସେଲ୍‌ଫି ନେବା କିମ୍ବା ଭିଡିଓ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରିବା କ୍ରେଜ୍ ଏବେ ସଭିଙ୍କର ବିଶେଷକରି ଯୁବପିଢ଼ିଙ୍କ ଠାରେ ଅଧିକ ଦେଖିବାକୁ ମିଳୁଛି, ଏମିତିରେ ସେମାନଙ୍କ ଫୋନ୍ ଚୋରି ହେବା ଆଶଙ୍କା ବେଶି ବଢ଼ିଯାଉଛି। ତେଣୁ ନିଜେ ସତର୍କ ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଫଟୋ ଉଠାଇବା ବେଳେ ଫୋନ୍‌କୁ ଭଲ ଭାବେ ଧରିବା ସହ ଉଠାଇ ସାରିଲେ ଏହାକୁ ଠିକ୍ ଭାବେ ରଖିବା ଦରକାର। ଯୁବକମାନେ ପ୍ୟାଣ୍ଟର ପଛ ପକେଟ୍‌ରେ ଫୋନ୍ ରଖିବା ଠିକ୍ ନୁହେଁ, ଏହାଦ୍ୱାରା ଚୋରଙ୍କୁ ପକେଟ୍‌ମାର କରିବା ସହଜ ହୋଇଥାଏ। ସେହିପରି ଯୁବତୀମାନେ ପଛ ପ୍ୟାଣ୍ଟ ପକେଟ୍‌ରେ ଫୋନ୍ ନ ରଖିବା ଭଲ। ଭ୍ୟାନିଟି ବ୍ୟାଗ୍‌ରେ ଫୋନ୍ ରଖୁଥିଲେ ଏହାକୁ ପଛକୁ କିମ୍ବା କଡ଼ରେ ନ ରଖି ଆଗ ପଟକୁ ରଖିବା ଦରକାର। ତେବେ ପୋଲିସ୍ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ପୂଜା ମଣ୍ଡପରେ ସିସିଟିଭି କ୍ୟାମେରା ଲଗାଯିବା ସହିତ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ମଣ୍ଡପଗୁଡ଼ିକରେ ୟୁନିଫର୍ମରେ ଏବଂ ସାଦା ପୋଷାକରେ ମଧ୍ୟ ପୋଲିସ୍ ମୁତୟନ କରାଯାଇଛି। ତଥାପି କୌଣସି ଅସୁବିଧା ହେଲେ ତୁରନ୍ତ ସହାୟତା ପାଇଁ ପ୍ରତ୍ୟେକ ଥାନା ନମ୍ବର ଏବଂ କଣ୍ଟ୍ରୋଲ ନମ୍ବରରେ ତୁରନ୍ତ ଯୋଗାଯୋଗ କରିପାରିବେ। ତେବେ କେବଳ ମୋବାଇଲ୍ ଫୋନ୍ ନୁହେଁ, ସୁରକ୍ଷା ଦୃଷ୍ଟିରୁ ପୂଜା ସମୟରେ ଗହଳି ଅଧିକ ଥିବାରୁ ସୁନା କିମ୍ବା କୌଣସି ଦାମୀ ଗହଣା ନ ପିନ୍ଧିବାକୁ ଏବଂ ପାଖରେ ଅଧିକ କ୍ୟାଶ୍ ନ ରଖି ଇ–ବ୍ୟାଙ୍କିଙ୍ଗ୍ ବ୍ୟବହାର କରିବାକୁ ମଧ୍ୟ ବାରମ୍ବାର ସଚେତନ କରାଯାଉଛି।

## କ'ଣ କୁହନ୍ତି ଏମାନେ...

### ସତର୍କତା ଅବଲମ୍ବନ କରିବି



**ପାର୍ଥସାରଥୀ ସାମନ୍ତରାୟ**(ଖୋର୍ଦ୍ଧା)– ଗତ ଦୁଇ ବର୍ଷ ହେବ ୟୁଟ୍ୟୁବ୍ ଚ୍ୟାନେଲ୍ କରି ବିଭିନ୍ନ ଭ୍ଲଗ୍ କରୁଛି। ଚଳିତବର୍ଷ ଭୁବନେଶ୍ୱର ଓ କଟକ ଦୁର୍ଗା ପୂଜା ସମେତ ଖୋର୍ଦ୍ଧା ପ୍ରସିଦ୍ଧ ଲକ୍ଷ୍ମୀପୂଜା ଶୁଟ୍ କରିବା ଯୋଜନା କରିଛି। ସାଙ୍ଗସାଥିଙ୍କ ସହ ପୂଜାମଣ୍ଡପ ବୁଲାବୁଲିର ମୋବାଇଲ ଭିଡିଓ ଶୁଟ୍ କରିବି। ହେଲେ ଗତ କିଛି ବର୍ଷ ପୂଜା ମଣ୍ଡପରେ ଯେଉଁ ଭଳି ମୋବାଇଲ୍ ଚୋରୀ ଘଟଣା ଶୁଣିବାକୁ ମିଳିଛି ସେଥିପାଇଁ ବିଶେଷ ଭାବେ ସତର୍କତା ଅବଲମ୍ବନ କରିବି। ଦୂରରୁ ଭିଡିଓରେ କ୍ଲାରିଟି ରହୁ ନ ଥିବାରୁ ଭିଡରେ ପେଣ୍ଡାଲ୍ ପାଖକୁ ଯାଇ ଶୁଟ୍ କରିବା ବେଳେ ଯଥା ସମ୍ଭବ ସତର୍କ ରହିବି। ସେଲ୍ଫି ଷ୍ଟିକ୍ ବ୍ୟବହାର କରିବି ଏବଂ ଶୁଟିଂ ସରିବା ମାତ୍ରେ ଫୋନ୍‌କୁ ପକେଟ୍‌ରେ ନ ରଖି ବ୍ୟାଗ୍‌ରେ ରଖିବି, ଯାହାଦ୍ୱାରା ଚୋରୀ ରିସ୍କ ରହିବ ନାହିଁ ବୋଲି ମୋର ଆଶା।

### ସୁରକ୍ଷା ପାଇଁ ୱେଷ୍ଟ ବ୍ୟାଗ୍ ଭଲ ଅପ୍ସନ



**କାଜଲ ଅଗ୍ରୱାଲ**( ବରଗଡ)– ପାର୍ବଣ ଋତୁ ଆସିଲେ ମା'ଙ୍କ ଆଗମନରେ ସମସ୍ତଙ୍କ ମନରେ ଅପୂର୍ବ ଆନନ୍ଦ ଖେଳିଯାଏ। ସବୁଠି ଉତ୍ସବମୁଖର ହୋଇଉଠେ। ଏ ସମୟରେ ବିଭିନ୍ନ ମଣ୍ଡପ ବୁଲି ମା'ଙ୍କ ଦର୍ଶନ କରିବା ଆଉ ଡାଣ୍ଡିଆ ନାଇଟ୍ସ ଏଞ୍ଜୟ କରିବାକୁ ମୋତେ ବହୁତ ଭଲ ଲାଗେ। ଆଉ ଏସବୁ ମୁହୂର୍ତ୍ତକୁ ମୁଁ ନିଜ ଇନ୍‌ଷ୍ଟାଗ୍ରାମ୍ ଆଇଡିରେ ପୋଷ୍ଟ ବି କରେ। ହେଲେ ଏହି ଖୁସି ଭିତରେ ଟେନ୍‌ଶନ୍ ବଢାଇଦିଏ ବିଭିନ୍ନ ଚୋରି ଖବର। ଏପରି ଅସୁବିଧାର ସମ୍ମୁଖିନ ନ ହେବା ଲାଗି ଗହଳି ସ୍ଥାନକୁ ଯିବା ବେଳେ ମୋବାଇଲ୍ ରଖିବା ଲାଗି ୱେଷ୍ଟ ବ୍ୟାଗ୍ ବ୍ୟବହାର କରିବି। ଦୁର୍ଭାଗ୍ୟବଶତଃ ଏପରି କେବେ ହେଲେ ପର୍ସନାଲ୍ ଡାଟା ସୁରକ୍ଷିତ ରଖିବା ଲାଗି ମୋବାଇଲ୍‌ରେ ସେଫ୍ଟି ଆପ୍ ବି ଇନ୍‌ଷ୍ଟଲ୍ କରି ରଖିଛି। ମୋ ମତରେ କେବଳ ପୂଜା ସମୟରେ ନୁହେଁ ମୋବାଇଲ୍ କୌଣସି କାରଣରୁ ଚୋରୀ ଅବା ହଜିଗଲେ ଯେପରି କେହି ଏହାର ମିସ୍‌ୟୁଜ୍ ନ କରନ୍ତି ସେଥିପାଇଁ ସମସ୍ତେ ସେଫ୍ଟି ଆପ୍ ବ୍ୟବହାର କରିବା ଦରକାର।

## ୟୁଥ୍ ଆଲର୍ଟ

# ପୂଜାବେଳେ ବାହାର ଖାଦ୍ୟ ଖାଉଥିଲେ...

ଆରମ୍ଭ ହୋଇଯାଇଛି ଦଶହରା। ପୂଜାମଣ୍ଡପଗୁଡ଼ିକ ନିକଟରେ ମିଳୁଛି ନାନାଦି ପ୍ରକାର ଖାଦ୍ୟର ସମ୍ଭାର। ହେଲେ ଏସବୁ ଖାଦ୍ୟ ଅଧିକ ଖାଇବା ସ୍ୱାସ୍ଥ୍ୟପକ୍ଷେ ହାନିକାରକ। ତେଣୁ ପୂଜାରେ ଏଭଳି ଖାଦ୍ୟ ଖାଉଥିଲେ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ କେତୋଟି କଥା ପ୍ରତି ଧ୍ୟାନ ଦେବା ଜରୁରୀ...

➔ପୂଜା ସମୟରେ ମାର୍କେଟ ସହିତ ପୂଜାସ୍ଥଳ ନିକଟରେ ମଧ୍ୟ ଅନେକ ଫୁଡ୍ ଷ୍ଟଲ୍ ଦେଖିବାକୁ ମିଳିଥାଏ। ଆଉ ଯୁବପିଢ଼ି ଏ ସବୁ ଖାଇବାର ମଉକା ଆଦୌ ହାତଛଡ଼ା କରି ନ ଥା'ନ୍ତି। ହେଲେ ଅପରପକ୍ଷେ ଏଭଳି ଖାଦ୍ୟ ଖାଇବା ଦ୍ୱାରା ଅନେକଙ୍କଠାରେ ଗ୍ୟାସ୍, ଏସିଡିଟି ଆଦି ସମସ୍ୟା ଦେଖାଦେଇଥାଏ। କେବେକେବେ ଫୁଡ୍ ପଏଜନିଂ ହୋଇ ଝାଡ଼ା, ବାନ୍ତି ଭଳି ସମସ୍ୟା ବି ଉପୁଜିଥାଏ। ତେଣୁ ବାହାରେ ଯଥାସମ୍ଭବ କମ୍ ଖାଆନ୍ତୁ।

➔ପୂଜା ବେଳେ ଲାଭ ପାଇବା ଆଶାରେ ଅଧିକ ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ଅନେକ ବ୍ୟବସାୟୀ ଅଧିକ ରଙ୍ଗ, ଖରାପ ତେଲ ଆଦି ମଧ୍ୟ ବ୍ୟବହାର କରିଥା'ନ୍ତି ; ଯାହାକୁ ଖାଇଲେ ଶରୀରକୁ ବିଷାକ୍ତ ପଦାର୍ଥ ଚାଲିଯାଏ ଏବଂ ପେଟ ସମସ୍ୟା ଉପୁଜିଥାଏ। ଏହାକୁ ଦୂର କରିବା ଲାଗି ବା ଶରୀରକୁ ଡିଟକ୍ସ ନିମିତ୍ତ ପ୍ରୋବାୟୋଟିକ୍ ସବୁଠୁ ଭଲ। ଏଥିପାଇଁ ଦହି ଖାଆନ୍ତୁ। ଏହାଦ୍ୱାରା ହଜମକ୍ରିୟା ଠିକ୍ ଭାବେ ହୋଇଥାଏ। ଏହା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରୁଥିବା ବ୍ୟାକ୍ଟେରିଆଙ୍କୁ ସୁରକ୍ଷିତ ରଖିଥାଏ।

– ପୂଜା ଦିନରେ ଅତିକମ୍‌ରେ ଦିନକୁ ୩–୪ ଲିଟର ପାଣି ପିଅନ୍ତୁ। ବିଶେଷକରି ପୂଜା ଦିନମାନଙ୍କରେ ଖାଉଥିବା ଖାଦ୍ୟ ଭଲ ଭାବେ ହଜମ ହେବା ଲାଗି ଏହାଠୁ ଅଧିକ ପାଣି ପିଇପାରିଲେ ଭଲ। ଏହା ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ଝାଳ ଏବଂ ପରିସ୍ରା ଦ୍ୱାରା ବାହାର କରିବା ସହ ତାପମାତ୍ରାକୁ ନିୟନ୍ତ୍ରଣରେ ରଖି ଶରୀରକୁ ସୁସ୍ଥ ରଖିଥାଏ।



– ପୂଜା ଆଳରେ ବୁଲାବୁଲି ସହ ବାହାରେ ଅଧିକ ଲୁଣ, ରାଗ, ତେଲ, ମସଲାଯୁକ୍ତ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଠିକ୍ ନୁହେଁ। କାରଣ ଏହା ରକ୍ତଚାପ ବଢ଼ାଇବା ସହ ଶରୀରରେ ପାଣି ଜମା କରିଥାଏ। ଏହାଦ୍ୱାରା ଲିଭର ଏବଂ କିଡ୍‌ନୀ ସମସ୍ୟା ଉପୁଜିପାରେ। ତେଣୁ ପରେ ଶରୀରକୁ ଡିଟକ୍ସ କରିବା ଲାଗି ଖାଦ୍ୟରେ ଲୁଣମାତ୍ରା କମ୍ କରିବା ଆବଶ୍ୟକ।

– ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ବାହାର କରିବା ଲାଗି ଲାଉ, କାକୁଡ଼ି, ଅଦା, ଲେମ୍ବୁ, ଗାଜର, ବିଟ୍, ପାଳଙ୍ଗ ଆଦିର ଜୁସ୍ ପିଅନ୍ତୁ। ଏହା ଶରୀରକୁ ସୁସ୍ଥ ରଖିବା ଲାଗି ଆବଶ୍ୟକ ପୋଷକତତ୍ତ୍ୱ ଯୋଗାଇ ଦେଇଥାଏ।

## ଏ ସପ୍ତାହର ପ୍ରଶ୍ନ ?

୧– ଏନ୍‌ଏମ୍‌ଏଚ୍‌ସିର ଫୁଲ୍‌ଫର୍ମ ............ ?
୨– ଆଇଏନ୍‌ଏସ୍ ରାଜାଲି ତାମିଲନାଡୁରେ ଥିବା ଏକ ............ ?
୩– ନିକଟରେ ........... ଦେଶ ଭାରତରୁ ବାଦାମ ଆମଦାନୀ ବନ୍ଦ କରିଦେଇଛି ?
୪– ଦି ଗଲ୍ଫ ଅଫ୍ ଫିନ୍‌ଲାଣ୍ଡ ................ ଠାରେ ରହିଛି ?
୫– ସ୍ୱେଶ୍ ଆଣ୍ଡ ମିଜାଇଲ୍ ଟ୍ରାକିଂଶିପ୍ ଉଆନ୍ ୟାଙ୍ଗ୍ ୫ ........ ଦେଶ ନିର୍ମାଣ କରିଛି ?

## ଗତ ଥରର ଉତ୍ତର

୧ ମହାରାଷ୍ଟ୍ର
୨ ୩୮
୩ ଚେନ୍ନାଇ
୪ ତାଞ୍ଜାନିଆ ଏବଂ କେନିଆ
୫ ଅକ୍ଟୋବର ୧୫

## ଉତ୍ତର ଦାତା



ଛବିଲାଲ୍ ଭାଟି
କଳାହାଣ୍ଡି



ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର



ଶେଖ୍ ୟାକୁବ୍
ଗୋପ

ଜାଣନ୍ତୁ ଦୁନିଆ

# ବିନା ଦୀପ ଆଉ ବତିରେ ଜଳୁଛି ଅଖଣ୍ଡ ଜ୍ୟୋତି

ଆମ ଦେଶରେ ଅନେକ ଦେବୀ ମନ୍ଦିର ରହିଛି, ଯାହା ମଧ୍ୟରୁ ଏମିତି ଏକ ଅଲୌକିକ ଶକ୍ତିପୀଠ ରହିଛି; ଯେଉଁଠାରେ ବିନା ଦୀପ ଏବଂ ବତିରେ ଅଖଣ୍ଡ ଜ୍ୟୋତି ପ୍ରକାଶିତ ହେଉଥିବା ଦେଖିବାକୁ ମିଳେ। ହିମାଚଳ ପ୍ରଦେଶରେ ଥିବା ଏହି ଶକ୍ତିପୀଠ ହେଉଛି ମା' ଜ୍ୱାଳା ଦେବୀ ମନ୍ଦିର। ଜାଣିବା ଏହି ମନ୍ଦିର ସମ୍ପର୍କରେ କିଛି କଥା...



❖ଆମ ଦେଶରେ ଥିବା ୫୧ଟି ଶକ୍ତିପୀଠ ମଧ୍ୟରେ ହିମାଚଳ ପ୍ରଦେଶରେ ଥିବା ଜ୍ୱାଳାଦେବୀ ମନ୍ଦିର ଅନ୍ୟତମ।

❖ଶିବାଳିକ ପର୍ବତମାଳାର ପ୍ରାକୃତିକ ସୌନ୍ଦର୍ଯ୍ୟମୟ ପରିବେଶରେ ଥିବା ଏହି ମନ୍ଦିରର ଅନେକ ଧାର୍ମିକ ମାନ୍ୟତା ରହିଛି। ଏଠାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ।

❖ହିନ୍ଦୁ ପୌରାଣିକ କଥା ଅନୁସାରେ, ଯେବେ ମା' ସତୀ ପିତା ଦକ୍ଷଙ୍କ ଯଜ୍ଞରେ ନିଜ ସ୍ୱାମୀ ଶିବଙ୍କ ଅପମାନ ସହି ନ ପାରି ଆତ୍ମଦାହ କରିଥିଲେ, ସେତେବେଳେ ଭଗବାନ ଶିବ ଅତ୍ୟନ୍ତ ରାଗରେ ସତୀଙ୍କ ଜଳିଯାଇଥିବା ଶରୀର ଧରି ବ୍ରହ୍ମାଣ୍ଡସାରା ବୁଲୁଥିଲେ। ଶିବଙ୍କୁ ଶାନ୍ତ କରିବା ଲାଗି ନାରାୟଣ ନିଜ ଚକ୍ରରେ ଦେବୀ ସତୀଙ୍କ ପୋଡ଼ା ଶରୀରକୁ କାଟି ଦେଇଥିଲେ, ଯାହାକି ଖଣ୍ଡ ଖଣ୍ଡ ହୋଇ ବିଭିନ୍ନ ସ୍ଥାନରେ ପଡ଼ିଥିଲା। ଉକ୍ତ ସ୍ଥାନଗୁଡ଼ିକ ପରବର୍ତ୍ତୀ ସ୍ଥାନରେ ଶକ୍ତିପୀଠ ପାଲଟିଛି। ତେବେ କୁହାଯାଏ, ଏଠାରେ ମା'ଙ୍କ ଜିଭ ପଡିଥିଲା ; ଯାହାକି ଏବେ ବି ନିରନ୍ତର ଜଳୁଛି ଏବଂ ତାହା ମା' ଜ୍ୱାଳାମୁଖୀଙ୍କ ନାମରେ ପରିଚିତ।

❖ଏହା ବ୍ୟତୀତ ଆଉ କେତେକ କିମ୍ବଦନ୍ତୀ ବି ରହିଛି। କୁହାଯାଏ, ମୋଗଲ ବାଦଶାହ ଆକବର ଯେବେ ଏହି ମନ୍ଦିର ବିଷୟରେ ଜାଣିଲେ, ନିଜ ସେନାବାହିନୀ ଧରି ଏହି ଜ୍ୟୋତି ଲିଭେଇବା ଲାଗି ଆସିଲେ। ହେଲେ ବହୁ ଚେଷ୍ଟା ପରେ ମଧ୍ୟ ଅସଫଳ ରହିଥିଲେ। ଆଉ ଏଥିପାଇଁ ସେ ମଧ୍ୟ ଏହି ଅଲୌକିକ ଘଟଣାରେ ବିଶ୍ୱାସ କରିବା ସହ ଉକ୍ତ ମନ୍ଦିରରେ ସୁନାର ଛତ୍ର ଚଢ଼ାଇଥିଲେ।

❖ଏହି ମନ୍ଦିରର ସବୁଠୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ କୌଣସି ମୂର୍ତ୍ତିର ପୂଜା କରାଯାଇ ନ ଥାଏ। ମନ୍ଦିରର ବିଭିନ୍ନ ସ୍ଥାନରେ ଅନାଦି କାଳରୁ ପ୍ରାକୃତିକ ଜ୍ୟୋତି ପ୍ରଜ୍ୱଳିତ ହୋଇଆସୁଛି, ଯାହାକୁ ମା'ଙ୍କ ସ୍ୱରୂପ ବୋଲି ଗ୍ରହଣ କରାଯାଏ ଏବଂ ଭକ୍ତ ଉକ୍ତ ଜ୍ୟୋତିକୁ ପୂଜାର୍ଚ୍ଚନା କରିଥା'ନ୍ତି।

❖କିମ୍ବଦନ୍ତୀ ଅନୁଯାୟୀ, କେତେକ ସ୍ଥାନରେ ଏମିତିବି ବର୍ଣ୍ଣନା ରହିଛି ଯେ, ଏହି ମନ୍ଦିରକୁ ପାଣ୍ଡବମାନେ ନିର୍ମାଣ କରାଇଥିଲେ। ସେବେଠୁ ଏହାକୁ ଆସ୍ଥା ଏବଂ ଶ୍ରଦ୍ଧାର ପ୍ରତୀକ ବୋଲି ବିଶ୍ୱାସ କରାଯାଉଛି। ମାର୍ଚ୍ଚ–ଏପ୍ରିଲ୍ ଏବଂ ଅକ୍ଟୋବର–ନଭେମ୍ବରରେ ନବରାତ୍ର ସମୟରେ ଏଠାରେ ମେଳା ଆୟୋଜନ ହୋଇଥାଏ ଏବଂ ଦେଶ ବିଦେଶରୁ ଅନେକ ଶ୍ରଦ୍ଧାଳୁ ଏଠାରେ ଉପସ୍ଥିତ ହୋଇ ମା'ଙ୍କ ପୂଜା କରିଥା'ନ୍ତି। ଏହି ସମୟରେ ଏଠାକାର ଦୃଶ୍ୟ ଆହୁରି ଭବ୍ୟ ଓ ମନୋରମ ହୋଇଉଠେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ସମୟରେ ମା'ଙ୍କ ସମ୍ମୁଖରେ ସମ୍ପୂର୍ଣ୍ଣ ଶ୍ରଦ୍ଧା ଓ ନିଷ୍ଠାର ସହିତ ଭକ୍ତ ଯେଉଁ ମନସ୍କାମନା କରନ୍ତି, ତାହା ନିଶ୍ଚୟ ପୂରଣ ହୋଇଥାଏ।



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




Finance Partners: TVS CREDIT, IDFC FIRST Bank ALWAYS YOU FIRST, SHRIRAM Finance, L&T Finance, Muthoot Finance, TATA CAPITAL Two Wheeler Loans

#Odisha Ex-showroom price of TVS Sport ES Variant. Prices are subject to change without any prior notice. ^Price Benefit from Revised GST rates on TVS Sport ES+ Variant.
**Finance at the sole discretion of the financer. Price Mentioned are Applicable from 22nd Sep'25. Limited period offer. Accessories shown here may not be part of standard fitment. *T&C apply.

**FOR ALL BULK/INSTITUTIONAL REQUIREMENTS PLEASE MAIL: corporate.customersupport@tvsmotor.com Authorised Main Dealers:** BERHAMPUR: ARYA TVS: 9777440614, 9937081356; PHULBANI: SAI SREE TVS: 8860747708, BHANJANAGAR: LAKSHMI TVS: 9237378100. **Authorised Dealers:** BEGUNIAPADA:9692843638, PURUSHOTTAMPUR:9337662970, ASKA:9861046837, CHIKITI:9348210610, PARLAKHEMUNDI:8895876466, POLOSARA:9861838393, CHATRAPUR:9556570263, RAMBHA:9438054346, DIGAPAHANDI:9348210610, HINJILIKATU:9937296473, SHERAGADA:9938077720, GUNUPUR:9437338450, MAHENDRAGADA:9937411800, BUGUDA:8800228619, JAGANNATHPRASAD:9938654979, SURADA:8328983625, BALIGUDA:9337278590, G. UDAYAGIRI:9437181297.